# ଧରିତ୍ରୀ
DHARITRI

ଗୁରୁବାର, ମେ ୨୮/୨୦୨୦ (୨୦ ପୃଷ୍ଠା) | Thursday, May 28/2020

୪୭ଶ ଭାଗ ୧୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ସନ୍ନିଙ୍କ ବିଳାସପୂର୍ଣ୍ଣ ଲାଇଫଷ୍ଟାଇଲ୍

ବଲିଉଡ୍‌ର ବେବି ଡଲ୍ ସନି ଲିଓନ ଆମେରିକାର ଲସ୍ ଏଞ୍ଜେଲସରେ ଥିବା ନିଜ ବଙ୍ଗଳାରେ ବିଳାସପୂର୍ଣ୍ଣ ଲାଇଫଷ୍ଟାଇଲ୍ ବିତାଉଛନ୍ତି। ଏଥିରେ ୫ଟି ବେଡ୍‌ରୁମ୍ ରହିଛି।

୧୦ ୨୦

## ବାତ୍ରାଙ୍କୁ ନୂଆ ଦାୟିତ୍ୱ

ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ପକ୍ଷରୁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ନରିନ୍ଦର ବାତ୍ରାଙ୍କୁ ଅଲିମ୍ପିକ୍ ଚାନେଲ କମିଶନ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି।



# ପଛଘୁଞ୍ଚା ଦେବନି ଭାରତ

**ନୂଆଦିଲ୍ଲୀ,୨୭।୫**

ଭାରତ ପଛଘୁଞ୍ଚା ଦେବନାହିଁ। ପୂର୍ବ ଲଦାଖର ବିବାଦ ହୋଇଥିବା ସ୍ଥାନରେ ରାସ୍ତା ନିର୍ମାଣ ଜାରି ରଖିବ। ଚାଇନା ସୀମା ଉଲ୍ଲଂଘନ କରି ଭାରତୀୟ ସେନାର କାର୍ଯ୍ୟରେ ବାଧା ସୃଷ୍ଟି କରିଛି। ହେଲେ ଭାରତ ଶାନ୍ତିପୂର୍ଣ୍ଣ ଓ କୂଟନୈତିକ ଉପାୟରେ ସମାଧାନ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ବୁଧବାର ନୂଆଦିଲ୍ଲୀ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସରକାରୀ ସୂତ୍ରରୁ ପ୍ରକାଶ ଯେ, ଭାରତ ଦୃଢ଼ ଭାବେ ନିଜ ସ୍ୱାର୍ଥର ସୁରକ୍ଷା ପାଇଁ ଉଦ୍ୟମ ଜାରି ରଖିବା ସହ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ କରିବ। ତେବେ ଚାଇନା ସେନାର ଅତିକ୍ରମଣକୁ ଭାରତୀୟ ସେନା ବିରୋଧ କରିବା ସହ ଖୁବ୍‌ଶୀଘ୍ର ସୀମା ଭିତ୍ତିଭୂମି ନିର୍ମାଣ କରିବ, ଯାହାକି ମହାମାରୀ କରୋନା ଯୋଗୁ ବନ୍ଦ ହୋଇଯାଇଛି।

ଭାରତ-ଚାଇନା ମଧ୍ୟରେ ୩,୫୦୦ କି.ମି. ବିସ୍ତୃତ ସୀମା ରହିଛି। ଏହାକୁ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) କୁହାଯାଏ। ଉକ୍ତ ଏଲ୍‌ଏସିକୁ ଠିକ୍ ଭାବେ ମାପ କରାଯାଇ ନ ଥିବାରୁ ମଝିରେ ମଝିରେ ଏହାକୁ ନେଇ ବିବାଦ ଉଠିଥାଏ। ଲଦାଖ ଏବଂ ଉତ୍ତର ସିକିମରେ ଉଭୟ ଭାରତ ଓ ଚାଇନାର ସାମରିକ ଘାଟି ରହିଛି। ନିକଟରେ ପଙ୍ଗୋଙ୍ଗ୍ ସୋ ହ୍ରଦର ଫିଙ୍ଗର ଏରିଆରେ ଭାରତ ପକ୍ଷରୁ ରାସ୍ତା ନିର୍ମାଣ ବେଳେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସୈନ୍ୟ ଏହାକୁ ବିରୋଧ କରିଥିଲେ। ମେ ୫ ସନ୍ଧ୍ୟାରେ ଇଷ୍ଟର୍ନ ଲଦାଖରେ ପ୍ରାୟ ୨୫୦ ଚାଇନା ସୈନ୍ୟ ଓ ଭାରତୀୟ ଯବାନ ହାତାହାତି ହୋଇଥିଲେ। ପରଦିନ ମଧ୍ୟ ଦୁଇଦେଶର ସୁରକ୍ଷା ବଳଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହି ହିଂସାରେ ଉଭୟ ପକ୍ଷର ଶତାଧିକ ସୈନ୍ୟ ଆହତ ହୋଇଥିଲେ। ସ୍ଥାନୀୟ କମାଣ୍ଡରଙ୍କୁ ନେଇ ଏକ ଦ୍ୱିପାକ୍ଷିକ ବୈଠକ ପରେ ବିବାଦରୁ ସେମାନେ ଓହରିଯାଇଥିଲେ। ହେଲେ ସ୍ଥିତି ଏବେ ମଧ୍ୟ ଉତ୍ତେଜନାପୂର୍ଣ୍ଣ ରହିଛି। କାରଣ ଏହି ଘଟଣା ପରେ ପଙ୍ଗୋଙ୍ଗ୍ ସୋ ହ୍ରଦ, ଗଲୱାନ ଉପତ୍ୟକା, ଡେମ୍‌ଚୋକ୍ ଓ ଦୌଲତ ବେଗ୍ ଓଲ୍ଡି ଅଞ୍ଚଳରେ ପିଏଲ୍‌ଏ ସୈନ୍ୟ ଠୁଳ କରି ପାଟ୍ରୋଲିଂ ବଢ଼ାଇଦେଇଛି। ☞ପୃଷ୍ଠା-୪



ଲଦାଖର ଅତ୍ୟୁଚ୍ଚ ଗଲୱାନ ଉପତ୍ୟକାରେ ଭାରତୀୟ ଯବାନଙ୍କ ଛାଉଣି।

## ଲଦାଖ ପାଇଁ 'ଡୋକ୍‌ଲାମ ଟିମ୍' ପ୍ରସ୍ତୁତ

ଭାରତ, ଚାଇନା ଓ ଭୁଟାନର ତ୍ରିକୋଣୀୟ ମାଳଭୂମି ଡୋକ୍‌ଲାମ ୨୦୧୭ ଜୁନ୍‌ରେ ଚର୍ଚ୍ଚାକୁ ଆସିଥିଲା। ଏହି ଅଞ୍ଚଳରେ ଚାଇନା ପକ୍ଷରୁ ରାସ୍ତା ନିର୍ମାଣ କରାଯାଉଥିବାବେଳେ ଭୁଟାନ ବିରୋଧ କରିବା ସହ ଭାରତକୁ ହସ୍ତକ୍ଷେପ ପାଇଁ ଅନୁରୋଧ କରିଥିଲା। ଭାରତ ଚାଇନାର କାର୍ଯ୍ୟକୁ ବିରୋଧ କରିବା ପରେ ଦୁଇଦେଶର ସୈନ୍ୟ ମୁହାଁମୁହିଁ ହୋଇଥିଲେ। ଏହି ବିବାଦ ଦୀର୍ଘ ୭୩ ଦିନ ଧରି ଚାଲିଥିଲା। ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯେଉଁ ଟିମ୍ ଏହି ବିବାଦର ସମାଧାନ ପାଇଁ ନେତୃତ୍ୱ ନେଉଥିଲା ସେଥିରେ ଥିଲେ ଏନ୍‌ଏସ୍‌ଏ ଅଜିତ ଡୋଭାଲ, ତତ୍କାଳୀନ ସେନାମୁଖ୍ୟ ଜେନେରାଲ ବିପିନ୍ ରାୱତ୍ ଓ ବହିର୍ବ୍ୟାପାର ସଚିବ ଏସ୍. ଜୟଶଙ୍କର। ଜେନେରାଲ ରାୱତ୍ ଏବେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଥିବାବେଳେ ଜୟଶଙ୍କର ବହିର୍ବ୍ୟାପାର ମନ୍ତ୍ରୀ ଅଛନ୍ତି। ଲଦାଖ ବିବାଦ ପରିପ୍ରେକ୍ଷୀରେ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ରଣନୈତିକ ବୈଠକରେ ଏହି ତିନିଜଣ ଉପସ୍ଥିତ ଥିଲେ।

## ମଧ୍ୟସ୍ଥତା ପାଇଁ ଅଣ୍ଟା ଭିଡ଼ିଲେ ଟ୍ରମ୍ପ୍



ନୂଆଦିଲ୍ଲୀ,୨୭।୫: ପୂର୍ବ ଲଦାଖରେ ଭାରତ ଓ ଚାଇନାର ସୁରକ୍ଷା ବଳ ମୁହାଁମୁହିଁ ହେବା ପରେ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଏହାକୁ ପ୍ରଶମିତ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଦୁଇଦେଶ ମଧ୍ୟରେ ଆମେରିକା ମଧ୍ୟସ୍ଥତା କରିବା ପାଇଁ ପ୍ରସ୍ତୁତ ବୋଲି ବୁଧବାର ଟ୍ରମ୍ପ୍ କହିଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ପୁଣିଥରେ ମଧ୍ୟସ୍ଥତା ପାଇଁ ପ୍ରସ୍ତାବ ଦେଇଛନ୍ତି। ଆମେ ଉଭୟ ଭାରତ ଓ ଚାଇନାକୁ ଜଣାଇଦେଇଛୁ ଯେ, ଆମେରିକା ଏହି ସୀମା ବିବାଦର ସମାଧାନ ପାଇଁ ପ୍ରସ୍ତୁତ, ଆଗ୍ରହୀ ଓ ସମର୍ଥ ବୋଲି ସେ ଟୁଇଟ୍ କରିଛନ୍ତି। ଏହା ପୂର୍ବରୁ କଶ୍ମୀର ପ୍ରସଙ୍ଗରେ ଟ୍ରମ୍ପ୍ ମଧ୍ୟସ୍ଥତା କରିବା ପାଇଁ ଭାରତ ଓ ପାକିସ୍ତାନକୁ ପ୍ରସ୍ତାବ ଦେଇଥିଲେ। ନୂଆଦିଲ୍ଲୀ ଏହାକୁ ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ସ୍ପଷ୍ଟ କରିଥିଲେ ହେଁ ଟ୍ରମ୍ପ୍ ଏହା ଉପରେ ମଧ୍ୟସ୍ଥ ସାଜିବା ପାଇଁ ଏକାଧିକ ଥର ଆଗ୍ରହ ପ୍ରକାଶ କରିଥିଲେ।

## ଚାଇନା କହିଲା ସ୍ଥିତି ନିୟନ୍ତ୍ରଣାଧୀନ



ବେଜିଂ,୨୭।୫: ଭାରତ-ଚାଇନା ସୀମାରେ ସ୍ଥିତି ସ୍ଥିର ଓ ନିୟନ୍ତ୍ରଣାଧୀନ ରହିଛି। ଆଲୋଚନା ଓ ବିଚାରବିମର୍ଶ ଜରିଆରେ ସମସ୍ୟାର ସମାଧାନ ପାଇଁ ଉଭୟ ଦେଶ ଉପଯୁକ୍ତ ବ୍ୟବସ୍ଥା ଆପଣାଇଥିବା ବୁଧବାର ବେଜିଂ ପକ୍ଷରୁ କୁହାଯାଇଛି। ଭାରତ ଓ ଚାଇନା ସେନା ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ମୁହାଁମୁହିଁ ହେବା ପରେ ଚାଇନା ପକ୍ଷରୁ ଏଭଳି ମନ୍ତବ୍ୟ ଆସିଛି। ପଡ଼ୋଶୀ ଦେଶର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ କହିଛନ୍ତି, ସୀମା ବିବାଦକୁ ନେଇ ଚାଇନାର ଆଭିମୁଖ୍ୟ ସ୍ପଷ୍ଟ। ଅଣାନୁଷ୍ଠାନିକ ବୈଠକରେ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ହୋଇଥିବା ସହମତି ଓ ଦୁଇ ପଡ଼ୋଶୀଙ୍କ ଭିତରେ ହୋଇଥିବା ଚୁକ୍ତିନାମାକୁ ନେଇ ଆମେ କାର୍ଯ୍ୟ କରୁଛୁ। ପ୍ରକାଶ ଯେ, ଏହାର ଦିନକ ପୂର୍ବରୁ ଚାଇନା ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ନିଜ ଦେଶର ଭୂଖଣ୍ଡ ଓ ସାର୍ବଭୌମତ୍ୱର ସୁରକ୍ଷା ସକାଶେ ସେନାକୁ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ।

## ରାଜ୍ୟରେ ଅଧାରୁ ଅଧିକ କରୋନା ଆକ୍ରାନ୍ତ ସୁସ୍ଥ

- ଆଉ ୭୬ ନୂଆ ପଜିଟିଭ୍
- ଆକ୍ରାନ୍ତଙ୍କ ସଂଖ୍ୟା ୧୫୯୩, ସୁସ୍ଥ ହେଲେଣି ୮୧୨

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

ଓଡ଼ିଶା ପାଇଁ ଖୁସି ଖବର। ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ୁଥିଲେ ମଧ୍ୟ ଅଧିକରୁ ଅଧିକ ସୁସ୍ଥ ହେବାରେ ଲାଗିଛନ୍ତି। ବୁଧବାର ୨୪ ଘଣ୍ଟାରେ ରାଜ୍ୟର ୧୦ଜିଲାରେ ଆଉ ୭୬ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭୪ କ୍ୱାରାଣ୍ଟାଇନ ସେଣ୍ଟରରୁ ଓ ୨ ଲୋକାଲ କେସ୍ ରହିଛି। ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଲାଙ୍ଗୀରରେ ସର୍ବାଧିକ ୧୬ଜଣ ଥିବାବେଳେ ନୂଆପଡ଼ା ଓ ଖୋର୍ଦ୍ଧାରେ ୧୩ଜଣ ଲେଖାଏ ରହିଛନ୍ତି। ସେହିପରି କଟକରେ ୧୧, ଗଞ୍ଜାମରେ ୧୦, ଜଗତ୍‌ସିଂହପୁର ୬, ବାଲେଶ୍ୱର, ନୟାଗଡ଼ ଓ ☞ପୃଷ୍ଠା-୪

## ୨ ହୋମଗାର୍ଡଙ୍କୁ କରୋନା

**ଛତ୍ରପୁର,୨୭।୫(ଡି.ଏନ.ଏ.)**

ଗଞ୍ଜାମ ପୋଲିସ ଜିଲା ଅଧୀନ ପୋଲସରା ଥାନାର ୨ ଜଣ ହୋମଗାର୍ଡ କରୋନା ସଂକ୍ରମିତ ହୋଇଥିବା ଏସ୍‌ପି ବ୍ରିଜେଶ କୁମାର ରାୟ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହି ଦୁଇ କର୍ମଚାରୀଙ୍କ ମଧ୍ୟରୁ ଜଣେ ମହିଳା। ଜଣେ ଜଗନ୍ନାଥପୁର ରେଳଷ୍ଟେଶନ ଓ ଅନ୍ୟ ଜଣକ ଏକ କ୍ୱାରାଣ୍ଟାଇନ୍ ସେଣ୍ଟରରେ କାର୍ଯ୍ୟରତ ଥିଲେ। ଏମାନଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ଯାଇଥିଲା। ରିପୋର୍ଟ ପଜିଟିଭ ଆସିବାରୁ ଜଣଙ୍କୁ ଶୀତଳାପଲ୍ଲୀସ୍ଥିତ ଟାଟା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ହୋମଗାର୍ଡ ଜଣକ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେଉଛନ୍ତି। ଏସ୍‌ପି ରାୟ ଉଭୟଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

**ଆଜିର ସମ୍ପାଦକୀୟ**

କୁକୁଡ଼ା ବି ଖୁସିରେ ଗାଆନ୍ତି

**ଆଜିର ମନ୍ତବ୍ୟ**

" କଂଗ୍ରେସ ଛାଡ଼ି ଭାଜପାକୁ ଯାଇଥିବା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ମଧ୍ୟପ୍ରଦେଶର ଜନତା ଉଚିତ ଜବାବ ଦେବେ।

-କମଲନାଥ, ବରିଷ୍ଠ କଂଗ୍ରେସ ନେତା

# ରାତି ୧ଟାରୁ ସ୍ନାନଯାତ୍ରା ପହଣ୍ଡି

**ପୁରୀ ଅଫିସ,୨୭।୫**



- ସକାଳ ସାଢେ ୭ଟାରୁ ସ୍ନାନ ବିଧି
- ସାଢେ ୧୦ରେ ଛେରାପହଁରା
- ୧୧ଟାରୁ ୧୨ଟା ହାତୀବେଶ ନୀତି
- ଅପରାହ୍ନ ୫ଟାରୁ ବାହୁଡ଼ା ପହଣ୍ଡି
- ଏଥର ହେବନାହିଁ ସାହାଣମେଳା ଦର୍ଶନ

ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ଏଥର ମହାମାରୀ କରୋନାର ବିଭୀଷିକା ମଧ୍ୟରେ କିପରି ଠାକୁରଙ୍କ ନୀତିକାନ୍ତି ସୁଚାରୁ ରୂପେ ସମ୍ପାଦନ କରାଯିବ ସେନେଇ ବୁଧବାର ଅନୁଷ୍ଠିତ ହୋଇଥିଲା ଛତିଶା ନିଯୋଗ ବୈଠକ। ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ କ୍ରିଷନ କୁମାର ଅଧ୍ୟକ୍ଷତା କରିଥିଲେ। ପ୍ରାୟ ୨ଘଣ୍ଟା ଧରି ଆଲୋଚନା ପରେ ଏଥର ରାତି ୧ଟାରୁ ସ୍ନାନଯାତ୍ରା ପହଣ୍ଡି ଆରମ୍ଭ ହେବା ଲାଗି ନିଷ୍ପତ୍ତି ହୋଇଛି। ଏଥିସହ ସ୍ନାନ ପୂର୍ଣ୍ଣିମାର ନୀତିକାନ୍ତି ସମ୍ପର୍କରେ ବିସ୍ତୃତ ଭାବେ ତର୍ଜମା କରାଯାଇଥିବାବେଳେ ଆସନ୍ତା ୩୦ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି।

ବୈଠକ ଶେଷରେ ମୁଖ୍ୟ ପ୍ରଶାସକ କ୍ରିଷନ କୁମାର କହିଥିଲେ, ଆଗକୁ ଆସୁଥିବା ଚମ୍ପକ ଦ୍ୱାଦଶୀ ଏବଂ ଦେବସ୍ନାନ ପୂର୍ଣ୍ଣିମା ସମ୍ପର୍କରେ ଆଲୋଚନା କରାଯାଇଛି। ଛତିଶା ନିଯୋଗ ସଦସ୍ୟ ସେମାନଙ୍କ ମତ ରଖିଛନ୍ତି। ପରିଚାଳନା ବୈଠକରେ ଏସଂକ୍ରାନ୍ତରେ ଯାହା ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ତାହାକୁ ସମସ୍ତେ ପାଳନ କରିବେ। ଏତଦ୍‌ବ୍ୟତୀତ ସର୍ବନିମ୍ନ କେତେ ସେବାୟତଙ୍କୁ ନେଇ ଠାକୁରଙ୍କ ନୀତି କରାଯାଇପାରିବ ସେ ସଂକ୍ରାନ୍ତରେ ନିଯୋଗଗୁଡ଼ିକୁ ତାଲିକା ମଗାଯାଇଛି। ଦୁଇଦିନ ଅର୍ଥାତ୍ ୨୯ ତାରିଖ ମଧ୍ୟରେ ତାଲିକା ଦେବା ପରେ ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇ ଚୂଡ଼ାନ୍ତ ହେବ। କମିଟିର ନିଷ୍ପତ୍ତି ଅନୁଯାୟୀ ସମ୍ପୃକ୍ତ ସେବକମାନଙ୍କୁ ସ୍ନାନଯାତ୍ରାରେ ସାମିଲ ହେବା ପାଇଁ ଅନୁମତି ମିଳିବ। ମାତ୍ର ସାମାଜିକ ଦୂରତ୍ୱର ଯାହା ନିୟମ ରହିଛି ତାହାକୁ ସମ୍ପୂର୍ଣ୍ଣ ଭାବେ ପହଣ୍ଡିରେ ପାଳନ କରାଯାଇ ପାରିବ ନାହିଁ। ☞ପୃଷ୍ଠା-୪

# ୨୯ରୁ ଶ୍ରୀଜଗନ୍ନାଥ, ଲିଙ୍ଗରାଜ ଐତିହ୍ୟ ପ୍ରକଳ୍ପ କାର୍ଯ୍ୟ

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**



- ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଲେ
- ବିନ୍ଦୁସାଗର ସ୍ୱଚ୍ଛତା ପାଇଁ ଇଣ୍ଡିଆନ କେମିକାଲ ଇନ୍‌ଷ୍ଟିଚ୍ୟୁଟ ସହ ହେବ ଏମ୍‌ଓୟୁ

କରୋନା ସଂକ୍ରମଣ ଆଶଙ୍କାରେ ସବୁ କାର୍ଯ୍ୟରେ ବିରାମ ଲାଗିଥିଲା। କୌଣସି ଉନ୍ନୟନ କାମ ହେଉ ନ ଥିଲା। କେବଳ ରୋଗ ସଂକ୍ରମଣକୁ ରୋକିବା ଥିଲା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଏକ ମାତ୍ର ପ୍ରାଥମିକତା। ଦୀର୍ଘ ଦୁଇମାସ ଧରି ସମସ୍ତ ଉନ୍ନୟନ କାର୍ଯ୍ୟ ବନ୍ଦ ରହିଛି। ଲକ୍‌ଡାଉନ୍ ଚତୁର୍ଥ ପର୍ଯ୍ୟାୟରେ କଟକଣା କୋହଳ ହେବା ପରେ ଜୀବନ ଯାତ୍ରା ଧୀରେ ଧୀରେ ସ୍ୱାଭାବିକ ଅବସ୍ଥାକୁ ଫେରୁଛି।

ରାଜ୍ୟ ସରକାର ଦୁଇ ଐତିହ୍ୟ ପ୍ରକଳ୍ପ କାର୍ଯ୍ୟ ପୁନଃ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅଟକିଥିବା ଶ୍ରୀଜଗନ୍ନାଥ ଐତିହ୍ୟ ପ୍ରକଳ୍ପ ଏବଂ ଶ୍ରୀଲିଙ୍ଗରାଜ ମନ୍ଦିର ଐତିହ୍ୟ ପ୍ରକଳ୍ପ ଆସନ୍ତା ୨୯ ତାରିଖରୁ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଭିଡିଓ କନଫରେନ୍ସ ଜରିଆରେ ପୁରୀ ଏବଂ ଭୁବନେଶ୍ୱରର ଉକ୍ତ ଦୁଇ ଐତିହ୍ୟ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଉକ୍ତ ଦୁଇ ପ୍ରକଳ୍ପ ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଶ୍ରୀ ସେତୁ, ଶ୍ରୀଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ମହୋଦଧି ମାର୍କେଟ କମ୍ପ୍ଲେକ୍ସ ଏବଂ ମୁଷାନଦୀର ସମ୍ପ୍ରସାରଣ ଆଦି ଗୁରତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି। ଆଉ ଅଳ୍ପ ଜମିର ଅଧିଗ୍ରହଣ କାର୍ଯ୍ୟ ବାକି ରହିଛି। ଏହା ଆସନ୍ତା ୨/୩ମାସ ମଧ୍ୟରେ ଶେଷ ହେବ। ଏଥିସହିତ ଶ୍ରୀଜଗନ୍ନାଥ ହେରିଟେଜ କରିଡର, ବଡ଼ଦାଣ୍ଡ ଉନ୍ନତୀକରଣ ପ୍ରକଳ୍ପ, ଶ୍ରୀଜଗନ୍ନାଥ ମନ୍ଦିର ☞ପୃଷ୍ଠା-୪

# କରୋନାକୁ ନିଷ୍କ୍ରିୟ କରିବ ପ୍ରୋଟିନ

**ବେଜିଂ,୨୭।୫**

- ବ୍ୟାକ୍ଟେରିଆରୁ କ୍ଷରିତ ୨ ପ୍ରୋଟିନ ଚିହ୍ନଟ
- ଡେଙ୍ଗୁ, ଏଚ୍‌ଆଇଭି ଭୂତାଣୁକୁ ବି ନିଷ୍କ୍ରିୟ କରିପାରେ
- ଚାଇନା, ଆମେରିକାର ଗବେଷକ ଟିମ୍‌କୁ ମିଳିଛି ସଫଳତା



ଚାଇନା ଏବଂ ଆମେରିକାର ଗବେଷକମାନେ ମିଳିତ ଭାବେ ବ୍ୟାକ୍ଟେରିଆ ଦ୍ୱାରା କ୍ଷରିତ ୨ ପ୍ରୋଟିନ ଚିହ୍ନଟ କରିଛନ୍ତି, ଯାହା କରୋନା ଭୂତାଣୁ, ଡେଙ୍ଗୁ ଏବଂ ଏଚ୍‌ଆଇଭି ସମେତ ବିଭିନ୍ନ ଭୂତାଣକୁ ନିଷ୍କ୍ରିୟ କରିପାରେ। ଏହି ଅଧ୍ୟୟନ ସମ୍ପର୍କିତ ଏକ ନିବନ୍ଧକୁ ଆଧାରକରି ସରକାରଙ୍କ ଦ୍ୱାରା ପରିଚାଳିତ ଗ୍ଲୋବାଲ ଟାଇମ୍ସ ମଙ୍ଗଳବାର କହିଛି ଯେ, ଏହି ଫଳାଫଳ ଭବିଷ୍ୟତରେ ବ୍ରଡ୍-ସ୍ପେକ୍ଟ୍ରମ୍ ଆଣ୍ଟିଭାଇରାଲ ଔଷଧ ବିକାଶ ପାଇଁ ରାସ୍ତା ଦେଖାଇବ, ଯଦ୍ୱାରା ଭୂତାଣୁ ଜନିତ ରୋଗ ଯୋଗୁ ସୃଷ୍ଟି ହେଉଥିବା କ୍ଲିନିକାଲ ଭାର ହ୍ରାସ ହୋଇପାରେ। ଭାଇରସ୍‌କୁ ପ୍ରତିହତ କରିବା ପାଇଁ ନିର୍ଦ୍ଦିଷ୍ଟ ଟିକା ଏବଂ ଆଣ୍ଟିଭାଇରାଲ ଔଷଧ ବିକାଶ ସାଧାରଣତଃ ବହୁତ ସମୟସାପେକ୍ଷ। ଠିକ୍ ସମୟରେ ନୂଆ ଭାଇରାଲ ରୋଗକୁ ବ୍ୟାପିବାରୁ ରୋକିବା ପାଇଁ ବ୍ରଡ୍-ସ୍ପେକ୍ଟ୍ରମ୍ ଆଣ୍ଟିଭାଇରାଲ ଔଷଧ ଗୁରୁତ୍ୱପୂର୍ଣ୍ଣ ହୋଇପାରେ ବୋଲି ନିବନ୍ଧରେ କୁହାଯାଇଛି।

ଗବେଷକମାନେ ପ୍ରଥମେ ଏଡିଶ ଏଜିପ୍ଟି ମଶାଙ୍କ ଅନ୍ତନଳୀରୁ ଏକ ମୃତ୍ତିକା ଜୀବାଣୁ ଚିହ୍ନଟ କରିଥିଲେ। ଏହାପରେ ସେମାନେ ଉକ୍ତ ଜୀବାଣୁର ଚରିତ୍ର ବର୍ଣ୍ଣନା କରିବା ପାଇଁ ସମ୍ପୂର୍ଣ୍ଣ ଜୀବାଣୁ ଜିନୋମ୍‌କୁ ପର୍ଯ୍ୟାୟକ୍ରମ କରି ଦୁଇଟି ପ୍ରୋଟିନ ଚିହ୍ନଟ କରିଥିଲେ। ତାହା ଡେଙ୍ଗୁ ଭୂତାଣୁ, ଏଚ୍‌ଆଇଭି ଏବଂ କରୋନା ସମେତ ଅନେକ ଭୂତାଣୁକୁ ଫଳପ୍ରଦ ଭାବେ ଦୁର୍ବଳ କରିପାରେ ବୋଲି ନିବନ୍ଧରେ ଦର୍ଶାଯାଇଛି। ଦୁଇ ପ୍ରୋଟିନ୍‌ରେ ଲିପେଜ୍ (ଏକ ପ୍ରକାର ପ୍ରୋଟିନ, ଯାହା ଅଗ୍ନାଶୟ, ପେଟ ଓ ପାଟିରୁ ଉତ୍ପନ୍ନ ହୁଏ। ଖାଦ୍ୟ ହଜମ ଏବଂ ରକ୍ତରେ ଶର୍କରା ନିୟନ୍ତ୍ରଣରେ ଏହା ସାହାଯ୍ୟ କରେ)ର ପ୍ରଭାବ କ୍ଷେତ୍ର ରହିଛି ବୋଲି ନିବନ୍ଧରୁ ଜଣାପଡ଼ିଛି। କିଛି ଲିପେଜ୍ ଦ୍ୱାରା ଶକ୍ତିଶାଳୀ ଆଣ୍ଟିଭାଇରାଲ କାର୍ଯ୍ୟକଳାପ ସୃଷ୍ଟି ହେଉଥିବା ପ୍ରମାଣ ରହିଛି। ଉଦାହରଣ ସ୍ୱରୂପ ଲିପୋପ୍ରୋଟିନ ଲିପେଜ୍ କିମ୍ବା ହେପାଟିକ୍ ଟ୍ରାଇଗ୍ଲାଇସେରାଇଡ୍ ଲିପେଜ୍ ହେପାଟାଇଟିସ୍ ସି ଭୂତାଣୁ ସଂକ୍ରମଣକୁ ଦୁର୍ବଳ କରିପାରେ ବୋଲି ୨୦୧୦ରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ସେହିପରି ୨୦୧୭ରେ ଅନ୍ୟ ଏକ ଅଧ୍ୟୟନ ଦର୍ଶାଇଛି ଯେ, ନାଜା ମୋସାମ୍ବିକା ସାପ ବିଷରୁ ବିଚ୍ଛିନ୍ନ କରାଯାଇଥିବା 'ଫସ୍‌ଫୋଲିପେଜ୍ ଏ୨' ହେପାଟାଇଟିସ୍ ସି, ଡେଙ୍ଗୁ ଏବଂ ଜାପାନିଜ ଏନ୍‌ସେଫାଲାଇଟିସ୍ ଭୂତାଣୁକୁ ନିଷ୍କ୍ରିୟ କରିବାରେ ସଫଳ ହେଉଛି।

ଉପରୋକ୍ତ ଅନୁସନ୍ଧାନରେ ସିଙ୍ଘୁଆ ୟୁନିଭର୍ସିଟି ଏବଂ ବେଜିଂର ମିଲିଟାରି ମେଡିକାଲ ସାଇନ୍ସ ଏକାଡେମୀ, ଦକ୍ଷିଣ ଚାଇନାର ଶେନଝେନ୍‌ସ୍ଥିତ ରୋଗ ନିରାକରଣ ଏବଂ ନିୟନ୍ତ୍ରଣ କେନ୍ଦ୍ର ଏବଂ ଆମେରିକାର କନେକ୍ଟିକଟ୍ ବିଶ୍ୱବିଦ୍ୟାଳୟର ଗବେଷକ ଦଳ ଅଂଶଗ୍ରହଣ କରିଥିଲେ।



**ଅନ୍ୟ ରାଜ୍ୟକୁ ଯାଇଥିବା ପିଲା ସେଠାରେ ପରୀକ୍ଷା ଦେଇପାରିବେ**

ଲକ୍‌ଡାଉନ ଯୋଗୁ ସ୍କୁଲ ବନ୍ଦ ରହିଥିବାରୁ ଅନ୍ୟ ରାଜ୍ୟ କିମ୍ବା ଜିଲାକୁ ଚାଲିଯାଇଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲା ସେହିଠାରେ ଅବଶିଷ୍ଟ ବିଷୟରେ ବୋର୍ଡ ପରୀକ୍ଷା ଦେଇପାରିବେ। ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖ୍‌ରିୟାଲ ନିଶଙ୍କ ବୁଧବାର ଏହା ଘୋଷଣା କରିଛନ୍ତି। ଛାତ୍ରୀଛାତ୍ର ପୂର୍ବରୁ ଯେଉଁଠି ପରୀକ୍ଷା ଦେଇଥିଲେ ସେଠାକୁ ଫେରିବାର ଆବଶ୍ୟକତା ନାହିଁ।

# ଚାଇନା ଆମକୁ ବନ୍ଧୁ ଭାବେ ଦେଖେନାହିଁ

ନୂଆଦିଲ୍ଲୀ,୨୭।୫(ପି.ଟି.)

ଚାଇନା ଆମକୁ ବନ୍ଧୁ ଭାବେ ଦେଖେନାହିଁ। ୧୯୫୦ ନଭେମ୍ବର ୭ରେ ଭାରତର ତତ୍କାଳୀନ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କୁ ପତ୍ର ଲେଖି ଏହା ଜଣାଇଥିଲେ। ସେହି ସମୟରେ ଚାଇନାର ନୂତନ କମ୍ୟୁନିଷ୍ଟ ଶାସକ ତିବ୍ବତ ଉପରେ ଆକ୍ରମଣ କରିଥିଲେ। ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟ ନାଁରେ ଚାଇନା ସରକାର ଆମପ୍ରତି ଛଳନା କରୁଛନ୍ତି। ସେମାନେ ତିବ୍ବତ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ଚାହାନ୍ତି ବୋଲି କହି



ଜବାହରଲାଲ୍ ନେହେରୁ



ସର୍ଦ୍ଦାର ବଲ୍ଲଭଭାଇ ପଟେଲ

ଭାରତୀୟ ରାଷ୍ଟ୍ରଦୂତଙ୍କଠାରେ ଏକ ମିଥ୍ୟା ଆତ୍ମବିଶ୍ୱାସ ଚାପିଦେବାରେ ସଫଳ

## ୧୯୫୦ରେ ନେହେରୁଙ୍କୁ ପତ୍ର ଲେଖି ଜଣାଇଥିଲେ ପଟେଲ

ହୋଇଛନ୍ତି। ମୋ ବିଚାରରେ ଚାଇନାର କାର୍ଯ୍ୟାନୁଷ୍ଠାନ ବିଶ୍ୱାସଘାତକତାଠାରୁ କମ୍ ନୁହେଁ ବୋଲି ସର୍ଦ୍ଦାର ପଟେଲ ତାଙ୍କ ପତ୍ରରେ ଉଲ୍ଲେଖ କରିଥିଲେ।

ସର୍ଦ୍ଦାର ପଟେଲଙ୍କ ପତ୍ରରେ ଭାରତର ଉତ୍ତର ସୀମାନ୍ତ ସ୍ଥିତି ସମ୍ପର୍କରେ ସବିଶେଷ ବିବରଣୀ ସହ ଆକ୍ରମଣ ସମ୍ଭାବନା ନେଇ ସତର୍କ କରିଦିଆଯାଇଥିଲା। ଭାରତ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଭାରତ-ଚାଇନା ସମ୍ପର୍କର ବାସ୍ତବତାକୁ ଲୌହମାନବ ତାଙ୍କ ପତ୍ରରେ ସ୍ପଷ୍ଟ ଉଲ୍ଲେଖ କରିଥିଲେ। ଆମେ ଚାଇନାକୁ ବନ୍ଧୁ ଭାବେ ଦେଖୁଥିବାବେଳେ ସେମାନେ ଆମକୁ ସେଭଳି ନଜରରେ ଦେଖୁନାହାନ୍ତି। ଯେଉଁମାନେ ସେମାନଙ୍କ ସହ ନାହାନ୍ତି, ସେମାନେ ତାଙ୍କର ବିରୋଧୀ ବୋଲି ଚାଇନାର କମ୍ୟୁନିଷ୍ଟ ମାନସିକତା ରହିଛି। ଏହା ଏକ ଉଲ୍ଲେଖନୀୟ ସୂଚକ ଯାହାକୁ ଆମେ ମନେରଖିବା ଉଚିତ ବୋଲି ପଟେଲ ତାଙ୍କ ପତ୍ରରେ ଲେଖିଥିଲେ।

ମିଳିତ ଜାତିସଂଘରେ ଚାଇନାର ପ୍ରବେଶ କାରଣରୁ ଗତ କିଛି ମାସ ମଧ୍ୟରେ ଚାଇନା କ୍ୟାମ୍ପ ବାହାରେ ସମର୍ଥନ ପାଇବାରେ ଆମେ ବାସ୍ତବରେ ଏକୁଟିଆ ହୋଇଯାଇଛୁ। ଫର୍ମୋସା ପ୍ରସଙ୍ଗରେ ଆମେରିକୀୟଙ୍କ ପ୍ରତିଶ୍ରୁତି ମିଳୁଛି। ଏହାର ନ୍ୟାଯ୍ୟ ଦାବିକୁ ସମର୍ଥନ ଦେବାରେ ଆମେ ଆମେରିକା, ବ୍ରିଟେନ ଏବଂ ୟୁଏନ୍‌ଓରେ ଆଲୋଚନା କରିଛୁ। ଚାଇନାର ମନୋଭାବକୁ ଶାନ୍ତ କରିବାରେ ଯାହା ସମ୍ଭବ ହୋଇପାରେ ଆମେ ତାହା କରିଛୁ। ଏହା ସତ୍ତ୍ୱେ ଚାଇନା ଆମର ନିରପେକ୍ଷତାକୁ ବୁଝିନାହିଁ। ସେମାନେ ଆମକୁ ସନ୍ଦେହ ଦୃଷ୍ଟିରେ ଦେଖିଆସୁଛନ୍ତି। ଆମର ଚାଇନା ପ୍ରତି ସଦିଚ୍ଛା ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବିଷୟରେ ଭଲଭାବେ ଅବଗତ କରିସାରିଛୁ। ଏହାଠାରୁ ଆଉ ଅଧିକ କିଛି କରାଯାଇପାରିବ ବୋଲି ସେ ଭାବୁ ନ ଥିବା ସର୍ଦ୍ଦାର ପଟେଲ ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଥିଲେ। ଏହି ପତ୍ର ଲେଖିବାର ମାସକ ପରେ ପଟେଲଙ୍କର ପରଲୋକ ହୋଇଥିଲା।

# ମାଗଣାରେ ଜମି ନେଇଛ, ଚିକିତ୍ସା ପାଇଁ ଟଙ୍କା ମାଗୁଛ

ନୂଆଦିଲ୍ଲୀ,୨୭।୫(ପି.ଟି.)

ସରକାରଙ୍କଠାରୁ ମାଗଣାରେ ଜମି ନେଇ ପ୍ରତିଷ୍ଠା କରାଯାଇଥିବା ଘରୋଇ ହସ୍ପିଟାଲଗୁଡ଼ିକରେ କରୋନା ରୋଗୀଙ୍କୁ କାହିଁକି ମାଗଣାରେ ଚିକିତ୍ସା କରାଯିବ ନାହିଁ। ଦେଶରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କୁ ଏପରି ପ୍ରଶ୍ନ କରିଛନ୍ତି।

ସାରା ଦେଶରେ ଘରୋଇ ହସ୍ପିଟାଲଗୁଡ଼ିକରେ କରୋନା ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ ନିୟନ୍ତ୍ରଣ ପାଇଁ ନିର୍ଦ୍ଦେଶନାମା ଜରି କରିବା ଲାଗି ଏକ ପିଟିଶନ ଦାଏର ହୋଇଥିଲା। ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଓ ହୃଷୀକେଶ ରୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଭିଡିଓ

*ମାଗଣାରେ ଜମି ନେଇଥିବା ଘରୋଇ ହସ୍ପିଟାଲଗୁଡ଼ିକ କରୋନା ରୋଗୀଙ୍କୁ କାହିଁକି ମାଗଣାରେ ଚିକିତ୍ସା କରି ପାରିବେନି ବୋଲି କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏପରି ହସ୍ପିଟାଲଗୁଡ଼ିକୁ ଚିହ୍ନଟ କରି ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି*

କନ୍‌ଫରେନ୍ସ ଜରିଆରେ ଆଇନଜୀବୀ ସଚିନ ଜୈନ ଦାଏର କରିଥିବା ଉକ୍ତ ଆବେଦନର ଶୁଣାଣି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଦେଶରେ ଏମିତି ଅନେକ ଘରୋଇ ହସ୍ପିଟାଲ ରହିଛି, ଯାହା ସରକାରଙ୍କଠାରୁ ମାଗଣାରେ କିମ୍ବା ଅତି କମ୍ ମୂଲ୍ୟରେ ମିଳିଥିବା ଜମିରେ ନିର୍ମିତ ହୋଇଛି। ସେହି ହସ୍ପିଟାଲଗୁଡ଼ିକରେ

## ଘରୋଇ ହସ୍ପିଟାଲକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ




କରୋନା ଭାଇରସ୍ ସଂକ୍ରମିତଙ୍କ ଚିକିତ୍ସା ମାଗଣାରେ କରାଯିବା ଉଚିତ। ଏଭଳି ହସ୍ପିଟାଲଗୁଡ଼ିକୁ କେନ୍ଦ୍ର ସରକାର ଚିହ୍ନଟ କରନ୍ତୁ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମାମଲାର ପରବର୍ତ୍ତୀ ଶୁଣାଣି ସପ୍ତାହେ ପରେ କରିବାକୁ ଧାର୍ଯ୍ୟ କରିଛନ୍ତି। କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଥିଲେ ଯେ, ଏହା ଏକ ନୀତି ସମ୍ପର୍କିତ ପ୍ରସଙ୍ଗ ହୋଇଥିବାରୁ ଏନେଇ ସରକାର ନିଷ୍ପତ୍ତି ନେବେ। ତେବେ ଏ ସମ୍ପର୍କରେ ସେ ଜବାବ ରଖିବେ। ଆବେଦନକାରୀଙ୍କ ପିଟିଶନ ଉପରେ ଜବାବ ରଖିବା ପାଇଁ ଏପ୍ରିଲ ୩୦ରେ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଘରୋଇ ହସ୍ପିଟାଲଗୁଡ଼ିକ କରୋନା ସଂକ୍ରମିତ ରୋଗୀଙ୍କୁ ବ୍ୟବସାୟିକ ଶୋଷଣ କରୁଛନ୍ତି ବୋଲି ଆଇନଜୀବୀ ସଚିନ ଜୈନ ଏଥିରେ ଉଲ୍ଲେଖ କରିଥିଲେ।



ରାଜସ୍ଥାନର ବିକାନେରରେ ତାପମାତ୍ରା ୪୮ ଡିଗ୍ରୀ ଛୁଇଁଥିବାବେଳେ ପାଣି ପିଉଛନ୍ତି ଜଣେ ଶ୍ରମିକ।

## ଦେଶରେ ୪,୫୨୩ କରୋନା ମୃତ୍ୟୁ

ନୂଆଦିଲ୍ଲୀ,୨୭।୫

- **ସଂକ୍ରମିତଙ୍କ ସଂଖ୍ୟା ୧,୫୭,୪୮୪କୁ ବୃଦ୍ଧି**
- **ସୁସ୍ଥ ହେଲେଣି ୬୭ ହଜାରରୁ ଅଧିକ ବ୍ୟକ୍ତି**
- **୨୪ ଘଣ୍ଟାରେ ୬,୬୬୮ ନୂଆ ମାମଲା**

ଭାରତରେ ବଢ଼ିଚାଲିଛି କରୋନା ସଂକ୍ରମଣ। ବୁଧବାର ସୁଦ୍ଧା ଦେଶରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୫୭ ହଜାର ୪୮୪କୁ ବୃଦ୍ଧି ପାଇଥିବା ବେଳେ ୪,୫୨୩ ଲୋକଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ଯଦିଓ ୬୭, ୨୭୬ ଜଣ ସୁସ୍ଥହୋଇ ଘରକୁ ଫେରିଛନ୍ତି ତଥାପି ଉଗ୍ର ସଂକ୍ରମଣ ସ୍ଥିତି ପରିସ୍ଥିତିକୁ ବିଗାଡ଼ିଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୬,୬୬୮ ନୂଆ ମାମଲା ଦେଖାଦେବା ଓ ୧୭୬ ଜଣଙ୍କ ମୃତ୍ୟୁ ହେବା ଆତଙ୍କ ଖୋଳାଇଦେଇଛି। ଦିନକୁ ଦିନ ଏହି ସଂଖ୍ୟା ବଢୁଥିବାରୁ ଆଗକୁ ସ୍ଥିତି ଉତ୍କଟ ହେବା ଆଶଙ୍କା ଦେଖାଦେଇଛି। ପ୍ରବାସୀଙ୍କ ଆଗମନ ଓ ପ୍ରଶାସନିକ ଅବ୍ୟବସ୍ଥା ଚିନ୍ତା ବଢ଼ାଉଛି।

ମହାରାଷ୍ଟ୍ରରେ କେବଳ ୫୬ ହଜାରରୁ ଊର୍ଦ୍ଧ୍ୱ କରୋନା ଆକ୍ରାନ୍ତ ଥିବାବେଳେ ୧୮୯୭ ଜଣଙ୍କ ମୃତ୍ୟୁ ଘଟିଲାଣି। ଦିନକ ମଧ୍ୟରେ ଏଠାରେ ନୂଆ ୨,୧୯୦ ରୋଗୀ ଚିହ୍ନଟ ହୋଇଥିବା ବେଳେ ୧୦୫ ଜଣଙ୍କ ମୃତ୍ୟୁ ଘଟିଛି। ତାମିଲନାଡୁ ଓ ଗୁଜରାଟ ସ୍ଥିତି ମଧ୍ୟ ଜଟିଳ ହେବାରେ ଲାଗିଛି। ତାମିଲନାଡୁରେ ଆକ୍ରାନ୍ତଙ୍କ ସଂଖ୍ୟା ୧୮,୫୪୫କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁସଂଖ୍ୟା ୧୩୬ରେ ପହଞ୍ଚିଲାଣି। ଗୁଜରାଟରେ ୯୩୮ ଜଣଙ୍କ ଜୀବନ ଯାଇଥିବା ବେଳେ ୧୫,୨୦୫ ରୋଗୀ ଚିହ୍ନଟ ହେଲେଣି। ରାଜଧାନୀ ଦିଲ୍ଲୀସ୍ଥିତି ମଧ୍ୟ ସମାନ। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧୫,୨୫୭ରେ ପହଞ୍ଚିଛି। ୩୦୩ ଜଣ ଏଠାରେ ମୃତ୍ୟୁବରଣ କଲେଣି। ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରେ ମଧ୍ୟ ଉଗ୍ର ସଂକ୍ରମଣ ସ୍ଥିତି ଦେଖିବାକୁ ମିଳିଛି। ଏଭଳି ପରିସ୍ଥିତି ଭାରତର ଚିନ୍ତା ବଢ଼ାଇଦେଇଛି।

## ଟୁଇଟର ଉପରେ ଟ୍ରମ୍ପ୍ କ୍ଷୁବ୍ଧ

**ୱାଶିଂଟନ,୨୭।୫(ପି.ଟି.):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦୁଇଟି ପୋଷ୍ଟ ଉପରେ ଟୁଇଟର ପ୍ରଥମ ଥର ଲାଗି ଫ୍ୟାକ୍ଟ ଚେକ୍ ଅଭିଯୋଗ ଲଗାଇଛି। ଉକ୍ତ ପୋଷ୍ଟର ତଥ୍ୟ ଯାଞ୍ଚ ପାଇଁ ଟୁଇଟର କହିବା ପରେ ଟ୍ରମ୍ପ୍ କ୍ଷୁବ୍ଧ ହୋଇଛନ୍ତି। ନଭେମ୍ବର ମାସରେ ଥିବା ରାଷ୍ଟ୍ରପତି ନିର୍ବାଚନରେ ହସ୍ତକ୍ଷେପ କରିବା ଲାଗି ଟୁଇଟର୍ ଉଦ୍ୟମ କରୁଛି ବୋଲି ଟ୍ରମ୍ପ୍ ଅଭିଯୋଗ ଆଣିଛନ୍ତି। ମଙ୍ଗଳବାର ଟ୍ରମ୍ପ୍ କରିଥିବା ଦୁଇଟି ଟୁଇଟ୍‌ରେ ପୋଷ୍ଟାଲ ବାଲଟ ଯୋଗୁ ନିର୍ବାଚନରେ ଜାଲିଆତି ବଢ଼ିବ ବୋଲି ଭୁଲ୍ ଦାବି କରିଥିଲେ। ମେଲ୍ ବକ୍ସ ଚୋରି, ବାଲଟରେ ଜାଲିଆତି ଆଦି ଅଭିଯୋଗ ଆଣିଥିଲେ ଟ୍ରମ୍ପ୍। ଟୁଇଟର ବିଜ୍ଞପ୍ତିରେ ଏହି ଟୁଇଟ୍ ତଳେ ନୀଳ ରଙ୍ଗର ବିସ୍ମୟ ଚିହ୍ନ ରହିଥିଲା। ମେଲ୍-ଇନ୍ ବାଲଟର ତଥ୍ୟ ଯାଞ୍ଚ ହେବା ଆବଶ୍ୟକ ବୋଲି ଏହା ପାଠକମାନଙ୍କୁ ପ୍ରସ୍ତାବ ଦେଇଥିଲା।

# ୨୦୨୧ ଯାଏ ରହିବ କରୋନା

ନୂଆଦିଲ୍ଲୀ,୨୭।୫(ପି.ଟି.)

ଭାରତରେ କରୋନା ସଂକ୍ରମଣ ୨୦୨୧ ପର୍ଯ୍ୟନ୍ତ ରହିବ। ଏହାର ସଂକ୍ରମଣକୁ କମାଇବାକୁ ହେଲେ କୋଭିଡ୍ ପରୀକ୍ଷାକୁ ଅତ୍ୟଧିକ ବଢ଼ାଇବାକୁ ପଡ଼ିବ ବୋଲି ବୁଧବାର ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି। କରୋନା ପ୍ରତିଷେଧକ ଟିକା ଉପଲବ୍ଧ ହେବାକୁ ବର୍ଷେ ସମୟ ଲାଗିଯିବ ବୋଲି ଆମେରିକାର ସ୍ୱାସ୍ଥ୍ୟ ବିଶେଷଜ୍ଞ ଆଶିଷ ଝା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କଠୋର ଲକ୍‌ଡାଉନ ଭାରତର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେବ। ସେଥିପାଇଁ ନୂଆଦିଲ୍ଲୀ କୋହଳ ଲକ୍‌ଡାଉନ ଆପଣାଇବା ଆବଶ୍ୟକ ବୋଲି ସ୍ୱିଡେନ ସ୍ୱାସ୍ଥ୍ୟ ବିଶେଷଜ୍ଞ

**ସଂକ୍ରମଣ କମାଇବାକୁ ଅଧିକ ପରୀକ୍ଷା ଜରୁରୀ: ସ୍ୱାସ୍ଥ୍ୟ ବିଶେଷଜ୍ଞ**

ପ୍ରଫେସର ଜୋହାନ ଜିସେକେ ମତ ଦେଇଛନ୍ତି। କୋଭିଡ୍-୧୯ ମହାମାରୀ ସମ୍ପର୍କରେ ବିଶେଷଜ୍ଞମାନେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଆଲୋଚନା କରିଥିଲେ, ଯାହା ସୋସିଆଲ ମିଡିଆ ଚ୍ୟାନେଲଗୁଡ଼ିକରେ ପ୍ରସାରିତ ହୋଇଛି। ଲକ୍‌ଡାଉନ ପରେ ଅର୍ଥନୈତିକ କାରବାର ସମ୍ପୂର୍ଣ୍ଣ ଆରମ୍ଭ ହେଲେ, ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଆଣିବାକୁ ହେବ ବୋଲି ହାର୍ଭାର୍ଡ ଗ୍ଲୋବାଲ ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ପ୍ରଫେସର ଝା କହିଛନ୍ତି। ତାଙ୍କ କହିବା ଅନୁଯାୟୀ କରୋନା ଭୂତାଣୁ ହେଉଛି ୧୨-୧୮ ମାସର ସମସ୍ୟା। ୨୦୨୧ ପର୍ଯ୍ୟନ୍ତ ବିଶ୍ୱ ଏହି ସମସ୍ୟାରୁ ମୁକ୍ତ ହେବ ନାହିଁ।

କୋଭିଡ୍-୧୯ ପରେ ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆସିବ ବୋଲି ରାହୁଲ କହିଛନ୍ତି। ୯/୧୧କୁ ଏକ ନୂଆ ଅଧ୍ୟାୟ ବୋଲି କୁହାଯାଉଥିବାବେଳେ କୋଭିଡ୍ ଏକ ନୂଆ ପୁସ୍ତକ ହେବ ବୋଲି ସେ ମତ ଦେଇଛନ୍ତି। ଭାରତରେ ଯେତେ ସମ୍ଭବ କୋହଳ ଲକ୍‌ଡାଉନ ଆବଶ୍ୟକ ବୋଲି ୟୁରୋପୀୟ ସେଣ୍ଟର ଫର ଡିଜିଜ୍ ପ୍ରିଭେନ୍‌ଶନ ଆଣ୍ଡ କଣ୍ଟ୍ରୋଲ୍‌ର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ପ୍ରଫେସର ଗେସେକେ କହିଛନ୍ତି।

## ବ୍ୟବଚ୍ଛେଦ ପୂର୍ବରୁ ଫେରିଲା ଜୀବନ

**ରାଞ୍ଚି,୨୭।୫:** ଝାଡ଼ଖଣ୍ଡରେ ଚିକିତ୍ସା ଲାଗି ଆସିଥିବା ଜଣେ ବ୍ୟକ୍ତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ବ୍ୟବଚ୍ଛେଦ ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତି ଜୀବିତ ଥିବା ଜଣାପଡ଼ିଥିଲା। ଏଭଳି ଖବର ପ୍ରଚାରିତ ହେବାପରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବନ୍ନା ଗୁପ୍ତା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଏନେଇ ରିପୋର୍ଟ ତଲବ କରିଛନ୍ତି। ଚନାହୋ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଘଟଣା ଘଟିଛି। ଦୋଷୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ସ୍ୱାସ୍ଥ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲୋହାରଡଗା ଜିଲାର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଭର୍ତ୍ତି କରାଯାଇଥିଲା।

## ଜାତୀୟ ସଙ୍ଗୀତ ବିଲ୍‌କୁ ହଂକଂରେ ବିରୋଧ

ହଂକଂ,୨୭।୫(ଆଇଏଏନ୍‌ଏସ୍): ହଂକଂରେ ଚାଇନାର ଜାତୀୟ ସଙ୍ଗୀତକୁ ଅସମ୍ମାନ କଲେ ତାହା ଅପରାଧ ବିବେଚିତ। ଏଭଳି ଉଦ୍ଦେଶ୍ୟ ନେଇ ଲେଜିସ୍‌ଲେଟିଭ୍ କାଉନ୍‌ସିଲରେ ଏକ ବିଲ୍ ଉପସ୍ଥାପନ ପୂର୍ବରୁ ଅର୍ଦ୍ଧସ୍ୱୟଂଶାସିତ ସହର ହଂକଂରେ ବିବାଦ ସୃଷ୍ଟି ହୋଇଛି। ଏହାକୁ ବିରୋଧ କରି ବୁଧବାର ବହୁସଂଖ୍ୟକ ଯୁବତୀଯୁବକ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ହଂକଂ ପୋଲିସ ଅନେକ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ଇତିମଧ୍ୟରେ ଅନେକ ବିକ୍ଷୋଭକାରୀ ସୋସିଆଲ ମିଡିଆରେ ଏକ ମେସେଜ୍ ପୋଷ୍ଟ କରି ମୋବାଇଲ୍‌ରେ ଅନ୍ୟମାନଙ୍କ ନିକଟକୁ ପଠାଇଛନ୍ତି। ସେଥିରେ ଲେଜିସ୍‌ଲେଟିଭ୍ କାଉନ୍‌ସିଲକୁ ଯାଇ ବିଲ୍ ବିରୋଧରେ ପ୍ରତିବାଦ ଜଣାଇବା ପାଇଁ ଅନୁରୋଧ କରାଯାଇଛି।



ଜମ୍ମୁ-କଶ୍ମୀରର କଟ୍‌ରା ରେଲୱେ ଷ୍ଟେଶନରୁ ମଧ୍ୟପ୍ରଦେଶ ଅଭିମୁଖେ ଯିବା ପାଇଁ ବସ୍‌ରେ ବସିଛନ୍ତି ପ୍ରବାସୀ।

## ପାଣିଘେରରେ ୩ ଲକ୍ଷ ଲୋକ

ଗୁଆହାଟୀ,୨୭।୫

**ଆସାମରେ ବର୍ଷର ପ୍ରଥମ ବନ୍ୟା**

ଆସାମରେ ବର୍ଷର ପ୍ରଥମ ବନ୍ୟା ଦେଖିବାକୁ ମିଳିଥିବା ବେଳେ ରାଜ୍ୟର ୧୧ ଜିଲା ଜଳମଗ୍ନ ହୋଇପଡ଼ିଛି। ପ୍ରାୟ ୩ ଲକ୍ଷ ଲୋକ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ଗୋଆଲପାରା ଜିଲାରେ ଜଣେ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ୨୧ ରାଜସ୍ୱ ଗ୍ରାମର ୩୨୧ ଗ୍ରାମ ପ୍ରଭାବିତ ହୋଇଛି। ଢେମାଜି, ଲକ୍ଷ୍ମୀପୁର, ନଗାଓଁ, ହୋଜାଇ, ବର୍‌ପେଟା, ଡାରାଙ୍ଗ, ନଲବାରି, ଗୋଆଲପାରା, ପଶ୍ଚିମ କାର୍ବି ଆଙ୍ଗ୍‌ଲଙ୍ଗ, ଡିବ୍ରୁଗଡ଼ ଓ ତିନ୍‌ସୁକିଆ ଜିଲା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି। ମୋଟ ୨,୬୭୮ ହେକ୍ଟର ଚାଷଜମି ଜଳଚର ହୋଇପଡ଼ିଥିବା ବେଳେ ୫୭ ରିଲିଫ କ୍ୟାମ୍ପରେ ୧୬,୭୨୦ ଲୋକଙ୍କୁ ରଖାଯାଇଛି। ଚିରାଙ୍ଗ, ବକ୍ସା ଜିଲାରେ ପୋଲ ଭୁଶୁଡ଼ି ପଡ଼ିଥିବା ବେଳେ ଅନେକ ରାସ୍ତାଘାଟ ନଷ୍ଟ ହୋଇଯାଇଛି। ଡିମା ହୋସାଓରେ ଭୂସ୍ଖଳନ ଯୋଗୁ ୩୦ ଘର ଭାଙ୍ଗିଯାଇଛି। ଲଗାଣ ବର୍ଷା ଯୋଗୁ ବ୍ରହ୍ମପୁତ୍ର ନଦୀରେ ଜଳସ୍ତର ବଢୁଥିବା ବେଳେ ଆଗାମୀ ୪ ଦିନ ବର୍ଷା ବିପ୍ରାତ ଲାଗିରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ବନ୍ୟାକ୍ଲିଷ୍ଟ ଅଞ୍ଚଳର ସ୍ଥିତି ସମୀକ୍ଷା କରି ସାହାଯ୍ୟ ଲାଗି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ନିଷିଦ୍ଧାଞ୍ଚଳରେ ଜରୁରୀ ଔଷଧର ହୋମ୍ ଡେଲିଭରି ସମ୍ଭବ

ନୂଆଦିଲ୍ଲୀ,୨୭।୫(ପି.ଟି.)

କରୋନା ସଂକ୍ରମଣ ରୋକିବା ଲାଗି ନିଷିଦ୍ଧାଞ୍ଚଳ ଘୋଷିତ ସ୍ଥାନଗୁଡ଼ିକରେ ମାଆ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଯେପରି ପ୍ରଭାବିତ ନ ହୁଏ, ସେଥିପାଇଁ କ୍ୟାଲସିୟମ, ଆଇରନ/ଫୋଲିକ୍ ଏସିଡ, ଜିଙ୍କ୍ ଟାବଲେଟ ସମେତ କଣ୍ଟ୍ରାସେପ୍ଟିଭ୍ ଭଳି ଜରୁରୀ ଔଷଧର ହୋମ ଡେଲିଭରି ବ୍ୟବସ୍ଥା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ କର୍ତ୍ତୃପକ୍ଷ କରିପାରିବେ ବୋଲି କେନ୍ଦ୍ର ପ୍ରସ୍ତାବ ଦେଇଛି। କୋଭିଡ୍-୧୯ ସ୍ଥିତି ନିର୍ବିଶେଷରେ ମହିଳା, ଶିଶୁ ଓ କିଶୋରୀମାନଙ୍କୁ ଜରୁରୀ ସେବା ଯୋଗାଇଦେବା ଉପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗୁରୁତ୍ୱ ଦେଇଛି।

# ଅନ୍‌ଲାଇନ୍‌ରେ ଯୌନ ବେପାର

ବେଙ୍ଗାଲୁରୁ,୨୭।୫

- **ଭିଡିଓ ଟେଲିଫୋନୀ ପ୍ଲାଟ୍‌ଫର୍ମରେ ବ୍ୟବସାୟ**
- **ଇ-ୱାଲେଟ୍ସ ମାଧ୍ୟମରେ ଟଙ୍କା ପୈଠ କରାଯାଉଛି**

ମହାମାରୀ କରୋନା ଭୟରେ ଦେହଜୀବୀମାନେ ବାହାରକୁ ବାହାରୁ ନାହାନ୍ତି। ଫଳରେ ସେମାନଙ୍କ ବେପାର ଠପ୍ ହୋଇଯାଇଛି। ଲୋକମାନେ ମଧ୍ୟ କରୋନା ଭୟରେ ସେମାନଙ୍କ ସହ ମିଳାମିଶା ବନ୍ଦ କରିଦେଇଛନ୍ତି। ତେଣୁ ଦୁର୍ଦ୍ଦିନରେ ଏବେ ଦେହଜୀବୀଙ୍କ ଜୀବନ କଟୁଥିବା ବେଳେ ବେଙ୍ଗାଲୁରୁରେ ଚାଲିଛି ଅନ୍‌ଲାଇନ୍ ସେକ୍ସୱାର୍କ। କେତେଜଣ ଟେକ୍ ସେଭି ସେକ୍ସ ୱାର୍କର ଅନ୍‌ଲାଇନ୍‌ରେ ସେମାନଙ୍କ ଦେହବେପାର ଆରମ୍ଭ କରିଦେଇଛନ୍ତି। ଭିଡିଓ ଟେଲିଫୋନୀ ପ୍ଲାଟଫର୍ମ ମାଧ୍ୟମରେ ସେମାନେ ଧନ୍ଦା ଆରମ୍ଭ କରିବା ସହ ଇ-ୱାଲେଟ୍ସ ମାଧ୍ୟମରେ ପେମେଣ୍ଟ ନେଉଥିବା ଜଣାପଡ଼ିଛି। ଲକ୍‌ଡାଉନ୍ ଯୋଗୁ ସବୁ ଟ୍ରାଭେଲ ପ୍ଲାନ୍ ଫସର ଫାଟୁଥିବା ବେଳେ ଏଭଳି ଅନ୍‌ଲାଇନ୍ ସେକ୍ସୱାର୍କକୁ ଅନେକ ଗ୍ରହଣ କରୁଥିବା ଦେଖାଯାଇଛି। ଜୁମ୍ ଆଇଡି ଓ ପାସ୍‌ୱାର୍ଡ ଦିଆନିଆ ସହ ଟାଇମ୍‌ସ୍ଲଟ୍ ମାଧ୍ୟମରେ ଏହି ଅନ୍‌ଲାଇନ୍ ସେକ୍ସୱାର୍କ ଚାଲିଛି। ଭିଡିଓ କଲରେ କଥାବାର୍ତ୍ତା ଓ ବିଭିନ୍ନ ବଡିପୋଜ୍‌କୁ ନେଇ ଦର ନିର୍ଦ୍ଧାରଣ କରାଯାଇଥାଏ ବୋଲି ଜଣେ ବ୍ୟବସାୟୀ ତଥା ଗ୍ରାହକ ମତ ପ୍ରକାଶ କରି କହିଛନ୍ତି। ଏଥିରେ ଦେହଜୀବୀମାନେ ଘଣ୍ଟା ପିଛା ଦର ନିର୍ଦ୍ଧାରଣ କରିଥାନ୍ତି। ଠକାମିରୁ ବର୍ତ୍ତିବା ଲାଗି ଦେହଜୀବୀମାନେ ଭିଡିଓ ଆରମ୍ଭ ହେବା ପୂର୍ବରୁ ପେଟିଏମ୍ କିମ୍ବା ଗୁଗଲ ପେ ମାଧ୍ୟମରେ ଅଧଘଣ୍ଟାକୁ ୧ ହଜାର ଟଙ୍କା ପୈଠ କରିବାକୁ (ଅପ୍‌ଫ୍ରଣ୍ଟ ପେମେଣ୍ଟ) ଦାବି କରିଥାନ୍ତି। ଏଭଳି ଦେହଜୀବୀଙ୍କ ମାତ୍ରା ବହୁତ୍ କମ୍ ଓ ହାଇ ଷ୍ଟାଟସ୍‌ର ବୋଲି ଜଣାପଡ଼ିଛି। ଲକ୍‌ଡାଉନ୍ ଯୋଗୁ ନିଜ ଗୁଜୁରାଣ ମେଣ୍ଟାଇବା ଲାଗି ଦେହଜୀବୀମାନେ ଏଭଳି ରାସ୍ତା ବାଛିନେଇଥିବା କୁହାଯାଉଛି।

# ମାନଚିତ୍ର ସଂଶୋଧନ ଆଲୋଚନା ଅଟକିଲା

କାଠମାଣ୍ଡୁ,୨୭।୫

ନେପାଳ ମାନଚିତ୍ରରେ ପରିବର୍ତ୍ତନ ଲାଗି ବୁଧବାର ପାର୍ଲାମେଣ୍ଟରେ ସମ୍ବିଧାନ ସଂଶୋଧନ ନେଇ ଆଲୋଚନା ହେବାର ଥିଲା। ଏବେ ଆଲୋଚନାରୁ ଏହି ପ୍ରସଙ୍ଗ ବାଦ୍ ପଡ଼ିଛି। ଫଳରେ ଭାରତ ବିରୋଧୀ ଆଭିମୁଖ୍ୟ ଦେଖାଉଥିବା ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ ଝଟ୍‌କା ଲାଗିଛି। ମାନଚିତ୍ର ସଂଶୋଧନ ଉପରେ ଜାତୀୟ ସହମତି ହାସଲ ଲାଗି ବିଭିନ୍ନ ଦଳ ଦାବି କରିବା ସହ ଏଥିପାଇଁ ସମୟ ମାଗିଥିଲେ।

ନୂଆ ରାଜନୈତିକ ମାନଚିତ୍ରରେ ଭାରତୀୟ ଅଞ୍ଚଳ କାଲାପାନି, ଲିମ୍ପିୟାଧୁରା ଏବଂ ଲିପୁଲେଖ ନେପାଳରେ ବୋଲି ଦର୍ଶାଯାଇଥିଲା। ଏହି ନୂଆ ମାନଚିତ୍ରକୁ ଅନୁମୋଦନ କରିବା ଲାଗି ସମ୍ବିଧାନ ସଂଶୋଧନ ଆବଶ୍ୟକ। ଏଥିପାଇଁ ପ୍ରଧାନମନ୍ତ୍ରୀ ସବୁ ଦଳର ସହମତି ହାସଲ କରିପାରି ନାହାନ୍ତି। ନିଜର ବ୍ୟକ୍ତିଗତ ଫାଇଦା ପାଇଁ ଓଲି ଗୋର୍ଖା ଜାତୀୟତାବାଦ ଲଦିଦେବାକୁ ଉଦ୍ୟମ କରୁଥିବା ଅଧିକାଂଶ ଦଳ ଅଭିଯୋଗ କରିଛନ୍ତି। ନିଜ ଦଳ ନେପାଳ କମ୍ୟୁନିଷ୍ଟ ପାର୍ଟିରେ ବିରୋଧର ସମ୍ମୁଖୀନ ହୋଇଥିବା ପ୍ରଧାନମନ୍ତ୍ରୀ ଓଲି ଉତ୍ତରାଖଣ୍ଡର ଧାରଚୁଲାରୁ ଲିପୁଲେଖ ପର୍ଯ୍ୟନ୍ତ ଭାରତ ନିର୍ମାଣ କରୁଥିବା ରାସ୍ତାକୁ ବିରୋଧ କରି

**ନେପାଳ ପ୍ରଧାନମନ୍ତ୍ରୀଙ୍କୁ ଝଟକା**



କେ.ପି. ଶର୍ମା ଓଲି

କାଠମାଣ୍ଡୁରେ ବିକ୍ଷୋଭର ଆୟୋଜନ କରିଥିଲେ। ଏହାର କିଛିଦିନ ପରେ ସେ ଲିପୁଲେଖ ଏବଂ କାଲାପାନିକୁ ନେପାଳ ଅଞ୍ଚଳ ବୋଲି ଦର୍ଶାଇ ଏକ ନୂଆ ମାନଚିତ୍ର କ୍ୟାବିନେଟରେ ଅନୁମୋଦନ କରାଇଥିଲେ। ମୁଖ୍ୟ ବିରୋଧୀ ଦଳ ନେପାଳୀ କଂଗ୍ରେସର ବିରୋଧ ଯୋଗୁ ପାର୍ଲାମେଣ୍ଟରେ ତାହା ଉପରେ ଆଲୋଚନା ହୋଇପାରି ନାହିଁ। ନେପାଳର ଏହି ନୂଆ ରାଜନୈତିକ ମାନଚତ୍ରକୁ ଭାରତ ପ୍ରତ୍ୟାଖ୍ୟାନ କରିଛି। କାଠମାଣ୍ଡୁର ଏଭଳି ଏକପାଖିଆ କାର୍ଯ୍ୟ ଐତିହାସିକ ତଥ୍ୟ କିମ୍ବା ପ୍ରମାଣ ଆଧାରିତ ନୁହେଁ। ସୀମାକୁ ନେଇ ଦ୍ୱିପାକ୍ଷିକ ବୁଝାମଣାର ଏହା ଉଲ୍ଲଂଘନ। ଏଭଳି ମାନଚତ୍ର ଗ୍ରହଣୀୟ ନୁହେଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା।

# ଆଜିଠୁ ଚାଲିବ ବସ୍

ଭୁବନେଶ୍ୱର, ୨୭।୫(ବ୍ୟୁରୋ)

■ ଘରୋଇ ବସ୍ ମାଲିକ ସଂଘ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି
■ ୧୦ ଦିନ ପରେ ସ୍ୱାଭାବିକ ହେବ

କୋଭିଡ୍-୧୯ ସଂକ୍ରମଣ ଲକ୍‌ଡାଉନ୍ ଯୋଗୁ ଦୁଇମାସ ହେବ ବସ୍ ଚଳାଚଳ ବନ୍ଦ ରହିଥିଲା। ଗୁରୁବାର ଠାରୁ ରାଜ୍ୟରେ ବସ୍ ଚଳାଚଳ ଆରମ୍ଭ ହେବ। ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ତେବେ ସମ୍ପୂର୍ଣ୍ଣ ବସ୍ ଚଳାଚଳ କରିବାକୁ ଆହୁରି ୮ରୁ ୧୦ ଦିନ ଲାଗିବ। ବସ୍ ଡ୍ରାଇଭର, କଣ୍ଡକ୍ଟର ଏବଂ ହେଲ୍‌ପରମାନଙ୍କର ବୀମା ସହିତ ମାର୍ଚ୍ଚ ମାସର ରୋଡ୍ ଟ୍ୟାକ୍ସ ଜୁଲାଇ ମାସରେ ଆଡ୍‌ଜଷ୍ଟ ହେବ ବୋଲି ମନ୍ତ୍ରୀ କହିଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସରକାର ବସ୍ ଚଳାଇବା ପାଇଁ କିଛିଦିନ ପୂର୍ବରୁ ଘୋଷଣା କରିଥିଲେ। ବସ୍‌ରେ ଥିବା ସିଟ୍ ଠାରୁ ଅଧିକ ଯାତ୍ରୀ ପରିବହନ ନ କରିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଘରୋଇ ବସ୍ ମାଲିକ ସଂଘ ସରକାରଙ୍କ ସହ ଆଲୋଚନା ନ କରିବା ଯାଏ ବସ୍ ଚଳାଇବାକୁ ଅମଙ୍ଗ ହୋଇଥିଲା। ମଙ୍ଗଳବାର ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏବଂ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନା ସକାରାତ୍ମକ ରହିଥିଲା। ତେବେ ଆଞ୍ଚଳିକ ସଂଘ ସହ ଆଲୋଚନା କରିବା ପରେ ବସ୍ ଚଳାଇବା ନେଇ ଘୋଷଣା କରିବାକୁ ରାଜ୍ୟ ସଂଘର କର୍ମକର୍ତ୍ତା ଗଣମାଧ୍ୟମକୁ ସୂଚନା ଦେଇଥିଲେ।

ବୁଧବାର ଭୁବନେଶ୍ୱର ଠାରେ ସଂଘର ସଭାପତି ଲୋକନାଥ ପାଣିଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ମାର୍ଚ୍ଚ ୨୪ରୁ ଘୋଷଣା କରାଯାଇଥିବା ଲକ୍‌ଡାଉନ୍ ଯୋଗୁ ସମଗ୍ର ରାଜ୍ୟରେ ବସ୍ ଚଳାଚଳ ବନ୍ଦ ରହିଥିଲା। ପରବର୍ତ୍ତୀ ସମୟରେ ଲକ୍‌ଡାଉନ୍ କୋହଳ କରାଯାଇ ବସ୍ ଚଳାଇବାକୁ ସରକାର ଅନୁମତି ଦେଇଥିଲେ। ତେବେ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ କିଛି ଦାବି ଉପସ୍ଥାପନ କରାଯାଇଥିଲା। ସେଥିରେ ୬ ମାସ ପାଇଁ ଟିକସ ଛାଡ଼, ୬ ମାସ ଲାଗି ବୀମା ଅବଧି ବୃଦ୍ଧି, ବ୍ୟାଙ୍କ କିସ୍ତିର ସୁଧକୁ ୬ ମାସ ପାଇଁ ଛାଡ଼ କରିବା ଏବଂ ବସ୍ କର୍ମଚାରୀଙ୍କୁ ଆର୍ଥିକ ସହାୟତା କରିବା ସହ ବୀମାଭୁକ୍ତ କରିବାକୁ ଦାବି କରାଯାଇଥିଲା। ରାଜ୍ୟ ସରକାର ୩ ମାସ ପାଇଁ ଟିକସ ଛାଡ଼ କରିଛନ୍ତି। ଅନ୍ୟାନ୍ୟ ଦାବିଗୁଡ଼ିକୁ ପରବର୍ତ୍ତୀ ସମୟରେ ପୂରଣ କରିବା ନେଇ ପ୍ରତିଶ୍ରୁତି ଦିଆଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବସ୍ ଚଳାଚଳ ସ୍ୱାଭାବିକ କରିବାକୁ ନିଷ୍ପତ୍ତି ନିଆଯାଇଥିବା ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। ଏହି ବୈଠକରେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ବରଦା ପ୍ରସନ୍ନ ଆଚାର୍ଯ୍ୟ, ମୁଖପାତ୍ର ଦେବାଶିଷ ନାୟକ, ସମସ୍ତ ଆଞ୍ଚଳିକ ସଂଘର କମକର୍ତ୍ତା ଯୋଗ ଦେଇଥିଲେ।

## ବସ୍ ଭଡ଼ା ବଢ଼ିନାହିଁ

### ଟୁଇଟ୍‌ରେ ସ୍ପଷ୍ଟ କଲା ରାଜ୍ୟ ପରିବହନ ପ୍ରାଧିକରଣ

କଟକ ଅଫିସ, ୨୭।୫

ରାଜ୍ୟରେ ବସ୍ ଭଡ଼ା ବଢ଼ିନାହିଁ। ଶେଷଥର ପାଇଁ ମାର୍ଚ୍ଚ ୨୧ରେ ଯେଉଁ ଭଡ଼ା ବୃଦ୍ଧି ହୋଇଥିଲା, ତାହା ହିଁ ବଳବତ୍ତର ରହିବ। ସାଧାରଣ ବସ୍ ପାଇଁ ଭଡ଼ା କିଲୋମିଟର ପିଛା ୬୭ ପଇସା, ଏକ୍ସପ୍ରେସ୍ ପାଇଁ ୭୦ ପଇସା, ଡିଲକ୍ସ ପାଇଁ ୯୫ ପଇସା ଏବଂ ଏସି ଡିଲକ୍ସ ପାଇଁ ୧୧୭ ପଇସା ଭଡ଼ା ଆଦାୟ କରାଯିବ। ବସ୍ ଭଡ଼ା ବଢ଼ିବା ନେଇ ନେଇ ନାନା କଳ୍ପନାଜଳ୍ପନା ଲାଗି ରହିଥିବା ବେଳେ ବୁଧବାର ଏନେଇ ସ୍ପଷ୍ଟ କରିଛି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)। କରୋନା ଭୂତାଣୁର ସଂକ୍ରମଣ ରୋକିବା ପାଇଁ ଦୁଇ ମାସରୁ ଅଧିକ ସମୟ ହେଲା ରାଜ୍ୟରେ ବସ୍ ଚଳାଚଳ ବନ୍ଦ ରହିଛି। ୫୦ ପ୍ରତିଶତ ଯାତ୍ରୀଙ୍କୁ ନେଇ ବସ୍ ଚଳାଇବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୁଇଗୁଣା ଭଡ଼ା ନ ବଢ଼ିଲେ ବସ୍ ଚଳାଚଳ ପାଇଁ ମାଲିକମାନେ ମନା କରିଦେଇଥିଲେ। ବୁଧବାର ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଯେତିକି ସିଟ୍, ସେତିକି ଯାତ୍ରୀଙ୍କୁ ନେଇ ବସ୍ ଗଡ଼ିବ ବୋଲି ନିଷ୍ପତ୍ତି ହୋଇଛି। ବୁଧବାର ଟୁଇଟ୍ ଜରିଆରେ ଭଡ଼ା ସମ୍ପର୍କରେ ସ୍ପଷ୍ଟ କରିଛି ରାଜ୍ୟ ପରିବହନ ପ୍ରାଧିକରଣ।



ତାମିଲ୍‌ନାଡୁରୁ ଓଡ଼ିଶା ଫେରିଥିବା ସୁନ୍ଦରଗଡ଼ର ପ୍ରବାସୀ ଶ୍ରମିକମାନେ ବୁଧବାର ଭୁବନେଶ୍ୱର ଦେଇ ଜାତୀୟ ରାଜପଥ ନଂ.୧୬ରେ ବିନା ପୋଲିସ ସୁରକ୍ଷାରେ ଚାଲିଚାଲି ଯାଉଛନ୍ତି।

## ସଂକ୍ଷେପରେ

### ଛେଣ୍ଡିପଦା ରେଞ୍ଜର ଗିରଫ

**କଟକ ଅଫିସ,୨୭।୫:** ବେଆଇନ ସମ୍ପତ୍ତି ଠୁଳ ଅଭିଯୋଗରେ ଅନୁଗୋଳ ଜିଲା ଛେଣ୍ଡିପଦା ଫରେଷ୍ଟ ରେଞ୍ଜର ମନମୋହନ ସ୍ୱାଇଁଙ୍କୁ ଗିରଫ କରିଛି କଟକ ଭିଜିଲାନ୍ସ ସେଲ୍। ଏଥିସହ ମାମଲା ରୁଜୁ କରାଯାଇ ତାଙ୍କୁ ବୁଧବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଚାଲାଣ କରାଯାଇଛି। ମଙ୍ଗଳବାର ସକାଳେ ସେ ଏକ ବୋଲେରୋ (ଓଡି୦୨ ଏପି ୪୨୮୮)ରେ ଛେଣ୍ଡିପଦାରୁ ଭୁବନେଶ୍ୱର ଯାଉଥିବା ବେଳେ ମହାନଦୀ ମୁଣ୍ଡଳୀ ବ୍ରିଜ୍‌ରେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ତାଙ୍କ ଗାଡ଼ି ଯାଞ୍ଚ ବେଳେ ସେଥିରୁ ୨ ଲକ୍ଷ ୭୯ ହଜାର ୩ ଶହ ଟଙ୍କା ମିଳିଥିଲା। ଏହି ଟଙ୍କା ସେ କେଉଁ ସୂତ୍ରରୁ ପାଇଛନ୍ତି, ତାହା ସେ କହିପାରି ନ ଥିଲେ। ଏହାପରେ ଛେଣ୍ଡିପଦାସ୍ଥିତ କାର୍ଯ୍ୟାଳୟ, କ୍ୱାର୍ଟର, ଯାଜପୁର ଜିଲା ଧର୍ମଶାଳା ଥାନା ଖଣ୍ଡିବନ୍ଧସ୍ଥିତ କୋଠା, ବଲାଙ୍ଗିର ସହରସ୍ଥିତ ଭଡ଼ାଘର ଉପରେ ଚଢ଼ାଉ ହୋଇଥିଲା। ଏହାଛଡ଼ା ବିଭିନ୍ନ ବ୍ୟାଙ୍କରେ ଜମା ହୋଇଥିବା ଟଙ୍କା, ସୁନା ଅଳଙ୍କାର, ଗୋଟିଏ ଦୁଇ ଚକିଆ ଗାଡ଼ି, ନଗଦ ଟଙ୍କା, ଦାମୀ ଗୃହ ଉପକରଣ ମିଳିଛି। ତଦନ୍ତ ଚାଲିଥିବା ଯୋଗୁ ମିଳିଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ଜଣାପଡ଼ିନାହିଁ।

### ଗୋଷ୍ଠୀ ସଂଘର୍ଷରେ ଯୁବକ ମୃତ

**ଢେଙ୍କାନାଳ ଅଫିସ, ୨୭।୫:** ଭୋଜିଭାତକୁ କେନ୍ଦ୍ର କରି ହୋଇଥିବା ଗୋଷ୍ଠୀ ସଂଘର୍ଷ ଜଣେ ଯୁବକଙ୍କ ଜୀବନ ନେଇଛି। ଘଟଣା ଘଟିଛି ଢେଙ୍କାନାଳ ସଦର ଥାନା ମୁଳିଝରି ନିକଟରେ। ପୋଲିସ ସୂଚନା ଅନୁଯାୟୀ, ଗ୍ରାମ ପୋଖରୀ ପାଖରେ ଶଙ୍କରପୁର ଏବଂ ପର୍ବତିଆ ଗ୍ରାମର କେତେଜଣ ଯୁବକ ପୃଥକ ଭାବେ ଭୋଜି କରୁଥିଲେ। କୌଣସି କଥାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ସୃଷ୍ଟି ହୋଇ ଉଗ୍ରରୂପ ନେଇଥିଲା। ଏଥିରେ ପର୍ବତିଆ ଗ୍ରାମର ରାଜେନ୍ଦ୍ର ରାଉତ ଓରଫ୍ ମିଟୁ (୩୨) ଗୁରୁତର ହୋଇଥିଲେ। ତାଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ସଦର ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ସଦଳବଳ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଘଟଣା ପରେ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି। ଖବର ଲେଖାଯିବା ସୁଦ୍ଧା ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାପଡ଼ିଛି।

### ସଙ୍ଗରୋଧ କେନ୍ଦ୍ରରେ ଅଗ୍ନିକାଣ୍ଡ, ଅଳ୍ପକେ ବର୍ତ୍ତିଲେ ପ୍ରବାସୀ



**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ,୨୭।୫ (ଡ଼ି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଜଳମଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ ଭଗିବିନ୍ଧା ନୋଡାଲ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ମଙ୍ଗଳବାର ରାତି ପ୍ରାୟ ୮ଟା ୧୦ରେ ଅଗ୍ନିକାଣ୍ଡ ଘଟିଛି। ଏଠାରେ ରହୁଥିବା ପ୍ରବାସୀଙ୍କ ପାଇଁ ରୋଷେଇ ଚାଲିଥିବାବେଳେ ବ୍ୟବହୃତ ଗ୍ୟାସ ଟାଙ୍କି ପାଇପ ଖୋଲିଯିବାରୁ ଏହି ଅଗ୍ନିକାଣ୍ଡ ଘଟି ବହୁ ଆସବାବପତ୍ର ପୋଡ଼ି ନଷ୍ଟ ହୋଇ ଯାଇଛି। ଭଣ୍ଡାରିପୋଖରୀ ଦମକଳ କେନ୍ଦ୍ରର ଅଧିକାରୀ ରମାକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡ ସମୟରେ ସେଠାରେ ରହୁଥିବା ୩୨ଜଣ ପ୍ରବାସୀ ଭୟରେ ପଦାକୁ ଦୌଡ଼ି ପଳାଇ ଆସିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେବେ ରୋଷେଇ ହୋଇ ନ ପାରିବାରୁ ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ ଦାସ ପ୍ରବାସୀମାନଙ୍କ ପାଇଁ ରାତ୍ରି ଭୋଜନରେ ଶୁଖିଲା ଖାଦ୍ୟ ବ୍ୟବସ୍ଥା କରିଥିଲେ।

## ୭ ବରିଷ୍ଠ ପୋଲିସ ଅଧିକାରୀଙ୍କ ପଦୋନ୍ନତି

**ଭୁବନେଶ୍ୱର,୨୭।୫ (ବ୍ୟୁରୋ):** ଓଡିଶା ପୋଲିସରେ ଭାରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଭାବେ କାର୍ଯ୍ୟରତ ୭ଜଣ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏ ନେଇ ଗୃହ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବୌଦ୍ଧରେ ଭାରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଭାବେ କାର୍ଯ୍ୟ କରୁଥିବା ଭି. ରଘୁନାଥ ରାଓ ଏବଂ ଖୋର୍ଦ୍ଧାରେ କାର୍ଯ୍ୟରତ ଅଜୟ ପ୍ରତାପ ସ୍ୱାଇଁଙ୍କୁ ପଦୋନ୍ନତି ପରେ ଉକ୍ତ ସ୍ଥାନରେ ଆରକ୍ଷୀ ଅଧୀକ୍ଷକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ରାଉରକେଲା ଏସ୍‌ଆର୍‌ପି ଇନଚାର୍ଜ ଭାବେ କାର୍ଯ୍ୟ କରୁଥିବା ତ୍ରିନାଥ ପଟେଲଙ୍କୁ ପଦୋନ୍ନତି ଦିଆଯାଇ ଉକ୍ତ ସ୍ଥାନରେ ଅଧୀକ୍ଷକ ଭାବେ ଅବସ୍ଥାପିତ କରାଯାଇଛି। ଉତ୍ତର-କେନ୍ଦ୍ରାଞ୍ଚଳ ଡିଆଇଜିଙ୍କ ସମ୍ବଲପୁର କାର୍ଯ୍ୟାଳୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଥିବା ସୁରେଶ ଚନ୍ଦ୍ର ପରିଡ଼ାଙ୍କୁ ଉକ୍ତ ସ୍ଥାନରେ ଆରକ୍ଷୀ ଅଧୀକ୍ଷକ (କମ୍ପ୍ୟୁଟର) ଭାବେ ନିଯୁକ୍ତି ଦିଆଯାଇଛି। ବାଲେଶ୍ୱରର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଥିବା ତୁଷାରକାନ୍ତ ଜେନାଙ୍କୁ କଟକ ପିଏମ୍‌ଟି ଆରକ୍ଷୀ ଅଧୀକ୍ଷକ ଭାବେ ଅବସ୍ଥାପିତ କରାଯାଇଛି। କଟକ ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ କିଶୋର କୁମାର ଡଙ୍ଗାୟତଙ୍କୁ କଟକ ଏସ୍‌ଆର୍‌ପିସି ଆରକ୍ଷୀ ଅଧୀକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବାଲେଶ୍ୱରର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଭାବେ କାର୍ଯ୍ୟରତ ତପନ କୁମାର ପଟ୍ଟନାୟକଙ୍କୁ ପଦୋନ୍ନତି ପରେ କଟକ ସିଆଇଡି ସିବି କାର୍ଯ୍ୟାଳୟକୁ ବଦଳି କରାଯାଇଛି।

## ଯୁବକଙ୍କୁ ଅପହରଣ ପରେ ହତ୍ୟା

ପାଟପୁର,୨୭।୫

■ ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର
■ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଟି.ଗୋବିନ୍ଦପୁର ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଜଙ୍ଗଲରୁ ପାଟପୁର ପୋଲିସ ବୁଧବାର ଗଛରେ ବନ୍ଧା ହୋଇଥିବା ଅବସ୍ଥାରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ସେ ହେଲେ ବ୍ରହ୍ମପୁର ଶାସ୍ତ୍ରୀନଗରର ବିଭୁପ୍ରସାଦ ଦାସ (୨୦)। ଶ୍ରୀରାମନଗର ଗ୍ରାମରୁ ଶନିବାର ଅପରାହ୍ନରେ ତାଙ୍କୁ ଅପହରଣ କରାଯାଇଥିଲା।

ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ପାଟପୁର ଆଇଆଇସି ଅଜୟ କୁମାର ବାରିକ, ଛତ୍ରପୁର ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପାରିପାର୍ଶ୍ୱିକ ସ୍ଥିତି ଓ ପ୍ରାଥମିକ ତଦନ୍ତରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୋଲିସ ଜାଣିବାକୁ ପାଇଛି।

ପ୍ରକାଶ ଯେ, ବ୍ରହ୍ମପୁର ଶାସ୍ତ୍ରୀନଗରର ବିଭୁପ୍ରସାଦ ଗଜପତି ଜିଲା ଅଡବା ଗ୍ରାମର ଉଦ୍ଧବ ଗୌଡ଼ ଓ ପଦାଗାଁର ଗଙ୍ଗାଧର ପାତ୍ର ଏକ କାର୍‌ରେ ପାଟପୁର ଥାନା ତପ୍ତପାଣି ନିକଟସ୍ଥ ଶ୍ରୀରାମନଗର ଗ୍ରାମର ଜଣେ ଯୁବକଙ୍କ ଘରକୁ ଆସିଥିଲେ। ସମ୍ପୃକ୍ତ ଯୁବକ ଓ ତାଙ୍କ ସାନଭାଇ ପ୍ରଥମେ ବିଭୁପ୍ରସାଦଙ୍କୁ ବାଇକରେ ବସାଇ କେଉଁଆଡେ ନେଇଯାଇଥିଲେ। କିଛି ସମୟପରେ ସମ୍ପୃକ୍ତ ଯୁବକଙ୍କ ସାନଭାଇ ଆସି ବିଭୁପ୍ରସାଦଙ୍କୁ ଆଣିବାକୁ ଯିବା କହି ଗଙ୍ଗାଧରଙ୍କୁ ନେଇଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ କେହି ନ ଫେରିବାରୁ ଉଦ୍ଧବ ଘଟଣା ସମ୍ପର୍କରେ ବିଭୁଙ୍କ ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ। ରବିବାର ମଧ୍ୟାହ୍ନରେ ଗଙ୍ଗାଧରଙ୍କୁ ହାତଗୋଡ ବନ୍ଧା ଅବସ୍ଥାରେ କାଳିବୋରେଇ ଜଙ୍ଗଲ ନିକଟରୁ ଗ୍ରାମବାସୀ ଉଦ୍ଧାର କରିଥିଲେ। ମଙ୍ଗଳବାର ବିଭୁପ୍ରସାଦଙ୍କ ଦାଦା ପାଟପୁର ଥାନାରେ ତାଙ୍କ ପୁତୁରା ବିଭୁପ୍ରସାଦଙ୍କୁ ଅପହରଣ କରାଯାଇଥିବା ଏତଲା ଦେବାପରେ ପୋଲିସ ନଂ.୧୧୫/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।



ମୃତ ବିଭୁପ୍ରସାଦଙ୍କ ଫାଇଲ ଫଟୋ।

## ୬ ଜିଲାରେ ସକାଳୁଆ ମାଟ୍ରିକ ଖାତା ଦେଖା

ଭୁବନେଶ୍ୱର, ୨୭।୫(ବ୍ୟୁରୋ)- ଚଳିତବର୍ଷ ମାଟ୍ରିକ ଖାତା ଦେଖା ୨୬ ତାରିଖରୁ ଆରମ୍ଭ ହୋଇଛି। ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖାତା ଦେଖା ପ୍ରକ୍ରିୟା ଚାଲୁଛି। ପ୍ରବଳ ଖରା ଯୋଗୁ ରାଜ୍ୟର ୬ ଜିଲାରେ ସକାଳୁଆ ଖାତା ଦେଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ବଲାଙ୍ଗୀର, ନୂଆପଡ଼ା, କେନ୍ଦୁଝର, କଳାହାଣ୍ଡି, ବରଗଡ଼ ଓ ସମ୍ବଲପୁର ଜିଲାରେ ସକାଳ ସାଢ଼େ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ଖାତା ମୂଲ୍ୟାୟନ ହେବ। ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ନମ୍ବର ଏଣ୍ଟ୍ରିକରିପାରିବେ। ବୁଧବାର ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଏହି ୬ ଜିଲାର ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି।

## ୧୦ ନମ୍ବର ୱାର୍ଡରୁ ଉଠିଲା ଶଟ୍‌ଡାଉନ

**କେନ୍ଦ୍ରାପଡ଼ା ଅଫିସ, ୨୭।୫:** କେନ୍ଦ୍ରାପଡ଼ା ସହରର ୧୦ ନମ୍ବର ୱାର୍ଡରୁ ଜଣେ ଯୁବକ କରୋନା ଆକ୍ରାନ୍ତ ଚିହ୍ନଟ ପରେ କଣ୍ଟେନ୍‌ମେଣ୍ଟ ଜୋନ୍ ୨୫ ତାରିଖରେ ଘୋଷଣା ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଏହି ଅଞ୍ଚଳକୁ ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ କରାଯାଇଥିଲା। ବୁଧବାର ଅପରାହ୍ନ ୫ଟାରେ ଏହାକୁ ଉଠାଇ ଦିଆଯାଇଛି। ଏହି ଅଞ୍ଚଳର ଜଣେ ଯୁବକ ହାଇଦ୍ରାବାଦରୁ ଗତ ୧୬ ତାରିଖରୁ ଫେରି ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଗତ ୨୧ ତାରିଖରେ ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଘରେ ସଙ୍ଗରୋଧ ନିୟମ ମାନି ଚଳିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ରିପୋର୍ଟ ଆସିବା ପରେ ଯୁବକ କରୋନା ଆକ୍ରାନ୍ତ ବୋଲି ଜଣାପଡିଥିଲା।

## ପ୍ରଚଣ୍ଡ ଗ୍ରୀଷ୍ମ: ୪୦ ଡିଗ୍ରୀ ଉପରେ ୧୪ ସହର

ଭୁବନେଶ୍ୱର,୨୭।୫(ବ୍ୟୁରୋ)

**ଆଉ ଦୁଇଦିନ ତତେଇବ**

ପ୍ରଚଣ୍ଡ ଗ୍ରୀଷ୍ମରେ ଆଉଟ ପାଉଟ ହେଉଛି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା। ଦେହ ମୁଣ୍ଡ ଝାଇଁ ଝାଇଁ କରି ଦେଉଛି। ଉପକୂଳରେ ମଧ୍ୟ ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଛି। ଯଦିଓ ତାତି କମ୍ ରହିଛି ତେବେ ଦେହମୁଣ୍ଡରୁ ଗମ୍‌ଗମ୍ ହୋଇ ଝାଳ ବୋହୁଛି। ଏଭଳି ପାଗ ଆହୁରି ୨ଦିନ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବୁଧବାର ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଡେଇଁ ଯାଇଛି। ରାଜ୍ୟର ୧୪ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳରେ ସର୍ବୋଚ୍ଚ ତାପମାତ୍ରା ୪୩.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ଼ ୪୩, ବୌଦ୍ଧ ୪୨.୮, ସମ୍ବଲପୁର ୪୨.୬, ହୀରାକୁଦ ୪୨.୫, ବଲାଙ୍ଗୀର ୪୨.୫, ତାଳଚେର ୪୨.୫, ସୋନପୁର ୪୨.୪, ଝାରସୁଗୁଡ଼ା ୪୨.୨, ଭବାନୀପାଟଣା ୪୨, ମାଲକାନଗିରି ୪୧, ଫୁଲବାଣୀ ୪୦.୪, ପାରଳାଖେମୁଣ୍ଡି ୪୦ ଏବଂ ସୁନ୍ଦରଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର ଏବଂ କଳାହାଣ୍ଡିରେ ପ୍ରବଳ ଗ୍ରୀଷ୍ମପ୍ରବାହ ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉକ୍ତ ଜିଲାଗୁଡ଼ିକରେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୩୦ ତାରିଖ ଯାଏ ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶା ଜିଲାଗୁଡ଼ିକରେ ଗ୍ରୀଷ୍ମପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଘରୁ ପଦାକୁ ବାହାରିବା ବେଳେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏହି ସମୟରେ ବୃଦ୍ଧ, ଅସୁସ୍ଥ ବ୍ୟକ୍ତି ଏବଂ ଶିଶୁମାନେ ପଦାକୁ ନ ବାହାରିବାକୁ ସତର୍କ କରାଯାଇଛି।

## କୋଭିଡ୍ କେନ୍ଦ୍ରରେ ଶିକ୍ଷକଙ୍କୁ ଦୁର୍ବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ: ଗଣଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ୨୭।୫(ବ୍ୟୁରୋ):** କୋଭିଡ୍ କେନ୍ଦ୍ରଗୁଡ଼ିକରେ କର୍ତ୍ତବ୍ୟରତ ଶିକ୍ଷକମାନଙ୍କୁ ଦୁର୍ବ୍ୟବହାର ଆଦୌ ବରଦାସ୍ତ କରାଯିବ ନାହିଁ। ଏପରି ଅସାମାଜିକ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ମହାମାରୀ କରୋନା ବିରୋଧରେ ସଂଗ୍ରାମ ଜାରି ରହିଛି। ଏହି ଲଢ଼େଇରେ ପ୍ରାୟ ୬୨ହଜାର ୪୩୬ ଜଣ ଶିକ୍ଷକ ସମ୍ପୂର୍ଣ୍ଣ ଭାବେ ନିଜକୁ ଉତ୍ସର୍ଗୀକୃତ କରିଛନ୍ତି। ତେବେ ରାଜ୍ୟର କେତେକ କୋଭିଡ୍ କେନ୍ଦ୍ରରେ ଅସାମାଜିକ ବ୍ୟକ୍ତିମାନେ ଦାୟିତ୍ୱ ନିର୍ବାହ କରୁଥିବା ଶିକ୍ଷକଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଗତ ୨୨ ତାରିଖରେ ଗଞ୍ଜାମ ଜିଲାର ଜଗନ୍ନାଥ ପ୍ରସାଦ ବ୍ଲକ ଅନ୍ତର୍ଗତ କ୍ଷେତମୁଣ୍ଡାଳି ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ନାୟକଙ୍କୁ ଦୁର୍ବ୍ୟବହାର ଓ ୨୪ ତାରିଖରେ ବାଲେଶ୍ୱର ଜିଲା ଖଇରା ବ୍ଲକ୍ ଅନ୍ତର୍ଗତ ତୋଟାପଡ଼ା ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀଧର ପରିଡ଼ାଙ୍କୁ ଶାରୀରିକ ନିର୍ଯାତନା ଦିଆଯିବା କଥା ପ୍ରଶାସନର ଦୃଷ୍ଟିଗୋଚର ହୋଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ଓ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ସହ ଆଲୋଚନା ମଧ୍ୟ ହୋଇଛି। ଶିକ୍ଷକଙ୍କ ଉତ୍ସର୍ଗୀକୃତ ସେବା ମନୋଭାବକୁ ସରକାର ଭୂୟସୀ ପ୍ରଶଂସା କରିବା ସହ ସେମାନଙ୍କୁ କାର୍ଯ୍ୟରେ ବିଚଳିତ ନ ହେବା ପାଇଁ ପରାମର୍ଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ୧୦ ଦାଦନଙ୍କୁ ବିମାନରେ ବିହାର ପଠାଇଲେ ଦିଲ୍ଲୀ କୃଷକ

ନୂଆଦିଲ୍ଲୀ,୨୭।୫(ପି.ଟି.)

ଲକ୍‌ଡାଉନ ଯୋଗୁ ଦୁଇମାସ ହେଲା ଦିଲ୍ଲୀରେ ଅଟକି ରହିଥିବା ବିହାରର ୧୦ ଜଣ ଦାଦନ ଶ୍ରମିକଙ୍କ ଘରକୁ ଫେରିବା ସ୍ୱପ୍ନକୁ ସାକାର କରିଛନ୍ତି ସେମାନଙ୍କ ନିଯୁକ୍ତିଦାତା କୃଷକ। ସାଇକେଲ, ବସ୍ କି ଟ୍ରେନ୍‌ରେ ନୁହେଁ, ସେମାନଙ୍କୁ ବିମାନରେ ଫେରିବା ଲାଗି ଦିଲ୍ଲୀର କୃଷକ ଜଣକ ଟିକେଟ ଯୋଗାଇଦେଇଥିଲେ। ଏଥିପାଇଁ ସେମାନେ ଦିଲ୍ଲୀର ଛତୁ ଚାଷୀ ପପ୍ପନ ସିଂଙ୍କୁ କୃତଜ୍ଞତା ଜଣାଇଛନ୍ତି। ଚାଲିଚାଲି କିମ୍ବା ସାଇକେଲ ଯୋଗେ ଏହି ଶ୍ରମିକମାନେ ବିହାରର ସମସ୍ତିପୁର ଫେରିବା ଲାଗି ଯୋଜନା କରିଥିଲେ। ହେଲେ ସେମାନେ ବିମାନରେ ଫେରିବେ, ଏକଥା ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ। ବିମାନରେ ଫେରୁଥିବାରୁ ସେମାନେ ଏତେ ଖୁସି ଯେ ବର୍ଣ୍ଣନା କରିବା ପାଇଁ ଶବ୍ଦ ନାହିଁ ବୋଲି ଲଖିନ୍ଦର ରାମ କହିଛନ୍ତି। ଏପରିକି ସେମାନଙ୍କର ବିମାନରେ ଫେରିବା କଥାକୁ ଘର ଲୋକେ ମଧ୍ୟ ବିଶ୍ୱାସକୁ ନେଇ ନ ଥିଲେ।

ମାର୍ଚ୍ଚ ୨୫ରେ ଲକ୍‌ଡାଉନ ହେବା ଦିନଠାରୁ ପପ୍ପନ ତାଙ୍କ ପାଖରେ କାମ କରୁଥିବା ଶ୍ରମିକମାନଙ୍କର ଖାଦ୍ୟ ଆଶ୍ରୟ ଆଦି ସବୁ କଥା ବୁଝୁଥିଲେ। ଶ୍ରମିକ ସ୍ପେଶିଆଲ ଟ୍ରେନ୍‌ରେ ସେମାନଙ୍କୁ ଘରକୁ ପଠାଇବା ପାଇଁ ଏକାଧିକ ଥର ଉଦ୍ୟମ କରି ବିଫଳ ହୋଇଥିଲେ ପପ୍ପନ। ଶେଷରେ ବିମାନରେ ପଠାଇବାକୁ ନିଷ୍ପତ୍ତି ନେଇଥିଲେ ସେ। ସେମାନଙ୍କ ପାଇଁ ୬୮ ହଜାର ଟଙ୍କା ଦେଇ ବିମାନ ଟିକେଟ କିଣିବା ସହ ବାଟରେ ଯେପରି ଅସୁବିଧା ନ ହେବ ସେଥିପାଇଁ ପ୍ରତ୍ୟେକଙ୍କୁ ୩୦୦୦ ଟଙ୍କା ଲେଖାଏଁ ଦେଇ ଘରକୁ ପଠାଇଥିଲେ।

## କରୋନା ସଂକ୍ରମଣକୁ ରୋକିବ କଟନ ମାସ୍କ

ଓଟୱା, ୨୭।୫

କରୋନା ସଂକ୍ରମଣକୁ ନେଇ ସାରା ପୃଥିବୀରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏହି ସଂକ୍ରମଣଠାରୁ କିଭଳି ଦୂରେଇ ରହିହେବ ଏବଂ ସଂକ୍ରମିତଙ୍କୁ ଶୀଘ୍ର ଚିହ୍ନଟ କରିହେବ ସେଥିନେଇ ଚିକିତ୍ସା ବିଜ୍ଞାନୀମାନେ ଗବେଷଣା ଜାରି ରଖିଛନ୍ତି। ସଂକ୍ରମଣରୁ ଦୂରେଇ ରହିବା ପାଇଁ ନିୟମିତ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ହାତ ଧୋଇବା, ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ବାହାରକୁ ବାହାରିବା ସମୟରେ ମାସ୍କ ପିନ୍ଧିବା ଜରୁରୀ ବୋଲି ଏଥିରେ ଦର୍ଶାଯାଇଛି। ତେବେ କେଉଁ ପ୍ରକାରର ମାସ୍କ କରୋନା ସଂକ୍ରମଣରୁ ଦୂରେଇ ରଖିବାକୁ ସକ୍ଷମ ହେବ ସେ ନେଇ କାନାଡ଼ାର ମାକମାଷ୍ଟର ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ସୂତା କପଡ଼ାରେ ତିଆରି ମାସ୍କ(କଟନ ମାସ୍କ) କରୋନା ଭୂତାଣୁକୁ ରୋକିବାରେ ସକ୍ଷମ ହୋଇଥାଏ। ଏକାଧିକ ପରସ୍ତ ଥିବା କପଡ଼ା ମାସ୍କ ବ୍ୟବହାର କଲେ କରୋନା ଭୂତାଣୁ ସହଜରେ ପାଟି ଅବା ନାକ ଦ୍ୱାରା ପ୍ରବେଶ କରିପାରି ନ ଥାଏ। ସଂକ୍ରମିତଙ୍କ ଛିଙ୍କ,କାଶ ଅଥବା କଥା କହିବା ଦ୍ୱାରା ତାଙ୍କଠାରୁ ୬ ମିଟର ଦୂରତା ମଧ୍ୟରେ ଘୁରି ବୁଲୁଥିବା କ୍ଷୁଦ୍ର ଜଳ କଣିକା ଯଦି କପଡ଼ା ମାସ୍କ ପିନ୍ଧିଥିବା ସୁସ୍ଥ ଲୋକଙ୍କ ପାଖରେ ପହଞ୍ଚେ ତେବେ ତାହା କପଡ଼ାରେ ଲାଗି ରହିଥାଏ କିମ୍ବା ଖସି ପଡ଼ିଥାଏ। ଏଭଳି ମାସ୍କରେ ଏକାଧିକ ପରସ୍ତ ଥିବାରୁ ଭୂତାଣୁ ସହଜରେ ନାକ କି ପାଟି ନିକଟରେ ପହଞ୍ଚି ପାରି ନ ଥାଏ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି ରିପୋର୍ଟ ଆନାଲ୍ସ ଅଫ୍ ଇଣ୍ଟରନାଲ ମେଡ଼ିସିନ୍ ଜର୍ନାଲରେ ପ୍ରକାଶ ପାଇଛି। ତିନି ପରସ୍ତ କପଡ଼ାରେ ପ୍ରସ୍ତୁତ ମାସ୍କ ଦ୍ୱାରା ୮୮ରୁ ୯୯ ପ୍ରତିଶତ ସୁଫଳ ମିଳିଥାଏ ବୋଲି ମାକମାଷ୍ଟର ବିଶ୍ୱବିଦ୍ୟାଳୟର ପ୍ରଫେସର କ୍ୟାଥେରାଇନ୍ କ୍ଲଜ୍ ସୂଚନା ଦେଇଛନ୍ତି। ତେବେ ସାର୍ସ-୨ ଭୂତାଣୁକୁ ରୋକିବାରେ ଏଭଳି ମାସ୍କ କେତେଦୂର ଉପଯୋଗୀ ହେବ ସେ ନେଇ କୌଣସି ପ୍ରତ୍ୟକ୍ଷ ପ୍ରମାଣ ମିଳିନାହିଁ ବୋଲି ସେ କହିଛନ୍ତି। ସେହିପରି ବ୍ୟବସାୟିକ ଭାବେ ୪ ପରସ୍ତ କପଡ଼ାରେ ତିଆରି ହେଉଥିବା ମାସ୍କ ୯୯ ପ୍ରତିଶତ ସୁଫଳ ପ୍ରଦାନ କରିଥାଏ। ଅପରପକ୍ଷରେ ମେଡିକାଲ ମାସ୍କରୁ ୯୬ରୁ୯୯ ପ୍ରତିଶତ ପର୍ଯ୍ୟନ୍ତ ସୁଫଳ ମିଳିପାରିଥାଏ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଗୋଟିଏ ପରସ୍ତ କପଡ଼ାରେ ତିଆରି ହେଉଥିବା ମାସ୍କ ୧୦ରୁ ୪୦ ପ୍ରତିଶତ ପର୍ଯ୍ୟନ୍ତ ସୁରକ୍ଷା ଦେଇଥାଏ। ସୂତା କପଡ଼ାରେ ତିଆରି ହୋଇଥିବା ୨ ପରସ୍ତ ମାସ୍କ ଦ୍ୱାରା କରୋନା ଭୂତାଣୁ ସଂକ୍ରମଣ ରୋକିବାରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ସଫଳତା ମିଳିଥାଏ। ତେଣୁ ମାସ୍କ ତିଆରି ସମୟରେ ଅଧିକ ପରସ୍ତ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଥିବା ରିପୋର୍ଟରେ କୁହାଯାଇଛି। ମାସ୍କର ପରସ୍ତ ବଢ଼ିବା ସହିତ ସୁରକ୍ଷା ବ୍ୟବସ୍ଥା ମଧ୍ୟ ବଢ଼ିଥାଏ। କରୋନା ମହାମାରୀ ସଙ୍କଟରେ ଏଭଳି ମାସ୍କ ବେଶ୍ ଉପଯୋଗୀ ବୋଲି କ୍ୟାଥେରାଇନ୍ କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅଲିସ୍କା
ପରିବାରବର୍ଗ


ଶ୍ରୀୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ହୋମ୍ କ୍ୱାରାଣ୍ଟାଇନ୍‌ରେ କୋରାପୁଟ ଏମ୍‌ପି

**ଜୟପୁର,୨୭।୫ (ଡି.ଏନ.ଏ.)**

କୋରାପୁଟ ଲୋକ ସଭା ଏମ୍‌ପି ସପ୍ତଗିରି ଉଲ୍ଲାକା ଗତ ମଙ୍ଗଳବାରଠାରୁ ରାୟଗଡ଼ା ସହରସ୍ଥିତ ନିଜ ଘରେ କ୍ୱାରାଣ୍ଟାଇନରେ ରହିଛନ୍ତି। ମଙ୍ଗଳବାର ସେ ଦିଲୀରୁ ବିମାନ ଯୋଗେ ଭୁବନେଶ୍ୱର ଫେରିବା ପରେ ନିଜ କାର ଯୋଗେ ରାୟଗଡ଼ା ବାସଭବନକୁ ଫେରିଥିଲେ। ବାହାରୁ ଫେରିଥିବା ଯୋଗୁ ରାୟଗଡ଼ା ପୌରସଂସ୍ଥା ପକ୍ଷରୁ ତାଙ୍କ ବାସଭବନ ଫାଟକରେ ନୋଟିସ ମାରି ୧୪ ଦିନ ହୋମ୍ କ୍ୱାରାଣ୍ଟାଇନରେ ଆସନ୍ତା ୮ ପର୍ଯ୍ୟନ୍ତ ରହିବା ପାଇଁ କୁହାଯାଇଛି। ସେ ନିଜ ଘରେ ପହଞ୍ଚିବା ପରେ ପୌରସଂସ୍ଥା ପକ୍ଷରୁ ତାଙ୍କର ସ୍କ୍ରିନିଂ କରାଯିବା ସହ କରୋନା ସମ୍ପର୍କିତ ସମସ୍ତ ପ୍ରକ୍ରିୟା ହୋଇଥିଲା। ଗତ ୨ ମାସ ପୂର୍ବରୁ ଏମ୍‌ପି ଉଲ୍ଲାକା ଏକ ବୈଠକରେ ଯୋଗଦେବାକୁ ଦିଲ୍ଲୀ ଯାଇଥିଲେ। ହଠାତ୍ ଲକ୍‌ଡାଉନ ଯୋଗୁ ସେ ଫେରିବା ସମ୍ଭବ ହୋଇପାରି ନ ଥିଲା। ବର୍ତ୍ତମାନ ଘରୋଇ ବିମାନସେବା ଆରମ୍ଭ ହେବା ପରେ ସେ ଫେରିଥିବା ଉଲ୍ଲାକା କହିଛନ୍ତି।

# ମା'ଙ୍କ ଚିକିତ୍ସା ପାଇଁ ଟଙ୍କା ଦେଇ ଝିଅକୁ ଅଟକ

**ନବରଙ୍ଗପୁର,୨୭।୫(ବି.ପ୍ର.)**

## ତେଲଙ୍ଗାନା ଇଟାଭାଟି ମାଲିକଙ୍କ କାରନାମା

ମା'ଙ୍କ ଚିକିତ୍ସା ପାଇଁ ଇଟାଭାଟି ମାଲିକଠାରୁ ଟଙ୍କା ନେଇଥିଲେ। ମା'ଙ୍କ ଦେହାନ୍ତ ହୋଇଯିବା ପରେ ଟଙ୍କା ପାଇଁ ଝିଅକୁ ତେଲଙ୍ଗାନାର ଏକ ଇଟାଭାଟି ମାଲିକ ଅଟକ ରଖିଛନ୍ତି। ଅଟକଥିବା ଉକ୍ତ ଝିଅକୁ ଉଦ୍ଧାରକରି ଆଣିବା ପାଇଁ ଭାଜପା ପକ୍ଷରୁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମା କେନାଲସାହିର ନରେନ୍ଦ୍ର ପାଣିଗ୍ରାହୀଙ୍କ ପ୍ରାୟ ଅଢ଼େଇ ବର୍ଷପୂର୍ବେ ମୃତ୍ୟୁ ଘଟିଥିଲା। ଏହା ପରେ ତାଙ୍କ ସ୍ତ୍ରୀ ଅନାଦି ପାଣିଗ୍ରାହୀ ଓ ସାନଝିଅ ସାଗରିକା ତେଲଙ୍ଗାନାର ଏକ ଇଟାଭାଟିରେ ଦାଦନ ଖଟିବାକୁ ଯାଇଥିଲେ। ତେବେ ଅନାଦିଙ୍କ ଦେହ ଅସୁସ୍ଥ ହେବା କାରଣରୁ ଚିକିତ୍ସା ପାଇଁ ସେ ଇଟାଭାଟି ମାଲିକଙ୍କଠାରୁ କିଛି ଟଙ୍କା ଆଣି ଚନ୍ଦାହାଣ୍ଡି ଫେରିଥିଲେ। କିନ୍ତୁ ଗତ ୪ତାରିଖରେ ଅନାଦିଙ୍କ ଦେହାନ୍ତ ହୋଇଥିଲା। ଏହା ଜାଣିବା ପରେ ସାଗରିକାଙ୍କୁ ମାଲିକ ଘରକୁ ଛାଡ଼ି ନ ଥିଲେ। ମାଲିକଙ୍କଠାରୁ ଅନାଦି ଟଙ୍କା ନେଇଥିବାରୁ ସାଗରିକାଙ୍କୁ ସେ ଛାଡୁ ନାହାନ୍ତି। ବର୍ତ୍ତମାନ ଘରେ ଅନାଦିଙ୍କ ବଡ଼ଝିଅ ପ୍ରିୟଙ୍କା ସାନଭଉଣୀର ଫେରିବା ବାଟକୁ ଚାହିଁ ରହିଛନ୍ତି। ଗତ ୧୯ ତାରିଖରେ ଭାଜପାର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ସାଗରିକାଙ୍କୁ ଫେରାଇ ଆଣିବାକୁ ଲିଖିତ ଭାବେ ଅନୁରୋଧ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ପଦକ୍ଷେପ ନିଆଯାଇ ନ ଥିବା ଭାଜପା ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ସାଗରିକାଙ୍କୁ ତାଙ୍କ ଘରକୁ ଆଣିବାପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଅନାଦିଙ୍କ ମୃତ୍ୟୁ ପରେ ଜିଲା ପ୍ରଶାସନ ପକ୍ଷରୁ ୨ହଜାର ଟଙ୍କା ଦିଆଯାଇଛି।

# ଆଇଟି କ୍ଷେତ୍ର ଉପରେ ଲକ୍‌ଡାଉନ ପ୍ରଭାବର ସମୀକ୍ଷା କଲେ ମନ୍ତ୍ରୀ

ଭୁବନେଶ୍ୱର, ୨୭।୫(ବ୍ୟୁରୋ): ଲକ୍‌ଡାଉନ୍ ଯୋଗୁ ଓଡ଼ିଶାରେ ଆଇଟି କ୍ଷେତ୍ରରେ ପଡ଼ିଥିବା ପ୍ରଭାବ ସମ୍ପର୍କରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଲୋକସେବା ଭବନସ୍ଥିତ ପ୍ରକୋଷ୍ଠରେ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। କୋଭିଡ୍-୧୯ ପରିସ୍ଥିତିରେ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ମଧ୍ୟ ସମୀକ୍ଷା କରିଛନ୍ତି। ଏହାସହ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, ଓଡ଼ିଶାରେ ନିବେଶ ଲାଗି ନିଆଯାଉଥିବା ପଦକ୍ଷେପ ଏବଂ ଓଡ଼ିଶାର ବିଭିନ୍ନ ଆଇଟି କମ୍ପାନୀର ସମସ୍ୟା ସମ୍ପର୍କରେ ସେ ଆଲୋଚନା କରିଛନ୍ତି। ଏହାପରେ ସେ କ୍ରୀଡ଼ା ଭିତ୍ତିଭୂମିର ସମୀକ୍ଷା କରିବା ସହ ବିଭିନ୍ନ କ୍ଷତି ସମ୍ପର୍କରେ ଆଲୋଚନା କରିଛନ୍ତି । ସେହିପରି ଓଡ଼ିଶାରେ ହେବାକୁ ଥିବା ଅନ୍ତର୍ଜାତୀୟ ଇଭେଣ୍ଟର ସ୍ଥିତି, କ୍ରୀଡ଼ାବିତ୍‌ଙ୍କ ଅଭ୍ୟାସ, ଜିଲା ସ୍ପୋର୍ଟସ ଅଫିସ ଏବଂ ହଷ୍ଟେଲଗୁଡ଼ିକରେ ମାନବ ସମ୍ବଳ ଓ ପରିଚାଳନା ବିଷୟରେ ଆଲୋଚନା ହୋଇଛି। ବିପିଏଡ୍ କଲେଜ ଓ ସ୍ପୋର୍ଟସ ହଷ୍ଟେଲ ଖୋଲିବା, ନବନିର୍ମିତ ବିପିଏଡ୍ କଲେଜ ଜମିର ସ୍ଥିତି, ମିନିଷ୍ଟାଡିୟମ ଓ ମୁକ୍ତାକାଶ ଜିମ୍ ଏବଂ ବିଜୁ ଯୁବବାହିନୀ କାର୍ଯ୍ୟକ୍ରମ ନେଇ ମନ୍ତ୍ରୀ ବେହେରା ସମୀକ୍ଷା କରିଛନ୍ତି।


ରେଷ୍ଟୁରାଣ୍ଟରେ ଖାଇବାବେଳେ କରୋନା ସଂକ୍ରମଣକୁ କିପରି ଏଡ଼ାଯାଇ ପାରିବ ସେନେଇ ପ୍ୟାରିସ୍‌ରେ ଜଣେ ମହିଳା ଓ ପୁରୁଷ ପ୍ଲାଷ୍ଟିକ୍ ସିଲ୍ଡ ଭିତରେ ରହି ପ୍ରଦର୍ଶନ କରୁଛନ୍ତି। ଫ୍ରାନ୍ସରେ ରେଷ୍ଟୁରାଣ୍ଟଗୁଡ଼ିକ ଖୋଲିବାକୁ ପ୍ରସ୍ତୁତ ହେଉଥିବାବେଳେ ବିଚିତ୍ର ଦେଖାଯାଉଥିବା ଏହି ସୁରକ୍ଷା ଉପକରଣର ଚାହିଦା ବଢ଼ିବାରେ ଲାଗିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୂଅରେ ପଡ଼ିଲା ମାଠିଆ;**
**ବୁଢ଼ାଟା ଆଗରେ ଟୋକିଟା ଠିଆ,**
**କେମନ୍ତେ ସହିବ ହିଆ ?**

ବିବାହ ବେଳେ ବର ଓ କନ୍ୟାଙ୍କ ବୟସ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଏ। ସେମାନଙ୍କ ମଧ୍ୟରେ ବୟସର ତାରତମ୍ୟ ଯେତେ କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ସୁଖମୟ ହୋଇଥାଏ। ଏପରି ସ୍ଥଳେ ବୟସ୍କ ବ୍ୟକ୍ତି ସହ ଯୁବତୀ କନ୍ୟାର ବିବାହ ସମାଜ ଆଖିରେ ସେତେଟା ଗ୍ରହଣୀୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କିଏ ସାତ କିଏ ସତର**
**କିଏ ନିନ୍ଦା କିଏ ପଥର ।**

ସମସ୍ତଙ୍କ ସହିବା, କହିବା ଗୁଣ ସମାନ ନୁହେଁ । କାହାକୁ ପଦେ କହିଲେ ସେ ସାତପଦ କହିଦିଏ ତ ଆଉ କାହାକୁ କିଛି କହିଲେ ସେ ଏତେ ସହଣିକ ଯେ ସବୁ ଶୁଣିବି ପଥର ଭଳି ଟାଣ ହୋଇ ସବୁ ସହିଯାଏ । କୌଣସି ଉତ୍ତର ବି ଦେଇ ନ ଥାଏ। ସବୁ ଲୋକ ସମାନ ନୁହନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପ୍ରବାସୀ ଶ୍ରମିକଙ୍କ ଦକ୍ଷତା ଚିହ୍ନଟ ହେଉ

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି ଜଣାଇଲେ ସିପିଜିଏ ଅଧ୍ୟକ୍ଷ

କୋଭିଡ୍-୧୯ ସଂକ୍ରମଣ ଆଶଙ୍କାରେ ସମଗ୍ର ଦେଶକୁ ୨ ମାସ କାଳ ଲକ୍‌ଡାଉନ୍‌ରେ ରଖାଯାଇଛି। ଏଥିଯୋଗୁ କାମଧନ୍ଦା ସବୁକିଛି ବନ୍ଦ ହୋଇଯାଇଛି। ପ୍ରବାସୀ ଶ୍ରମିକମାନେ କାମଧନ୍ଦା ହରାଇ ଘରମୁହାଁ ହୋଇଛନ୍ତି। ଓଡ଼ିଶାକୁ ମଧ୍ୟ ବହୁ ଶ୍ରମିକ ଫେରିଛନ୍ତି। ଫେରିବା ପ୍ରକ୍ରିୟା ମଧ୍ୟ ଜାରି ରହିଛି। ତେବେ ସେହି ଘରବାହୁଡ଼ା ଶ୍ରମିକମାନଙ୍କୁ ପୁନଃ ଥଇଥାନ କରିବା ପାଇଁ ସେମାନଙ୍କର ସ୍କିଲ୍ ମ୍ୟାପିଂ(ଦକ୍ଷତା ଚିହ୍ନଟ) ଏବଂ ନିଯୁକ୍ତି ସାରଣୀ ପ୍ରସ୍ତୁତ କରିବାକୁ ଓଡ଼ିଶା ଖଦିବୋର୍ଡର ପୂର୍ବତନ ଅଧ୍ୟକ୍ଷ ତଥା ସେଣ୍ଟର ଫର ପଲିସି, ଗଭର୍ନାନ୍ସ ଆଣ୍ଡ ଆଡଭୋକେସି (ସିପିଜିଏ) ଅଧ୍ୟକ୍ଷ ତେଜେଶ୍ୱର ପରିଡା ଦାବି କରିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ସେ କହିଛନ୍ତି ଯେ, ଉତ୍ତରପ୍ରଦେଶ ସରକାର ଅନ୍ୟ ରାଜ୍ୟରେ କାର୍ଯ୍ୟ କରୁଥିବା ୧୫ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକଙ୍କର ଦକ୍ଷତା ଆକଳନ କରିବା ସହ ସେମାନଙ୍କ ନିଯୁକ୍ତି ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିସହିତ ବିନାନୁମତିରେ ସେଠାକାର ଶ୍ରମିକମାନେ ଅନ୍ୟ ରାଜ୍ୟକୁ କାମ କରିବାକୁ ନ ଯିବା ଲାଗି ଉତ୍ତରପ୍ରଦେଶ ସରକାର ଏକ ନିର୍ଦ୍ଦେଶନାମା ମଧ୍ୟ ଜାରି କରିଛନ୍ତି। ଶ୍ରମିକମାନଙ୍କର ସୁରକ୍ଷା ଓ ଜୀବିକା ନିଶ୍ଚିତ କରିବା ପରେ ଅନ୍ୟ ରାଜ୍ୟକୁ ଯିବା ପାଇଁ ଅନୁମତି ଦିଆଯିବ। ଶ୍ରମିକମାନଙ୍କ କଲ୍ୟାଣ ପାଇଁ ପ୍ରବାସୀ ଶ୍ରମିକ ଆୟୋଗ ଗଠନ କରାଯାଇଛି। ସେହିପରି ଓଡ଼ିଶାରେ ଶ୍ରମିକମାନଙ୍କର ଦକ୍ଷତା ଆକଳନ କରି ସେମାନଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଉଛି। ପ୍ରବାସୀ ଶ୍ରମିକମାନଙ୍କ ପାଇଁ ମଧ୍ୟ ଏକ କମିଶନ ଗଠନ କରାଯାଉ ବୋଲି ତେଜେଶ୍ୱର ଦାବି କରିଛନ୍ତି। ଚଳିତ ବର୍ଷ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ କେବଳ ଶ୍ରମିକମାନଙ୍କ ପାଇଁ ଉତ୍ସର୍ଗ କରିବା ଦରକାର। ଶ୍ରମିକମାନଙ୍କୁ କେବଳ କେଉଁ ରାଜ୍ୟରୁ ଆସିଛନ୍ତି ଓ ସେମାନଙ୍କର ଠିକଣା ରଖି ଛାଡି ଦିଆଯାଉଛି ଅଥବା କ୍ୱାରାଣ୍ଟାଇନ୍‌ରେ ରଖାଯାଉଛି। ପ୍ରବାସୀମାନଙ୍କର ଦକ୍ଷତା ଆକଳନ କରିବା ସହ ସେମାନଙ୍କୁ ରାଜ୍ୟରେ ନିଯୁକ୍ତି ଦେବାର ବ୍ୟବସ୍ଥା କରିବାକୁ ପରିଡା ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପଛଘୁଞ୍ଚା ଦେବନି ...

ଭାରତୀୟ ସେନା ମଧ୍ୟ ସମ୍ପୃକ୍ତ ଅଞ୍ଚଳରେ ଅନୁରୂପ ଅଭ୍ୟାସ ଚଳାଇଛି। ଉକ୍ତ ବିବାଦକୁ ନେଇ ଗତ ସପ୍ତାହରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ କହିଥିଲେ, ଭାରତୀୟ ଯବାନମାନେ ପୂରା ପ୍ରସ୍ତୁତ। ସୀମାର ଭାରତୀୟ ପଟେ ରାସ୍ତା ନିର୍ମାଣ ବେଳେ ଚାଇନା ବିବାଦ ସୃଷ୍ଟି କରିଥିଲା। ଆମେ ଆମ ଦେଶର ସାର୍ବଭୌମତ୍ୱ ଓ ନିରାପତ୍ତାକୁ ସୁରକ୍ଷା ଦେବା ପାଇଁ ଦୃଢ଼ ପ୍ରତିଶ୍ରୁତିବଦ୍ଧ। ଇତିମଧ୍ୟରେ ଲଦାଖ ସୀମାରେ ଚାଇନା ସୈନ୍ୟ ବଳ ବଢ଼ାଇବା ସହ ତା'ର ଏୟାରବେସ୍‌କୁ ବିସ୍ତାର କରୁଥିବା ଉପଗ୍ରହ ଜରିଆରେ ସଂଗୃହୀତ ଚିତ୍ରରୁ ଜଣାପଡ଼ିଛି। ସୀମାରୁ ୨୦୦ କି.ମି ଦୂର ସ୍ଥିତ ଅତ୍ୟୁଚ୍ଚ ଅଞ୍ଚଳ ତିବ୍ବତର ନଗାରି ଗୁନ୍ସା ବିମାନବନ୍ଦରରେ ଚାଇନାର ଯୁଦ୍ଧବିମାନ ମୁତୟନ ଓ ସୈନ୍ୟ ଠୁଳ କରୁଥିବା ସାମ୍ନାକୁ ଆସିବା ପରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ, ଡିଫେନ୍ସ ଷ୍ଟାଫ୍ ମୁଖ୍ୟ (ସିଡିଏସ୍) ଜେନେରାଲ ବିପିନ ରାୱତଙ୍କ ସହ ତିନି ସେନା ମୁଖ୍ୟଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ସ୍ଥିତି ସମୀକ୍ଷା କରିଥିଲେ।

### ରାତି ୧ଟାରୁ ସ୍ନାନଯାତ୍ରା...

ତେଣୁ ଏହାର ବିକଳ୍ପ ସ୍ୱରୂପ ନିତି ସମ୍ପୃକ୍ତ ସେବାୟତଙ୍କ କରୋନା ଟେଷ୍ଟ କରାଯାଉଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ବୈଠକରେ ସ୍ନାନ ପୂର୍ଣ୍ଣିମା ନୀତିକାନ୍ତି ସମ୍ପର୍କରେ ଆଲୋଚନା କରାଯାଇଛି। ଦେବସ୍ନାନ ପୂର୍ଣ୍ଣିମା ପୂର୍ବ ରାତି ୧ଟାରୁ ୪ଟା ମଧ୍ୟରେ ପହଣ୍ଡି କରାଯିବ। ପୂର୍ବାହ୍ନ ସାଢେ ୧୦ଟାରେ ଛେରା ପହଁରା, ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଠାକୁରଙ୍କୁ ହାତୀବେଶ କରାଯିବ। ସେହିପରି ବାହୁଡ଼ା ପହଣ୍ଡି ଅପରାହ୍ନ ୫ଟାରୁ ରାତି ୮ଟା ମଧ୍ୟରେ ସରିବ। ଏହାପରେ ଠାକୁରଙ୍କ ସୁନାଚିତା ଏବଂ ରାହୁରେଖା ମଇଲମ ହେବ। ଦୀର୍ଘବର୍ଷ ପରେ ଏଥର ସ୍ନାନପୂର୍ଣ୍ଣିମା ଦିନ ଅଣସର ବିଧି କରାଯିବା ଲାଗି ବୈଠକରେ ଆଲୋଚନା କରାଯାଇଥିବାବେଳେ ନୀତି ନିର୍ଘଣ୍ଟ ମଧ୍ୟ ହୋଇଛି। ଫଳରେ ଦୀର୍ଘବର୍ଷ ଧରି ସମୟ ଅଭାବରୁ ସ୍ନାନପୂର୍ଣ୍ଣିମା ଦିନ ଠାକୁରଙ୍କର ଅଣସର ନୀତି ସମ୍ଭବ ହୁଏ ନାହିଁ । ଫଳରେ ୧୫ଦିନ ବଦଳରେ ୧୪ ଦିନ ଅଣସର ବିଧି କରାଯାଏ । ହେଲେ ଏଥର ରାତି ୮ଟାରେ ବାହୁଡା ପହଣ୍ଡି ସରୁଥିବାରୁ ସ୍ନାନପୂର୍ଣ୍ଣିମା ଦିନ ହିଁ ଅଣସର ନୀତି କରାଯିବ, ଯାହାଫଳରେ ଚଳିତବର୍ଷ ୧୫ଦିନ ଅଣସର ହେବ ବୋଲି କୁହାଯାଉଛି ।
ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏଥର ସାହାଣମେଲା ଦର୍ଶନ ବନ୍ଦ ରହିବ ବୋଲି ନୀତି ନିର୍ଘଣ୍ଟରେ ଦର୍ଶାଯାଇଛି । ଫଳରେ କରୋନା ପାଇଁ ଚଳିତବର୍ଷ ଭକ୍ତମାନେ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସ୍ନାନ ଦର୍ଶନରୁ ବଞ୍ଚିତ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ବୈଠକରେ ରାଜେନ୍ଦ୍ରାଭିଷେକ ନୀତି, ରୁକ୍ମିଣୀହରଣ ଏକାଦଶୀ, ଚମ୍ପକ ଦ୍ୱାଦଶୀ ଓ ଦଇତାପ୍ରବେଶ ନୀତି, ସେନାପଟା ଲାଗି ଆଦି ନୀତିକାନ୍ତି ସମ୍ପର୍କରେ ଆଲୋଚନା କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର, ମାଧବ ଚନ୍ଦ୍ର ପୂଜାପଣ୍ଡା, ମାଧବ ଚନ୍ଦ୍ର ମହାପାତ୍ର, ଅନନ୍ତ ତିଆଡ଼ିଙ୍କ ସମେତ ଛତିଶା ନିଯୋଗର ସଭାପତି, ସମ୍ପାଦକ ଏବଂ ସଦସ୍ୟମାନେ ଯୋଗଦେଇଥିଲେ।

### ୨୯ରୁ ଶ୍ରୀଜଗନ୍ନାଥ, ଲିଙ୍ଗରାଜଙ୍କ ...

ପ୍ରଶାସନ ବିଲ୍ଡିଂର ପୁନର୍ବିକାଶ ପ୍ରକଳ୍ପ, ଜଗନ୍ନାଥ ସଂସ୍କୃତି କେନ୍ଦ୍ର ଆଦି ପ୍ରକଳ୍ପ ପାଇଁ ଡିଜାଇନ ପ୍ରସ୍ତୁତ କରାଯାଇଛି। ସେହିପରି ଲିଙ୍ଗରାଜ ମନ୍ଦିର ପ୍ରକଳ୍ପର ମଧ୍ୟ ବିଭିନ୍ନ କାର୍ଯ୍ୟ ପାଇଁ ପ୍ରସ୍ତୁତି ଚାଲିଛି। ଜମି ଅଧିଗ୍ରହଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ମନ୍ଦିର ଓ ବିନ୍ଦୁସାଗର ମଧ୍ୟବର୍ତ୍ତୀ ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ ଆରମ୍ଭ କରାଯିବ। ଏଥିପାଇଁ ଯୋଜନା ଓ ଡିଜାଇନ ପ୍ରସ୍ତୁତ କାର୍ଯ୍ୟ ଚାଲିଛି। ବିନ୍ଦୁସାଗର ଓ ଅନ୍ୟାନ୍ୟ ତୀର୍ଥ ପୁଷ୍କରିଣୀର ଜଳକୁ ନୂତନ ବୈଷୟିକ ଜ୍ଞାନ ସହାୟତାରେ ସ୍ୱଚ୍ଛ କରିବା ଓ ଏହାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ଇଣ୍ଡିଆନ କେମିକାଲ ଇନ୍‌ଷ୍ଟିଚ୍ୟୁଟ ସହିତ ଖୁବ୍‌ଶୀଘ୍ର ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହେବ। ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା, ଉନ୍ନୟନ କମିଶନର, ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି), ପୂର୍ତ୍ତ ସଚିବ, ପୁରୀ ଜିଲାପାଳ ପ୍ରମୁଖ ଯୋଗ ଦେଇଥିଲେ।
ସୂଚନାଯୋଗ୍ୟ ରାଜ୍ୟ ସରକାର ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟରେ ପରିଣତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୮୦୦ କୋଟି ଟଙ୍କା ବ୍ୟୟ କରାଯିବ। ଶ୍ରୀମନ୍ଦିର ସୁରକ୍ଷା ସହିତ ଏହି ଦ୍ୱାଦଶ ଶତାବ୍ଦୀର ପ୍ରାଚୀନ ଐତିହ୍ୟର ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସେହିପରି ଲିଙ୍ଗରାଜ ମନ୍ଦିର ଏତିହ୍ୟ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୭୦୦ କୋଟି ଟଙ୍କା ଖର୍ଚ୍ଚ କରିବେ।

### ରାଜ୍ୟରେ ଅଧାରୁ ଅଧିକ ...

ସୁନ୍ଦରଗଡ଼ରେ ୨ଜଣ ଲେଖାଏ ଥିବାବେଳେ ମୟୂରଭଞ୍ଜରେ ଜଣେ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୫୯୩ରେ ପହଞ୍ଚିଛି। ଅନ୍ୟପଟେ ବୁଧବାର ଆଉ ୭୯ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଭଦ୍ରକର ୨୮, ବାଲେଶ୍ୱରର ୧୭, ଗଞ୍ଜାମର ୧୧, ପୁରୀର ୭, ଯାଜପୁରର ୫, କଟକର ୪, କେନ୍ଦୁଝରର ୩, ଖୋର୍ଦ୍ଧା ଓ ବଲାଙ୍ଗୀରର ୨ଜଣ ଲେଖାଏ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏମାନଙ୍କୁ ମିଶାଇଲେ ରାଜ୍ୟରେ ଏବେ ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୮୧୨କୁ ବୃଦ୍ଧିପାଇଛି, ଯାହା ମୋଟ ଆକ୍ରାନ୍ତଙ୍କ ସଂଖ୍ୟାର ଅଧାରୁ ଅଧିକ। ଅର୍ଥାତ୍ ବର୍ତ୍ତମାନ ରାଜ୍ୟରେ ସକ୍ରିୟ ଆକ୍ରାନ୍ତ ୭୭୪ଜଣ ରହିଥିବାବେଳେ ଏହାଠାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ଟପିଯାଇଛି। ୧୦୯୨ଜଣ ସନ୍ଦିଗ୍ଧ ବିଭିନ୍ନ ହସ୍ପିଟାଲ ଆଇସୋଲେସନରେ ରହିଛନ୍ତି।

## classifieds Everyday
0674-2580101, 2549302

real estate

**SALE**

Gold on Booking. 4/5 BHK Duplex at Balianta. Construction-2200 @ 60Lakhs/ 2600 @ 70Lakhs. Mplanets: 9938219397/ 9861022055. D-17327

construction

**Interested to Construct newly built house with complete finishing@1200/- sqft. onward. Contact - 9861448065, 7992819489.** D-17351

healthcare

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69258

Herbal full body massage by smart / expert therapist. Contact: 8338067247. D-69255

Rejuvenate and Ayurvedic full body massage by smart therapist. 9114402304. D-69257

Newly open full body massage SPA in Bhubaneswar. Contact: 7205058838. D-69271

Newly open ayurvedic/ herbal body massage with smart therapist, 9777167531. D-59947

Newly open spa centre full body massage smart ladies: 8260347387. D-59948

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ବାଧକାଧିପତି ଶନିଙ୍କ ନକ୍ଷତ୍ରରେ ରହିଥିବାରୁ ବିଭିନ୍ନ ପ୍ରକାର ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରି ଚଳାଇ ନେଇପାରିବେ ନାହିଁ। ସାମାଜିକ କ୍ଷେତ୍ରରେ ଅଟକି ରହିଯାଇଥିବା କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ।

**ବୃଷ**
ସହକର୍ମୀଙ୍କ ସହାୟତାରେ ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଅଫିସ୍‌ରେ କାମର ଚାପ ପ୍ରଭାବରୁ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ସମସ୍ୟାକୁ କେନ୍ଦ୍ରକରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବାରୁ ମାନସିକ ଅଶାନ୍ତିର କାରଣ ହେବ। ତଥାପି ମୃଗଶିରା ନକ୍ଷତ୍ରର ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ମିଥୁନ**
ବନ୍ଧୁମାନଙ୍କ ସହାନୁଭୂତିର ସୁଯୋଗ ଲାଭ କରି ନିଜକୁ ଧନ୍ୟ ମନେକରିବେ। ଯେଉଁ କାମଟିକୁ ଆଜି ଯାଏ ଆପଣ କରି ପାରୁ ନ ଥିଲେ ଆଜି ମଧ୍ୟାହ୍ନ ପରେ ତାହା ସୁବିଧାରେ ହୋଇଯିବ। ବାରଣ ମାନି କାମ କଲେ ଅବଶ୍ୟ ଉପକୃତ ହେବେ। ଅଫିସରେ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ**
ଆଜି ଆପଣ ପ୍ରତିବନ୍ଧକ ମଧ୍ୟରେ ପରିସ୍ଥିତି ସହ ଲଢ଼େଇ କରି କାମ ହାସଲ କରିପାରିବେ। ଗତକାଲି ଠାରୁ ଆଜି ଯାହା କରିବା ପାଇଁ ଚିନ୍ତା କରିଥିଲେ ସେଥିରେ କୌଣସି ପ୍ରକାର ଅସୁବିଧା ହେବନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ।

**ସିଂହ**
ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। ବ୍ୟବସାୟ, ସଂଗଠନ, ପ୍ରଶାସନ, ବେତାର, ଗଣ ଯୋଗାଯୋଗ ପାଇଁ ଦିନଟି ବହୁତ ଭଲ। ଉଚ୍ଚପଦାଧିକାରୀଙ୍କ ସାମୟିକ କ୍ରୋଧରୁ କିଛିଟା ହଇରାଣ ହୋଇପାରନ୍ତି। ପରିବାରରେ ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗିରହିବ।

**କନ୍ୟା**
ଆଜି ଆକସ୍ମିକ ସ୍ୱାସ୍ଥ୍ୟହାନି ସାଙ୍ଗକୁ ବିଭିନ୍ନ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହୋଇପାରେ । ଅନ୍ୟମାନଙ୍କ ସକାଶେ ଦୀର୍ଘଦିନ ହେଲା ଯେଉଁ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇଥିଲେ ତାହା ଅକ୍ଳେଶରେ ହୋଇଯିବ।

**ତୁଳା**
ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କଲେ ସମସ୍ୟା ପ୍ରାୟତଃ ଆଗକୁ ବଢ଼ିପାରିବ ନାହିଁ।

**ବିଛା**
ଅଯଥା ଭୟ, ଆଶଙ୍କା ଓ ଉଦ୍‌ବେଗ ମଧ୍ୟରେ ଦିନଟିକୁ କଟାଇବେ। ଯାହାଙ୍କଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇ ମନ ଭଲ ରହିବ ନାହିଁ। ସାଧାରଣ କଥାରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ ଏବଂ ଆଜିର ବ୍ୟବସାୟ ପ୍ରାୟତଃ ଭଲ ହେବ।

**ଧନୁ**
ପାରିବାରିକ ଅଶାନ୍ତି ରହିଥିଲେ ମଧ୍ୟ ପରିସ୍ଥିତିକୁ ଆଖି ଆଗରେ ରଖି କାମ କଲେ କୌଣସି ଅସୁବିଧା ହେବ ନାହିଁ। ଅବଶ୍ୟ କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ଆତ୍ମୀୟମାନଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ଯେ କୌଣସି କ୍ଷେତ୍ରରେ ମଧ୍ୟ ତରବର ନ ହୋଇ ଭାବି ଚିନ୍ତି କାମ କରିବା ଭଲ ହେବ।

**ମକର**
ଧାର କରଜ, ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ନିଜ ସହ ଆଦୌ ପଡୁ ନ ଥିବା ଲୋକମାନେ ଗୁଣଗାନ କରିବା ବଦଳରେ ନିନ୍ଦା ରଟନା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ ଘରୋଇ କଥାରେ କିମ୍ବା କାମରେ ମୁଣ୍ଡ ପୂରାନ୍ତୁ ନାହିଁ ।

**କୁମ୍ଭ**
ବନ୍ଧୁଙ୍କ ସହ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ସମସ୍ୟାଜନିତ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିବ। ତଥାପି ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବା ଦିଗରେ ଜଣେ ପୂର୍ବବନ୍ଧୁ କିଛି ଖବର ନେଇ ଆସିବେ। କର୍ମକ୍ଷେତ୍ରରେ ଅଭାବନୀୟ ପରିସ୍ଥିତି ସାଙ୍ଗକୁ ପ୍ରତିରୋଧ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ମୀନ**
ପାରିବାରିକ ସ୍ଥିରତା ଓ କର୍ମକ୍ଷେତ୍ରର ସ୍ଥିତି ପ୍ରାୟତଃ ଅକ୍ଷୁଣ୍ଣ ରହିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ରାଜନୈତିକ ଚାପର ସମ୍ମୁଖୀନ ହୋଇପାରନ୍ତି କିନ୍ତୁ ସଭାସମିତିରେ ସଫଳତା ହାସଲ କରିବେ। ନିକଟ ସମ୍ପର୍କୀୟମାନଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ଶୀତଳଷଷ୍ଠୀ ଗୁରୁବାର, ମେ ୨୮ ତାରିଖ, ଶ୍ରୀମନ୍ଦିରରେ ଶୀତଳଷଷ୍ଠୀ ଓ ଜଳକ୍ରୀଡ଼ା, ବିନାୟକ ଦାମୋଦର ସାବରକରଙ୍କ ଜୟନ୍ତୀ, (୨୮।୦୫।୧୮୮୩)ରାଶି ନକ୍ଷତ୍ର- ସକାଳ ଘ. ୦୭.୨୬ମି.ଗତେ ଅଶ୍ଳେଷା/କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୩.୩୯ମି. ଗତେ ଘ.୦୬.୧୬ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୦୦ମି. ଗତେ ଘ.୦୯.୧୧ମି. ମଧ୍ୟେ, ରାତ୍ରି ଘ.୧୨.୦୫ମି. ଗତେ ଘ.୦୨.୧୬ମି. ମଧ୍ୟେ, ଘ.୦୩.୪୩ମି. ଗତେ ଘ.୦୫.୧୧ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୫.୧୧ମି. ଗତେ ଘ.୦୬.୦୩ମି. ମଧ୍ୟେ, ଦିବା ଘ.୦୯.୩୩ମି. ଗତେ ଘ.୧୧.୧୭ମି. ମଧ୍ୟେ ମାହେନ୍ଦ୍ରବେଳା।ଅପରାହ୍ନଘ.୦୧.୨୨ମି.ଗତେଘ.୦୩.୦୦ମି.ମଧ୍ୟେରାହୁକାଳ।

# ନନ୍ଦନକାନନ ଖୋଲିବା ନେଇ ଅନିଶ୍ଚିତତା




ମନୋଜ ସ୍ୱାଇଁ
ନରାଜ, ୨୭।୫ (ଡି.ଏନ୍.ଏ.)

କରୋନା ଓ ଲକ୍‌ଡାଉନ୍ ପାଇଁ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପ୍ରଭାବିତ ହୋଇଛି। ୧୯୯୯ ମହାବାତ୍ୟା, ୨୦୧୯ ଫନୀ ପରେ ଏବେ ଏସିଆ ମହାଦେଶର ଏହି ସର୍ବବୃହତ୍ ଚିଡ଼ିଆଖାନା ଉପରେ କରୋନା ମାଡ଼ ପଡ଼ିଛି। ମାର୍ଚ୍ଚ ୧୫ରୁ ନନ୍ଦନକାନନରେ ତାଲା ଝୁଲୁଛି। ରାଜ୍ୟରେ ସଂକ୍ରମଣ ଓ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ନନ୍ଦନକାନନ ଖୋଲିବା ନେଇ ଅନିଶ୍ଚିତତା ଦେଖାଦେଇଛି।

ଆମେରିକାର ନ୍ୟୁୟର୍କସ୍ଥିତ ବ୍ରୋଙ୍କ୍ସ ଚିଡିଆଖାନାରେ ବାଘ ଶରୀରରେ କରୋନା ଭୂତାଣୁ ଠାବ ହେବାପରେ ନନ୍ଦନକାନନକୁ ସଂକ୍ରମଣ ଭୟ ଘାରିଛି। ଯେପରି ଏହା ମଧ୍ୟକୁ ଭୂତାଣୁ ପ୍ରବେଶ ନ କରିବ ସେଥିପାଇଁ କର୍ତ୍ତୃପକ୍ଷ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ନନ୍ଦନକାନନକୁ ବାହାର ଲୋକଙ୍କୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିବାବେଳେ କେବଳ ଜୀବଜନ୍ତୁଙ୍କ ଦାୟିତ୍ୱରେ ଥିବା କେତେଜଣ କର୍ମଚାରୀମାନଙ୍କୁ ପାଳିକରି ଭିତରକୁ ଛଡାଯାଉଛି। ସେମାନେ ନିୟମିତ ସାନିଟାଇଜର ବ୍ୟବହାର କରିବା ସହ ମାସ୍କ ପିନ୍ଧି ଓ ସାମାଜିକ ଦୂରତ୍ୱ ରଖି କାର୍ଯ୍ୟ କରୁଛନ୍ତି ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଗାଇଡ୍, ବ୍ୟବସାୟୀଙ୍କ ରୋଜଗାର ବନ୍ଦ

ନନ୍ଦନକାନନକୁ ପ୍ରତିବର୍ଷ ୩୦ଲକ୍ଷରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଆସନ୍ତି। ଏଥିପାଇଁ ଶହଶହ ଛୋଟବଡ଼ ବ୍ୟବସାୟୀ ରୋଜଗାର ପାଇଥାନ୍ତି। କିଏ କାକୁଡି, ବାଦାମ ବିକି କରେ ତ ଆଉ କିଏ ହୋଟେଲ ଓ ଅନ୍ୟ ବ୍ୟବସାୟ କରି ପରିବାର ଚଳାନ୍ତି। ଏବେ ସେମାନେ ରୋଜଗାର ହରାଇଛନ୍ତି। ବିଶେଷକରି ନନ୍ଦନକାନନ ଓ ଏହାର ଜୀବଜନ୍ତୁଙ୍କ ସମ୍ପର୍କରେ ପର୍ଯ୍ୟଟକଙ୍କୁ ବୁଲାଇ ବୁଲାଇ ବୁଝାଉଥିବା ଗାଇଡ୍‌ମାନେ ହାତବାନ୍ଧି ବସିଥିବାରୁ ଘରଚଳାଇବା କଷ୍ଟକର ହୋଇପଡୁଛି।



ନନ୍ଦନକାନନରେ ଗେଟ୍ ପାଖରେ ୨୦ବର୍ଷ ହେବ ମୋର ଛୋଟ ପାନଦୋକାନ ରହିଛି। ଲକ୍‌ଡାଉନ ପରଠାରୁ ମୋ ଭଳି ପ୍ରାୟ ୨୦୦ ପରିବାର ରୋଜଗାର ହରାଇ ଅନ୍ୟକାମ କରି ପରିବାର ଚଳାଉଛନ୍ତି। ଏବେ କଟକଣା ଟିକେ କୋହଳ ହେବାପରେ ଚା ବିକ୍ରି କରୁଛି। ନନ୍ଦନକାନନ ଖୋଲିଗଲେ ଆଉ ଆମର ଚିନ୍ତା ରହିବ ନାହିଁ।
–ସୁଶାନ୍ତ କୁମାର ସାହୁ, ବ୍ୟବସାୟୀ



୧୯ ବର୍ଷ ହେଲା ମୁଁ ଏଠାରେ ଗାଇଡ୍ ଭାବେ କାମ କରିବା ଭିତରେ ଏପରି ସ୍ଥିତି ଆସିବ ବୋଲି କେବେ ଭାବିନ ଥିଲି। କିପରି ନନ୍ଦନକାନନ ଶୀଘ୍ର ଖୋଲିବ ସେଥିପାଇଁ ଗାଇଡ୍ ଭାଇମାନେ ବିନା ପାରିଶ୍ରମିକରେ ସଫାସୁତୁରା କରୁଛୁ। ଲକଡାଉନରେ ସରକାର ଆମପ୍ରତି କିଛି ଦୃଷ୍ଟି ଦେଉ ନ ଥିବାରୁ ଆମେ ବହୁତ ଅସୁବିଧାରେ ରହିଛୁ। ନନ୍ଦନକାନନ ଖୋଲିଲେ ଆମ ଦୁଃଖ ଦୂର ହେବ।
–ବୁଲୁ ଜେନା, ଗାଇଡ୍

## ଜୀବଜନ୍ତୁ ଭଲରେ ଅଛନ୍ତି, ନିର୍ଦ୍ଦେଶ ଆସିଲେ ଖୋଲିବ

ବର୍ତ୍ତମାନ ସମୟରେ ନନ୍ଦନକାନନ ଖୋଲିବାର କିଛି ସମ୍ଭାବନା ନାହିଁ। ଲକ୍‌ଡାଉନ ଉଠିଲା ପରେ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଆସିବାପରେ ନନ୍ଦନକାନନ ଖୋଲିବ। ତେବେ ଜୀବଜନ୍ତୁମାନେ ବେଶ୍ ଭଲରେ ଅଛନ୍ତି। ପର୍ଯ୍ୟଟକ ନ ଥିବାରୁ ଭିତରେ ଶାନ୍ତିର ବାତାବରଣରେ ଜୀବଜନ୍ତୁ ଖୁସିରେ ବୁଲି ପାରୁଛନ୍ତି। ଠିକ୍ ଅଭୟାରଣ୍ୟ ଭିତରେ ରହିଲାଭଳି ଲାଗୁଥିବ ଓ ସୁସ୍ଥ ଅନୁଭବ କରୁଥିବେ।



–ଜୟନ୍ତ କୁମାର ଦାସ,
ଉପ ନିର୍ଦ୍ଦେଶକ, ନନ୍ଦନକାନନ

# ଆବୁଧାବିରୁ ଫେରିଲେ ୧୨୨ ପ୍ରବାସୀ

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ବନ୍ଦେ ଭାରତ ମିଶନରେ ପ୍ରବାସୀ ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ପ୍ରକ୍ରିୟା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଚତୁର୍ଥ ଅନ୍ତର୍ଜାତୀୟ ବିମାନ ଆବୁଧାବିରୁ ପ୍ରବାସୀ ଓଡ଼ିଆଙ୍କୁ ନେଇ ଅବତରଣ କରିଛି। ଏତିହାଦ ଏୟାର ୱେଜ୍‌ର ବିମାନଟି ରାତି ୮ଟା ୫ରେ ପହଞ୍ଚିବା ପରେ ସେଥିରୁ ମୋଟ ୧୨୨ଜଣ ଯାତ୍ରୀ ଓହ୍ଲାଇଛନ୍ତି। ପରେ ଉକ୍ତ ବିମାନଟି ପୁଣି ଆବୁଧାବିକୁ ପ୍ରତ୍ୟାବର୍ତ୍ତନ କରିଥିବା ବିମାନ ବନ୍ଦର ନିର୍ଦ୍ଦେଶକ ଭି.ଭି. ରାଓ ସୂଚନା ଦେଇଛନ୍ତି। ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଥରକେ ୨୦ଜଣ ଲେଖାଏ ଯାତ୍ରୀ ବିମାନରୁ ଓହ୍ଲାଇ ପଞ୍ଜୀକରଣ କେନ୍ଦ୍ରକୁ ଆସିଥିଲେ। ପରେ ଟର୍ମିନାଲ ବାହାରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ସେମାନଙ୍କର ସ୍କ୍ରିନିଂ କରାଯାଇ ହାତରେ ଅଲିଭା ଷ୍ଟାମ୍ପ ଲଗାଯାଇଥିଲା। ବିଏମ୍‌ସି ପକ୍ଷରୁ ବିମାନ ବନ୍ଦରରେ ଏହି ବ୍ୟବସ୍ଥା କରାଯାଇଥିବାବେଳେ ପ୍ରବାସୀମାନେ ସାମାଜିକ ଦୂରତ୍ୱ ବଜାୟ ରଖିଥିବା ଦେଖିବାକୁ ମିଳିଥିଲା। ଯାତ୍ରୀମାନେ ବିମାନବନ୍ଦର ସମ୍ମୁଖରେ ଥିବା କ୍ୟାବ୍ ତଥା ନିଜ ଗାଡି ଓ ମୋ ବସ୍‌ରେ ଗନ୍ତବ୍ୟସ୍ଥଳକୁ ଯାଇଥିଲେ। ସେଠାରେ ପହଞ୍ଚିବା ପୂର୍ବରୁ ସେମାନଙ୍କୁ ସମ୍ପୃକ୍ତ ଜିଲାର ଜିଲାପାଳ ଓ ବ୍ଲକ୍ ଅଧିକାରୀ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନେବେ।

ୟୁନିଭର୍ସାଲ୍ ସୋମ୍ପୋ
ଜେନେରାଲ୍ ଇନ୍‌ସ୍ୟୋରାନ୍ସ କୋ. ଲିଃ.
ସୁରକ୍ଷା, ସର୍ବଦା ଆପଣଙ୍କ ସହିତ
ପ୍ରଳୟଙ୍କରୀ ଅମ୍ଫନ୍ ବାତ୍ୟା ଦ୍ୱାରା ପ୍ରଭାବିତ ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ଗ୍ରାହକଗଣ
ଏହି କଠିନ ପରିସ୍ଥିତି ସମୟରେ, ଆପଣଙ୍କୁ ସୁରକ୍ଷା ତଥା ଉକ୍ତ ବିପର୍ଯ୍ୟୟରୁ ଉଧୁରିବାରେ ଆମର ପୂର୍ଣ୍ଣ ସହଯୋଗ ଯୋଗାଇବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ଦାବି ସମ୍ପର୍କିତ କୌଣସି ଅନୁସନ୍ଧାନ ପାଇଁ ଦୟାକରି 1800-22-4030 / 1800-200-4030 ରେ ଆମ ସହ ଯୋଗାଯୋଗ କରନ୍ତୁ କିମ୍ବା contactus@universalsompo.com / contactclaims@universalsompo.com ରେ ଆମକୁ ମେଲ୍ କରନ୍ତୁ ।

रजिस्ट्री सं. डी.एल.-33004/99 REGD. NO. D.L.-33004/99

सत्यमेव जयते

भारत का राजपत्र
The Gazette of India
असाधारण
EXTRAORDINARY
भाग II-खण्ड 3-उप खण्ड (ii)
PART II-Section 3-Sub-section (ii)
प्राधिकार से प्रकाशित
PUBLISHED BY AUTHORITY

सं. 1344] नई दिल्ली, शुक्रवार, मई 15, 2020/ वैशाख 25, 1942
No. 1344] NEW DELHI, FRIDAY, MAY 15, 2020/ VAISAKHA 25, 1942

TRANSPORT AND MINISTRY OF ROAD HIGHWAYS
NOTIFICATION
New Delhi, the 15th May, 2020

S.O. 1503(E).—Whereas by the notification of the Government of India in the Ministry of Road Transport and Highways, published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intension to acquire the land specified in the Schedule annexed to the said notification for building (widening/four-laning, etc.), maintenance, management and operation of NH16 on the stretch of land from Km 284 to Km. 355 (Puintola - Tangi) in the district of GANJAM in the state of ODISHA.

And whereas the substance of the said notification has been published in "Sambad" and "Dharitri" both dated 03.07.2019; under sub-section (3) of section 3A of the said Act;

And whereas objections have been received and the same have been considered and disallowed by the Competent Authority; And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government; Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose; And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

SCHEDULE

Brief description of the land to be acquired, with or without structure, falling within the NH16 in the stretch of land from Km. 284 to Km. 355 in the district of GANJAM in the state of ODISHA.

State : ODISHA — District : Ganjam

| Sl. No. | Survey Number | Type of Land | Nature of Land | Area in Hectare | Name of the Land Owner/ Interested Person Part Survey No. |
|---|---|---|---|---|---|
| Taluk: Khalikote | | | | | |
| Village: Gurapalli | | | | | |
| 1 | 222 | Private | Padara I | 0.0162 | Khali Parida, S/o. Mohan Parida 222 |
| 2 | 224 | Private | Padara I | 0.004 | Khali Parida, S/o. Mohan Parida 224 |
| 3 | 238 | Government | Patita | 0.0161 | A.J.A 238 |
| 4 | 329 | Private | Barasadhara II | 0.0085 | M.Kalia Patra, S/o. M.Katari Patra & Others 329 |
| 5 | 329 | Private | Barasadhara II | 0.0016 | Anita Sahu, W/o. Daka Sahu 329/1571(P) |
| 6 | 330 | Private | Barasadhara II | 0.032 | M.Kalia Patra, S/o. M.Katari Patra & Others 330 |
| 7 | 330 | Private | Barasadhara II | 0.0068 | Artatrana Mahapatra, S/o. Gopal Chandra Mahapatra 330/1546(P) |
| 8 | 330 | Private | Barasadhara II | 0.0068 | Tapan Kumar Palo, S/o. Godabari Palo 330/1569(P) |
| 9 | 331 | Government | Nala | 0.006 | Rakhita 331 |
| 10 | 333 | Private | Barasadhara II | 0.0404 | Sri Jena Budhiani Thakurani 333 |
| 11 | 334 | Government | Rasta | 0.008 | Sarvasadharana 334 |
| 12 | 336 | Private | Barasadhara II | 0.0522 | M.Radhiamma, W/o. M.Mallu 336 |
| 13 | 336 | Private | Barasadhara II | 0.0073 | Rashmita Parida, W/o. Hatia Parida 336/ 1626(P) |
| 14 | 337 | Private | Barasadhara I | 0.004 | M.Radhiamma, W/o. M.Mallu 337 |
| 15 | 338 | Private | Barasadhara II | 0.0222 | A.Laxmi Patra, W/o. A. Laxman Patra 338 |
| 16 | 339 | Private | Barasadhara II | 0.008 | A.Laxmi Patra, W/o. A. Laxman Patra 339 |
| 17 | 340 | Private | Barasadhara II | 0.0045 | Manjubala Mallik, W/o. Ramesh Chandra Mallik 340/1467(P) |
| 18 | 349 | Private | Barasadhara I | 0.004 | K.Dandapani Patra, S/o. K. Loka Patra 349 |
| 19 | 350 | Private | Barasadhara I | 0.0117 | K.Gobinda Patra, S/o. K. Bhagirathi Patra 350 |
| 20 | 350 | Private | Barasadhara I | 0.0053 | Anita Sahu, W/o. Daka Sahu 350/1570(P) |
| 21 | 350 | Private | Barasadhara I | 0.0102 | Suman Kumar Maharana, S/o. Surya Narayan Maharana 350/1863(P) |
| 22 | 351 | Private | Barasadhara I | 0.0162 | Sakambari Sahu, W/o. Bhagaban Sahu 351/1482(P) |
| 23 | 351 | Private | Barasadhara I | 0.0048 | Sakambari Sahu, W/o. Bhagaban Sahu 351/1480(P) |
| 24 | 351 | Private | Barasadhara I | 0.0194 | Bhaskar Sahu, S/o. Narayan Sahu 351/ 1608(P) |
| 25 | 351 | Private | Barasadhara I | 0.012 | Harsha Samal, S/o. Bhikari Samal 351/ 1836(P) |
| 26 | 351 | Private | Barasadhara I | 0.0154 | Ganapati Parida, S/o. Ananda Parida 351/ 1868(P) |
| 27 | 351 | Private | Barasadhara I | 0.015 | Gitanjali Parida, W/o. Anil Parida 351/ 1806(P) |
| 28 | 351 | Private | Barasadhara I | 0.0062 | Goli Sing, W/o. Bijaya Sing 351/1840(P) |
| 29 | 353 | Private | Barasadhara I | 0.0138 | Goli Sing , W/o. Bijaya Sing 353/1711(P) |
| 30 | 353 | Private | Barasadhara I | 0.0166 | Sadhabani Pradhan ,W/o. Prakash Pradhan 353/1822(P) |
| 31 | 354 | Private | Barasadhara I | 0.0182 | Santa Gouda, S/o. Kasinath Gouda & Others 354 |
| 32 | 354 | Private | Barasadhara I | 0.0082 | K.Padmanav Reddy, S/o. K. Trinath Reddy 354/1609(P) |
| 33 | 355 | Private | Barasadhara I | 0.0566 | M.Punia Patra, S/o. M. Narayan Patra 355 |
| 34 | 593 | Private | Billa Dofasali | 0.0138 | Simanchal Sahu , S/o. Khali Sahu 593/ 1663(P) |
| 35 | 593 | Private | Billa Dofasali | 0.0186 | M.Satyabhama Patra, W/o. Khaira Patra 593/1858(P) |
| 36 | 594 | Private | Bila Dofasali | 0.041 | M.Agadhu Patra, M. Sakil Patra, S/o. M. Bhubani & Others 594 |
| 37 | 596 | Private | Bila Dofasali | 0.0364 | Burudi Laxman Patra, S/o. Burudi Budhia Patra & Others 596 |
| 38 | 597 | Private | Bila Dofasali | 0.0082 | Burudi Laxman Patra, S/o. Burudi Budhia Patra & Others 597 |
| | | | TOTAL | 0.5962 | |

[F. No. NHAI/11019/02/Bhubaneswar-Puintola(LA 3a)2018/PIU/BBSR/3A3/3D3]
RAJESH GUPTA, Dy. Secy.

## ଆଇସିୟୁରେ ବିଜୟ ମହାନ୍ତି

ଭୁବନେଶ୍ୱର,୨୭।୫(ବ୍ୟୁରୋ): ଓଡ଼ିଆ ଚଳଚ୍ଚିତ୍ର ଜଗତର ବରିଷ୍ଠ ଅଭିନେତା ବିଜୟ ମହାନ୍ତି ଗୁରୁତର ଅସୁସ୍ଥ ହୋଇ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେ ଆଇସିୟୁରେ ଥିବାବେଳେ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି।



ଗତ କିଛିବର୍ଷ ହେଲା ନିଜ ପରିବାର ସହ ହାଇଦ୍ରାବାଦରେ ରହୁଥିବା ମହାନ୍ତି ମଧୁମେହ ରୋଗରେ ଆକ୍ରାନ୍ତ। ମଙ୍ଗଳବାର ରାତିରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ଲାଗି ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ସେ ସାମାନ୍ୟ ସୁସ୍ଥ ଥିବା ପତ୍ନୀ ତନ୍ଦ୍ରା ରାୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଓଡ଼ିଆ ଫିଲ୍ମ ଜଗତର ଏହି ପ୍ରତିଷ୍ଠିତ କଳାକାର ପ୍ରତି ଓଡ଼ିଆଙ୍କ ଘରେ ଘରେ ପରିଚିତ। ୧୯୫୦ରେ କେନ୍ଦ୍ରାପଡ଼ାରେ ଜନ୍ମଗ୍ରହଣ କରିଥିବା ମହାନ୍ତି ୨୦୦ରୁ ଉର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିପାରିଛନ୍ତି। ନାୟକ, ଖଳନାୟକ ଓ ବିଭିନ୍ନ ଚରିତ୍ର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଦିଲ୍ଲୀ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମାରୁ ଶିକ୍ଷାଗ୍ରହଣ କରିଥିବା ବିଜୟ ୧୯୭୬ରେ 'ନାଗଫାଶ' ଚଳଚ୍ଚିତ୍ରରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ। ଉତ୍କୃଷ୍ଟ ଅଭିନୟ ଲାଗି ସେ ଏକାଧିକ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଜିତିଥିବା ବେଳେ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଆ ଚଳଚ୍ଚିତ୍ରର ସର୍ବୋଚ୍ଚ ସମ୍ମାନ 'ଜୟଦେବ ପୁରସ୍କାର' ପାଇଛନ୍ତି। ତେବେ ଗତ କିଛିବର୍ଷ ହେବ ସେ ଭୁବନେଶ୍ୱର ଛାଡ଼ି ହାଇଦ୍ରାବାଦରେ ନିଜ ଝିଅ ପାଖରେ ରହୁଛନ୍ତି।

# ଜୁଲାଇ ୨୪ ସୁଦ୍ଧା ସରିବ ସବୁ ପରୀକ୍ଷା

କଟକ ଅଫିସ,୨୭।୫

■ରେଭେନ୍‌ଶା ବିଶ୍ୱବିଦ୍ୟାଳୟ
■ଅନ୍‌ଲାଇନ୍‌ରେ ଇଣ୍ଟରନାଲ

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମସ୍ତ ପରୀକ୍ଷା ଜୁଲାଇ ୨୪ ସୁଦ୍ଧା ସରିବ। ଜୁନ୍ ୧୭ ପରେ ବିଶ୍ୱବିଦ୍ୟାଳୟ ଖୋଲିଲେ ବାକି ଥିବା ସମସ୍ତ ପରୀକ୍ଷା ସାରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଲକ୍‌ଡାଉନ୍ ପୂର୍ବରୁ କିଛି ବିଭାଗରେ ଇଣ୍ଟରନାଲ ପରୀକ୍ଷା ହୋଇ ନ ଥିଲା। ଏହାକୁ ଅନଲାଇନ ମାଧ୍ୟମରେ କରାଯାଉଛି ବୋଲି କୁଳପତି ପ୍ରଫେସର ଇଶାନ କୁମାର ପାତ୍ର କହିଛନ୍ତି।

ଲକ୍‌ଡାଉନ୍ ପାଇଁ ରାଜ୍ୟରେ ସ୍ନାତକ ଦ୍ୱିତୀୟ ଓ ଚତୁର୍ଥ ସେମିଷ୍ଟର ଏବଂ ସ୍ନାତକୋତ୍ତରର ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ବାତିଲ କରାଯାଇଛି। ବିଶ୍ୱବିଦ୍ୟାଳୟ ଏଥିପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ଉଚ୍ଚଶିକ୍ଷା ବିଭାଗ ଘୋଷଣା କରିଛି। ଏହାକୁ ବାଦ୍ ଦେଇ ଛାତ୍ରୀଛାତ୍ରଙ୍କୁ ବାକି ଥିବା ସମସ୍ତ ପରୀକ୍ଷା ଦେବାକୁ ପଡ଼ିବ। ଏହି ପରୀକ୍ଷା ସବୁ ଜୁଲାଇ ୨୪ ସୁଦ୍ଧା ସାରିବାକୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବିଶ୍ୱବିଦ୍ୟାଳୟ ଖୋଲିବା ପରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି କେବେ ପରୀକ୍ଷା ହେବ, ସେ ନେଇ ସୂଚନା ଦିଆଯିବ ବୋଲି କୁଳପତି କହିଛନ୍ତି। କିଛି ବିଭାଗରେ ଲକ୍‌ଡାଉନ୍ ପୂର୍ବରୁ ଇଣ୍ଟରନାଲ ହୋଇପାରି ନ ଥିଲା। ଯେଉଁ ବିଭାଗରେ ପରୀକ୍ଷା ହୋଇନାହିଁ, ତାହାର ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍‌ରେ ପ୍ରଶ୍ନପତ୍ର ଦିଆଯିବ। ପରୀକ୍ଷା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ରଖାଯିବା ସହ ଉତ୍ତରଖାତାକୁ ଛାତ୍ରୀଛାତ୍ରମାନେ ନିଜ ବିଭାଗର ମୁଖ୍ୟଙ୍କୁ ହ୍ୱାଟ୍ସଆପ୍ କିମ୍ବା ମେଲ୍‌କୁ ପଠାଇବେ। ଯେଉଁମାନେ ପରୀକ୍ଷା ଦେବାରେ ଅସଫଳ ହେବେ, ସେମାନଙ୍କୁ ପୁନଃ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯିବ ବୋଲି କୁଳପତି କହିଛନ୍ତି।

# କୃଷି କର୍ମଚାରୀ ସଦର ମହକୁମା ନ ଛାଡ଼ିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ଚଳିତ ଖରିଫ୍ ଋତୁରେ ଚାଷୀଙ୍କୁ ଉନ୍ନତ ବିହନ, ସାର ଓ କୃଷି ସାମଗ୍ରୀ ଯୋଗାଇବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଚାଷୀମାନେ ଯେପରି ସୁବିଧାରେ ଆବଶ୍ୟକତା ଅନୁସାରେ ଏସବୁ ପାଇପାରିବେ ସେଥିନିମନ୍ତେ ତଦାରଖ କାର୍ଯ୍ୟକୁ ବ୍ୟାପକ କରିବକୁ ଜିଲା ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ଏଥିସହିତ କରୋନା ପରିପ୍ରେକ୍ଷୀରେ ଖରିଫ୍ ଚାଷର ଗୁରୁତ୍ୱକୁ ଦୃଷ୍ଟିରେ ରଖି କୃଷି ଅଧିକାରୀ ଓ କର୍ମଚାରୀଙ୍କୁ ସଦର ମହକୁମା ଛାଡ଼ି ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଖିଲାପ କଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୁଧବାର କୃଷି ଭବନଠାରେ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଜିଲା ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଏହା କହିଛନ୍ତି।



■ଖରିଫ୍ ଚାଷ ନେଇ ମନ୍ତ୍ରୀଙ୍କ ବୈଠକ
■ଖିଲାପ କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସାହୁ ବିହନ ଓ ସାର ଯୋଗାଣର ସମୀକ୍ଷା କରିଥିଲେ। ଜୁନ ୧ରୁ ୧୦ ମଧ୍ୟରେ ସମସ୍ତ ନୋଡାଲ ଅଧିକାରୀ ଦାୟିତ୍ୱରେ ଥିବା ଜିଲା ପରିଦର୍ଶନ କରି ତୃଣମୂଳ ସ୍ତରରେ ଚାଷ କାର୍ଯ୍ୟରେ ଉପୁଜୁଥିବା ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ବିହନ, ସାର ଓ ଅନ୍ୟାନ୍ୟ କୃଷି ସାମଗ୍ରୀର ଯୋଗାଣକୁ ନିଶ୍ଚିତ କରିବା ପାଇଁ ନୋଡାଲ ଅଧିକାରୀଙ୍କୁ କୁହାଯାଇଛି। ପ୍ରତି ପଞ୍ଚାୟତରେ ହ୍ୱାଟ୍ସଆପ୍ ଗ୍ରୁପ ଗଠନ କରି ଏଥିରେ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହିତ କୋଭିଡ୍-୧୯ ସଂକ୍ରମଣ ଏଡାଇବାକୁ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ଷେତ୍ରରେ ସାମାଜିକ ଦୂରତ୍ୱ, ମାସ୍କ ପରିଧାନ ଓ ସାନିଟାଇଜର ବ୍ୟବହାର ଆଦିକୁ ଅନୁପାଳନ କରିବାକୁ ମନ୍ତ୍ରୀ କହିଛନ୍ତି। ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନର ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାରଙ୍କ ସମେତ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଡିଜିଟାଲ ପ୍ଲାଟ୍‌ଫର୍ମରେ ହେବ ସଂସ୍କୃତି ବିଭାଗ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ନୃତ୍ୟ, ସଙ୍ଗୀତ ଓ ସାରସ୍ୱତ କାର୍ଯ୍ୟକ୍ରମର ଡିଜିଟାଲ ପ୍ରସାରଣ ପାଇଁ ନିଷ୍ପତ୍ତି ନିଆଯାଇଛି। କରୋନା ଲକ୍‌ଡାଉନ୍ ପାଇଁ ସମସ୍ତ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିବାରୁ ଏହାର ପ୍ରଭାବ କଳାକାର ଓ କଳାପ୍ରେମୀଙ୍କ ଉପରେ ପଡ଼ିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ନେଇ ପ୍ରବଚନ, ସୁଗମ ସଙ୍ଗୀତ, ଭଜନ, ବାଦ୍ୟଯନ୍ତ୍ର, ଓଡ଼ିଶୀ, ସୋଲୋ ଏକାଙ୍କିକା ଭଳି ସୃଜନାତ୍ମକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ବୁଧବାର ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନିଷ୍ପତ୍ତି ଅନୁସାରେ, ଉଭୟ ଏକାଡେମୀର ସମନ୍ୱୟରେ ବିଭିନ୍ନ କାର୍ଯ୍ୟକ୍ରମକୁ ଭିଡିଓ ରେକର୍ଡିଂ କରାଯାଇ ଟିଭି ଚ୍ୟାନେଲ ଓ ସୋସିଆଲ ମିଡ଼ିଆ ମାଧ୍ୟମରେ ପ୍ରସାରଣ କରାଯିବ। ସେହିଭଳି ବାଦ୍ୟ ସଂଗୀତ ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସାକ୍ଷାତ୍କାର ମଧ୍ୟ ଲୋକେ ଦେଖିବାର ସୁଯୋଗ ପାଇବେ। ପ୍ରତ୍ୟେକ କାର୍ଯ୍ୟକ୍ରମ ୩୦ ମିନିଟ୍ ଅବଧିର ରହିବ ଓ କୌଣସି ପ୍ରକାର ଭାବର ଆଦାନପ୍ରଦାନ ରହିବ ନାହିଁ। ଡିଜିଟାଲ୍ ମୋଡ୍‌ରେ ଟିଭି ଏବଂ ସୋସିଆଲ୍ ମିଡିଆରେ ଏହି କାର୍ଯ୍ୟକ୍ରମ ବହୁ ସଂଖ୍ୟକ ଦର୍ଶକଙ୍କ ପାଖରେ ପହଞ୍ଚିପାରିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।



ବୈଠକରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

■ସଙ୍ଗୀତ ନାଟକ ଏକାଡେମୀ, ସାହିତ୍ୟ ଏକାଡେମୀର ବୈଠକରେ ନିଷ୍ପତ୍ତି
■ଜୁନ୍ ପହିଲାରୁ ଟିଭି, ସୋସିଆଲ ମିଡିଆରେ ହୋଇପାରେ ପ୍ରସାରଣ

ଅନ୍ୟପକ୍ଷରେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ବାର୍ଷିକ କାର୍ଯ୍ୟକ୍ରମ କ୍ୟାଲେଣ୍ଡର ଅନୁଯାୟୀ ହେଉଥିବା ବିଭିନ୍ନ ଉତ୍ସବକୁ ଡିଜିଟାଲ୍ ମାଧ୍ୟମରେ ପ୍ରସାରଣ କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଏକାଡେମୀଗୁଡ଼ିକର କାର୍ଯ୍ୟକ୍ରମକୁ ସ୍ଥାଣୁତ୍ୱରୁ ରକ୍ଷା କରିବାକୁ ହେଲେ ଏହା ହିଁ ଏକ ଉପଯୁକ୍ତ ପ୍ଲାଟ୍‌ଫର୍ମ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଏହି ଅବସରରେ କହିଥିଲେ। ବୈଠକରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସଙ୍ଗୀତ ନାଟକ ଏକାଡେମୀ ଅଧ୍ୟକ୍ଷ ଡ. ରାମକୃଷ୍ଣ ସାହୁ, ସମ୍ପାଦକ ପ୍ରବୋଧ ରଥ, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପାଦିକା ସୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜୁନ୍ ପହିଲାରୁ ପ୍ରସାରଣ ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି।

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି– ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା



# କୁକୁଡ଼ା ବି ଖୁସିରେ ଗାଆନ୍ତି



ମାନେକା ଗାନ୍ଧୀ

ସମ୍ପୂର୍ଣ୍ଣ ଲକ୍‌ଡାଉନରେ ପ୍ରାୟ ଦୁଇମାସ ହେବ ମୁଁ ପୂରା ଏକୁଟିଆ ରହିଥିଲି। ଏହି ସମୟରେ କୁଆଟିଏ ଥିଲା ମୋର ବନ୍ଧୁ। ଏହି ବନ୍ଧୁତ୍ୱର ରହସ୍ୟ ହେଉଛି ଠିକ୍ ସମୟ ଓ ନିରନ୍ତର ପ୍ରୟାସ। ଦିନରେ ପ୍ରାଣୀମାନଙ୍କ ସମସ୍ୟା ସମାଧାନ ତଥା ଉଦ୍ଧାର କାର୍ଯ୍ୟର ବ୍ୟସ୍ତତା ମଧ୍ୟରୁ ବାହାରି ମୁଁ ସନ୍ଧ୍ୟା ସାଢ଼େ ୫ଟାରେ ଆସେ ଓ ସାଙ୍ଗରେ ଦୁଇଟି ଗ୍ଲୁକୋଜ ବିସ୍କୁଟ୍ ଆଣେ। ତା'ପରେ କାକୁ କାକୁ ବୋଲି ଡାକେ ଓ କୁଆଟି ଆସି ପହଞ୍ଚିଯାଏ। ସେ ବେଳେବେଳେ ଏକୁଟିଆ ଓ ଆଉ କେତେବେଳେ ତା' ସାଥୀମାନଙ୍କ ସହ ଆସିଥାଏ। ମୁଁ ବିସ୍କୁଟ୍‌କୁ ଭାଙ୍ଗିଦେଇ ଗେଟ୍ ପାଖ ପିଲାର୍ ଉପରେ ଥୋଇଦିଏ। ତା' ପାଖରେ ଏକ ପାତ୍ରରେ ପାଣି ବି ରଖିଦିଏ। ସେ ସେଠାକୁ ଆସି ପାଣିରେ ବିସ୍କୁଟ ଖଣ୍ଡ ବୁଡାଇ ଖାଏ। ଯଦି ଗୁଣ୍ଡୁଚିମୂଷା ବି ସେଠାକୁ ଖାଇବାକୁ ଆସେ ତେବେ କୁଆଟି ତା' ସାଥୀକୁ ଡାକିଦିଏ ଓ ସେ ଆସି ଗୁଣ୍ଡୁଚିମୂଷାକୁ ଡରାଏ। ତା'ପରେ ସେମାନେ ଦୁହେଁ ବିସ୍କୁଟ ଖାଇବା ପରେ ଉଡ଼ିଯାଆନ୍ତି। କିନ୍ତୁ କୁଆଟି ଖାଇସାରିବା ପରେ ମୁଁ ପିଠି ବୁଲାଇଦିଏ ଓ ଉଡ଼ିଯିବା ପୂର୍ବରୁ ସେ ମୋତେ ଦୁଇଥର ଧକ୍କା ଦେଇ ଯାଏ। ଏମିତି କି ଜଣେ ଝିଅ ତା' ପୁରୁଷବନ୍ଧୁ ସହ ଥିବା ଭଳି ମୁଁ ଅନୁଭବ କରେ। ଯେଉଁଦିନ ସେ ମୋତେ ଅଣଦେଖା କରି ବିସ୍କୁଟ ଖାଏ ନାହିଁ ସେଦିନ ମୁଁ ଜଣେ ହତାଶ ପ୍ରେମିକ ଭଳି ଚିଲାଇ ତାକୁ ଗାଳିଦିଏ। ସେଦିନ ମଧ୍ୟ ବାହାରେ ଅନ୍ୟ ଖାଦ୍ୟ ରଖେ ଓ ତା' ଅନିଚ୍ଛା ସତ୍ତ୍ୱେ ସେ ଆସେ। ତଥାପି ମୁଁ ସେଠାରେ ନ ଥିଲା ଭଳି ନାଟକ କରେ। ଓଃ, ଦେଖିବ କି ଦୁଃଖ ତା'ର! ଗୋଟିଏ ପ୍ରାଣୀର ଆନନ୍ଦ ଦେଖିବାରେ ଯେଉଁ ଖୁସି ମିଳେ, ଅନ୍ୟ କିଛି ବି ତୁମକୁ ସେମିତି ଖୁସି କରିପାରିବ ନାହିଁ। ଯେଉଁମାନେ ଏହାକୁ କେବେ ଅନୁଭବ କରିନାହାନ୍ତି, ଅସୀମ ଆନନ୍ଦର ଭଣ୍ଡାର କୁହାଯାଉଥିବା ପ୍ରାଣୀମାନଙ୍କ ଆତ୍ମାକୁ ବି ସେମାନେ ଚିହ୍ନି ପାରିନାହାନ୍ତି।

କୁକୁଡ଼ାଙ୍କ ଯତ୍ନ ଠିକ୍ ଭାବେ ନେଲେ ସେମାନେ ତତ୍‌କ୍ଷଣାତ୍ ତୁମକୁ ଖୁସି ଦିଅନ୍ତି। ଫାର୍ମରେ କୁକୁଡ଼ା ରଖିଥିବା ଜଣେ ବ୍ୟକ୍ତିଙ୍କ କହିବା ଅନୁଯାୟୀ– 'କୁକୁଡାମାନେ ଖେଳିବାକୁ ଭଲ ପାଆନ୍ତି।' ତେବେ ସେମାନେ କ'ଣ ସବୁବେଳେ ଏହା କରିଥାନ୍ତି? ଖାଇବା ସମୟକୁ ଛାଡିଦେଲେ ସେମାନେ ପ୍ରାୟତଃ ସବୁବେଳେ ଖେଳନ୍ତି। ସେମାନେ ସବୁ କିଛି ଅନୁଭବ ମଧ୍ୟ କରିପାରନ୍ତି। ଖୁସିରେ ଗୀତ ଗାଆନ୍ତି ଏବଂ ମଜା ବି କରନ୍ତି। ଯିବାବେଳେ ବାଟରେ ସବୁ ଶସ୍ୟକୁ ଖୁମ୍ପି ଚାଲନ୍ତି। ରୋଷେଇଘର ଝରକା ବାହାରେ ଥିବା କାନ୍ଥରେ ଲାଗିଥିବା ଶୁଖିଲା ଘାସ ଗଣ୍ଡିରେ ଥଣ୍ଟ ମାରନ୍ତି। ଯେ କୌଣସି ବୁଦାମୂଳେ ସୌରସ୍ନାନ ଓ ଧୂଳିସ୍ନାନ କରନ୍ତି। ଶୀତଦିନେ ଏକ ଲ୍ୟାଣ୍ଡ ରୋଭର୍ ଗାଡିରେ ଶୁଖିଲା ଘାସ(ଶସ୍ୟ) ଭର୍ତ୍ତି ହୋଇଥାଏ ଏବଂ କୁକୁଡ଼ାମାନେ ତା' ଉପରକୁ ଉଠିଯିବା ଲାଗି କଠିନ ପ୍ରୟାସ କରୁଥାଆନ୍ତି। ସେମାନେ ଜାଣନ୍ତି ଯେ ଏହା ସେମାନେ କରିପାରିବେ ନାହିଁ। ଏଣୁ ସେମାନେ ଉଦାସ ମନରେ ଗାଡି ଚକକୁ ଖୁମ୍ପି ଚାଲିଥାନ୍ତି। ଆମେ କେତେବେଳେ ମୁହଁ ବୁଲେଇବୁ ସେତେବେଳ ଯାଏ ସେମାନେ ଅପେକ୍ଷା କରିଥାନ୍ତି। ସେମାନଙ୍କ ମଧ୍ୟରୁ ଗୋଟିଏ ଗାଡି ଭିତରୁ ଡେଇଁପଡି ଅନ୍ୟମାନଙ୍କଠାରୁ ଦୂରେଇ ରହି ଶୁଖିଲା ଘାସ ଭିତରେ ଲୁଚି ବିଜୟୀ ହେବା ଖୁସିରେ ଗୀତ ଗାଇବାକୁ ଲାଗିଲା। କୁକୁଡା ମଣିଷ ସାଥୀରେ ରହିବାକୁ ଭଲପାଏ। ଗୁରୁତ୍ୱପୂର୍ଣ୍ଣ ତଥା ମଜା କଥାହେଉଥିବା ମଣିଷଙ୍କଠାରୁ ଦୂରେଇ ରହନ୍ତି ନାହିଁ। ଏକ ଘଟଣାକ୍ରମରେ ଦଳେ କୃଷିବିଜ୍ଞାନ ଛାତ୍ର କ୍ରପ୍ ରୋଟେଶନ (ପର୍ଯ୍ୟାୟ କୃଷି) ଉପରେ ଶିଖିବା ପାଇଁ ଏକାଠି ଗୋଲ ହୋଇ ଠିଆ ହୋଇଥିଲେ। କୁକୁଡାମାନଙ୍କୁ ଜାଣିଶୁଣି ଅଲଗା ରଖାଯାଉଥିବା ସେମାନେ ଅନୁଭବ କଲେ ଓ ସେମାନଙ୍କ ମେଳି ଭିତରକୁ ପଶିଗଲେ। ସେମାନେ ଯଥାସମ୍ଭବ ନିଜକୁ ଧ୍ୟାନ ଆକର୍ଷଣ କଲାଭଳି ସ୍ଥିତିରେ ରଖି ଛାତ୍ରମାନଙ୍କ ସହ ଆଲୋଚନାରେ ଭାଗ ନେବା ପାଇଁ ଚେଷ୍ଟା କରିଥିଲେ। ତାହା ପୁଣି ଜୋରରେ ଗୀତ ଗାଇ। (ଦି ସିକ୍ରେଟ୍ ଅଫ୍ ଲାଇଫ୍)।

ଯଦି ଗୋଟିଏ କୁକୁଡ଼ା ଛୋଟା ବା ପଙ୍ଗୁ ହୋଇଯାଏ ତେବେ ତା' ସାଙ୍ଗମାନେ ତାର' ଯତ୍ନ ନେଇଥାନ୍ତି। ତାକୁ ସୁହାଇବା ଭଳି ସେମାନେ ତା' ସହ ଧୀରେ ଧୀରେ ଚାଲନ୍ତି। ସେ କେମିତି ପ୍ରଥମେ ଖାଇବ ସେଥିପ୍ରତି ବି ନଜର ରଖନ୍ତି। ଯଦି ସେହି କୁକୁଡ଼ାଟି ମରିଯାଏ, ଅନ୍ୟମାନେ କିଛି ଦିନ ପାଇଁ ଅଣ୍ଡାଦେବା ବନ୍ଦ କରିଦିଅନ୍ତି ଏବଂ ସେମାନଙ୍କ ପ୍ରିୟ ଜାଗାକୁ ଯାଇ ସେଠାରେ କେବଳ ଠିଆହୋଇ ରହନ୍ତି। ଏହା ଶୋକ ପ୍ରକାଶ ନୁହେଁ ତ ଆଉ କ'ଣ? ଯେମିତି ପିଲାଟି ପାଇଁ ତା' ମା' ଖାଦ୍ୟ ଖଣ୍ଡ ଖଣ୍ଡ କରିଦିଏ ସେମିତି ମା' କୁକୁଡା ତା' ଛୁଆ ପାଇଁ କରିଥାଏ। ଯଦି କୁକୁଡାଛୁଆ ବିରକ୍ତ କରନ୍ତି ତେବେ ମା' କୁକୁଡା ସେମାନଙ୍କୁ ଗାଳି ଦିଏ। ସେମାନଙ୍କୁ ଯଦି ବୁଝାଇବାକୁ ଥାଏ ତେବେ ମା' କୁକୁଡା ସ୍ୱତନ୍ତ୍ର ସ୍ୱର କରିଥାଏ। କୁକୁଡା ଅନେକ ସ୍ୱରରେ କହିପାରେ। ସେମାନେ ଶୀଘ୍ର ବନ୍ଧୁତା ସ୍ଥାପନ ମଧ୍ୟ କରିପାରନ୍ତି। ସେମାନଙ୍କ ଗୋଷ୍ଠୀକୁ ନୂଆ କୁକୁଡା ଆସିଲେ ତାକୁ ହଇରାଣ କରନ୍ତି ବା ଭୟ ଦେଖାନ୍ତି। ଏହାଦ୍ୱାରା ସେମାନେ ପଦାନୁକ୍ରମରେ ସେମାନଙ୍କ ସ୍ଥାନ କେଉଁଠି ତାହା ଜାଣିପାରନ୍ତି।

ବରେଲିରେ ପିଲାଟିଏ ଗୋଟିଏ କୁକୁଡାଛୁଆକୁ ଟେନିସ୍ ବଲ୍‌ଭାବେ ବ୍ୟବହାର କରିବା ଯୋଜନାରେ ଥିବାବେଳେ ମୁଁ ତା' ହାତରୁ ତାକୁ ଛଡାଇ ଆଣିଥିଲି। ମୁଁ ତାକୁ ଘରକୁ ନେଇଆସିଲି ଓ ମୋ ଆଗରେ ତାହା ଦିନେ ବଡ଼ ହେଲା। ମୋ ରୁମ୍‌ରେ ବି ଶୋଇଲା। ଥଣ୍ଟ ସାହାଯ୍ୟରେ ଗୁରୁଣ୍ଡି ଗୁରୁଣ୍ଡି ଆସି ମୋ ବେଡ୍ କଭରକୁ ଟାଣେ। ମୋ ପଛେ ପଛେ ଯାଏ ଓ ମୁଁ ଗାଧୋଇବା ସମୟରେ ଏକ ବାଲ୍ଟି ଉପରେ ବସେ। ଏହି ସମୟରେ ସେ ଦର୍ପଣକୁ ଚାହିଁ ଲୁଚକାଳି ଖେଳେ। ଘରର ସବୁଆଡେ ସେ ଖୋଜେ ଓ ଯଦି ବାସନରେ କିଛି ରୁଚିକର ଜନିଷ ରଖାଯାଇଥାଏ ତେବେ ତାହାକୁ ଚାହିଁ ରହେ। ମୁଁ ତା'ର ଯତ୍ନ ନିଏ ବୋଲି ସେ ଚାହେଁ ଏବଂ ତାକୁ ଅଣଦେଖା କଲେ ସେ ସହିପାରେ ନାହିଁ। ଯେଉଁମାନେ କୁକୁଡ଼ାର ଯତ୍ନ ନିଅନ୍ତି ସେମାନଙ୍କୁ ସେ ଭଲ ପାଏ ଓ ଉପେକ୍ଷା କରୁଥିବା ଲୋକଙ୍କୁ ଘୃଣା କରେ। ମୁଁ ବହି ପଢିବା ସମୟରେ ସେ ଧୀରେ ଧୀରେ ଆସି ବହି ଓ ମୋ ଭିତରେ ପଶିଯାଏ। ଜିତିଗଲା ଭଳି ଚୁଁଚୁଁ ଶବ୍ଦ କରେ ଓ ମୋ ଆଖିକୁ ଚାହେଁ। ପିଲାଙ୍କ ବାଟ କିଏ ରୋକିପାରିବ? ସ୍ନେହ ଓ ଶ୍ରଦ୍ଧା ଭାବ ପ୍ରକାଶ କଲେ ସେମାନେ ପ୍ରତିକ୍ରିୟା ପ୍ରକାଶ କରନ୍ତି। ଯଦି ସେମାନେ ଭାବିବେ ଯେ, ତୁମେ ତାଙ୍କ କଥା ଶୁଣୁଛ ତେବେ ସେମାନେ ବୁଦ୍ଧିମାନ ଭଳି ତୁମ ସହ କଥା ହୁଅନ୍ତି।

ସେହି କୁକୁଡାଙ୍କୁ ଆମେ ପଞ୍ଜୁରି ଭିତରେ ଭୟଭୀତ ଅବସ୍ଥାରେ ବାନ୍ଧି ରଖିଛୁ। ସେମାନଙ୍କ ଶରୀରରେ ହର୍ମୋନ ଭର୍ତ୍ତି କରୁଛୁ ଏବଂ ବିଷାକ୍ତ ଖାଦ୍ୟ ଖାଇବାକୁ ଦେଉଛୁ। ସେମାନେ ଯେତେବେଳେ ଦୁଃଖୀ ଥାଆନ୍ତି ସେତେବେଳେ ସେମାନଙ୍କ ପର ନିଷ୍ପ୍ରଭ ଦେଖାଯାଏ, ସେମାନଙ୍କ ମୁଣ୍ଡ ତଳକୁ ହୋଇଯାଏ ଏବଂ ସେମାନଙ୍କୁ ମାରିବା ଯାଏ ସେମାନେ ସବୁବେଳେ ଯନ୍ତ୍ରଣାରେ ଧୀରେ ଧୀରେ ବିଳାପ କରନ୍ତି।

ଭୟ ଓ ଆଘାତରେ କୁକୁଡ଼ା ଭୀଷଣ ଭାବେ ପ୍ରଭାବିତ ହୋଇଥାଆନ୍ତି ଏବଂ ସେମାନେ ଖୁବ୍‌ଶୀଘ୍ର ବିଷାଦ ମଧ୍ୟକୁ ଚାଲିଯାଆନ୍ତି। ଜନ୍ମ ହେବାର କିଛି ସମୟ ପରେ ବିନା ଆନାସ୍ଥେସିୟାରେ ସେମାନଙ୍କ ଥଣ୍ଟ କଟାଯାଉଛି। ସେମାନେ ଆରମ୍ଭରୁ ଖୁସିର ସୁଯୋଗ ପାଇପାରୁ ନାହାନ୍ତି। ହିଟ୍‌ଲରୀୟ ଗଣହତ୍ୟାର ମାନସିକତାରେ ଆମେ ବର୍ଷକୁ ୧୦୦ କୋଟିରୁ ଊର୍ଦ୍ଧ୍ୱ କୁକୁଡ଼ାଙ୍କୁ ମାରୁଛୁ। ମଣିଷ ତା' ଚାରିପାଖରେ ଅଧିକ ଦୁଃଖ ସୃଷ୍ଟିର କାରଣ ପାଲଟୁଥିବାବେଳେ ନିଜେ ଚିରସୁଖୀ ହୋଇପାରିବ ବୋଲି ଭାବୁଛ କି?

Email: gandhim@nic.in

# ଆତ୍ମନିର୍ଭର ଭରତ



ଡ. କୁଳାଙ୍ଗାର

ପ୍ରଥମରୁ କହିରଖୁଛୁ କି ଏହି ରଚନାର ଶୀର୍ଷକଟିକୁ ଯଦି ଆପଣ ଭୁଲ୍‌ରେ ଆତ୍ମନିର୍ଭର ଭାରତ ବୋଲି ପଢିଛନ୍ତି, ତେବେ ଆମର ଆଦୌ ଦୋଷ ନାହିଁ। କିନ୍ତୁ ଆପଣ ତୁରନ୍ତ ଆତ୍ମନିର୍ଭର ହୋଇଯାଇ ଆମକୁ ଗାଳି ଦେବେନି କି, ବଦ୍‌ମାସ ସାମାନ୍ୟ ଓଡ଼ିଆ ଲେଖକଟାଏ ହୋଇ ପ୍ରଧାନମନ୍ତ୍ରୀଙ୍କ ରାଷ୍ଟ୍ରବାଦୀ ବିଚାରକୁ ବ୍ୟଙ୍ଗ କରୁଛି!

ଅବଶ୍ୟ ଏ ରଚନାର ଉତ୍ପତ୍ତି ମଧ୍ୟ ସେଇ ବିଚାରରୁ ଆରମ୍ଭ! ତେବେ ଆମେ ଭାରତ ନୁହେଁ ବରଂ ଆମର ବନ୍ଧୁ ଭରତର ଆତ୍ମନିର୍ଭରଶୀଳତା କଥା କହିବାକୁ ଯାଉଛୁ। ଭରତ ଜଣେ ପତ୍ନୀବ୍ରତ ପତି। ଯିଏ ପତ୍ନୀଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରିଥାଏ। ସିଏ କ'ଣ କରିବ, କ'ଣ ଖାଇବ, କ'ଣ ପିନ୍ଧିବ, କୋଉଠିକୁ ଯିବ, କୋଉଠିକୁ ଯିବନି ସବୁକିଛି ପତ୍ନୀଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ନିଜେ ଚାକିରି କରିଥିଲେ ମଧ୍ୟ ପତ୍ନୀଙ୍କର ବିନା ଅନୁମତିରେ ସିଏ ଟଙ୍କାଟିଏ ଖର୍ଚ୍ଚ କରିପାରେନା।

ଭରତ ସକାଳ ଓ ସନ୍ଧ୍ୟାରେ ପତ୍ନୀଙ୍କ ବୋଲମାନି ଓ ଦିନରେ କାର୍ଯ୍ୟାଳୟର ଅଧିକାରୀଙ୍କ ବୋଲମାନି କାର୍ଯ୍ୟ କରିଥାଏ। ଏହାର ପ୍ରଭାବ ତା'ର ଶରୀର ଉପରେ ପଡ଼ିଛି। ସେହି କାରଣରୁ ଭରତକୁ ସମସ୍ତେ କହନ୍ତି– ଆପଣ ନିଶ୍ଚୟ ନିତି ଯୋଗ, ପ୍ରାଣାୟାମ କରନ୍ତି, ନଚେତ୍ ଏମିତି ଆକାଶିଆ ଗଛ ପରି ଲହଲହକା ହୋଇଛନ୍ତି କିପରି! ତେବେ କିଏ ବା ବୁଝନ୍ତା ଭରତର ଯୋଗ ହିଁ ଭଲନାହିଁ ଏବଂ ନାକଦଣ୍ଡିରେ ପ୍ରାଣ ଥାଏ।

ନାରୀସଶକ୍ତୀକରଣର ପ୍ରକୃତ ଉଦାହରଣ ଯଦି କେହି ପାଇବାକୁ ଚାହାନ୍ତି ତେବେ ଭରତର ସ୍ତ୍ରୀଙ୍କୁ ଭେଟିଲେ ତାଙ୍କର ଅନୁସନ୍ଧାନ ଶେଷ ହୋଇପାରିବ। ଭରତ ତା'ର ପତ୍ନୀଙ୍କଠାରୁ ଖାଦ୍ୟଖାଏ, ଗାଳିଖାଏ, ମାଡ଼ଖାଏ। ପତ୍ନୀଙ୍କ ନିର୍ଦ୍ଦେଶରେ ଲାଞ୍ଛଖାଏ। ପତ୍ନୀଙ୍କ ବୋଲକରା ହୋଇଥିବାରୁ ନିଜ ଲୋକଙ୍କଠାରୁ ମଧ୍ୟ ନିନ୍ଦା ଓ ଅପମାନ ପାଏ। ଭରତ ତା' ପତ୍ନୀଙ୍କୁ ଏତେ ମାନ୍ୟ କରିଥାଏ ଯେ, ତାଙ୍କ ସାହିପଡ଼ିଶାର ସ୍ତ୍ରୀଲୋକମାନେ ଭରତର ସ୍ତ୍ରୀକୁ ଈର୍ଷା କରନ୍ତି। ଭରତ ପ୍ରତି ସେମାନଙ୍କର ଆଭିମୁଖ୍ୟ କ'ଣ ତାହା ଭରତ ଜାଣେନା। କାରଣ ପତ୍ନୀଙ୍କ ନିର୍ଦ୍ଦେଶ ମୁତାବକ ସିଏ କୌଣସି ମହିଳାଙ୍କୁ ମୁହଁ ଟେକି ଚାହେଁନା।

ଆମ ପ୍ରଧାନମନ୍ତ୍ରୀଙ୍କୁ ଦେଖିଲେ ଭରତର ଭାରି ଈର୍ଷାହୁଏ। ସିଏ ନିଜକୁ ଧିକ୍କାରେ; ପୁଅ ତୁ ବି ଯଦି ବିବାହ ପରେ ପରେ ତ୍ୱରିତ ନିଷ୍ପତ୍ତି ନେଇ ଧର୍ମପତ୍ନୀଙ୍କଠାରୁ ଦୂରେଇ ଯାଇଥାଆନ୍ତୁ ତେବେ ଆଜି ଏକଛତ୍ରବାଦୀ ଶାସନାଧୀନ ନ ହୋଇ ଗଣତନ୍ତ୍ରର ମଜା ନେଉଥାଆନ୍ତୁ।

ତେବେ ଛାଡନ୍ତୁ ବିଚରା ଭରତର ଭାଗ୍ୟରେ ତ କେବଳ ଦୁଃଖ ଆଉ ଦୁଃଖ ହିଁ ଲେଖା ହୋଇଛି। କରୋନା ଭୂତାଣୁର ପ୍ରାଦୁର୍ଭାବ କାରଣରୁ ତାଲାବନ୍ଦୀ ଘୋଷଣା ହେବା ପରେ ଭରତର ଦୁର୍ଦ୍ଦଶା ବହୁଗୁଣିତ ହୋଇଗଲା। କାର୍ଯ୍ୟାଳୟ ବନ୍ଦ ରହିବା କାରଣରୁ ସିଏ ଘରୁ ବାହାରିବାର ସୁଯୋଗ ହରାଇ ସମ୍ପୂର୍ଣ୍ଣ ପତ୍ନୀଙ୍କ ଆୟତ୍ତରେ ରହିଲା। ତାଲାବନ୍ଦୀ କାରଣରୁ ରୋଷେୟା, ମାଳି ଓ କାମବାଲୀ କେହି ଆସିଲେ ନାହିଁ। ସକାଳୁ ରାତି ସିଏ ଘରୋଇ କାର୍ଯ୍ୟରେ ନିୟୋଜିତ ରହିଲା। ଖଟିଖଟି ନୟାନ୍ତ ହେଲା।

ତେବେ ସବୁର ଗୋଟାଏ ସୀମା ଅଛି। ଦର୍କାର ପଡ଼ିଲେ ନିୟନ୍ତ୍ରଣ ସୀମାରେଖା ମଧ୍ୟ ଅତିକ୍ରମ କରିବାକୁ ହୁଏ। ପାକିସ୍ତାନର ବଦ୍‌ମାସୀ ଓ ଆତଙ୍କବାଦୀ କାର୍ଯ୍ୟକଳାପରେ ବ୍ୟତିବ୍ୟସ୍ତ ହୋଇ ଭାରତ ଯେବେ ସୀମା ଅତିକ୍ରମ କରିଥିଲା ଓ ଯୁଦ୍ଧଜାହାଜ ପଠେଇ ପାକିସ୍ତାନ ଅଧିକୃତ ଆଜାଦ କଶ୍ମୀରର ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଥିଲା, ସେତେବେଳେ ଭରତ ମଧ୍ୟ ଏଥିରେ ପ୍ରଭାବିତ ହୋଇ ଦାମ୍ପତ୍ୟର ସୀମା ପାର୍ କରି ସମ୍ପର୍କକୁ ଧ୍ୱଂସ କରିବାକୁ ବିଚାର କରିଥିଲା। କିନ୍ତୁ ହାୟ ତା'ର ସଞ୍ଚୟର ଏଟିଏମ୍ ଏବଂ ଗାଡ଼ିର ଚାବି ପତ୍ନୀଦେବୀଙ୍କ ପାଖରେ ଥିବାରୁ ସିଏ ଏହି ଯୋଜନାକୁ କାର୍ଯ୍ୟକାରୀ କରାଇ ପାରି ନ ଥିଲା।

ତଥାପି ସିଏ ସୁଯୋଗର ଅପେକ୍ଷାରେ ଥିଲା। ସର୍ବହରା ନ ହେଲେ ଯେପରି ବିପ୍ଳବ କରି ହୁଏନା, ବିକଳ୍ପହୀନ ନ ହେଲେ ଯେପରି ବିଦ୍ରୋହ କରି ହୁଏନା; ସେପରି ପରିସ୍ଥିତି ସୃଷ୍ଟି ହୋଇ ନ ଥିବାରୁ ସିଏ ସେହି କଷ୍ଟ ପାଇ ରହିଯାଇଥିଲା। ତାକୁ ଏଥିପାଇଁ ଉତ୍ସାହିତ କରିବା ଲାଗି କେହି ସାଥୀ ମଧ୍ୟ ନ ଥିଲେ।

ତେବେ ଟିଭିରେ ପ୍ରଧାନମନ୍ତ୍ରୀ ମହୋଦୟ ଦେଶବାସୀଙ୍କୁ ସମ୍ବୋଧିତ କରି ଯେଉଁଦିନ କହିଲେ– ପ୍ରିୟ ସାଥୀମାନେ, ଆସ ଭାରତକୁ ଆତ୍ମନିର୍ଭରଶୀଳ କରିବା! ଏହା ଶୁଣି ଭରତର ସାରା ଶରୀରରେ ଶିହରଣ ଖେଳିଗଲା। ତାକୁ ଶୁଭିଲା; ପ୍ରିୟ ସାଥୀମାନେ, ଆସ ଭରତକୁ ଆତ୍ମନିର୍ଭରଶୀଳ କରିବା!!

ବାସ୍, ଭରତ ତ ଏମିତି ପ୍ରେରଣା ଅପେକ୍ଷାରେ ଥିଲା। ସିଏ ସେଇଠି, ଟିଭି ସାମ୍ନାରେ ବସି ପାଟିକଲା– ହଁ ହଁ, ମୁଁ ଆତ୍ମନିର୍ଭରଶୀଳ ହେବି! ତା' ସ୍ତ୍ରୀ ବଡବଡ ଆଖିକରି ତାକୁ ଚାହିଁଲା ଏବଂ ପଚାରିଲା– କ'ଣ... କ'ଣ କରିବ? ସିଏ କହିଲା– ଆଜିଠୁ ମୁଁ ସ୍ୱାଧୀନ! ଆଉ ତମ ସାଥିରେ ରହିବାର ନାହିଁ, ମୁଁ ଚାଲିଲି।

ଘରଣୀ ତାକୁ ତାଚ୍ଛଲ୍ୟ କରି କହିଲା– ହେ ହେ... ତମେ ପୁଣି ଏକୁଟିଆ ରହିପାରିବ? ସିଏ ଚପଲ ପିନ୍ଧୁ ପିନ୍ଧୁ କହିଲା– ନିଶ୍ଚୟ, ତମ ଦୟାରୁ ମୋତେ ରୋଷେଇବାସ, ବାସନମଜା, କପଡା ସଫା, ଇସ୍ତ୍ରୀ ଆଦି ସବୁ ଜଣା। ତେଣୁ ମୁଁ ନିଶ୍ଚୟ ଆତ୍ମନିର୍ଭରଶୀଳ ହୋଇ ରହିପାରିବି। ତା' ସ୍ତ୍ରୀ ଏଥର ଅତ୍ୟଧିକ ଉତ୍ତେଜିତ ହୋଇ କହିଲା– ହଉ ଯାଅ ତେବେ..! ନିୟମକାନୁନ୍ ସବୁ ଉଠିଗଲା ନା କ'ଣ! ମୁଁ ତମକୁ ନାଲିକୋଠା ଦେଖେଇବି, ହାଁ! ଭରତ କହିଲା– ହଉ ହଉ... ମୁଁ ବି ସେମିତି ନିୟମ ମାନି ଏବେଠାରୁ ତମଠୁ ସାମାଜିକ ଦୂରତା ଅବଲମ୍ବନ କଲି!!

ମୋ– ୮୮୯୫୮୨୫୮୬୩

## ଏଇ ଭାରତରେ

ବହୁ ସମୟରେ ଅନ୍ୟମାନଙ୍କ ଦୁଃଖ ଜଣେ ବ୍ୟକ୍ତିର ହୃଦୟରେ ପରିବର୍ତ୍ତନର ସ୍ୱର ଉଠାଏ, ତାକୁ ଦୁଃଖୀମାନଙ୍କ ସେବା କରିବା ଲାଗି ଶକ୍ତି ଯୋଗାଏ, ଯାହା ଘଟିଛି କେରଳର ଏନିଙ୍କ କ୍ଷେତ୍ରରେ। କୋଟ୍ଟାୟାମ୍‌ନିବାସୀ ଏନି ଏବେ ଅନାଥ ଓ ନିର୍ଯାତିତ ମହିଳାମାନଙ୍କ ସାହାରା ପାଲଟିଛନ୍ତି। ଏନି ଆରମ୍ଭରୁ ଏକ ଏନ୍‌ଜିଓରେ କାମ କରୁଥିଲେ। ଏହାର ଆର୍ଥିକ ଅବସ୍ଥା ଦୁର୍ବଳ ହୋଇଯିବାରୁ ଦୁଇଜଣ ମହିଳାଙ୍କୁ ବାହାର କରି ଦିଆଗଲା। ଫଳରେ ସେମାନେ ଆତ୍ମହତ୍ୟା କଲେ। ଏହି ଘଟଣା ପରେ ସେ ଏନ୍‌ଜିଓ ଛାଡ଼ିଦେଲେ। ପରେ ତିନିମାସର ଝିଅକୁ ତା' ପରିବାର ଟ୍ରେନ୍‌ରେ ଛାଡି ଚାଲିଯିବା ପରେ ସେ ଝିଅଟିକୁ ପୋଷ୍ୟଭାବେ ଗ୍ରହଣ କଲେ। ଏହି ଘଟଣା ବି ତାଙ୍କୁ ଖୁବ୍ ପ୍ରଭାବିତ କରିଥିଲା। ପରେ ନିଜସ୍ୱ ଉଦ୍ୟମରେ ପ୍ରତିଷ୍ଠା କଲେ ଏକ ଏନ୍‌ଜିଓ। ଏହାର ନାମ ରଖିଲେ 'ସନ୍ଥୱାନମ୍ ଚାରିଟେବଲ ଟ୍ରଷ୍ଟ'। ଏହା ଏବେ ୯୦ ଜଣ ଅନାଥ ପିଲାଙ୍କ ସମେତ ନିର୍ଯାତନାର ଶିକାର ହେଉଥିବା ମହିଳା ତଥା ପରିତ୍ୟକ୍ତ ବୃଦ୍ଧାମାନଙ୍କ ଆଶ୍ରୟସ୍ଥଳୀ ହୋଇଯାଇଛି। ବସ୍ତିଗୁଡ଼ିକରୁ ଏମାନଙ୍କୁ ଏନି ଉଦ୍ଧାର କରୁଛନ୍ତି। ସେମାନଙ୍କ ପାଇଁ ମାନସିକ ଚିକିତ୍ସାର ବ୍ୟବସ୍ଥା କରିଛନ୍ତି। ଯୋଗ ଓ ଧ୍ୟାନ ଶିଖାଉଛନ୍ତି। ନିର୍ଯାତିତ ମହିଳାମାନଙ୍କୁ ଆଇନ ସହାୟତା ମଧ୍ୟ ଯୋଗାଇ ଦେଉଛନ୍ତି। ଅନାଥ ପିଲାମାନଙ୍କୁ ଶିକ୍ଷା ଦେବା ସହ ଧନ୍ଦାମୂଳକ ଅନୁଷ୍ଠାନଗୁଡ଼ିକରେ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ପାଇବାର ବ୍ୟବସ୍ଥା ମଧ୍ୟ କରିଛନ୍ତି ଏନି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ମେ ୧୯୯୫

- ବାଂଲାଦେଶର ଉତ୍ତର ପୂର୍ବାଞ୍ଚଳ ଜିଲାରେ ମ୍ୟାଲେରିଆ ରୋଗ ବ୍ୟାପିବା ଫଳରେ ୭୦୦ ବ୍ୟକ୍ତିଙ୍କ ମୃତ୍ୟୁ।
- ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍‌ର ଘାଜିଆବାଦସ୍ଥିତ ସରକାରୀ ପରିଚାଳନାଧୀନ ପ୍ରତିରକ୍ଷା ଉତ୍ପାଦନକାରୀ ୟୁନିଟ୍ କ୍ରମାନ୍ୱୟରେ ୭ମ ବର୍ଷ ପାଇଁ ବ୍ରିଟିଶ୍ ନିରାପତ୍ତା ପରିଷଦ (ବ୍ରିଟେନ୍)ଠାରୁ ''ଜାତୀୟ ନିରାପତ୍ତା ପୁରସ୍କାର, ୧୯୯୪'' ହାସଲ କରିଛି।
- ରୋଗୀମାନଙ୍କ ପାଇଁ ସବୁଠୁ ଉପଯୁକ୍ତ ଏବଂ ଉପଯୋଗୀ ଔଷଧ ଚିଠା ଚିହ୍ନଟ କରିବା ନିମନ୍ତେ ଦେଶର ୨୦ଟି ପ୍ରମୁଖ ଖାଉଟି ଏବଂ ସ୍ୱାସ୍ଥ୍ୟ ସଂଗଠନ ୫୦୦୦ ଡାକ୍ତରୀ ବିଲ୍ ସଂଗ୍ରହ କରିବା ଦିଗରେ ଏକ ମିଳିତ ଅଭିଯାନ ଆରମ୍ଭ କରିଛନ୍ତି।

## ଚିରନ୍ତନୀ

ତଥାପି ଏ ଦେହ ସମ ହେଲା ତାହା ପ୍ରିୟ ତ
ତଥାପି ଏ ପାପ ଆଖି ଖୋଜିବୁଲେ ନିୟତ
ଖୋଜିବୁଲେ ଦେଖିବାକୁ ପରିଚିତ ମୁଖଟି
ଦେଖିବାକୁ ସୁକୁମାର ସେ ରୂପରୁ କିୟତ।

(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | | | 6 | | | | | | | A | | | C |
| | | | 2 | | | E | 9 | | | 3 | | | A | |
| | B | | E | | | | | 5 | | 8 | | 7 | | 4 |
| | | | 7 | | | | 0 | 4 | | E | | | 2 | B |
| 6 | 8 | C | D | 5 | 4 | | | 1 | | | 0 | E | | |
| | 9 | 7 | | 3 | | | | | | | | | | 2 |
| 8 | 6 | 3 | 0 | | 9 | | 2 | | | | | 4 | E | |
| 5 | | | | | | | | | | A | | B | D | |
| | 0 | 4 | | | | | | | D | 9 | | 6 | | 5 |
| | | | | 8 | | C | | E | | | 6 | | | 3 |
| 7 | | | C | D | | 4 | | | 5 | | 9 | 2 | | |
| | | | | | | | 3 | 0 | C | 2 | | | | |
| 0 | 2 | | A | | E | | 5 | | 7 | | | | | |
| | A | 5 | | 4 | 6 | | B | | 8 | | | | | |
| | E | | | | 5 | | C | | | D | | | B | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 3 | 4 | 0 | 1 | A | B | 6 | C | 7 | D | 9 | 5 | 2 | E |
| 6 | D | 7 | 3 | 9 | C | 0 | A | 2 | 1 | E | 5 | 4 | B | 8 |
| E | 9 | A | 8 | D | B | 7 | 3 | 5 | 2 | C | 4 | 6 | 0 | 1 |
| B | 0 | C | 4 | 5 | 2 | 8 | E | 1 | 6 | 3 | A | D | 7 | 9 |
| 1 | 5 | 2 | 6 | 7 | E | D | 9 | 4 | 8 | B | 0 | C | A | 3 |
| 9 | 8 | 5 | B | 0 | D | 3 | C | 6 | A | 7 | 1 | 2 | E | 4 |
| D | 6 | 3 | 9 | 4 | 5 | 2 | 8 | A | B | 0 | E | 1 | C | 7 |
| 2 | 7 | 0 | 1 | 6 | 3 | E | 4 | D | 5 | 8 | C | B | 9 | A |
| 4 | 1 | E | C | A | 7 | 5 | B | 0 | D | 9 | 2 | 8 | 3 | 6 |
| A | C | B | 2 | E | 8 | 9 | 1 | 7 | 4 | 6 | 3 | 0 | D | 5 |
| 0 | E | 8 | D | 3 | 1 | A | 2 | 9 | C | 4 | 6 | 7 | 5 | B |
| 3 | B | 1 | E | C | 9 | 6 | 7 | 8 | 0 | 5 | D | A | 4 | 2 |
| 5 | 2 | 9 | A | 8 | 0 | 4 | D | B | 3 | 1 | 7 | E | 6 | C |
| C | 4 | D | 7 | 2 | 6 | 1 | 5 | 3 | E | A | B | 9 | 8 | 0 |
| 7 | A | 6 | 5 | B | 4 | C | 0 | E | 9 | 2 | 8 | 3 | 1 | D |

ଗତକାଲିର ଉତ୍ତର

# ଚାଷୀ କଥା ଶୀଘ୍ର ବୁଝ



ଇଂ. ବିଦ୍ୟାଧର ପଣ୍ଡା

ବଗଲା ବଗୁଲୀ ଦୁଇ ପ୍ରାଣୀ। ବଗଲା ଘର ବରଗଡ଼। ବଗୁଲୀ ବାପଘର ପଦ୍ମପୁର। ବାହାଘରକୁ କୋଡ଼ିଏ ବର୍ଷ ହେଲାଣି। ଦି' ଚାରିବର୍ଷରେ ଥରେ ଚାଷକାମରେ ଧୋକା ଖାଆନ୍ତି। ଏ ବର୍ଷ ଧାନକେଣ୍ଡା ଭଲ ଧରିଥିଲା, କିନ୍ତୁ ଅମଳ ହେବା ପୂର୍ବରୁ କି ପାଗ କରୁଛି କିଛି ବୁଝାପଡୁନି। ଦିନ ଯାକ ମୁଣ୍ଡଫଟା ଟାଇଁଟାଇଁଆ ଖରାରେ ଗଛପତ୍ର ଜଳିଯାଉଛି। କିନ୍ତୁ ସନ୍ଧ୍ୟାହେଲେ କୁଆଡୁ କେଜାଣି କଳାହାଣ୍ଡିଆ ମେଘ ଅନ୍ଧାର କରି କାଳବୈଶାଖୀ ମାଡ଼ି ଆସୁଛି। ବର୍ଷା ସହ ଘଡ଼ଘଡ଼ି ସାଙ୍ଗକୁ ଦଲକା ଦଲକା ପବନ ଚାଳ ଉଡ଼େଇନେଲା ପରି ଲାଗୁଛି। ମଝିରେ ମଝିରେ କୁଆପଥର ମାଡ଼ରେ ଛିଡ଼ା ହୋଇଥିବା ଧାନଗଛ ସବୁ ତଳେ ଶୋଇଗଲାଣି। ମୂଳ ଶଢ଼ି ଶଢ଼ି ଯାଉଛି, ଧାନଥୋଡ଼ରୁ ଧାନଗୁଡ଼ା ବିଲରେ ଝଡ଼ି ମାଟିରେ ମିଶିଲାଣି। ଧାନ ଅମଳକରି ବସ୍ତା ଡେରିବା କଥା ଛାଡ଼ ବିହନ ବି ଉଠିବନି। ଦୁହେଁ ସକାଳେ ହିଡ଼ମୁଣ୍ଡରେ ଘେରାଏ ବୁଲିଆସିଲେ, ଧାନଗଛଗୁଡ଼ାକୁ ଦେଖି ଆଖିରେ ଲୁହ ଜମିଯାଉଛି। ବଗୁଲୀ ବାପଘରେ ଦୁଇଭାଇଙ୍କର ବି ଏଇ ଏକା ଅବସ୍ଥା। ଦୁଇ ପରିବାର ମୁଖ୍ୟତଃ ଧାନଚାଷ ଉପରେ ନିର୍ଭର କରନ୍ତି। ବଗୁଲୀର ଦୁଇଭାଇ ତ ସେହି ଧାନଚାଷରେ ହାରି ମୁଣ୍ଡରେ ହାତ ଦେଇ ବସିଛନ୍ତି। ସିଏ ବଗଲାର ଦୁଃଖ କ'ଣ ବୁଝିବେ।

ଉପରବେଳା ବଗୁଲୀର ବଡ଼ଭାଇ ଚଗଲା ଆସି ପହଞ୍ଚି ଭଉଣୀ ଭିଣୋଇର ଦୁଃଖ କଥାଶୁଣି ତାଙ୍କ ଆଗରେ ଗୁପ୍ତ କଥାଟିଏ ପ୍ରକାଶକଲା। ବିଲରେ ସିନା ଧାନ ହୋଇନି, କିନ୍ତୁ ବଗଲା ବଡଚାଷୀ ହିସାବରେ ନିଜ ନାମ ସୋସାଇଟିରେ ପଞ୍ଜୀକରଣ କରି ପଚାଶ କୁଇଣ୍ଟାଲ ଧାନ ବିକିବ ବୋଲି ଲେଖିକି ଆସୁ। ତା'ପରେ ଦେଖାଯିବ। ବଗଲା ବିରକ୍ତ ହୋଇ କହିଲା ଧାନ ଗାୟମୋଟ ପାଞ୍ଚ କୁଇଣ୍ଟାଲ ଅମଳ ହେବ କି ନାହିଁ, ମୁଁ ଅଯଥା କାହିଁକି ଯାଇ ସେଠି ଲେଖେଇ ଲୋକହସା ହେବି? ଚଗଲା ଭିଣୋଇକୁ ବୁଝେଇଲା। ସବୁବର୍ଷ ଚାଷୀଙ୍କର ଅଭିଯୋଗ ହେଉଛି ଅଭାବୀ ବିକ୍ରି। ଅମଳ ଭଲହେଲେ ଓଡ଼ିଶା ପୁରସ୍କାର ପାଉଛି, ମରୁଡି ପଡ଼ିଲେ ବି ପୁରସ୍କାର ପାଉଛି। କାଗଜକଲମ ନଥିପତ୍ରରେ କେତେ ଅମଳ ହେଲା, କେତେ କ୍ରୟ ହେଲା ଏସବୁ ରିପୋର୍ଟ ଭଲ ହେଲେ ସରକାରଙ୍କ ସିସିଆର୍ ଭଲ। ଆମ ପଦ୍ମପୁରରେ ଜଣେ ପ୍ରତିବର୍ଷ ଶହେ କୁଇଣ୍ଟାଲ ଧାନ ବିକୁଛି। ସ୍ତ୍ରୀ ନାଁରେ ରାଇସ୍ ମିଲ୍‌ଟିଏ କରିଛି। ସେଇ ତାରି ଧାନକୁ ତାରି ମିଲ୍ ପାଇଁ କିଣି ଆଣୁଛି। ପ୍ରତି ବର୍ଷ ସେଇ ବସ୍ତା ନୂଆ ପୁରୁଣା ହେଉଛି। ବିଲରେ ବିହନ ପଡ଼ିବାର ନାହିଁ କି ଖଳାକୁ ଯିବାର ନାହିଁ। ଆମ ରାଜ୍ୟରେ ଏଭଳି ଧୋବ ଫଙ୍ଗଫଙ୍ଗ ପୋଷାକପିନ୍ଧା ଚାଷୀ ଅଧିକ। ଏବେ ଯେଉଁ ଟୋକନ ସିଷ୍ଟମ୍ ହେଲା, ଦୁର୍ନୀତି କମିବା ପରିବର୍ତ୍ତେ ବଢିଛି। କାରଣ ଗରିବ ଚାଷୀଗୁଡା ଧାନ ଅମଳକରି ମଣ୍ଡିରେ ଅଖାପାରି ସରକାରୀ ବାବୁଙ୍କୁ ଅନିଷା କରି ବସୁଛନ୍ତି। କିଛିଦିନ ପରେ ସରକାରୀ ଅଧିକାରୀ ଆସି କହୁଛନ୍ତି ଯେ ଟାର୍ଗେଟ୍ ଫୁଲ୍। ଯେତିକି ଏ ଥାକରେ କିଣାହେବାର ଥିଲା ତାହା କିଣା ସରିଲାଣି। ବସ୍ତା ଘରକୁ ନେଇକି ପଳାଅ, ଆର ପାଳିକୁ ତୁମର କିଣାହେବ। ଚାଷୀ କହୁଛି, ଆଜ୍ଞା! ଆମ ଗାଁରୁ ତ ବସ୍ତାଏ ଧାନ ଯାଇନି। କୋଉଠୁ ଏତେଧାନ ସରକାର କିଣି ପକେଇଲେ? ନଥିପତ୍ର ଦେଖାଇ ମିଛସତ କହି ମୂର୍ଖଚାଷୀଗୁଡାଙ୍କୁ ଭୁଆଁ ବୁଲେଇବା ଭାରି ସହଜ। ସେମାନେ ତ ଜିଲା ବାହାରକୁ ଯାଇନାହାନ୍ତି। ବରଗଡ଼ ଚାଷୀଙ୍କୁ କହିବେ ବ୍ରହ୍ମପୁର ଚାଷୀଙ୍କଠାରୁ କିଣାହେଲା, ବ୍ରହ୍ମପୁର ଚାଷୀଙ୍କୁ କହିବେ ବରଗଡ଼ ଚାଷୀଙ୍କଠାରୁ କିଣିଲୁ। ତେଣୁ ତୁମେ ଯାଇ ପଚାଶ କୁଇଣ୍ଟାଲ ବିକିବ ବୋଲି ଲେଖେଇକି ଆସ।

ବଗଲା ଶାଳକ ଚଗଲାକୁ ପଚାରିଲା ପଚାଶ କୁଇଣ୍ଟାଲ ଧାନ କୋଉଠୁ ଆସିବ? ଚଗଲା ପ୍ରାଞ୍ଜଳଭାବରେ ବୁଝେଇଦେଲା ତୁମେ କେବଳ କୁଇଣ୍ଟାଲ ପିଛା ଦୁଇଶହ ଟଙ୍କା ହିସାବରେ ଦଶହଜାର ଟଙ୍କା ପାଇବ। ବାକି ସେ ମିଲ୍‌ମାଲିକ ସରକାରୀ ଅଧିକାରୀ ଓ କଣ୍ଟାକଲା ଲୋକମାନଙ୍କ କଥା ବୁଝି ତୁମ ନାଁରେ ଖାତାରେ ଚଢେଇବେ। ତୁମେ ଚେକ୍ ଆଣି ତୁମ ଖାତାରେ ଜମାକରିବ। ସମୁଦାୟ ଟଙ୍କାରୁ ଖାଲି ଦଶହଜାର ଟଙ୍କା କାଟି ବାକି ଟଙ୍କାର ଗୋଟାଏ ଚେକ୍ ଦସ୍ତଖତ କରି ସେ ମିଲ୍ ମାଲିକକୁ ଆଗତୁରା ଦେବାକୁ ହେବ। ଆମେ ଦୁଇଭାଇ ବି ସେମିତି ପଚାଶ କୁଇଣ୍ଟାଲ ଲେଖାଏ ବିକି ପ୍ରତିବର୍ଷ ତା'ଠାରୁ ଦଶ ଦଶହଜାର ଟଙ୍କା ନେଉଛୁ। ବଗଲା ସିନା ପାଠ ପଢିନି, କିନ୍ତୁ ଏସବୁ ଦୁର୍ନୀତି କଥା ବୁଝିପାରିଲା। ଚଗଲାକୁ କହିଲା ତେବେ ଏହି ସବୁ କାରଣ ପାଇଁ ଆମ ଚାଷୀକୁଳ ହତାଶ ହେଉଛି। ଏପରି ଦୁର୍ନୀତିଖୋର୍ ମିଛଚାଷୀମାନେ କାଗଜପତ୍ରରେ ମିଛିମିଛିକା ଧାନ କାରବାର କରି ଗରିବ ଚାଷୀମାନଙ୍କ ପଇସା ହଡପ୍ କରି ନେଉଥିବାରୁ ଚାଷୀକୁଳ ଆମ ରାଜ୍ୟରେ ଉଧୋଉନି। ଦିନକୁ ଦିନ ଚାଷୀକୂଳ ବୁଡିଯାଉଛି। ମୁଁ ନିଜେ ଜଣେ ଚାଷୀ ହୋଇ ଚାଷୀକୂଳ ପ୍ରତି ବେଇମାନ୍ କାମ କରିପାରିବିନି କି ତୁମକୁ ବି କରିବାକୁ ଦେବିନି। ସେ ମିଲ୍ ମାଲିକ ନାଁରେ ମୁଁ ଦୁର୍ନୀତି ନିବାରଣ ଅଫିସରେ ଜଣେଇବି। ଚଗଲା ରାଗିଗଲା। ଲୋକଙ୍କୁ ଆଜିକାଲି ଭଲ କହିଲେ ଭେଲ। ଘରେ ବସିବସି ଦଶହଜାର ଟଙ୍କା ଯଦି ନେବାକୁ ଗନ୍ଧଉଛି, ଥାଉ ଆମ କଥା ଆମ ପାଖରେ। କିନ୍ତୁ ତୁମେ ସେ ମିଲ୍ ମାଲିକ ନାଁ ଯଦି ବାହାରେ କୋଉଠି ପ୍ରଘଟ କଲ, ସିଏ କ'ଣ ସହଜେ ଛାଡିବ। ତା'ପରେ ଏମିତି ଶହ ଶହ ମିଲ୍ ମାଲିକ, ଦଲାଲ୍ ଓଡ଼ିଶାରେ ସକ୍ରିୟ ଅଛନ୍ତି, ଯେଉଁମାନେ ଚାଷ ନ କରି ପ୍ରତିବର୍ଷ ଧାନ ବିକନ୍ତି, କିଣନ୍ତି ଏବଂ ଚାଷୀଙ୍କର ପଇସା ହେର୍‌ଫେର୍ କରି ବଡଲୋକ ହେଉଛନ୍ତି। ଏଇ ଜଣକୁ ତୁମେ ଧରେଇ ଦେଲେ କ'ଣ ଚାଷୀମାନଙ୍କର ଭାଗ୍ୟ ପରିବର୍ତ୍ତନ ହୋଇଯିବ। ଯେ ପର୍ଯ୍ୟନ୍ତ ସରକାର ନିଜେ ରାଜ୍ୟର ଚାଷୀମାନଙ୍କ ବିଷୟରେ ଚିନ୍ତା ନ କରି ତାଙ୍କର ନ୍ୟାଯ୍ୟପ୍ରାପ୍ୟ ଦେବାରେ ସମର୍ଥ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ଚାଷୀମାନଙ୍କର ଭାଗ୍ୟ ବଦଳିବନି।

ବଗଲା ଚଗଲା କଥାକୁ ମାନିଲା। କାହିଁକି ସେ ବଡଲୋକ ସାଙ୍ଗରେ ଲାଗିବ? ସବୁ ହାକିମ ହୁକୁମା ଲୋକ ତାଙ୍କ ସାଙ୍ଗରେ, ଗୋଟିଏ ଭାଡିର ପାରା ସମସ୍ତେ। ସରକାର ସବୁଆଡେ ଦୁର୍ନୀତି କରୁ ପଛେ ଆମ ଚାଷୀଙ୍କ ସହ ଦୁର୍ନୀତିଖୋର ଅଫିସରଙ୍କୁ ନ ଲଗେଇ କିଛି ଭଲଭଲ ସଚ୍ଚୋଟ ଅଧିକାରୀଙ୍କୁ ଦାୟିତ୍ୱ ଦେଲେ ଭଲ ହୁଅନ୍ତା। ଏ ବର୍ଷ ଟମାଟୋ ବାହାରିଲା ବେଳକୁ ତାଲାବନ୍ଦୀ ଘୋଷଣା ହେଲା ଯେ ସବୁ ବିଲରେ ପଡି ଶଢ଼ିଗଲା। ପରିବାପତ୍ର ପାଇଁ ହାଟବଜାର ବନ୍ଦ କରିଦେଲେ ଯେ ହାତବାନ୍ଧି ଘରେ ବସିବାକୁ ହେଲା। ତିନିମାସ ପାଇଁ ଯେଉଁ ଚାଉଳ ସହ ଟଙ୍କା ହଜାରେ ମିଳିଥିଲା ମାସକରେ ଖତମ୍। ଛୁଆଗୁଡାଙ୍କର ସ୍କୁଲ୍ ବନ୍ଦ। ଘରେ ରହିଲେ ଘଣ୍ଟାକୁ ଘଣ୍ଟା ଖାଲି ଭୋକଭୋକ କହି ବେଲାଏ ଲେଖା ଗିଳୁଛନ୍ତି। ଦିନକୁ ଛଅ ସାତଥର ଖାଇବାକୁ ମାଗୁଛନ୍ତି, ବହୁତ ଅସୁବିଧା। ହେଲେ ମୁଁ ମୋ'ଚାଷୀ ଭାଇମାନଙ୍କ ପ୍ରତି ଧୋକ୍କା କରିପାରିବିନି। ଭୋକ ଉପାସରେ ମରିବାର ଥିଲେ ମରିଯିବି ପଛେ ମିଛକଥା ଲେଖେଇ ସେ ଦଶହଜାର ଟଙ୍କା ମୋର ଲୋଡ଼ା ନାହିଁ। ଭଗବାନ କରନ୍ତୁ ସମସ୍ତଙ୍କ ହୃଦୟରେ ଚାଷୀକୁଳ ପ୍ରତି ଦୟାଭାବ ଆସୁ ଏବଂ ସରକାର ଏ କରୋନା କାଳରେ ଚାଷୀଙ୍କ ଫସଲ ନଷ୍ଟ କଥା ପ୍ରତି ଦୃଷ୍ଟିରଖି ହୋଇଥିବା କ୍ଷତିକୁ ଅଳ୍ପ ବହୁତ ଭରଣା କରନ୍ତୁ, ନ ହେଲେ ଋଣ ଛାଡ଼ କରନ୍ତୁ। କିଛି ନ କରି ଦାରୁବ୍ରହ୍ମ ପରି ସରକାର ଦର୍ଶକ ସାଜି ବସିରହିଲେ ଚାଷୀକୁଳ ଭାସିଯିବେ। ଏହି କରୋନା ସଙ୍କଟ କାଳରେ ଚାଷୀ ଉପରେ ଦୁଇଟି କରୁଣା କର। ପ୍ରଥମଟି କୃଷି ଏବଂ ସମବାୟ ବିଭାଗକୁ ଦୁର୍ନୀତିମୁକ୍ତ କର ଏବଂ ଚାଷୀ କଥା ଶୀଘ୍ର ବୁଝ।

ଏଲ୍–୧୭/୧୫, ପଞ୍ଚସଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର
ମୋ–୯୪୩୯୧୨୮୦୫୦

## ପାଠକ ଶ୍ରେଷ୍ଠ ବିଚାରକ

### ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ

ମହାଶୟ,

ଯାଜପୁର ଜିଲାର ଧର୍ମଶାଳା ବ୍ଲକ୍ ଜେନାପୁରଠାରେ ପ୍ରାୟ ୮ ବର୍ଷ ତଳେ ପ୍ରତିଷ୍ଠା ହୋଇଥିଲା ଏକ ଏୟାର୍‌ଟେଲ ମୋବାଇଲ ଟାୱାର। କିନ୍ତୁ ଅଧିକାଂଶ ସମୟରେ ନିରନ୍ତର ସେବା ଯୋଗାଇଦେବା କ୍ଷେତ୍ରରେ ନାନାଦି ସମସ୍ୟା ଉପୁଜିବା କାରଣରୁ ହଜାର ହଜାର ଗ୍ରାହକଙ୍କ ମହଲରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି କରୋନା ଭୂତାଣୁ ସଂକ୍ରମଣ ସମୟରେ ଜରୁରୀ ସୂଚନା ଓ ଉତ୍ତମ ଯୋଗାଯୋଗ ପାଇଁ ଗ୍ରାହକମାନେ ଏୟାରଟେଲ କମ୍ପାନୀ ଉପରେ ବହୁବାର ନିର୍ଭର କରିଥାନ୍ତି। ହେଲେ ଜେନାପୁର ଅଞ୍ଚଳରେ ଯଦି କୌଣସି କାରଣ ବଶତଃ କେତେବେଳେ ସାମାନ୍ୟ ପାୱାରକଟ୍ ହୁଏ, ତେବେ ସଙ୍ଗେ ସଙ୍ଗେ ଇଣ୍ଟରନେଟ୍ ସଂଯୋଗ ବିଚ୍ଛିନ୍ନ ହୋଇପଡୁଛି। ଫଳସ୍ୱରୂପ ନେଟ୍ ସମ୍ବନ୍ଧୀୟ କୌଣସି କାର୍ଯ୍ୟ କରିବା ସମ୍ଭବ ହେଉନି। ପ୍ରାୟ ୬୦୦ ଟଙ୍କାର ନେଟ୍ ପ୍ୟାକ୍ ମୂଲ୍ୟହୀନ ହୋଇପଡୁଛି। ଏହି ଘଟଣା ବାରମ୍ବାର ଘଟୁଥିଲେ ମଧ୍ଧ ଉଚ୍ଚ କର୍ତ୍ତୃପକ୍ଷ ଆଦୌ କର୍ଣ୍ଣପାତ କରୁନାହାନ୍ତି। ଏଣୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିଦ୍ୟୁତ୍ କାଟ୍ ସମୟରେ ଡିଜିର ସୁବ୍ୟବସ୍ଥା କରିବାକୁ ଦାବି।

ସୁଶାନ୍ତ କୁମାର ଖଟୁଆ, ଜେନାପୁର, ଯାଜପୁର

### କିରୋସିନ ବଣ୍ଟନ ସ୍ୱଚ୍ଛ ହେଉ

ରାଜ୍ୟରେ ଖାଉଟିମାନଙ୍କୁ ବଣ୍ଟାଯାଉଥିବା କିରୋସିନରେ ସ୍ୱଚ୍ଛତା ରହୁ। ସବୁ ହିତାଧିକାରୀଙ୍କୁ ଯେପରି କିରୋସିନ ମିଳିପାରିବ ସେଥିପ୍ରତି ଯୋଗାଣ ବିଭାଗ ତତ୍ପରତା ପ୍ରକାଶ କରି ପଦକ୍ଷେପ ନେଉ। ମେ ମାସରେ ଦିଆଯାଇଥିବା କିରୋସିନ ଲିଟର ପ୍ରତି ତିରିଶ ଟଙ୍କାରେ ବଣ୍ଟନ ହୋଇଛି। ନିରୀକ୍ଷଣ କରି ମୂଲ୍ୟ ଦେଖାଯାଉ।

–ରମେଶ ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷ: ୫ ଆହତ, ୩ ଗିରଫ

**ନୟାଗଡ଼ ଅଫିସ,୨୭।୫:** ନୟାଗଡ ଜିଲା ଇଟାମାଟି ଥାନା କୃଷ୍ଣପ୍ରସାଦ ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ଗୋଷ୍ଠୀ ସଂଘର୍ଷ ଘଟି ୫ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ୨ଟି ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁସାରେ କୃଷ୍ଣପ୍ରସାଦ ଗାଁରେ କୋଠ ଟଙ୍କା ରହିଛି। ଗାଁର ପ୍ରଦୀପ ନାୟକ କୋଠ ଟଙ୍କା ନେଇ ପରିଶୋଧ କରି ନ ଥିଲେ। ଏହି ଘଟଣାକୁ ନେଇ ରବୀନ୍ଦ୍ର ପ୍ରଧାନ ଓ ନରୋତ୍ତମ ପ୍ରଧାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଏହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଏଥିରେ ରବୀନ୍ଦ୍ରଙ୍କ ଗୋଷ୍ଠୀର ୩ଜଣ ଓ ନରୋତ୍ତମଙ୍କ ଗୋଷ୍ଠୀର ୨ଜଣ ଆହତ ହୋଇଥିଲେ। ରବୀନ୍ଦ୍ରଙ୍କ ଅଭିଯୋଗ କ୍ରମେ ପୋଲିସ ୬୯/୨୦ରେ ୧୨ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ଏହି ଘଟଣାରେ ନରୋତ୍ତମ ପ୍ରଧାନ ଓ ଅର୍ଜୁନ ନାୟକଙ୍କୁ ଗିରଫ କରାଯାଇଛି। ସେହିପରି ନରୋତ୍ତମଙ୍କ ଅଭିଯୋଗ କ୍ରମେ ପୋଲିସ ୭୦/୨୦ରେ ୧୧ଜଣଙ୍କ ନାଁରେ ମାମଲା ରୁଜୁ କରି ଶରତ ପ୍ରଧାନଙ୍କୁ ଗିରଫ କରିଛି।

### ୧୩ ଲକ୍ଷ ଟଙ୍କାର ଗୁଟ୍‌ଖା,ପଲିଥିନ ଜବତ: ୨ ଗିରଫ

**ଗୁଣପୁର,୨୭।୫(ଡି.ଏନ୍‌.ଏ.):** ରାୟଗଡ଼ା ସହରର ଦୁଇଟି ସ୍ଥାନରେ ପୋଲିସ ମଙ୍ଗଳବାର ଚଢ଼ାଉକରି ବ୍ୟାପକ ପରିମାଣରେ ଗୁଟ୍‌ଖା ଓ ପଲିଥିନ ଜରି ଜବତ କରିଛି। ଏହାର ମୂଲ୍ୟ ପ୍ରାୟ ୧୩ ଲକ୍ଷ ଟଙ୍କା ହେବ ବୋଲି ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୋଲିସ ପକ୍ଷରୁ କୁହାଯାଇଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବି.ସନ୍ତୋଷ କୁମାର ଏବଂ ଶେଷଦେବ ମାଝି। ସନ୍ତୋଷଙ୍କ ନିକଟରୁ ୪ଲକ୍ଷ ୫୦ ହଜାର ଟଙ୍କାର ଏବଂ ଶେଷଦେବଙ୍କ ନିକଟରୁ ୮ ଲକ୍ଷ ୫୦ ହଜାର ଟଙ୍କାର ଗୁଟ୍‌ଖା ଓ ପଲିଥିନ ଜବତ ହୋଇଛି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ସନ୍ତୋଷଙ୍କ ଗୋଦାମରେ ବହୁ ପରିମାଣର ଗୁଟ୍‌ଖା ଓ ପଲିଥିନ ଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ସେହିପରି ଶେଷଦେବଙ୍କ ଘର ଡେରାସାହିରେ ହୋଇଥିବା ବେଳେ ଶ୍ରୀନିବାସ ନଗରରେ ଥିବା ତାଙ୍କ ଗୋଦାମରେ ଚଢ଼ାଉ କରାଯାଇ ଗୁଟ୍‌ଖା ଓ ପଲିଥିନ ଜବତ କରାଯାଇଥିଲା ବୋଲି ଏସ୍‌ଡିପିଓ ରାଜକିଶୋର ଦାସ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଗତ ୩୦ରେ ମଧ ପୋଲିସ ଚଢ଼ାଉକରି ୮ ଲକ୍ଷ ଟଙ୍କାର ଗୁଟ୍‌ଖା ଜବତକରି ଗଳାସାହି ଅଞ୍ଚଳର ଜଣଙ୍କୁ ଗିରଫ କରିଥିଲା।

# ଚେନ୍‌ ଟାଣି ୨ ଟ୍ରେନ୍‌ରୁ ୪୬୬ ପ୍ରବାସୀ ଓହ୍ଲାଇପଡ଼ିଲେ

**ଛତ୍ରପୁର/ଖଲ୍ଲିକୋଟ, ୨୭।୫(ଡି.ଏନ.ଏ)**

ଅନ୍ୟ ରାଜ୍ୟରୁ ଆସୁଥିବା ଶ୍ରମିକ ଟ୍ରେନଗୁଡ଼ିକ ନିର୍ଦ୍ଦିଷ୍ଟ ଷ୍ଟେଶନରେ ରହିବା ପାଇଁ ସ୍ଥିର ହୋଇଥିଲେ ମଧ ପ୍ରବାସୀ ଓଡ଼ିଆମାନେ ବାଟରେ ଚେନ୍‌ ଟାଣି ଓହ୍ଲାଇପଡୁଛନ୍ତି। ଏହା ଆରପିଏଫ୍‌, ସ୍ଥାନୀୟ ପୋଲିସ ଓ ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟୁଛି। ଗଞ୍ଜାମ ଜିଲାକୁ ବୁଧବାର ଆସିଥିବା ୨ଟି ଟ୍ରେନ୍‌ର ଚେନ୍‌ ଟାଣି ୪୬୬ ଜଣ ଓହ୍ଲାଇ ପଡ଼ିଥିଲେ। ଆର୍‌ପିଏଫ ଓ ସ୍ଥାନୀୟ ଲୋକେ ସେମାନଙ୍କୁ ଅଟକାଇ ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି।

ଗୋଆ ମଡଗାଓଁ ଜଙ୍କଶନରୁ ଆସିଥିବା ଟ୍ରେନ୍‌ ବୁଧବାର ସକାଳେ ଗଞ୍ଜାମ ଜିଲାରେ ପହଞ୍ଚିଥିବା ବେଳେ ହୁମ୍ମା ଓ ରମ୍ଭା ଷ୍ଟେଶନ ମଧ୍ୟରେ କେତେଜଣ ପ୍ରବାସୀ ଶ୍ରମିକ ଚେନ୍‌ ଟାଣିଥିଲେ। ଟ୍ରେନ ଅଟକିବା ପରେ ୩୫ ଜଣ ଶ୍ରମିକ ଓହ୍ଲାଇ ପଡି ଏଣେତେଣେ ବୁଲିଥିଲେ। ପରେ ଟ୍ରେନ୍‌ଟି ଗନ୍ତବ୍ୟସ୍ଥଳକୁ ଯାଇଥିଲା। ଖବରପାଇ ଆରପିଏଫ୍‌ ଓ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚିଥିଲେ। ଟ୍ରେନରୁ ଓହ୍ଲାଇ ପଡ଼ିଥିବା ୩୫ ଜଣଙ୍କୁ ଠାବ କରି ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯାଇଥିଲା। ସେଥିମଧ୍ୟରେ ଗଞ୍ଜାମ ଜିଲାର ୩୧ ଜଣ ଓ ଗଜପତି ଜିଲାର ୪ ଜଣ ଥିଲେ। ଏମାନଙ୍କୁ ନିଜ ବ୍ଲକକୁ ଗାଡି ଯୋଗେ ପଠାଇ ଦିଆଯାଇଛି। ସେହିପରି ଖଲ୍ଲିକୋଟ ରେଲ୍‌ୱେ ଷ୍ଟେଶନରେ ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ଅନ୍ୟ ଏକ ଟ୍ରେନର ଚେନ୍‌ ଟାଣି ୪୩୧ ଜଣ ପ୍ରବାସୀ ଓଡ଼ିଆ ଓହ୍ଲାଇ ପଡିଥିଲେ। ଏମାନେ କୁକୁଡ଼ାଖଣ୍ଡି, ହିଞ୍ଜିଳି, ଶେରଗଡ଼, ଧରାକୋଟ, ଆସିକା, ପୁରୁଷୋତ୍ତମପୁର, ଖଲ୍ଲିକୋଟ, ବେଗୁନିଆପଡ଼ା ଆଦି ବ୍ଲକ ଅଞ୍ଚଳର। ଷ୍ଟେଶନ ଅଞ୍ଚଳର ବହୁ ଯୁବକ ସମସ୍ତଙ୍କୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ଖଲ୍ଲିକୋଟ ତହସିଲଦାର ଚକ୍ରଧର ପାଢୀ, ବିଡିଓ ନବକୃଷ୍ଣ ଜେନା ଓ ପୋଲିସ ପହଞ୍ଚି ସେମାନଙ୍କ ନାମ ପଞ୍ଜୀକରଣ କରି ନିଜ ନିଜ ବ୍ଲକକୁ ବସ୍‌ ଯୋଗେ ପଠାଇଛନ୍ତି।


ଖଲ୍ଲୀକୋଟ ଷ୍ଟେଶନରେ ଓହ୍ଲାଇପଡ଼ିଥିବା ପ୍ରବାସୀ।

# ସଙ୍ଗରୋଧ କେନ୍ଦ୍ରରେ ଛାୟା ବିବାହ


କ୍ୱାରାଣ୍ଟାଇନ୍‌ ସେଣ୍ଟରରେ ଛାୟା ବିବାହ।

**ଓଡ଼ାପଡ଼ା, ୨୭।୫(ଡି.ଏନ.ଏ.)**

- ଅନ୍ତେବାସୀଙ୍କ ମନୋରଞ୍ଜନ ଲାଗି ପ୍ରୟାସ
- ପରସ୍ପରକୁ ବରଣମାଳା ପିନ୍ଧାଇଲେ ଦମ୍ପତି
- ସାମାଜିକ ଦୂରତ୍ୱରେ ପାଳନ ହେଲା କାର୍ଯ୍ୟକ୍ରମ

ସଙ୍ଗରୋଧରେ ଥିବା ପ୍ରବାସୀଙ୍କ ଚିତ୍ତବିନୋଦନ ଲାଗି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅଙ୍କରାନ୍ତିପୁର ଉନ୍ନୀତ ହାଇସ୍କୁଲସ୍ଥିତ କ୍ୱାରାଣ୍ଟାଇନ୍‌ ସେଣ୍ଟରରେ ବୁଧବାର ଛାୟା ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗରୋଧରେ ଥିବା ଜଣେ ଦମ୍ପତି ବରକନ୍ୟା ବେଶରେ ସଜେଇ ହୋଇ ପରସ୍ପରକୁ ବରଣମାଳା ପିନ୍ଧାଇଥିଲେ। ସାମାଜିକ ଦୂରତ୍ୱ ନିୟମ ମଧ୍ୟରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ସମସ୍ତଙ୍କ ଲାଗି ସ୍ୱତନ୍ତ୍ର ଖାଦ୍ୟପେୟର ବ୍ୟବସ୍ଥା ମଧ କରାଯାଇଥିଲା।

ଉକ୍ତ କ୍ୱାରାଣ୍ଟାଇନ୍‌ ସେଣ୍ଟରରେ ୩୦ଜଣ ସଙ୍ଗରୋଧରେ ଅଛନ୍ତି। ପବିତ୍ର ଶୀତଳଷଷ୍ଠୀ ଉପଲକ୍ଷେ ସମସ୍ତଙ୍କ ମନରେ ଉତ୍ସାହ ଭରିବାକୁ ସିମିନଇ ସରପଞ୍ଚ ବିନୋଦିନୀ ନାୟକ ଏବଂ ସମିତିସଭ୍ୟ ପ୍ରମୋଦ କୁମାର ନାୟକଙ୍କ ନେତୃତ୍ୱରେ ଏପରି ଅଭିନବ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏ ନେଇ ସରପଞ୍ଚ ଏବଂ ସମିତିସଭ୍ୟ କୁହନ୍ତି କୁହନ୍ତି, ଅନ୍ତେବାସୀ ଯେପରି ନିଜକୁ ବନ୍ଦୀ ବୋଲି ନ ଭାବନ୍ତୁ ସେଥିଲାଗି ଶୀତଳଷଷ୍ଠୀ ଅବସରରେ ଏଭଳି କାର୍ଯ୍ୟକ୍ରମ କରାଯାଇଥିଲା। ଏହାକୁ ଅନ୍ତେବାସୀ ମନଭରି ଉପଭୋଗ କରିଥିଲେ।

# ଷ୍ଟେଶନ୍‌ ପରିସରରେ ପଡ଼ିଛି ପିପିଇ

**ଅନୁଗୋଳ ଅଫିସ, ୨୭।୫**

- ଆଶଙ୍କାରେ ରେଳ କର୍ମଚାରୀ, କଲୋନୀବାସୀ
- ସିଡିଏମ୍‌ଓ କହିଲେ ନଜରକୁ ଆସିନାହିଁ

ଅନୁଗୋଳ ରେଳ ଷ୍ଟେଶନ ପରିସରରେ ଏଣେତେଣେ ପଡ଼ିଛି କେତେକ ବ୍ୟବହୃତ ପର୍ସନାଲ ପ୍ରୋଟେକ୍ଟିଭ୍‌ ଇକ୍ୟୁମେଣ୍ଟ ବା ପିପିଇ। ଏହାକୁ ନେଇ ରେଳ କର୍ମଚାରୀ ଓ କଲୋନୀବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ସୋମବାର ଗୁଜରାଟରୁ ଟ୍ରେନ୍‌ରେ ଆସିଥିବା ପ୍ରବାସୀମାନଙ୍କୁ ପ୍ରଶାସନ ଅନୁଗୋଳ ଷ୍ଟେଶନଠାରୁ ବସ୍‌ରେ ଘରକୁ ପଠାଇବା ବ୍ୟବସ୍ଥା କରିବା ବେଳେ ଡାକ୍ତର, ପୋଲିସ ଓ ଅନ୍ୟ ଅଧିକାରୀମାନେ ପିପିଇ ବ୍ୟବହାର କରିଥିଲେ। ହେଲେ ଏହାର ଠିକଣା ପରିଚାଳନା ପରିବର୍ତ୍ତେ ଅତ୍ୟନ୍ତ ବେପରୁଆ ଢଙ୍ଗରେ ଫିଙ୍ଗି ଦିଆଯାଇଥିବା କଲୋନୀବାସୀ ଅଭିଯୋଗ କରିଛନ୍ତି। ଏପରି କି ଅଭିଯୋଗ ପରେ ବି ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବା ସେମାନେ କହିଛନ୍ତି।

କଲୋନୀବାସୀଙ୍କ କହିବା ଅନୁଯାୟୀ, ରେଳ ଷ୍ଟେଶନ୍‌ରେ ଓହ୍ଲାଇଥିବା ପ୍ରବାସୀମାନଙ୍କ ସଂସ୍ପର୍ଶରେ ଯେଉଁମାନେ ସିଧାସଳଖ ଆସିଥିଲେ ସେମାନେ ସୁରକ୍ଷା ଦୃଷ୍ଟିରୁ ପିପିଇ ପିନ୍ଧିଥିଲେ। ପ୍ରବାସୀମାନେ ଯିବା ପରେ ଷ୍ଟେଶନକୁ ସାନିଟାଇଜ କରାଯାଇଥିଲା। କିନ୍ତୁ ମେଡିକାଲ କର୍ମଚାରୀ ଓ ଅନ୍ୟମାନେ ପିନ୍ଧିଥିବା ପିପିଇଗୁଡ଼ିକ ରେଳ ଷ୍ଟେଶନ ନିକଟରେ ଫିଙ୍ଗି ଦିଆଯାଇଥିଲା। ନିୟମ ଅନୁଯାୟୀ ଉକ୍ତ ପିପିଇଗୁଡ଼ିକୁ ଏଣେତେଣେ ନ ପକାଇ ମେଡିକାଲ ବର୍ଜ୍ୟବସ୍ତୁ ଗାଡ଼ିରେ ନିଆଯାଇ ଚିହ୍ନଟ ସ୍ଥାନରେ ପୋତାଯିବା କଥା। କିନ୍ତୁ ସେପରି କରା ନ ଯାଇ ପିପିଇ, ଗ୍ଲୋଭ୍ସ, ମାକ୍ସ ଆଦିକୁ ଷ୍ଟେଶନ ପରିସରରେ ଫିଙ୍ଗି ଦିଆଯାଇଥିବାରୁ ରେଳ କର୍ମଚାରୀ ଓ କଲୋନୀବାସୀ ଆଶଙ୍କା ମଧ୍ୟରେ ରହିଛନ୍ତି। ଏ ନେଇ ଷ୍ଟେଶନ ମ୍ୟାନେଜରଙ୍କଠାରୁ ଆରମ୍ଭ କରି ପ୍ରଶାସନକୁ ଜଣାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଘଟଣା ସମ୍ପର୍କରେ ଷ୍ଟେଶନ ମ୍ୟାନେଜର ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ପିପିଇ ଓ ଅନ୍ୟ ବ୍ୟବହୃତ ସାମଗ୍ରୀ ବାହାରେ ପଡ଼ିଥିବା ପ୍ରଶାସନକୁ ଅବଗତ କରାଯାଇଥିଲା। କିନ୍ତୁ ଏହାକୁ ସଫା କରାଯାଇ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରତାପ ବେହେରା କହିଛନ୍ତି, ଏପରି ଘଟଣା ନଜରକୁ ଆସିନାହିଁ। ଗଣମାଧ୍ୟମ ନିକଟରୁ ଅବଗତ ହୋଇଛି। ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବ।


ଅନୁଗୋଳ ରେଳ ଷ୍ଟେଶନ ପରିସରରେ ବ୍ୟବହୃତ ପିପିଇଗୁଡ଼ିକୁ ଫିଙ୍ଗାଯାଇଛି।

### ଚୋରା କେନ୍ଦୁପତ୍ର ଜବତ, ୭ ଗିରଫ

**ବଇଣ୍ଡା,୨୭।୫(ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ଥାନା ଡାହିମାଳ ଜଙ୍ଗଲରୁ ଚୋରା କେନ୍ଦୁପତ୍ର ନେଇ କୋଲକାତା ଯାଉଥିବା ଏକ ଟ୍ରକ୍‌ ଓ ଚୋରା ବ୍ୟବସାୟୀମାନେ ବ୍ୟବହାର କରିଥିବା କାର୍‌କୁ ପୋଲିସ, ବାମୁର ବନାଞ୍ଚଳ ଅଧିକାରୀ ଜବତ କରିଛନ୍ତି। ଏଥିସହ ଏକ ବନ୍ଧୁକ ଜବତ କରାଯାଇଥିବା ବେଳେ ଦିବାକର ସାହୁ, ମିଲନ ଦେହୁରୀ, ରମାକାନ୍ତ ଧଳ, ସାହି ଉଡୁନୀ, ମଦନ ବେଉରା, ସୁଦାମ ପ୍ରସାଦ ଓ ଧୀରେନ ସ୍ୱାଇଁଙ୍କୁ ଗିରଫ କରାଯାଇଛି। ପୋଲିସ କହିଛି ଚୋରା କେନ୍ଦୁପତ୍ର ଚାଲାଣ ହେଉଥିବା ଖବରପାଇ କିଶୋରନଗର ଆଇଆଇସି ପ୍ରତିଭା ମାଝି, ବାମୁର ରେଞ୍ଜର ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଚଢ଼ାଉ କରିଥିଲେ। ଏହି ସମୟରେ ଚୋରା ବ୍ୟବସାୟୀମାନେ ବନ୍ଧୁକ ଦେଖାଇ ପୋଲିସ, ବନ କର୍ମଚାରୀଙ୍କୁ ଭୟଭୀତ କରାଇବାକୁ ଉଦ୍ୟମ କରିଥିଲେ। ପୋଲିସ ନଂ. ୭୯/୨୦ରେ ଏକ ମାମଲା ରୁଜୁ କରି ଗିରଫ ୭ଜଣଙ୍କୁ କୋର୍ଟଚାଲାଣ କରିଛି।

# ଅଗ୍ନିକାଣ୍ଡ, ୨୦ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ

**ମାଲକାନଗିରି,୨୭।୫(ଡି.ଏନ୍‌.ଏ.)**

ମାଲକାନଗିରି ସଦର ମହକୁମାରେ ଥିବା ଏକ ବ୍ୟବସାୟ ପ୍ରତିଷ୍ଠାନରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ୨୦ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡିଯାଇଛି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଈଶ୍ୱର ପଟ୍ଟନାୟକଙ୍କ ଏହି ବ୍ୟବସାୟ ପ୍ରତିଷ୍ଠାନରେ କାଗଜଖୋଲି, ଆଟା ଖୋଲି, ଏବଂ ଖଲି ତିଆରି ମେଶିନ୍‌ ସହ ଏହା ପରିସରରେ ଥିବା ଆଇସ୍‌କ୍ରିମ୍‌ ଗୋଦାମର ୬ଟି ଫ୍ରିଜ୍‌, କମ୍ପ୍ୟୁଟର, ଲାପଟପ୍‌, ନଗଦ ଟଙ୍କା ସହ ଆସବାବପତ୍ର ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି।


ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରୁଛନ୍ତି।

# ଚିକିତ୍ସା ଅବହେଳାରୁ ପ୍ରସୂତୀଙ୍କ ମୃତ୍ୟୁ ଅଭିଯୋଗ

**କେନ୍ଦ୍ରାପଡ଼ା ଅଫିସ, ୨୭।୫**

କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓଟି ମଧ୍ୟରେ ଜଣେ ପ୍ରସୂତିଙ୍କ ମଙ୍ଗଳବାର ରାତିରେ ମୃତ୍ୟୁ ହୋଇଛି। ଚିକିତ୍ସାରେ ଅବହେଳା ହେତୁ ମୃତ୍ୟୁ ହୋଇଛି ବୋଲି ତାଙ୍କ ସ୍ୱାମୀ କେନ୍ଦ୍ରାପଡ଼ା ବ୍ଲକ ଚାରିଗାଁର ସୁକାନ୍ତ ମଲ୍ଲିକ ଟାଉନ ଥାନା ଓ ସିଡିଏମ୍‌ଓଙ୍କ ନିକଟରେ ବୁଧବାର ଅଭିଯୋଗ କରିଛନ୍ତ। ପୋଲିସ ଏକ ଅପମୃତ୍ୟୁ ମାମଲା (୮୭/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୁକାନ୍ତଙ୍କ ଅଭିଯୋଗ ଅନୁଯାୟୀ ସ୍ତ୍ରୀ ଭାନୁମତୀଙ୍କ ଗର୍ଭବେଦନା ହେବାରୁ ଗତ ୨୫ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ବିଭିନ୍ନ ଟେଷ୍ଟ ପରେ ୨୬ ତାରିଖ ଅପରାହ୍ନରେ ତାଙ୍କୁ ରକ୍ତ ଦିଆଗଲା। ରକ୍ତ ନେବାର ପ୍ରାୟ ୧୦ ମିନିଟ ପରେ ଭାନୁମତୀଙ୍କ ଦେହ ଖରାପ ହେବାରୁ ଡାକ୍ତର ଓ ନର୍ସଙ୍କ ସହାୟତା ଲୋଡିଥିଲେ। ତେବେ କୌଣସି ଚିକିତ୍ସା ମିଳି ନ ଥିଲା। ରାତିରେ ଏଠାରେ କାର୍ଯ୍ୟରତ ଦୁଇଜଣ ଆସି ଭାନୁମତୀଙ୍କୁ ଓଟିକୁ ନେବାର ମାତ୍ର ୧୦ ମିନିଟ ମଧ୍ୟରେ ମୃତ୍ୟୁ ହୋଇଥିଲା। ଠିକ୍‌ ସମୟରେ ଚିକିତ୍ସା ମିଳିଥିଲେ ତାଙ୍କର ମୃତ୍ୟୁ ହୋଇ ନ ଥାନ୍ତା। ସିଡିଏମଓ ଡା. ଉର୍ମିଳା ମିଶ୍ର କହିଛନ୍ତି, ପ୍ରସୂତୀଙ୍କ ମୃତ୍ୟୁ ସମ୍ପର୍କରେ ଅଭିଯୋଗ ମିଳିଛି। ଏ ନେଇ ବିଭାଗୀୟ ତଦନ୍ତ କରାଯାଉଛି। ଚିକିତ୍ସାଳୟର କର୍ମଚାରୀଙ୍କ ଅବହେଳା ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଅଟକିଛି ୨୦୦ କୋଟି ଟଙ୍କାର ପ୍ରକଳ୍ପ

**ଯାଜପୁର ଅଫିସ,୨୭।୫**

**ଯାଜପୁର ଜିଲା**
- ଆର୍କିଟେକ୍‌ କନ୍‌ସଲଟାଣ୍ଟ ନିଯୁକ୍ତି ଦାବି
- ୬୨୬.୩୧ କୋଟି ଟଙ୍କା ଡିଏମ୍‌ଏଫ୍‌ ରାଶି ଆଦାୟ

ଯାଜପୁର ଜିଲାର ସୁକିନ୍ଦା ନିର୍ବାଚନମଣ୍ଡଳୀରେ ୨୦୦ କୋଟି ଟଙ୍କାର ୮ଟି ପ୍ରକଳ୍ପ କେବଳ ଘୋଷଣାରେ ସୀମିତ ରହିଛି। ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍‌) ପାଣ୍ଠିରେ ଶତାଧିକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ସୁକିନ୍ଦାର ଉନ୍ନତି ନିମନ୍ତେ ପଦକ୍ଷେପ ନିଆଯାଉ ନ ଥିବା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ଅଭିଯୋଗ କରିଛନ୍ତି। ଏନେଇ ସେ ବୁଧବାର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଡିଏମ୍‌ଏଫ୍‌ ପାଣ୍ଠିରେ ୮ଟି ପ୍ରକଳ୍ପ ପାଇଁ ଯଥାଶୀଘ୍ର ପରାମର୍ଶଦାତା (ଆର୍କିଟେକ କନସଲଟାଣ୍ଟ) ନିୟୋଜିତ କରି କାର୍ଯ୍ୟ ଆବଣ୍ଟନ କରିବାକୁ ସେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସେ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ଆର୍କିଟେକ କନସଲଟାଣ୍ଟଙ୍କ ବିନା ନିଯୁକ୍ତିରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର) ଓ ପ୍ରକଳ୍ପର ନକ୍ସା(ଡିଜାଇନ) ପ୍ରସ୍ତୁତ ହୋଇପାରିବ ନାହିଁ। ଏଥିଯୋଗୁ ଜିଲାର କଳରଙ୍ଗି ଅଞ୍ଚଳରେ ଡିଏମ୍‌ଏଫ୍‌ ଗୃହ, ବଙ୍ଗଳା ଛକ ଯାତ୍ରୀ ବିଶ୍ରାମାଗାର, ଡୁବୁରୀ ବସ ଟର୍ମିନାଲ, ସୁକିନ୍ଦା ଷ୍ଟାଡିୟମ୍‌, କଳରଙ୍ଗି ଔଷଧୀୟ ଉଦ୍ୟାନ, ବଙ୍ଗଳା ଛକ କନଫରେନ୍ସ ହଲ୍‌, ଟମକା-ସୁକିନ୍ଦା-ଡୁବୁରୀ ଆଇବି ପୁନରୁଦ୍ଧାର, ଡୁବୁରୀ-କାମାକ୍ଷାନଗର ରାସ୍ତା ପାର୍ଶ୍ୱ ସୌନ୍ଦର୍ଯ୍ୟ କରଣ ପ୍ରକଳ୍ପ କାର୍ଯ୍ୟ କେବଳ ଘୋଷଣାରେ ସୀମିତ ରହିଛି। ଭାରତ ସରକାରଙ୍କ ଖଣି ବିଭାଗର ତଥ୍ୟ ଆଧାରରେ ଗତ ଫେବୃୟାରୀ ଶେଷ ସୁଦ୍ଧା ୩୭,୮୬୧.୩୧ କୋଟି ଡିଏମ୍‌ଏଫ୍‌ ପାଣ୍ଠିକୁ ଆସିଛି। ସେଥିରୁ ଓଡିଶାରେ ସର୍ବାଧିକ ୯,୯୮୪.୭୭ କୋଟି ଓ ଯାଜପୁର ଜିଲାରୁ ୬୨୬.୩୧ କୋଟି ଟଙ୍କା ସଂଗ୍ରହ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଯାଜପୁର ଡିଏମ୍‌ଏଫ୍‌ ଟ୍ରଷ୍ଟ ମୁଖ୍ୟ ତଥା ଜିଲାପାଳ ଦାସ ଶୀଘ୍ର ଆର୍କିଟେକ କନସଲଟାଣ୍ଟ ନିଯୁକ୍ତି କରି ସୁକିନ୍ଦା ନିର୍ବାଚନମଣ୍ଡଳୀର ବିକାଶକୁ ଅଗ୍ରଗତି କରାଇବାକୁ ବିଧାୟକ ଘଡ଼େଇ ଦାବି କରିଛନ୍ତି।

ଅପରପକ୍ଷେ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିକାରୀଙ୍କ ସହ ଭୁବନେଶ୍ୱର ବାସଭବନରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲାରେ ଡିଏମ୍‌ଏଫ୍‌ ରାଶି ଅଧିକ ଆଦାୟ ହେଉଥିଲେ ହେଁ ନିୟମିତ ବୈଠକ ହେଉ ନ ଥିବାରୁ କାର୍ଯ୍ୟଖସଡ଼ା ପ୍ରସ୍ତୁତି ଓ ଅଗ୍ରଗତି ନୈରାଶ୍ୟଜନକ ରହିଛି ବୋଲି ସେଠାରେ ଆଲୋଚନା ହୋଇଛି। ଆୟୋଜିତ ବୈଠକରେ ଯାଜପୁର ଡିଭିଜନର ଆର ଆଣ୍ଡ ବି ନିର୍ବାହୀ ଯନ୍ତ୍ରୀ ଓ ଏସ୍‌ଡିଓ ଉପସ୍ଥିତ ଥିଲେ।

**ତହସିଲ କାର୍ଯ୍ୟାଳୟ, ଜୟପୁର, ଜିଲ୍ଲା: କୋରାପୁଟ**
**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍‌ ନିମନ୍ତେ ବିଜ୍ଞାପନ**
ତହସିଲ କାର୍ଯ୍ୟାଳୟ, ଜୟପୁର
ବିଜ୍ଞପ୍ତି ସଂଖ୍ୟା: ୨୩୩୦ ତା୨୬।୦୫।୨୦
ଜୟପୁର ଅନ୍ତର୍ଗତ ୫ ଗୋଟି ଲଘୁ ଖଣିଜ ଦ୍ରବ୍ୟଗୁଡ଼ିକ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଲିଜ୍‌ ଇସ୍ତାହାର ପ୍ରକାଶିତ ହୋଇଅଛି। ଏହି ଇସ୍ତାହାର ସମ୍ବନ୍ଧୀୟ ସମସ୍ତ ତଥ୍ୟ କୋରାପୁଟ ଜିଲ୍ଲା **Website: http://koraput.nic.in**ରେ ଉପଲବ୍ଧ ଅଛି। ନିଲାମରେ ଭାଗନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ୱେବ୍‌ସାଇଟରୁ ସମସ୍ତ ତଥ୍ୟ ହାସଲକରି ଆବେଦନ କରିପାରିବେ କିମ୍ବା ତହସିଲ କାର୍ଯ୍ୟାଳୟ, ଜୟପୁରଠାରେ ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ହାସଲ କରିପାରିବେ।
ବନ୍ଦ ଲଫାପାରେ ଦରଖାସ୍ତ ଗ୍ରହଣର ଶେଷ ତାରିଖ ୧୬।୦୬।୨୦୨୦ ସନ୍ଧ୍ୟା ୫.୦୦ ପର୍ଯ୍ୟନ୍ତ ଏବଂ ତା୧୭।୦୬।୨୦୨୦ରିଖ ୧୧.୦୦ ଘଟିକାରେ ପ୍ରଥମ ପର୍ଯ୍ୟାୟ ଲିଜ୍‌ ପ୍ରକ୍ରିୟା ଚୂଡ଼ାନ୍ତ ହେବ ଏବଂ ଯେଉଁ ଉତ୍ସଗୁଡ଼ିକର ଲିଜ୍‌ ପ୍ରକ୍ରିୟା ଚୂଡ଼ାନ୍ତ ହୋଇ ନ ପାରିଲେ ସେହି ଉତ୍ସଗୁଡ଼ିକ ଦ୍ୱିତୀୟ ଥର ପାଇଁ ୨୪।୦୬।୨୦୨୦ ଓ ତୃତୀୟ ଥର ପାଇଁ ତା୩୦।୦୬।୨୦୨୦, ୧୧.୦୦ ଘଟିକାକୁ ଧାର୍ଯ୍ୟ ହୋଇଅଛି। ଗୃହୀତ ଦରଖାସ୍ତ ଗୁଡ଼ିକ ସେହିଦିନମାନଙ୍କରେ ବିଜ୍ଞାପନରେ ଦର୍ଶାଯାଇଥିବା ସମୟରେ ନିମ୍ନ ସ୍ୱାକ୍ଷର କାରୀଙ୍କ କାର୍ଯ୍ୟାଳୟରେ ଖୋଲାହେବ ଏବଂ ଲିଜ୍‌ ପ୍ରକ୍ରିୟା ଚୂଡ଼ାନ୍ତ ହେବ।
ସ୍ୱା./- ତହସିଲଦାର, ଜୟପୁର

**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ**
ମୁଖ୍ୟ କାର୍ଯ୍ୟାଳୟ, ବରଗଡ଼-୭୬୮୦୨୮
E-mail-sdccbgh@gmail.com/Website-www.sambalpurdccb.com
ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼ ତରଫରୁ **ତା୦୫।୦୫।୨୦୨୦**ରିଖରେ Support Staff (ପିଅନ) ନିଯୁକ୍ତି ପାଇଁ ଦିଆଯାଇଥିବା ବିଜ୍ଞପ୍ତିରେ ଦରଖାସ୍ତ ଗ୍ରହଣର ସମୟ ସୀମା **ତା୨୫।୦୫।୨୦୨୦** ରହିଥିଲା।
ଏହି ସମୟ ସୀମାକୁ ଇତିମଧ୍ୟରେ **ତା୧୦।୦୬।୨୦୨୦** ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଣୁ, ଇଚ୍ଛୁକ ପ୍ରାର୍ଥୀ / ପ୍ରାର୍ଥିନୀମାନେ **ତା୧୦।୦୬।୨୦୨୦** ମଧ୍ୟରେ ବ୍ୟାଙ୍କର Website-www.sambalpurdccb.comରେ ଆବେଦନ କରିପାରିବେ।
ସ୍ୱା./- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼

**ଲଘୁ ଖଣିଜ ଉତ୍ସର ଲିଜ୍‌ ସକାଶେ ଇସ୍ତାହାର**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ କର୍ଲାମୁଣ୍ଡା ତହସିଲ ଅନ୍ତର୍ଗତ ଲଘୁଖଣିଜ ଖାଦାନଗୁଡିକର ୫(ପାଞ୍ଚ) ବର୍ଷ ନିମନ୍ତେ ଲିଜ୍‌ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ଦରଖାସ୍ତଗୁଡିକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା09.06.2020ରିଖ ଅପରାହ୍ନ 01.00ଟା ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ ବକ୍ସରେ ପକାଇବେ। ଏ ସମ୍ପର୍କ ସମସ୍ତ ତଥ୍ୟାବଳୀ District Website (www.kalahandi.nic.in)ରୁ ପାଇପାରିବେ।
Sd./- Tahasildar
Karlamunda

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍‌, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍‌ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
Shinghania Tower
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍‌, ଦୋକାନ, ଘର, ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ ୨୦ ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
088871-84570

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍‌, ପଶୁପାଳନ ଓ ଗ୍ରୁପ୍‌ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

DHANLAXMI FINANCE LIMITED
(Reg. No. KA08FS113)
(ଖର୍ଚ୍ଚ ଲୋନ ପାସ୍‌ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍‌ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ବାସ୍‌ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍‌ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଳେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, ଜୁଆ-ସଟ୍ଟା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ବ୍ୱାଇଁ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍‌ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**ତହସିଲଦାରଙ୍କ କାର୍ଯ୍ୟାଳୟ, କନିକା**
**Annexure-2**
**ନୋଟିସ**
ଏତଦ୍ୱାରା କେନ୍ଦ୍ରାପଡା ଜିଲ୍ଲାର କନିକା ତହସିଲ ଅଧୀନସ୍ଥ ଜୟନଗର ସର୍କଲର ଜୟନଗର ଗ୍ରା.ପ.ର ଗ୍ରାମ-ଟଣେଇପଡାର ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୧୨।୦୬।୨୦୨୦ରିଖ ଦିନ ପୂର୍ବାହ୍ନ ୮.୦୦ ଘଟିକା ସମୟରେ ମତ୍ସ୍ୟ ସୈରାତ ନୂଆଗାଁ ଜୋରକୁ କନିକା ତହସିଲ କାର୍ଯ୍ୟାଳୟରେ ନିଲାମ କରାଯିବ। ଏହି ସୈରାତ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ସର୍ବନିମ୍ନ ମୂଲ୍ୟ ଟ.୨,୦୫,୭୦୦ (ଦୁଇ ଲକ୍ଷ ପାଞ୍ଚ ହଜାର ସାତଶହ) ଟଙ୍କା ଧାର୍ଯ୍ୟ କରାଯାଇ ଅନୁମୋଦନ କରାଯାଇଅଛି। ଇଚ୍ଛୁକ ବ୍ୟକ୍ତିମାନେ ଏହି ନିଲାମରେ ଭାଗ ନେବା ପୂର୍ବରୁ ସର୍ବନିମ୍ନ ନିଲାମ ମୂଲ୍ୟର ଦଶ ପ୍ରତିଶତ ଅମାନତ ଅର୍ଥ ଟ.୨୦,୫୭୦ (କୋଡିଏ ହଜାର ପାଞ୍ଚ ଶହ ସତୁରି ଟଙ୍କା) ଦାଖଲ କରିବେ। ନିଲାମ ତିନି ରାଉଣ୍ଡ ଡକାଯିବ। ନିଲାମ ଡକାଯିବା ପରେ ଯଦି କର୍ତ୍ତୃପକ୍ଷ ନିଲାମ ଡକାଯାଇଥିବା ମୂଲ୍ୟ ପ୍ରତି ସନ୍ତୁଷ୍ଟ ନ ହୁଅନ୍ତି ତେବେ ତାହା ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି। ଯଦି ସନ୍ତୁଷ୍ଟ ହୁଅନ୍ତି ତେବେ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ମତ୍ସ୍ୟ ସୈରାତ ନିଲାମ ଦିଆଯିବ। ନିଲାମ ପ୍ରଦାନ ପରେ ସର୍ବୋଚ୍ଚ ନିଲାମଧାରୀ ବ୍ୟକ୍ତିଙ୍କୁ ଛାଡି ଅନ୍ୟ ବ୍ୟକ୍ତିମାନଙ୍କର ଅମାନତ ଅର୍ଥ ଫେରସ୍ତ ଦିଆଯିବ। ପୂର୍ବ ବର୍ଷମାନଙ୍କର କୌଣସି ସୈରାତ ବାବଦ ଟଙ୍କା ବାକି ରଖିଥିବା ବ୍ୟକ୍ତି ନିଲାମ ଡାକିବାକୁ ଯୋଗ୍ୟ ବିବେଚିତ ହେବେ ନାହିଁ। ସର୍ବୋଚ୍ଚ ଡାକ ଉପଯୁକ୍ତ ବିବେଚିତ ହେଲେ ଜରସମନ ଟଙ୍କା ଏକ କିସ୍ତିରେ ସଙ୍ଗେ ସଙ୍ଗେ ଦାଖଲ କରିବେ। ନିଲାମ ସାବ୍ୟସ୍ତ ହେଲେ ସୈରାତ ବ୍ୟବହାର ସମ୍ବନ୍ଧରେ ପରିଚାଳନାଗତ ଚୁକ୍ତିପତ୍ର ସମ୍ପାଦନା କରିବେ। କୌଣସି କାରଣ ନ ଦର୍ଶାଇ ଦୁଇ ପକ୍ଷ ନିଲାମକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିପାରିବେ।
ସ୍ୱା./- ତହସିଲଦାର, କନିକା

Your classified advertisement published in Dharitri will be listed free in Dharitri online edition : **www.dharitri.com**

## ସଂକ୍ଷେପରେ

### ନରେନ୍ଦ୍ର କୋଣରୁ ହଟିଲା କଣ୍ଟେନମେଣ୍ଟ ନିର୍ଦ୍ଦେଶନାମା

**ପୁରୀ ଅଫିସ,୨୭।୫:** ନରେନ୍ଦ୍ର କୋଣ ଅଞ୍ଚଳରୁ ଗତ ୧୭ତାରିଖରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାପରେ ଜିଲା ପ୍ରଶାସନ ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍(ଆବଦ୍ଧ ଅଞ୍ଚଳ) ଘୋଷଣା କରିଥିଲା। ବଡ଼ଦାଣ୍ଡ ମାର୍କେଟ ଛକରୁ ଅକ୍ଷୟପାତ୍ର ଲେନ୍ ଭାୟା ନରେନ୍ଦ୍ରକୋଣ ଲେନ୍, ନରେନ୍ଦ୍ରକୋଣ ଛକ, ବ୍ରହ୍ମଜାଗା ମହାବୀର ମନ୍ଦିର ଛକକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିଲା। ବୁଧବାର ଏହି କଟକଣା ହଟାଇ ଦିଆଯାଇଛି। ନରେନ୍ଦ୍ରକୋଣ ଏବଂ ଏହା ସଂଲଗ୍ନ ଅଞ୍ଚଳରେ ଲାଗୁ ହୋଇଥିବା କଣ୍ଟେନମେଣ୍ଟ ନିର୍ଦ୍ଦେଶନାମାକୁ ପ୍ରଶାସନ ପ୍ରତ୍ୟାହର କରିଛି। ସୂଚନାଥାଉ କି, ଏକ ଚୋରି ଘଟଣାରେ ନରେନ୍ଦ୍ରକୋଣ ଅଞ୍ଚଳର ଜଣେ ଯୁବକଙ୍କୁ କୁମ୍ଭାରପଡ଼ା ପୋଲିସ ଗିରଫ କରିଥିଲା। ସମ୍ପୃକ୍ତ ଯୁବକ କରୋନା ପଜିଟିଭ ବୋଲି ଜଣାପଡ଼ିବା ପରେ ପ୍ରଶାସନ ନରେନ୍ଦ୍ରକୋଣ ଅଞ୍ଚଳକୁ ସାନିଟାଇଜ କରିବା ସହ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିଲା।

### ପୁରୀ ଜିଲାର ୭ କରୋନା ଆକ୍ରାନ୍ତ ସୁସ୍ଥ

**ପୁରୀ ଅଫିସ,୨୭।୫:** ପୁରୀ ଜିଲାର ୭ଜଣ କରୋନା ଆକ୍ରାନ୍ତ ବୁଧବାର ସୁସ୍ଥ ହୋଇଛନ୍ତି। ପୂର୍ବରୁ ୧୮ଜଣ ସୁସ୍ଥ ହୋଇଥିବାବେଳେ ନୂଆ ୭ଜଣଙ୍କୁ ମିଶାଇ ବର୍ତ୍ତମାନ ୨୫ଜଣ ଏହି ମହାମାରୀ କରୋନା କବଳରୁ ମୁକ୍ତି ପାଇଛନ୍ତି। ତେବେ ଏହି ୭ଜଣଙ୍କ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ବର୍ତ୍ତମାନ ସୁଦ୍ଧା ଜିଲାର କରୋନା ପଜିଟିଭ ସଂଖ୍ୟା ୮୫ ଛୁଇଁଛି। ଏମାନଙ୍କ ମଧ୍ୟରୁ ୨୫ଜଣ ସୁସ୍ଥ ହୋଇଥିବା ବେଳେ ୬୦ଜଣ ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତେବେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଯେଉଁ ହାରରେ ବଢୁଛି ଖୁବ୍‌ଶୀଘ୍ର ଏହା ଶତକ ଛୁଇଁଯିବ ବୋଲି ଚର୍ଚ୍ଚା ହେଉଛି। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ଆରମ୍ଭରୁ ପୁରୀ ଜିଲା ଭଲ ସ୍ଥିତିରେ ଥିଲା। ଏପ୍ରିଲ ୩ରେ ଜିଲାରୁ ପ୍ରଥମ ଆକ୍ରାନ୍ତ ଚିହ୍ନଟ ପରେ ଦୀର୍ଘ ୩୭ଦିନ ଧରି ଆଉ କୌଣସି ନୂଆ ଆକ୍ରାନ୍ତ ବାହାରି ନ ଥିଲେ। ମାତ୍ର ଗତ ୧୦ ତାରିଖଠାରୁ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ମାଡୁଛି। ଗତ ୧୭ ଦିନରେ ୮୪ ଆକ୍ରାନ୍ତ ଚିହ୍ନଟ ହେବାକୁ ନେଇ ଜିଲାବାସୀ ଚିନ୍ତିତ ହୋଇପଡିଛନ୍ତି।

### ଲେଖକ ପ୍ରଫୁଲ୍ଲ ମହାନ୍ତି ଅସୁସ୍ଥ

**ଭୁବନେଶ୍ୱର,୨୭।୫(ବ୍ୟୁରୋ):** ଖ୍ୟାତନାମା ଲେଖକ ଓ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି ଅସୁସ୍ଥ ହୋଇ ଲଣ୍ଡନର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୮୬ ବର୍ଷୀୟ ମହାନ୍ତି ଗତ ଜାନୁୟାରୀରେ ଓଡ଼ିଶା ଆସି ନିଜ ଗ୍ରାମ ନାନପୁର ଓ କଟକରେ ଅବସ୍ଥାନ କରିଥିଲେ। କରୋନା ଲକ୍‌ଡାଉନ ଯୋଗୁ ତାଙ୍କ ବିମାନ ବାତିଲ ହେବାପରେ ବ୍ରିଟିଶ ସରକାରଙ୍କ ଦ୍ୱାରା ପ୍ରେରିତ ସ୍ୱତନ୍ତ୍ର ବିମାନରେ ଏପ୍ରିଲ ୨୫ରେ କୋଲକାତାରୁ ଲଣ୍ଡନ ଯାତ୍ରା କରିଥିଲେ। ସେଠାରେ ସେ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଧୀରେ ଧୀରେ ସେ ସୁସ୍ଥ ହେଉଥିବା ସୂଚନା ମିଳିଛି। 'ମାଇଁ ଭିଲେଜ୍ ମାଇଁ ଲାଇଫ୍', 'ଚେଞ୍ଜିଙ୍ଗ୍ ଭିଲେଜ୍ ଚେଞ୍ଜିଙ୍ଗ୍ ଲାଇଫ୍', 'ଭିଲେଜ୍ ଟେଲ୍‌ସ', 'ଥ୍ରୁ ବ୍ରାଉନ୍ ଆଇଜ୍' ଭଳି ଏକାଧିକ ଚର୍ଚ୍ଚିତ ପୁସ୍ତକର ରଚୟିତା ମହାନ୍ତି ଓଡ଼ିଶାର ଗ୍ରାମ୍ୟକଳା, ସଂସ୍କୃତିକୁ ବିଭିନ୍ନ ମାଧମରେ ବିଶ୍ୱ ଦରବାରରେ ପହଞ୍ଚାଇପାରିଛନ୍ତି।

### ସିଟି ହସ୍ପିଟାଲ: ସମସ୍ତଙ୍କ ସ୍ୱାବ୍ ରିପୋର୍ଟ ନେଗେଟିଭ

**କଟକ ଅଫିସ,୨୭।୫:** ସିଟି ହସ୍ପିଟାଲର ଜଣେ ଶିଶୁରୋଗ ବିଶେଷଜ୍ଞ କରୋନା ଆକ୍ରାନ୍ତ ହେବା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ୨୦ ଜଣ କର୍ମଚାରୀଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ବୁଧବାର ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟ କହିଛନ୍ତି। ଏବେ ଏହି ସମସ୍ତ କର୍ମଚାରୀ ଆଇସୋଲେଶନରେ ଅଛନ୍ତି। ଆଉ ପାଞ୍ଚ ଦିନ ପରେ ଏମାନଙ୍କ ସ୍ୱାବ୍ ନମୁନା ପୁଣି ପରୀକ୍ଷା କରାଯିବ। ପରବର୍ତ୍ତୀ ଟେଷ୍ଟ ରିପୋର୍ଟ ମଧ୍ୟ ନେଗେଟିଭ ଆସିଲେ ଯାଇ ସେମାନଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ଅନୁମତି ଦିଆଯିବ। ବୁଧବାର ହସ୍ପିଟାଲରେ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଓ ଶେଷ ହେବା ପରେ ଦୁଇଥର ବିଶୋଧନ କରାଯାଇଥିଲା। ସାମାଜିକ ଦୂରତ୍ୱକୁ କଡ଼ାକଡ଼ି ପାଳନ କରାଯାଇଥିଲା। ଆଗରୁ ଏଠାକୁ ଦୈନିକ ୮ଶହରୁ ଅଧିକ ରୋଗୀ ଆସୁଥିଲେ। ଲକ୍‌ଡାଉନ ସମୟରେ ଏହି ସଂଖ୍ୟା ୫ଶହକୁ ଖସି ଆସିଥିଲା। ଏବେ କରୋନା ପଜିଟିଭ ବାହାରିବା ପରଠାରୁ ରୋଗୀ ସଂଖ୍ୟା ଅହେତୁକ ଭାବେ ହ୍ରାସ ପାଇଛି।

# ବାଲି ଫିଲିଂକୁ ନେଇ ବଢୁଛି ଅସନ୍ତୋଷ

**ମାତାମଠ ଶ୍ମଶାନ**

- ଅସନ୍ତୋଷ ପ୍ରକାଶ କଲେ ତେଲୁଗୁ ସମ୍ପ୍ରଦାୟ
- ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଦାବି
- ନଚେତ୍ ହାଇକୋର୍ଟ ଯିବାକୁ ଚେତାବନୀ

କଟକ ଅଫିସ,୨୭।୫

ବରଫି ପାଇଁ ଜିଲା ପ୍ରଶାସନ ପକ୍ଷରୁ ମାତାମଠ ମଶାଣିରେ ବାଲି ଫିଲିଂ କାର୍ଯ୍ୟକୁ ବିରୋଧ କରିଛନ୍ତି କଟକର ତେଲୁଗୁ ସମ୍ପ୍ରଦାୟ। ଏଥିପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

ତେଲୁଗୁ ସମ୍ପ୍ରଦାୟର କେହି ମୃତ୍ୟୁ ହେଲେ ସତ୍କାର ପାଇଁ ୨୦୦୨ରେ ମାତାମଠସ୍ଥିତ ଏକ ସ୍ଥାନ ନିରୂପଣ ହୋଇଥିଲା। ଏହାକୁ ତେଲୁଗୁ ମଶାଣୀ ଘୋଷଣା କରାଯାଇଥିଲା। ସେବେଠାରୁ ମଙ୍ଗଳାବାଗ, ଥୋରିଆସାହି, ଦେୱାନବଜାର, ଓଡ଼ିଆବଜାର, ଜଗନ୍ନାଥ ବଲ୍ଲଭ, ସୂତାହାଟ, ବାଉଁଶଗଳି, ପଟାପୋଲ, ମୋଚିସାହି, ରାଣୀହାଟ, ମାଛୁଆବଜାର, ନୂଆପାଟଣା, କ୍ୟାଣ୍ଟନମେଣ୍ଟ, ହାୱଡ଼ାମୋଟର ଅଞ୍ଚଳର ପ୍ରାୟ ୧ ଲକ୍ଷ ଲୋକ କ୍ରିୟାକର୍ମ ପାଇଁ ଏହି ମଶାଣୀ ଉପରେ ନିର୍ଭର କରୁଛନ୍ତି। କଟକ ମହାନଗର ନିଗମ (ସିଏମସି) ମଶାଣି ଚାରିପାଖରେ ୮ ଲକ୍ଷ ଟଙ୍କା ବ୍ୟୟରେ ପାଚେରି ନିର୍ମାଣ, ଟ୍ୟୁବୱେଲ ପାଣି ତଥା ଆଲୋକ ବ୍ୟବସ୍ଥା କରିଥିଲା। ଫାଇଲିନ ବାତ୍ୟାରେ ଏହା କିଛିକାଂଶରେ କ୍ଷତିଗ୍ରସ୍ତ ହୋଇଥିଲା। ପରେ ସିଏମସି ୪ ଲକ୍ଷ ଟଙ୍କା ବ୍ୟୟରେ ମଶାଣୀର ପୁନରୁଦ୍ଧାର କରିଥିଲା। ଏହାଛଡ଼ା ୩ ଲକ୍ଷ ୮୦ ହଜାର ବ୍ୟୟରେ ମାତାମଠ, ସିସୋର (ଜାଇକା) ରୋଡଠାରୁ ମଶାଣୀ ପର୍ଯ୍ୟନ୍ତ ପକ୍କାରାସ୍ତା କରାଯାଇଛି। ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ମଧ୍ୟ ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଶିବଙ୍କ ରୁଦ୍ର ମୂର୍ତ୍ତି ସ୍ଥାପନ ସହ ପରିବେଶ ସୁରକ୍ଷା ପାଇଁ ପ୍ରାୟ ୨୦୦ ଚାରା ଲଗାଯାଇଛି। ଶବବାହକମାନେ ବସିବା ପାଇଁ ୬ଟି ସିମେଣ୍ଟ ବେଞ୍ଚ ସେହି ସ୍ଥାନରେ ତିଆରି ହୋଇଛି। ଏହା ସତ୍ତ୍ୱେ ଜିଲା ପ୍ରଶାସନ ସୂଚନା ନ ଦେଇ ବାଲି ଫିଲିଂ କରୁଛି। ଏ ନେଇ ସମ୍ପ୍ରଦାୟର ଲୋକେ ଜିଲାପାଳ, ସିଏମସି କମିଶନରଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ପଦକ୍ଷେପ ଶୂନ। ତେଣୁ ବାଲି ଫିଲିଂ କରିବା ପୂର୍ବରୁ ଶ୍ମଶାନ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି କରିଛି 'ଐକ୍ରତା' ସଙ୍ଗଠନ। ବୁଧବାର ଏନେଇ ତିନିକୋଣିଆ ବଗିଚାରେ ଏକ ଖବରଦାତା ସମ୍ମିଳନୀରେ ସଙ୍ଗଠନ ଉପଦେଷ୍ଟା ପ୍ରଦୀପ ପଟ୍ଟନାୟକ କହିଛନ୍ତି, ଦାବି ପୂରଣ ନ ହେଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବୁ।

**ଜିଲାପାଳଙ୍କୁ ଦାବିପତ୍ର ଦେଲେ ବିଧାୟକ**

ମାତାମଠସ୍ଥିତ ଶ୍ମଶାନ ଘାଟରେ ବାଲି ପୋତେଇ ଦ୍ୱାରା ଶ୍ମଶାନ କ୍ଷତିଗ୍ରସ୍ତ ହେବା ଆଶଙ୍କା କରାଯାଉଛି। କିଛି ବର୍ଷ ଭିତରେ ପ୍ରାୟ ଦୁଇଶହ ତେଲୁଗୁ ସଂପ୍ରଦାୟର ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର ଓ କ୍ରିୟାକର୍ମ ଏଠାରେ ହୋଇଛି। ଶ୍ମଶାନ ଘାଟର ସୁରକ୍ଷା ସକାଶେ ପଦକ୍ଷେପ ନେବା ପାଇଁ ମଙ୍ଗଳବାର ଜିଲାପାଳ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଦାବିପତ୍ର ଦିଆଯାଇଛି। କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ସମେତ ଅନ୍ୟ ବୁଦ୍ଧିଜୀବୀ ଏହି ଦାବିପତ୍ର ଦେଇଛନ୍ତି।

# ଲୁଟେରା ସୟଦ, ସଦାମ ଗିରଫ



- ଇଦ୍ ପାଇଁ ମାଗିଥିଲେ ଦାଦାବଟି
- ଉଭୟଙ୍କ ନାଁରେ ଅନେକ ମାମଲା

କଟକ ଅଫିସ,୨୭।୫

ସହରର ଦୁଇ ବଡ଼ ଲୁଟ୍‌ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି ଲାଲବାଗ ଥାନା ପୋଲିସ। ସେମାନେ ଓଡ଼ିଆ ବଜାରର ସୟିଦ ଖାନ (୩୬) ଓ ଚାନ୍ଦିନୀଚୌକ ଅଞ୍ଚଳର ସୟିଦ ସଦାମ (୨୪)। ଇଦ୍ ଅବସରରେ ଅଳଙ୍କାର ଦୋକାନରୁ ଲୁଟ୍ ଉଦ୍ୟମ ମାମଲାରେ ପୋଲିସ ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ସମ୍ପୃକ୍ତ ଅନ୍ୟଜଣେ ଯୁବକ ସେଖ୍ ଅଫସର ମଧ୍ୟ ଗିରଫ ହୋଇଛନ୍ତି।

କିଛି ବର୍ଷ ହେବ ସହରରେ ସୟିଦ ଓ ସଦାମଙ୍କ ଉତ୍ପାତ ବଢ଼ିବାରେ ଲାଗିଥିଲା। ଲାଲବାଗ, ମଧୁପାଟଣା, ବାଦାମବାଡ଼ି, ଦରଘାବଜାର, କ୍ୟାଣ୍ଟନମେଣ୍ଟ, ପୁରୀଘାଟ, ମର୍କତନଗର ଥାନାରେ ଉଭୟଙ୍କ ନାଁରେ ଏକାଧିକ ମାମଲା ରହିଛି। ଗତ ସୋମବାର ଅପରାହ୍ନରେ ସେମାନେ ବାଲୁବଜାରସ୍ଥିତ ଶ୍ରୀସାଇ ଅଳଙ୍କାର ଦୋକାନରେ ପହଞ୍ଚି ମାଲିକ ପ୍ରଶାନ୍ତ ସାହାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୨ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ନଚେତ ତାଙ୍କ ସହ ପରିବାର ସଦସ୍ୟଙ୍କୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଟଙ୍କା ନ ପାଇବାରୁ ଦୋକାନରେ ଥିବା ୧୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ଖସିଯିବା ବେଳେ ପ୍ରଶାନ୍ତ ଚିତ୍କାର କରିଥିଲେ। ଲୋକେ ପହଞ୍ଚିବାରୁ ସୟିଦ, ସଦାମ ଓ ସେଖ୍ ସ୍କୁଟି (ଓଡି-୦୫-ଏଟି-୫୪୩୬) ଓ ସୁନା ଅଳଙ୍କାର ଛାଡ଼ି ଫେରାର ହୋଇଯାଇଥିଲେ। ପ୍ରଶାନ୍ତଙ୍କ ଅଭିଯୋଗ ପରେ ପୋଲିସ ଦୋକାନର ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୨୦୧୧ରେ ସଦାମ ଓ ତାଙ୍କ ସହଯୋଗୀ ପ୍ରଶାନ୍ତଙ୍କ ମା'ଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ବାପାଙ୍କୁ ଧମକ ଦେଇଥିଲେ। ଏ ନେଇ ଲାଲବାଗ ଥାନାରେ ଏତଲା ରହିଛି।

# ଦଇତାପତି ସେବକଙ୍କ ସ୍ୱାବ୍ ସଂଗ୍ରହ

ପୁରୀ ଅଫିସ,୨୭।୫



- ପ୍ରଥମ ଦିନରେ ୭୫ ଜଣଙ୍କ ସ୍ୱାବ୍ ସଂଗ୍ରହ
- ୨୯ ଓ ୩୦ରେ ଗରାବଡୁ ସେବକଙ୍କ ହେବ

ଆସନ୍ତା ୫ରେ ଦେବସ୍ନାନ ପୂର୍ଣ୍ଣିମା। ରତ୍ନସିଂହାସନରୁ ଓହ୍ଲାଇ ସ୍ନାନମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ମଣ୍ଡପ ଉପରେ କରିବେ ପ୍ରତ୍ୟକ୍ଷ ସ୍ନାନ, ପୁଣି ହାତୀବେଶରେ ସଜେଇ ହେବେ। ମହାମାରୀ କରୋନାର ଭୟାବହତା ଭିତରେ ମହାପ୍ରଭୁଙ୍କ ଏହିସବୁ ନୀତିକାନ୍ତି କିପରି ସୁଚାରୁ ରୂପେ ସମ୍ପାଦନ କରାଯିବ ସେନେଇ ବିଭିନ୍ନ ପ୍ରକାର ପଦକ୍ଷେପ ନେଇଛି ଶ୍ରୀମନ୍ଦିର ପ୍ରଶାସନ। ନୀତି ସମ୍ପୃକ୍ତ ସେବକମାନଙ୍କୁ କିପରି କରୋନା ଭୂତାଣୁ ସଂକ୍ରମଣଠାରୁ ଦୂରେଇ ରଖାଯିବ ସେ ନେଇ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେବକମାନେ କ୍ୱାରାଣ୍ଟାଇନରେ ରହିବା ସହ ସେମାନଙ୍କ କରୋନା ଟେଷ୍ଟ ଲାଗି ନିଷ୍ପତ୍ତି ହୋଇଛି। ଏହି କ୍ରମରେ ବୁଧବାର ଦଇତାପତି ସେବକଙ୍କ କରୋନା ଟେଷ୍ଟ ଲାଗି ସ୍ୱାବ ସଂଗ୍ରହ ଆରମ୍ଭ ହୋଇଛି। ମୋଟ ୧୫୦ଦଇତାପତି ସେବକଙ୍କ କୋଭିଡ୍ ଟେଷ୍ଟ କରାଯିବ। ପ୍ରଥମ ଦିନରେ ୭୫ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇଥିବାବେଳେ ବାକି ୭୫ଜଣଙ୍କ ଗୁରୁବାର ସ୍ୱାବ ସଂଗ୍ରହ କରାଯିବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ସେହିପରି ଆସନ୍ତା ୨୯ ଓ ୩୦ ତାରିଖରେ ଗରାବଡୁ ସେବକଙ୍କ କରୋନା ଟେଷ୍ଟ ପାଇଁ ସ୍ୱାବ ସଂଗ୍ରହ କରାଯିବ। ସମସ୍ତଙ୍କ ରିପୋର୍ଟ ଜୁନ୍ ୩ ପୂର୍ବରୁ ମିଳିଯିବ। ତେଣୁ ଜୁନ୍ ୫ ମହାପ୍ରଭୁଙ୍କ ସ୍ନାନଯାତ୍ରାରେ ସେବକମାନେ ସାମିଲ ହୋଇପାରିବେ ବୋଲି ସୂଚନା ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳକଣ୍ଠ ମିଶ୍ରଙ୍କ ତତ୍ତ୍ୱାବଧାନରେ ଦଇତାପତି ସେବକଙ୍କ ସ୍ୱାବ ସଂଗ୍ରହ କରାଯାଇଛି। କରୋନା ଟେଷ୍ଟ ପୂର୍ବରୁ ଦଇତାପତି ଏବଂ ଗରାବଡୁ ସେବକଙ୍କ ଲାଗି କରୋନା ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ସେବକମାନଙ୍କୁ ମହାମାରୀ କରୋନା କେତେ ଭୟଙ୍କର, ଏହାଠାରୁ କିପରି ଦୂରେଇ ରହିହେବ, କ'ଣ କ'ଣ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯିବା ଦରକାର ଏବଂ ସଙ୍ଗରୋଧରେ କିପରି ରହିବେ ସେ ସବୁ ବିଷୟରେ ସଚେତନ କରାଯାଇଥିଲା।

## ଗୋଷ୍ଠୀସଂଘର୍ଷ: ବାଇକ୍ ପୋଡ଼ି, ୬ ଆହତ

ପୁରୀ ଅଫିସ,୨୭।୫

ବାସେଳି ଥାନା ମାର୍କଣ୍ଡେଶ୍ୱର ସାହି ପାଣିଟାଙ୍କି ଗଳି ମାଛ ହାଟ ନିକଟରେ ବୁଧବାର ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଉଭୟ ପକ୍ଷର ୬ଜଣ ଆହତ ହୋଇଥିବାବେଳେ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୋଟିଏ ପକ୍ଷର ଅଭିଯୋଗକୁ ଭିତ୍ତିକରି ଥାନାରେ ୬ଜଣଙ୍କ ନାଁରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ମୁତାବକ, ଅପରାହ୍ନରେ ବବୁଲ ମହାପାତ୍ର ଏକ ବାଇକ୍‌ରେ ମାର୍କଣ୍ଡେଶ୍ୱର ସାହି ଦେଇ ଯାଉଥିଲେ। ମାଛ ହାଟ ନିକଟରେ ଠିଆ ହୋଇଥିବା ଜଗନ, ବଳିଆ ଓ କେଦାର ହଠାତ୍ ବବୁଲଙ୍କୁ ଦେଖି ଗାଳି କରିଥିଲେ। ବବୁଲ ଚାହିଁବାରୁ ସେମାନେ କାହିଁକି ଚାହିଁଲୁ ବୋଲି କହିବାରୁ ଯୁକ୍ତିତର୍କ ବଢ଼ିଥିଲା। ପରେ ବବୁଲଙ୍କ ସହଯୋଗୀ ବିପ୍ଳବ ପଣ୍ଡା, ରାହୁଲ ଦାସ, ରବି ନାୟକ ଏକ ବାଇକ୍‌ରେ ସେଠାରେ ପହଞ୍ଚିଥିଲେ। ଅପରପକ୍ଷର ମଧ୍ୟ ଆଉ ୩ଜଣ ପହଞ୍ଚିବାରୁ ଦୁଇପକ୍ଷ ମୁହାଁମୁହିଁ ହୋଇଥିଲେ। ରଡ, ଭୁଜାଲି ଆକ୍ରମଣରେ ୬ ଜଣ ଆହତ ହୋଇଥିବାବେଳେ ବବୁଲ ଏବଂ ବିପ୍ଳବ ଗୁରୁତର ହୋଇଛନ୍ତି। ୪ଜଣଙ୍କ ମୁଣ୍ଡ ଫାଟିଯାଇଛି ଓ ଜଣଙ୍କର ଦୁଇ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହି ସମୟରେ ରାହୁଲଙ୍କ ବାଇକ୍‌ରେ ଅପରପକ୍ଷ ପକ୍ଷରୁ ନିଆଁ ଲଗାଇ ଦିଆଯାଇଥିବାରୁ ତାହା ପୋଡିଯାଇଛି। ସ୍ଥାନୀୟ ଲୋକେ ଏବଂ ବାସେଳି ସାହି ପୋଲିସ ପହଞ୍ଚିବା ପରେ ଗଣ୍ଡଗୋଳରୁ ସେମାନେ ନିବୃତ୍ତ ରହିଥିଲେ। ଏହାପରେ ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିବାବେଳେ ବିପ୍ଳବଙ୍କୁ ଭୁବନେଶ୍ୱର ନିଆଯାଇଛି। ଗୋଷ୍ଠୀ ସଂଘର୍ଷ ନେଇ ପୋଲିସ ପକ୍ଷରୁ କିଛି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ତେବେ ପୂର୍ବ ବିବାଦକୁ ନେଇ ଏହି ଗୋଷ୍ଠୀ ସଂଘର୍ଷ ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି।

## ବୀରେନ ମିତ୍ରଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ପାଳିତ

ଭୁବନେଶ୍ୱର,୨୭।୫



ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବୀରେନ ମିତ୍ରଙ୍କର ୪୨ତମ ଶ୍ରାଦ୍ଧବାର୍ଷିକୀ ବୁଧବାର ପାଳିତ ହୋଇଯାଇଛି। ସରକାରଙ୍କ କରୋନା କଟକଣା ଓ ସାମାଜିକ ଦୂରତା ରକ୍ଷାକରି ସ୍ୱର୍ଗତ ମିତ୍ରଙ୍କର ସ୍ଥାନୀୟ ଜୟଦେବ ବିହାର ଛକ ନିକଟରେ ସ୍ଥାପିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ପୂର୍ବତନ ବିଧାୟକ ତଥା ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଶୁଭାଂଶୁ ପଟ୍ଟନାୟକ,ସାମାଜିକ କର୍ମୀ ଅବୋଲୋ ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆଗକୁ ଉଲ୍ଲଂଘନକାରୀଙ୍କ ଉପରେ କଡ଼ା ପଦକ୍ଷେପ

ଭୁବନେଶ୍ୱର,୨୭।୫ (ବ୍ୟୁରୋ)

**ଚେତାବନୀ ଦେଲେ ପୋଲିସ କମିଶନର**

- ଉଲ୍ଲଂଘନକାରୀ ପରିବାର, ସମାଜ ପାଇଁ ବିପଦ
- ମାସ୍କ ପିନ୍ଧିବାକୁ ଲୋକଙ୍କୁ ନିବେଦନ

ଦେଶରେ କରୋନା ସଂକ୍ରମଣ ବଢୁଥିବାବେଳେ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ବଳବତ୍ତର ରହିଛି। ଏଥିଯୋଗୁ ସାମାଜିକ ତଥା ଆର୍ଥିକ ସ୍ଥିତି ବିଗିଡି ଯାଉଥିବାରୁ କଟକଣାରେ କିଛିଟା କୋହଳ କରାଯାଇଛି। ହେଲେ ଓଡ଼ିଶାର ଲୋକେ ବିଶେଷକରି କଟକ ଓ ଭୁବନେଶ୍ୱରର ଅଧିକାଂଶ ବାସିନ୍ଦା ଖୁଲମ୍‌ଖୁଲା ନିୟମ ଉଲ୍ଲଂଘନ କରୁଛନ୍ତି। ଏହାକୁ ନେଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଉଦ୍‌ବେଗ ପ୍ରକାଶ କରିବା ସହ ସ୍ଥିତିର ସମୀକ୍ଷା କରିଛନ୍ତି। ବୁଧବାର କମିଶନରେଟ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କମିଶନର ଷଡ଼ଙ୍ଗୀ ଚେତାବନୀ ଶୁଣାଇଛନ୍ତି। ସେ କହିଛନ୍ତି, ପ୍ରତିଦିନ ୭୦୦ରୁ ଉର୍ଦ୍ଧ୍ୱ ନିୟମ ଉଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ତଥାପି ଲୋକେ ସଚେତନ ହେଉ ନ ଥିବାରୁ ଆଗାମୀ ଦିନରେ ଆହୁରି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନେକ ଲୋକ ପୋଲିସକୁ ଦେଖି ମାସ୍କ ପିନ୍ଧୁଛନ୍ତି। ବଜାରରେ ଏକାଠି ହୋଇ ଚା ପିଇବା ସହ ସାମାଜିକ ଦୂରତା ରଖୁନାହାନ୍ତି। ଆଉକିଛି ଲୋକ ମାସ୍କକୁ ହାତ ଓ ବେକରେ ଝୁଲାଇ ନାକ ପାଟି ଖୋଲା ରଖି ବୁଲୁଛନ୍ତି। ସର୍ବସାଧାରଣ ସ୍ଥାନରେ ପାନ ଛେପ ପକାଉଛନ୍ତି। ଏହା ସଂକ୍ରମଣ ବିପଦକୁ ନିମନ୍ତ୍ରଣ କରୁଛି। ଯଦି ଲୋକଙ୍କ ମନରେ ଏଭଳି ଢ଼ିଲା ମନୋଭାବ ରହିବ ଓ ସେମାନେ ନିୟମ ଉଲ୍ଲଂଘନ କରିବେ ତେବେ ପରିବାର ଓ ସମାଜ ପାଇଁ ବିପଦ ମାଡ଼ି ଆସିବ। ଅମାନିଆମାନେ ଜାଣିବା ଦରକାର ଯେ, ପୋଲିସ ସବୁ ସ୍ଥାନରେ ଜଗିବା ଓ ସଚେତନ କରିବା ସମ୍ଭବପର ନୁହେଁ। ତେଣୁ ଦୈତ୍ୟନଗରୀବାସୀ ସରକାରଙ୍କ ସମସ୍ତ ନିୟମ ଓ କଟକଣାକୁ ଠିକ ପାଳନ କରନ୍ତୁ ଓ ସୁରକ୍ଷିତ ରୁହନ୍ତୁ ବୋଲି ଷଡ଼ଙ୍ଗୀ ପରାମର୍ଶ ଦେଇଛନ୍ତି।

# ପକ୍ଷ ରଖିବାକୁ ଯାଚିକା ଦାଖଲ

କଟକ ଅଫିସ,୨୭।୫

**ରଥଯାତ୍ରା ବନ୍ଦ ପାଇଁ ଜନସ୍ୱାର୍ଥ ମାମଲା**

କରୋନା ପାଇଁ ଚଳିତ ବର୍ଷ ପୁରୀରେ ରଥଯାତ୍ରା ବନ୍ଦ ରଖିବାକୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ପୂର୍ବରୁ ରୁଜୁ ହୋଇଛି। ଏହି ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ବୁଧବାର ହସ୍ତକ୍ଷେପ ଯାଚିକା (ଇଣ୍ଟରଭେନସନ୍ ପିଟିସନ୍) ଦାଖଲ କରାଯାଇଛି। ପୁରୀ ନିବାସୀ ବିଶ୍ୱନାଥ ଦାସ, ରାମଚନ୍ଦ୍ର ସାହୁ ଓ ଶିବାନନ୍ଦ ପାତ୍ରଙ୍କ ପକ୍ଷରୁ ଏହି ପିଟିସନ୍ ଦାଖଲ କରାଯାଇଥିବା ବେଳେ ଆଇନ୍‌ଜୀବୀ ବିଜୟ କୁମାର ରଗଡ଼ ଏହାକୁ ପରିଚାଳନା କରୁଛନ୍ତି। ଚଳିତ ବର୍ଷ ରଥଯାତ୍ରା ବନ୍ଦ ରଖିବାକୁ ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ଗତ ୨୧ ତାରିଖରେ ଜନସ୍ୱାର୍ଥ ମାମଲା ହୋଇଥିଲା। ପୁରୀ ବାସିନ୍ଦା ଭାବେ ସେମାନେ ଏଥିରେ ପକ୍ଷ ରଖିବାକୁ ଚାହୁଁଥିବା ଦର୍ଶାଇଛନ୍ତି। ମଙ୍ଗଳବାର ଏହି ମାମଲାରେ ପକ୍ଷଭୁକ୍ତ ହେବା ପାଇଁ କଟକର ଆଇନଜୀବୀ ଜୟନ୍ତ ବଳ ଓ ଜଗନ୍ନାଥ ଜନଜାଗରଣ ମଞ୍ଚର ସମ୍ପାଦକ ସରୋଜ ସାହୁ ଇଣ୍ଟର୍‌ଭେନସନ୍ ପିଟିସନ୍ ଦାଖଲ କରିଥିଲେ।

## ଶିଳ୍ପୀଙ୍କ ତୂଳୀରେ କରୋନା କଥା

ଭୁବନେଶ୍ୱର,୨୭।୫(ବ୍ୟୁରୋ)

**ଲଳିତକଳା ଏକାଡେମୀର ଅନ୍‌ଲାଇନ୍ ଚିତ୍ରକଳା ପ୍ରତିଯୋଗିତା**

ଲକ୍‌ଡାଉନ୍ ପରିପ୍ରେକ୍ଷୀରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଅନ୍‌ଲାଇନ୍‌ରେ ଚିତ୍ରକଳା ପ୍ରତିଯୋଗିତା ଚାଲିଛି। ଓଡ଼ିଶାର କଳାକାର ଓ ଶିଳ୍ପୀଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି ଆୟୋଜିତ ଏହି ପ୍ରତିଯୋଗିତାକୁ ନେଇ ଚିତ୍ରଶିଳ୍ପୀଙ୍କ ମଧ୍ୟରେ ବେଶ୍ ଆଗ୍ରହ ବୃଦ୍ଧିପାଇଛି। ଏହି ପ୍ରୋତ୍ସାହନମୂଳକ ପ୍ରତିଯୋଗିତାକୁ ଜୁନିୟର ଏବଂ ସିନିୟର ଦୁଇଟି ବର୍ଗରେ ବିଭକ୍ତ କରାଯାଇଛି। ଜୁନିୟର ବର୍ଗରେ ୧୬ରୁ ୩୦ବର୍ଷ ବୟସର ଛାତ୍ରୀଛାତ୍ର ଏବଂ ଯୁବଶିଳ୍ପୀ ଓ ସିନିୟର ବର୍ଗରେ ୩୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କର ଶିଳ୍ପୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଆବେଦନର ଶେଷ ସମୟ ୩୦ ତାରିଖ ରାତି ୧୨ଟା ରହିଥିବାବେଳେ ଏହାମଧ୍ୟରେ ହଜାରରୁ ଉର୍ଦ୍ଧ୍ୱ ଶିଳ୍ପୀ ଆବେଦନ କରିଥିବା ଓଡ଼ିଶା ଲଳିତକଳା ଏକାଡେମୀ ସଚିବ ଗଜେନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଶିଳ୍ପୀମାନେ ଘରେ ବସି କୋଭିଡ୍-୧୯ ସମ୍ପର୍କିତ ସକରାତ୍ମକ ତଥା ସଚେତନଭିତ୍ତିକ ଚିତ୍ର ଆଙ୍କି ତାହାକୁ ଅନ୍‌ଲାଇନରେ ପଠାଇବାରେ ଲାଗିଛନ୍ତି। ସ୍ୱତନ୍ତ୍ର ଜୁରୀ କମିଟି ଦ୍ୱାରା ଜୁନିୟର ବର୍ଗରେ ଶ୍ରେଷ୍ଠ ବିବେଚିତ ୧ ହଜାର ଶିଳ୍ପୀଙ୍କୁ ୧ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ସେହିଭଳି ସିନିୟର ବର୍ଗରେ ୩୦୦ ଜଣଙ୍କୁ ମନୋନୀତ କରାଯାଇ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ଏକାଡେମୀର ଏହି ମେଗା ପ୍ରୋଜେକ୍ଟ ଦ୍ୱାରା ଅତିକମ୍‌ରେ ରାଜ୍ୟର ୧୩୦୦ ଶିଳ୍ପୀ ଉପକୃତ ହେବେ ବୋଲି ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ଭିଜୁଆଲ୍ ଆର୍ଟ ସହ ଭାସ୍କର୍ଯ୍ୟ କଳା, ମୁଦ୍ରଣ କଳା ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରାଯାଇଥିବାବେଳେ ଅଂଶଗ୍ରହଣକାରୀମାନେ www.odishalalitkalaakademi.orgରେ ସମ୍ପୂର୍ଣ୍ଣ ତଥ୍ୟ ପାଇପାରିବେ ବୋଲି ସାହୁ କହିଛନ୍ତି।

## ହୋଟେଲ ଖୋଲିବାକୁ ଅନୁମତି ମିଳୁ

ପୁରୀ ଅଫିସ,୨୭।୫

କାରୋନା ପାଇଁ ୨ ମାସରୁ ଉର୍ଦ୍ଧ୍ୱ ହେବ ପୁରୀ ହୋଟେଲ ଶିଳ୍ପରେ ତାଲା ଝୁଲୁଛି। ହୋଟେଲ ମାଲିକଙ୍କଠାରୁ ଆରମ୍ଭ କରି ହଜାର ହଜାର କର୍ମଚାରୀ ଏବଂ ହୋଟେଲ ଶିଳ୍ପ ଉପରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ନିର୍ଭର କରୁଥିବା ଅନେକ ପରିବାର ଏବେ ଅସୁବିଧାରେ ଚଳୁଛନ୍ତି। ତେଣୁ କୋଭିଡ୍ ଗାଇଡ୍‌ଲାଇନ ମଧ୍ୟରେ ପୁରୀର ହୋଟେଲଗୁଡ଼ିକ ଖୋଲିବା ଲାଗି ଅନୁମତି ଦିଆଯାଉ ବୋଲି କହିଛନ୍ତି ପୁରୀ ହୋଟେଲ ସଂଘ ସଭାପତି ରାମକୃଷ୍ଣ ଦାସମହାପାତ୍ର। ସେ କହିଛନ୍ତି, ଇତିମଧ୍ୟରେ ପାଖାପାଖି ଅଢେଇ ମାସ ହେବ ହୋଟେଲ ବନ୍ଦ ରହିଛି। ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନରେ ସରକାର କେତେକ କ୍ଷେତ୍ରରେ କୋହଳ କରିବା ପରେ ଗାଡ଼ି, ବିମାନ ଆଦି ଚଳାଚଳ ସ୍ୱାଭାବିକ ହେଲାଣି। ଦୋକାନ, ବଜାର ବି ଖୋଲିଲାଣି। ତେଣୁ ହୋଟେଲଗୁଡ଼ିକୁ ମଧ୍ୟ ଖୋଲିବାକୁ ଅନୁମତି ଦିଆଯିବା ଦରକାର ବୋଲି ରାମକୃଷ୍ଣ କହିଛନ୍ତି।

**ରଥ ଖଳାରୁ...**





# ନାଟଗୋଡ଼ରେ ଚାଲିଛି ରାହୁ ମୂର୍ତ୍ତି ଖୋଦେଇ

ପୁରୀ ଅଫିସ,୨୭।୫

ଜୁନ୍ ୨୩ରେ ରଥଯାତ୍ରା। ଏଥିପାଇଁ ରଥଖଳାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାମ ଆଗେଇ ଚାଲିଛି। ବୁଧବାର ପାଶଦଣ୍ଡାରେ କୁଡୁକା ଲାଗି ହୋଇ ପାର୍ଶ୍ୱ ମୁହାଁଟ ଲାଗିଛି। ଏହାପରେ ପାର୍ଶ୍ୱ ମୁହାଁଟ ଉପରେ ଗୁଜ ଏବଂ ଜଳଯନ୍ତ୍ର (ପାର୍ଶ୍ୱ ଦେବଦେବୀଙ୍କ ଆସ୍ଥାନ) ଲାଗିଛି। ଏଥିରେ ନିରାଡ଼ି ଖଞ୍ଜା ବାକି ରହିଛି। ସେହିପରି ରଥଖଳାରେ ଧୂଳିଦଣ୍ଡାର ଚଉପଟ କରାଯାଉଛି। ପ୍ରତି ରଥରେ ଦୁଇଟି ଲେଖାଏ ୨୦ ଫୁଟିଆ ଧୂଳିଦଣ୍ଡା ଲାଗିଥାଏ। ମହାପ୍ରଭୁ ରଥରେ ବିଜେ ହେବାପରେ ରୁନ୍ଧା ହେବା ପାଇଁ ପଛ ପାର୍ଶ୍ୱରେ ପ୍ରଭା ଦେହରେ ଏହାକୁ ଯୋଡ଼ା ଯାଇଥାଏ। ପ୍ରତିରଥରେ ଲାଗୁଥିବା ୫ଟି ଲେଖାଏ ଜଗତପୃଷ୍ଠ ଶେଣୀର ଚଉପଟ ଶେଷ ହୋଇଛି। ରୂପକାର ସେବକଙ୍କ ଦ୍ୱାରା ସମସ୍ତ ଗୁଜରେ ସିଂହବିରାଳ ରୂପ ଖୋଦେଇ ଏବଂ ପଲିସ୍ କାମ ଶେଷ ହୋଇଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ନାଟଗୋଡ଼ରେ ରାହୁ ମୂର୍ତ୍ତି ଅଙ୍କାଯାଇ ତାହାକୁ ଖୋଦେଇ କରାଯାଉଛି। ଦୋଳବେଦୀଠାରେ ନନ୍ଦିଘୋଷ ରଥର ଗୋଲାଗୟଳ ଚିରଟ କାର୍ଯ୍ୟ କରତି ସେବକଙ୍କ ଦ୍ୱାରା ଶେଷ ହୋଇଛି। ଗୁରୁବାର ଏହାର ଚଉପଟ କାମ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ସେହିପରି ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଆବଶ୍ୟକ ଦଣ୍ଡା କଣ୍ଟା, ଗୟଳ କଣ୍ଟା, ଯୋଖା ଏବଂ ଗୋଡ଼ିଛାଲ କଣ୍ଟା ତିଆରି କାମ ଜାରି ରଖିଛନ୍ତି। ସକାଳେ ରଥଖଳାରେ କାମ ଆରମ୍ଭ ପୂର୍ବରୁ ରଥ ନିର୍ମାଣରେ ସମ୍ପୃକ୍ତ ସେବକମାନଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ସମସ୍ତ ସେବକ ସୁସ୍ଥ ଥିବା ଜଣାପଡିଛି।

## ସଂକ୍ଷେପରେ

### ନିବେଶକଙ୍କ ସମ୍ପତ୍ତି ୨ ଲକ୍ଷ କୋଟି ବଢ଼ିଲା

**ନୂଆଦିଲ୍ଲୀ,୨୭।୫:** ବୁଧବାର ଭାରତୀୟ ପୁଞ୍ଜିବଜାରରେ କାରବାର ଉନ୍ନତ ରହିବାରୁ ନିବେଶକଙ୍କ ସମ୍ପତ୍ତିରେ ୨.୦୧ ଲକ୍ଷ କୋଟି ଟଙ୍କା ବଢ଼ିଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୯୯୫.୯୨ ପଏଣ୍ଟ ବା ୩.୨୫% ବଢ଼ିବା ଯୋଗୁ ୩୧,୬୦୫.୨୨ ପଏଣ୍ଟରେ ବନ୍ଦ ହୋଇଛି। ବିଶ୍ୱ ବଜାରରେ କାରବାର ଉନ୍ନତ ରହିବା ସହ ବ୍ୟାଙ୍କିଙ୍ଗ୍ ଏବଂ ଫାଇନାନ୍ସ ଷ୍ଟକ୍ ଉନ୍ନତ ରହିବା ଫଳରେ ବଜାରରେ ଏଭଳି ସ୍ଥିତି ଉପୁଜିଛି ବୋଲି ରେଲିଗାରେ ବ୍ରୋକିଂ ଲିମିଟେଡ୍ ରିସର୍ଚ୍ଚ ବିଭାଗ ଉପସଭାପତି ଅଜିତ ମିଶ୍ର କହିଛନ୍ତି। ଅର୍ଥ ବ୍ୟବସ୍ଥା ଟ୍ରାକ୍‌କୁ ଫେରିବା ନେଇ ନିବେଶକ ଆଶା ରଖିଛନ୍ତି। ବୁଧବାର ଆକ୍ସିସ ବ୍ୟାଙ୍କର କାରବାର ଉନ୍ନତ ରହିଛି।

### ଜି.ଆର୍. ଚିଣ୍ଟାଲା ନାବାର୍ଡ ଅଧ୍ୟକ୍ଷ



**ନୂଆଦିଲ୍ଲୀ,୨୭।୫:** ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ)ର ଅଧ୍ୟକ୍ଷ ଭାବେ ଜି.ଆର୍. ଚିଣ୍ଟାଲା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବାଙ୍ଗାଲୋରଠାରେ ନାବାର୍ଡର ସହାୟକ ସଂସ୍ଥା ନ୍ୟାବ୍‌ଫିନ୍ସରେ ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ସେ ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆନ୍ ଏଗ୍ରିକଲଚର ରିସର୍ଚ୍ଚ ଇନଷ୍ଟିଚ୍ୟୁଟରୁ ସ୍ନାତକୋତ୍ତର ଡିଗ୍ରୀ ପରେ ନାବାର୍ଡରେ ଅଧିକାରୀ ଭାବେ ଯୋଗଦେଇଥିଲେ। ସେ ନାବାର୍ଡର ମୁଖ୍ୟ କାର୍ଯ୍ୟାଳୟ ସହ ବିଭିନ୍ନ ଆଞ୍ଚଳିକ କାର୍ଯ୍ୟାଳୟରେ କାମ କରିଛନ୍ତି। ଏହାସହ ଏଗ୍ରି ବିଜନେସ ଫାଇନାନ୍ସ ଲିମିଟେଡର ଉପସଭାପତି ଏବଂ ବ୍ୟାଙ୍କର୍ସ ଇନଷ୍ଟିଚ୍ୟୁଟ ଅଫ୍ ରୁରାଲ ଡେଭଲପମେଣ୍ଟର ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ ଅଭିଜ୍ଞତା ହାସଲ କରିଥିବା ସୂଚନା ରହିଛି।

# ଲକ୍‌ଡାଉନ୍ ଯୋଗୁ ଆନିମଲ୍ ସ୍ପିରିଟ୍ ଧିମା

**ନୂଆଦିଲ୍ଲୀ,୨୭।୫**



କରୋନା ଭାଇରସ୍‌କୁ ରୋକିବା ଲାଗି ସରକାର ସାରା ଦେଶରେ ୪ର୍ଥ ପର୍ଯ୍ୟାୟ ଲକ୍‌ଡାଉନ ଜାରି କରିଛନ୍ତି। ଆର୍ଥିକ କାର୍ଯ୍ୟକଳାପ ଏହି ସମୟରେ ବନ୍ଦ ପଡ଼ିଛି। କାର୍ଯ୍ୟକଳାପ ବର୍ତ୍ତମାନ ଠପ୍ ପଡ଼ିଥିବାରୁ ବଜାର ସ୍ଥିତି ବେହାଲ ହୋଇଛି। ଚାହିଦା ନ ଥିବା ବେଳେ ଯୋଗାଣ ଚେନ୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ମାନ୍ଦାବସ୍ଥା ଦେଇ ଗତି କରୁଥିବା ବଜାର ଉପରେ କରୋନା ମାଡ଼ କରିବା ଦ୍ୱାରା ସବୁ ଯେମିତି ହଠାତ୍ ଅଟକି ଗଲା ଭଳି ପ୍ରତୀୟମାନ ହେଉଛି। ବଜାରର ଏଭଳି ସ୍ଥିତି ଲୋକଙ୍କ କ୍ରୟ ଏବଂ ନିବେଶ ଉପରେ ପଡୁଛି। ଭାରତ ବିଶ୍ୱର ଏକ ପ୍ରମୁଖ ଅଭିବୃଦ୍ଧିଶୀଳ ଦେଶ ଭାବେ ଚଳିତ ବର୍ଷ ଅନ୍ୟ ଦେଶଗୁଡିକ ତୁଳନାରେ ଭଲ ସ୍ଥିତିରେ ରହିବ ବୋଲି ପ୍ରମୁଖ ଏଜେନ୍ସିଗୁଡିକ ଆକଳନ କରିଥିଲେ। ହେଲେ କରୋନା ଆସି ଏହି ସ୍ଥିତିକୁ ବିଗାଡ଼ିଦେଇଛି।

### ନକାରାତ୍ମକ ଅଭିବୃଦ୍ଧି

ଏସିଆର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ଭାବେ ବିବେଚିତ ଭାରତ ବଜାର କ୍ୟାଲେଣ୍ଡର ବର୍ଷ ଆରମ୍ଭରୁ ହିଁ ପ୍ରଭାବିତ ହୋଇଛି। ଜାନୁୟାରୀ-ମାର୍ଚ୍ଚରେ ଅଭିବୃଦ୍ଧି ହାର ପ୍ରାୟ ୧.୨% ଖସିବା ନେଇ ଆକଳନ କରାଯାଇଛି। ଚଳିତ ଆର୍ଥିକ ବର୍ଷ ନକାରାତ୍ମକ ଅଭିବୃଦ୍ଧି ରହିବ ବୋଲି ରିଜର୍ଭ ବ୍ୟାଙ୍କ ସମେତ ଅନ୍ୟ ଏଜେନ୍ସିଗୁଡିକ ପୂର୍ବାନୁମାନରେ କହିଛନ୍ତି।

### ବାଣିଜ୍ୟ କାର୍ଯ୍ୟକଳାପ

ଗତ ମାସରେ ଭାରତର ମୁଖ୍ୟ ସର୍ଭିସ ଇଣ୍ଡେକ୍ସ ହ୍ରାସ ଘଟି ୫.୪%କୁ ଖସିଛି। ଏହା ବିଶ୍ୱ ବଜାର ତୁଳନାରେ ସବୁଠାରୁ ନିମ୍ନ ସ୍ତରକୁ ଖସିଛି। ମାନୁଫାକ୍‌ଚରିଂ କ୍ଷେତ୍ରରେ ୨୭.୪% ଖସିଥିବା ନଜରକୁ ଆସିଛି। ଏହି ୨ଟି କ୍ଷେତ୍ରରେ ହ୍ରାସ ହେବା ଯୋଗୁ କମ୍ପୋଜାଇଟ୍ ଇଣ୍ଡେକ୍ସ ୭.୨%କୁ ହ୍ରାସ ଘଟିଛି। ଏହା ପୂର୍ବରୁ ୫୦.୨ ରହିଥିଲା। ୫୦ ଅଙ୍କରୁ ନିମ୍ନକୁ ସୂଚୀ ଖସିଲେ ପର୍‌ଫରମାନ୍ସରେ ହ୍ରାସ ବୋଲି ବିଚାର କରାଯାଇଥାଏ।

### ସବୁ କ୍ଷେତ୍ରରେ ପର୍‌ଫରମାନ୍ସ ହ୍ରାସ

ମାର୍ଚ୍ଚ ଶେଷ ସପ୍ତାହରେ ହୋଇଥିବା ଲକ୍‌ଡାଉନ ଯୋଗୁ ସବୁ କ୍ଷେତ୍ରରେ ପର୍‌ଫରମାନ୍ସ ହ୍ରାସ ଦେଖାଯାଇଛି। ଏପ୍ରିଲ ମାସରେ ବାର୍ଷିକ ଭିତ୍ତିରେ ଜିଡିପି ୧୫% ହ୍ରାସ ହୋଇଥିବା ଆଇଏଚ୍‌ଏସ୍ ମାର୍କିଟ ପକ୍ଷରୁ ଆକଳନ କରାଯାଇଛି। ସେବା କ୍ଷେତ୍ର କାର୍ଯ୍ୟକଳାପ ଏହି ସମୟରେ ଅନେକ ପରିମାଣରେ ହ୍ରାସ ହୋଇଥିବା ଦେଖାଯାଇଛି।

### ରପ୍ତାନି

ବିଶ୍ୱ ବଜାରରୁ ରପ୍ତାନି ବନ୍ଦ ହୋଇଯିବା ଫଳରେ ଏପ୍ରିଲରେ ଏହା ୬୦% ହ୍ରାସ ଘଟିଛି। ଜେମ୍‌ସ ଆଣ୍ଡ ଜୁଏଲେରି ରପ୍ତାନି ୯୮.୭% ଏବଂ ବୟନ ସାମଗ୍ରୀ ୭୧.୬% ଖସିଛି। ଚାହିଦା ହ୍ରାସ ହେବା ମଧ୍ୟ ରପ୍ତାନି ଉପରେ ଗଭୀର ପ୍ରଭାବ ପକାଇଛି।

### ଖାଉଟି କାର୍ଯ୍ୟକଳାପ

ବିଶ୍ୱର ୪ର୍ଥ ବଡ଼ ଅଟୋମୋବାଇଲ ବଜାର ଭାରତରେ କାର ବିକ୍ରି ବନ୍ଦ ପଡିଛି। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଟାଟା ମୋଟର୍ସ, ଜାଗୁଆର ଲ୍ୟାଣ୍ଡ ରୋଭର ଭଳି କମ୍ପାନୀ ଲକ୍‌ଡାଉନ ପାଇଁ ସେମାନଙ୍କ କାରବାରକୁ ବନ୍ଦ କରି ରଖିଥିଲେ। ବଜାର ଧୀରେ ଧୀରେ ଖୋଲୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ମଧ୍ୟ କାରବାର ଟ୍ରାକ୍‌କୁ ଫେରିପାରୁ ନାହିଁ। ଯାନବାହନ ନ ଚାଲିବା ଯୋଗୁ ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ବୃହତ୍ ପରିମାଣରେ ହ୍ରାସ ଘଟିଛି। ୧୨୨ ନିୟୁତ ଲୋକଙ୍କୁ ଚାକିରି ହରାଇବାକୁ ପଡ଼ିଛି।

### ଔଦ୍ୟୋଗିକ ସ୍ଥିତି

ଦେଶର ଶିଳ୍ପ ଉତ୍ପାଦନ ସୂଚକାଙ୍କକୁ ଭିତ୍ତିଭୂମି ସହ ଜଡ଼ିତ ଶିଳ୍ପଗୁଡିକ ୪୦% ଯୋଗଦାନ ରଖିଥାନ୍ତି। ଏହି ଶିଳ୍ପଗୁଡ଼ିକର କାର୍ଯ୍ୟକଳାପ ୬.୫% ହ୍ରାସ ଘଟିଛି। ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରି ପ୍ରଡକ୍ଟ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ୍ ଉତ୍ପାଦନ କମିଛି। ଏହା ଫଳରେ ଫ୍ୟାକ୍ଟ୍ରି ଉତ୍ପାଦନ ୧୬.୭% ହ୍ରାସ ଘଟିଛି।

# ରୋଜଗାର ସ୍ଥିତିରେ ଆସିପାରେ ସୁଧାର

**ନୂଆଦିଲ୍ଲୀ,୨୭।୫**

ଲକ୍‌ଡାଉନର ପ୍ରଭାବରେ ପ୍ରବାସୀ ଶ୍ରମିକ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଘରକୁ ଫେରୁଥିବା ଦେଖାଯାଉଛି। ୩୧ ମେ'ରେ ଲକ୍‌ଡାଉନ ୪.୦ ଶେଷ ହେଉଛି। ଲକ୍‌ଡାଉନର ଆଗାମୀ ପର୍ଯ୍ୟାୟ ସମ୍ପର୍କରେ ଶୀଘ୍ର ନିଷ୍ପତ୍ତି ହେବ। ଅର୍ଥୀକ ବିଶେଷଜ୍ଞ କହିଛନ୍ତି ଯେ, ପ୍ରବାସୀ ଶ୍ରମିକମାନେ ବର୍ତ୍ତମାନ ଘରକୁ ଫେରିଥିବାରୁ ଆର୍ଥିକ କାର୍ଯ୍ୟକଳାପ ଟ୍ରାକ୍‌କୁ ଫେରିବାକୁ ସମୟ ଲାଗିବ। ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍‌ଆଇଇ)ରିପୋର୍ଟ ମୁତାବକ ୨୪ ମେ ପର୍ଯ୍ୟନ୍ତ ବେରୋଜଗାରୀ ହାର ୨୪.୩% ରହିଛି। ଏହାର ପୂର୍ବ ସପ୍ତାହରେ ବେରୋଜଗାରୀ ହାର ୨୪% ରହିଥିଲା। ଗତ ୮ ସପ୍ତାହରେ ବେରୋଜଗାରୀ ହାର ୨୪.୨% ରହିଛି। ୨୫ ମେ' ରେ ଭାରତର ହାରାହାରି ବେରୋଜଗାରୀ ହାର ୨୪.୫% ରେକର୍ଡ କରାଯାଇଛି। ଏହା ମଧ୍ୟରେ ସହରୀ ବେରୋଜଗାରୀ ୨୬.୩୦% ଏବଂ ଗ୍ରାମୀଣ ବେରୋଜଗାରୀ ୨୩.୭୦% ରହିଛି।

ସମ୍ପୂର୍ଣ୍ଣ ଲକ୍‌ଡାଉନ ସମୟରେ ବେରୋଜଗାରୀ ହାର ୨୪% ରହିଛି। ମାତ୍ର ଶ୍ରମିକଙ୍କ ଯୋଗଦାନ ହାର (ଏଲ୍‌ପିଆର୍)ରେ ଅଭିବୃଦ୍ଧି ଦେଖାଯାଉଛି। ସିଏମ୍‌ଆଇଇ ପରିଚାଳନା ନିର୍ଦ୍ଦେଶକ ମହେଶ ବ୍ୟାସ କହିଛନ୍ତି ଯେ, ଲକ୍‌ଡାଉନ ଶେଷ ହେବା ପରେ ରୋଜଗାର ଖୋଜିବା ଆଶାରେ ଲୋକମାନେ ପୁଣି ଥରେ ସହର ଅଭିମୁଖେ ଯାତ୍ରା କରିବାର ସମ୍ଭାବନା ରହିଛି। ଏହି କ୍ଷେତ୍ରରେ ବୃଦ୍ଧି ପରିଲକ୍ଷିତ ହେଉଛି। ଘରକୁ ଫେରିଥିବା ପ୍ରବାସୀଙ୍କ ପାଇଁ ପ୍ରମୁଖ ସମସ୍ୟା ହେଲା ସେଠାରେ ପର୍ଯ୍ୟାପ୍ତ ପରିମାଣର କାମ ଅଭାବ



ରହିଛି। ଏହାକୁ ଧ୍ୟାନରେ ରଖିଲେ ଲୋକମାନେ ପୁଣି ଥରେ ସହର ମୁହାଁ ହେଉଥିବା ରିପୋର୍ଟରେ କୁହାଯାଉଛି। ଶ୍ରମିକଙ୍କ ଯୋଗଦାନରେ ଲଗାତର ଉନ୍ନତି ହେଉଥିବା ରିପୋର୍ଟରେ ପ୍ରକାଶ ପାଇଛି। ଏପ୍ରିଲରେ ଏହି ହାର ୩୫.୬% ରହିଥିଲା। ମାର୍ଚ୍ଚରେ ଏହା ୪୧.୯% ରହିଥିଲା। ମେ ମାସରେ ଏହି ହାର ୩୮.୮% ଛୁଇଁଛି। ୧୭ ମେ ସୁଦ୍ଧା ନିଆଯାଇଥିବା ଡାଟା ମୁତାବକ ବେରୋଜଗାରୀ ହାର ସ୍ଥିର ରହିଛି। ଶ୍ରମିକଙ୍କ ଯୋଗଦାନରେ ଉନ୍ନତି ଆସିଛି।

# ନୋକିଆର ୪୨ କର୍ମଚାରୀ କରୋନା ଆକ୍ରାନ୍ତ

**ନୂଆଦିଲ୍ଲୀ,୨୭।୫**

ମୋବାଇଲ ଫୋନ ନିର୍ମାଣକାରୀ କମ୍ପାନୀ ନୋକିଆର ୪୨ଜଣ କର୍ମଚାରୀ କରୋନା ଆକ୍ରାନ୍ତ ବୋଲି ଜଣାପଡିଛି। ଏମାନେ ଶ୍ରୀପେରୁମ୍‌ବୁଦୁର ତାମିଲନାଡୁ ୟୁନିଟ୍‌ରୁ କାମ କରୁଥିଲେ। ଏହି ଘଟଣାକୁ ଧ୍ୟାନରେ ରଖି ଆସନ୍ତା ନିର୍ଦ୍ଦେଶାବଳୀ ପର୍ଯ୍ୟନ୍ତ କାରଖାନାର ଉତ୍ପାଦନ ବନ୍ଦ ରହିବ ବୋଲି ମଙ୍ଗଳବାର କମ୍ପାନୀ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଗତ ସପ୍ତାହରେ କମ୍ପାନୀର କିଛି କର୍ମଚାରୀ କରୋନା ସଂକ୍ରମଣ ସନ୍ଦେହରେ ସ୍ଥାନୀୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯାଇଥିଲେ ` ପ୍ରାଥମିକ ଚିକିତ୍ସାରୁ କମ୍ପାନୀର ପ୍ରାୟତଃ ୪୨ଜଣ କର୍ମଚାରୀ କୋଭିଡ୍-୧୯ରେ ଆକ୍ରାନ୍ତ ବୋଲି ଜଣାପଡ଼ିବାରୁ କାରଖାନକୁ ବନ୍ଦ ରଖିବା ପାଇଁ କମ୍ପାନୀ ନିଷ୍ପତ୍ତି ନେଇଛି। ଉକ୍ତ କର୍ମଚାରୀମାନେ କାହା କାହା ସହ ମିଳାମିଶା କରିଥିଲେ ଏବଂ କମ୍ପାନୀର କେଉଁ ସବୁ ସ୍ଥାନରେ କାମ ଓ ଚଳପ୍ରଚଳ କରିଛନ୍ତି ସେ ବିଷୟରେ ଆବଶ୍ୟକ ତଥ୍ୟ ସଂଗ୍ରହକରି ସରକାରୀ ନିୟମାବଳୀ ଅନୁସାରେ କାରଖାନାକୁ ସମ୍ପୂର୍ଣ୍ଣ ସାନିଟାଇଜ କରିବା ପାଇଁ ଏହି ବନ୍ଦ କରାଯାଇଛି । ଅନ୍ୟମାନେ ଯେପରି ଏହି ସଂକ୍ରମଣରେ ଆକ୍ରାନ୍ତ ନ ହୁଅନ୍ତି ଏବଂ ବାଣିଜ୍ୟିକ କ୍ଷତି କମ୍ପାନୀ ପାଇଁ ଚିନ୍ତାର କାରଣ ହୋଇଛି। ଗତ କିଛିଦିନ ତଳେ ଓପୋ ଫୋନ'ର କେତେଜଣ କର୍ମଚାରୀ ମଧ୍ୟ ଏହି ସଂକ୍ରମଣରେ ଆକ୍ରାନ୍ତ ହୋଇଥିଲେ। ଫଳରେ କମ୍ପାନୀ ତା'ର ଉତ୍ପାଦନକୁ ବନ୍ଦ ରଖିଥିବା କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଥିଲେ।

# ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍‌ରେ ଫେରିଲେ ୪୮ ଲକ୍ଷ ପ୍ରବାସୀ

**ନୂଆଦିଲ୍ଲୀ,୨୭।୫**

ଦେଶର ବିଭିନ୍ନ ରାଜ୍ୟରେ ଫସି ରହିଥିବା ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କ ଘରକୁ ପଠାଇବା ଲାଗି ରେଳ ମନ୍ତ୍ରଣାଳୟ ବୁଧବାର ସୁଦ୍ଧା ୩୫ଶହ ଶ୍ରମିକ ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ବିଭିନ୍ନ ରାଜ୍ୟରୁ ୪୮ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀଙ୍କୁ ସେମାନଙ୍କର ଗନ୍ତବ୍ୟସ୍ଥଳକୁ ପଠାଯାଇଥିବା ରେଳ ମନ୍ତ୍ରଣାଳୟ ସୂଚନା ଦେଇଛି। ଗତ ମାର୍ଚ୍ଚ ୨୫ ପରଠାରୁ ଏହି ଶ୍ରମିକମାନେ ଲକ୍‌ଡାଉନ କାରଣରୁ ସେମାନଙ୍କ ଘରକୁ ଫେରିପାରି ନ ଥିଲେ। ଏହି ସମସ୍ତ ପ୍ରବାସୀ ଶ୍ରମିକଙ୍କୁ ରେଳ ମନ୍ତ୍ରଣାଳୟ ମେ ୧ରୁ ୨୭ମଧ୍ୟରେ ଏହି ସୁବିଧା ପ୍ରଦାନ କରିଛି। ଏହି ସମସ୍ତ ଶ୍ରମିକଙ୍କ ଗସ୍ତ ଖର୍ଚ୍ଚ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ବହନ କରିବେ। ପ୍ରତି ଟ୍ରେନ୍‌ରେ ୧୨ଶହ ଜଣ ଯାତ୍ରୀ ଏବଂ ୨୪ଟି ବଗି ରହିଛି। ପ୍ରତି ବଗିରେ ୭୨ସିଟ୍ ଓ ୫୪ ଜଣ ଯାତ୍ରା କରୁଛନ୍ତି। ଆଇଆର୍‌ସିଟିସି ପକ୍ଷରୁ ଏହି ଶ୍ରମିକଙ୍କୁ ସବୁ ପ୍ରକାର ସୁବିଧା ପ୍ରଦାନ କରାଯାଉଛି।

## ରାଜ୍ୟ ଖବର

# ୮.୧୫ ଲକ୍ଷ ଲୁଟି ନେଲେ

- ହଳଦୀଗୁଡ଼ାରେ ଡକାୟତି
- ବ୍ୟବସାୟୀଙ୍କ ପରିବାରକୁ ମରଣାନ୍ତକ ଆକ୍ରମଣ

**ଡାବୁଗାଁ,୨୭।୫(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ହଳଦୀଗୁଡ଼ା ଗ୍ରାମର ଜଣେ ବ୍ୟବସାୟୀଙ୍କ ପରିବାରକୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣକରି ୮ଲକ୍ଷ ୧୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ବ୍ୟବସାୟୀ ହାସେମ୍ ଖାନ୍ ଓ ତାଙ୍କ ସ୍ତ୍ରୀ ସହଜାନ ବେଗମ୍‌ଙ୍କୁ ଗୁରୁତର ଅବସ୍ଥାରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ପାଇଁ ଏସ୍‌ପି ନୀତିନ କୁଶଲକର, ଡାବୁଗାଁ ଥାନା ଅଧିକାରୀ ସୁବାସ ଚନ୍ଦ୍ର ବେହୁରିଆଙ୍କ ସମେତ ସାଇଣ୍ଟିଫିକ୍ ଦଳ ପହଞ୍ଚି ତଦନ୍ତ କରିଛନ୍ତି।

ବ୍ୟବସାୟୀ ହାସେମ୍‌ଙ୍କ ପୁଅ ଜିଲ୍‌କର ଖାନ୍‌ଙ୍କ ସୂଚନା ଅନୁଯାୟୀ ରାତି ପ୍ରାୟ ସାଢ଼େ ଗୋଟାଏ ସମୟରେ ସେ ଘର ବାରଣ୍ଡାରେ ଶୋଇଥିଲେ। ତାଙ୍କ ପିଠିକୁ କେହି ଲୁହାଛଡ଼ରେ ମାଡ଼ ମାରିଥିଲେ। ସେ ଉଠିବା ପରେ ୩ଜଣ ଦୁର୍ବୃତ୍ତ ତାଙ୍କ ବେକରେ ଖଣ୍ଡା ଲଗାଇ ଘେରିଯାଇଥିଲେ। ଏହି ସମୟରେ ଘର ଆଗରେ ୪ଜଣ ପହରା ଦେଉଥିଲେ। ଘର ଭିତରକୁ ୭ରୁ ୮ଜଣ ପଶିଥିଲେ। ଘର ଭିତରେ ଶୋଇଥିବା ବାପା ହାସେମ, ମା' ସହଜାନ ଓ ଭାଇଙ୍କୁ ଦୁର୍ବୃତ୍ତମାନେ ଉଠାଇଥିଲେ। ଟଙ୍କା କେଉଁଠି ରଖିଛ କହି ଧମକ ଦେବା ସହ ଆଲମାରୀ ଚାବି ମାଗିଥିଲେ। ହାସେମ୍‌ଙ୍କ ବେକ ଓ ପେଟକୁ ଖଣ୍ଡାରେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ପରେ ତାଙ୍କ ମା' ସହଜାନ୍‌ଙ୍କୁ ଲୁହାରଡ଼୍‌ରେ ପିଟି ଥିଲେ। ଶେଷରେ ଭୟଭୀତ ହୋଇ ସହଜାନ ଟଙ୍କା ଥିବା ଆଲମାରୀ ଦେଖାଇଥିଲେ। ଆଲମାରୀରୁ ଟଙ୍କା ନେଇ ଛାଡ଼ିଦେବାକୁ ସହଜାନ କହିଥିଲେ। ପରେ ଦୁର୍ବୃତ୍ତମାନେ ଆଲମାରୀରୁ ୮ଲକ୍ଷ ୧୧ ହଜାର ଟଙ୍କା ଓ ଦୋକାନରୁ ୪ ହଜାର ଟଙ୍କା ମୋଟ ୮ ଲକ୍ଷ ୧୫ ହଜାର ଲୁଟ୍ କରି ଚାଲିଯାଇଥିଲେ। ସାନଭାଇ ଭୋଲା କଳେବଳେ କୌଶଳେ ଘରୁ ପଦାକୁ ବାହାରି ଗ୍ରାମବାସୀଙ୍କୁ ନିଦରୁ ଉଠାଇ ଡକାୟତି ସମ୍ପର୍କରେ କହିଥିଲେ। ଗ୍ରାମବାସୀ ପହଞ୍ଚି ରାତିରେ ହାସେମ୍ ଓ ସହଜାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ଥାନାରେ ନଂ. ୧୦୬/୨୦ ରେ ଏକ ମାମଲା ରୁଜୁ କରାଯାଇଛି । ଡାବୁଗାଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# ପଞ୍ଚାୟତରେ ଲୋକଙ୍କୁ କାମ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

- ଜୁନ୍ ପ୍ରଥମ ସପ୍ତାହରୁ ପଞ୍ଚାୟତ ପିଛା ୨ଟି ପ୍ରକଳ୍ପ କର
- ଯଥା ସମୟରେ ମଜୁରି ପ୍ରଦାନ ଉପରେ ଗୁରୁତ୍ୱ
- ମେ' ଶେଷ ସୁଦ୍ଧା ୨୦ଲକ୍ଷଙ୍କୁ ରୋଜଗାର ଦେବାକୁ ଲକ୍ଷ୍ୟ

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

ଗାଁ ଗହଳିରେ ଯେପରି ଲୋକଙ୍କୁ କାମ ମିଳିବ ସେଥିପ୍ରତି ରାଜ୍ୟ ସରକାର ଗୁରୁତ୍ୱଦେବା ଆରମ୍ଭ କରିଛନ୍ତି। କରୋନା ପରବର୍ତ୍ତୀ ସମୟରେ ଗ୍ରାମପଞ୍ଚାୟତ ସ୍ତରରେ ଜୀବିକା ଉପାର୍ଜନ ଏବଂ ନିଯୁକ୍ତି ବୃଦ୍ଧି କରିବା ପାଇଁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ବୁଧବାର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ବିଭାଗ ମୁଖ୍ୟତଃ ଜଙ୍ଗଲ ଓ ପରିବେଶ, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ଚାଷ, ମତ୍ସ୍ୟ ଓ ପଶୁ ସମ୍ପଦ, କୃଷି ଓ କୃଷକ ସଶକ୍ତୀକରଣ ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଆଦି ବିଭାଗ ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ ଅଧିକ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକଳ୍ପଗୁଡିକ ଅଭିଯାନ ଭିତ୍ତିରେ ଅନୁମୋଦନ ଓ କାର୍ଯ୍ୟାନ୍ୱୟନ କରିବା ପାଇଁ ଜିଲାପାଳମାନଙ୍କୁ ଉନ୍ନୟନ କମିଶନର ସୁରେଶ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଅଧିକ ନିଯୁକ୍ତି ଲାଗି ଫାର୍ମ ପଣ୍ଡ, ନ୍ୟୁଟ୍ରି ଗାଡେନ୍, ଜଙ୍ଗଲ ଚାରିପଟରେ ଟ୍ରେଞ୍ଚ, ବୃକ୍ଷରୋପଣ, ଆକଟ ବନ୍ଧ, ଘାସଚାଷ ଆଦି ପ୍ରକଳ୍ପ ଅଧିକ ସଂଖ୍ୟାରେ କରିବାକୁ ବୈଠକରେ ସ୍ଥିର ହୋଇଛି। ଉଭୟ ଗ୍ରୀଷ୍ମ ଏବଂ ବର୍ଷାଋତୁକୁ ଦୃଷ୍ଟିରେ ରଖି ପ୍ରକଳ୍ପ ସ୍ଥିର କରିବାକୁ କୁହାଯାଇଛି। ବର୍ଷାଋତୁ ସମୟରେ ଯେପରି ନିଯୁକ୍ତି ସୃଷ୍ଟି ନ କମିବ ତା' ଉପରେ ଧ୍ୟାନ ଦେବାକୁ କୁହାଯାଇଛି।

ମୁଖ୍ୟ ଶାସନ ସଚିବ ଆହୁରି କହିଛନ୍ତି ଯେ, ଲକ୍‌ଡାଉନ ଯୋଗୁ ବିଭିନ୍ନ ରାଜ୍ୟରୁ ଫେରିଥିବା ଓଡ଼ିଆ ଶ୍ରମିକଙ୍କୁ ନୂଆ ଜବ୍‌କାର୍ଡ ଯୋଗାଇଦେବାକୁ ପଞ୍ଚାୟତିରାଜ ସଚିବ ଦେଓରଞ୍ଜନ କୁମାର ସିଂ କହିଛନ୍ତି। ଚଳିତ ବର୍ଷ ମେ ଶେଷ ବେଳକୁ ଗ୍ରାମାଞ୍ଚଳରେ ଦୈନିକ ୨୦ଲକ୍ଷ ନିଯୁକ୍ତି ସୃଷ୍ଟି କରିବା ପାଇଁ ବୈଠକରେ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜିଲାୱାରି ସମ୍ପୂର୍ଣ୍ଣ ସ୍ଥିତିର ସମୀକ୍ଷା ପରେ ଜଣାପଡିଛି ଯେ, ବର୍ତ୍ତମାନ ସୁଦ୍ଧା ଏମ୍‌ଜିଏନ୍‌ଆର୍‌ଜିଏସ୍ ଦ୍ୱାରା ଗ୍ରାମାଞ୍ଚଳଗୁଡିକରେ ଦୈନିକ ୧୨ଲକ୍ଷ ନିଯୁକ୍ତି ଦିବସ ସୃଷ୍ଟି କରାଯାଇପାରୁଛି। ଜୁନ୍ ପ୍ରଥମ ସପ୍ତାହ ମଧ୍ୟରେ ପ୍ରତ୍ୟେକ ଗ୍ରାମରେ ୨ଟି ଲେଖା ପ୍ରକଳ୍ପ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ ଲାଗି ଜିଲାପାଳମାନଙ୍କୁ କୁହାଯାଇଛି। କାମ ହେବା ମାତ୍ରେ ଲୋକଙ୍କୁ ମଜୁରି ପୈଠ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରବାସୀଙ୍କୁ ପିଟିଲେ ନିର୍ବାହୀ ଅଧିକାରୀ

**ଜଗତ୍‌ସିଂହପୁର ଅଫିସ/ଏରସମା, ୨୭।୫(ସ୍ୱ.ପ୍ର.)**

**ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରେ ଅଭାବନୀୟ ଘଟଣା**

- ଚେୟାର ଫିଙ୍ଗିଲେ ସରପଞ୍ଚଙ୍କ ସ୍ୱାମୀ



ପ୍ରବାସୀଙ୍କୁ ପିଟୁଥିବାର ଦୃଶ୍ୟ।

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅଧୀନ ଗଡ଼ବିଶୁନପୁର ପଞ୍ଚାୟତରେ ଅଭାବନୀୟ ଘଟଣା ଘଟିଛି। ପଞ୍ଚାୟତ ମୁଖ୍ୟାଳୟସ୍ଥିତ ବ୍ରଜକିଶୋର ସାତମୌଜୀ ହାଇସ୍କୁଲ ପରିସର ସଙ୍ଗରୋଧ କେନ୍ଦ୍ରରେ ଥିବା ଜଣେ ପ୍ରବାସୀ ଓଡ଼ିଆଙ୍କୁ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଚେୟାର ଫିଙ୍ଗିଥିବାବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୋଲିସ ହାତରୁ ଲାଠି ଛଡାଇ ନେଇ ମାଡ଼ ମାରିଥିବାର ଏକ ଭିଡିଓ ଭାଇରାଲ ହୋଇଛି। ଅନ୍ୟପକ୍ଷରେ ସଙ୍ଗରୋଧ କେନ୍ଦ୍ରରେ କେତେଜଣ ମହିଳାଙ୍କୁ ଦୁର୍ବ୍ୟବାର ହୋଇଥିବା ନେଇ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ୩ ଯୁବକଙ୍କ ନାମରେ ଅଭିଯୋଗ କରିଛନ୍ତି। ପୋଲିସ ମାଲା ନଂ-୮୬/୨୦ ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଏରସମା ଥାନା ଅଧିକାରୀ ପ୍ରଶାନ୍ତ ମାଝି ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ ଏହି ସଙ୍ଗରୋଧ କେନ୍ଦ୍ରରେ ୧୨ ମହିଳା, ୮୭ ପୁରୁଷ ରହୁଛନ୍ତି। ଗତ ୨୫ ତାରିଖରୁ ଏହି ବ୍ଲକ ଅନ୍ତର୍ଗତ ଡିଙ୍କିଆ ପଞ୍ଚାୟତର କୁନାଲ ଦାସ ରହୁଛନ୍ତି। ୨୬ ତାରିଖରେ କୁନାଲଙ୍କ ବାପା କିଛି ଜିନିଷ ଦେବାକୁ କେନ୍ଦ୍ରରେ ପହଞ୍ଚିଥିଲେ। କିନ୍ତୁ ସେଠାରେ ସରପଞ୍ଚ ସୁଜାତା ବେହେରାଙ୍କ ସ୍ୱାମୀ ପ୍ରଭାକର ବେହେରାଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ବୁଧବାର ସକାଳେ ପ୍ରଭାକର ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପବିତ୍ର ମୋହନ ସ୍ୱାଇଁ କୁନାଲଙ୍କୁ ଡାକି ଗାଳିଗୁଲଜ କରିବା ସହ ଏପରି କାଣ୍ଡ ଘଟାଇଥିଲେ। ଏ ସମ୍ପର୍କରେ ପ୍ରଭାକର କହିଛନ୍ତି, କୁନାଲଙ୍କ ବାପା ପାଚେରି ପଟେ କିଛି ଦେଉଥିବା ଦେଖି ଲୋକେ ନିଶାଦ୍ରବ୍ୟ ଭାବି ବିରୋଧ କରିଥିଲେ। ସେ ଏ ସମ୍ପର୍କରେ ପଚାରିବାରୁ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିଲା। ଘଟଣା ପରେ ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା, ଅତିରିକ୍ତ ବିଡିଓ ବିଜୟ କେତନ ଚୌଧୁରୀ, ଆକାଉଣ୍ଟ ଅଫିସର ବିଭୁଦତ୍ତ ମିଶ୍ର ପ୍ରମୁଖ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଏ ସମ୍ପର୍କରେ ବିଡିଓ କହିଛନ୍ତି, ଡିଙ୍କିଆ ପଞ୍ଚାୟତର ପାଖାପାଖି ୨୦ ଜଣ ଏହି ସଙ୍ଗରୋଧ କେନ୍ଦ୍ରରେ ରହିଛନ୍ତି। ସେମାନେ ୨୬ ତାରିଖରେ କୌଣସିମତେ ମଦ ପିଇ ରାତିରେ ଉନ୍ମତକାଣ୍ଡ କରିବା ସହ ସରପଞ୍ଚଙ୍କ ସ୍ୱାମୀଙ୍କୁ ଗାଳିଗୁଲଜ କରିଥିଲେ। ତେଣୁ ସରପଞ୍ଚଙ୍କ ସ୍ୱାମୀ ଓ ପଞ୍ଚାୟତ କର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିକ୍ରିୟାଶୀଳ ହୋଇ ଏଭଳି କିଛି କରିଥିଲେ।





ବରବେଶରେ ନନ୍ଦପଡ଼ାର ବାଲୁଙ୍କେଶ୍ୱର ବାବା ଓ ଝାଡୁଆପଡାର ଲୋକନାଥ ବାବା।

# ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ

**ସମ୍ବଲପୁର, ୨୭।୫ (ବ୍ୟୁରୋ)**

ବୁଧବାର ବିଳମ୍ବିତ ରାତିରେ ପାରମ୍ପରିକ ରୀତିନୀତି ଓ ଲୋକାଚାରରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଛି। ସର୍ବପୁରାତନ ବାଲିବନ୍ଧାର ଶ୍ରୀ ଶ୍ରୀ ସୋମନାଥ ବାବା, ନନ୍ଦପଡାର ଶ୍ରୀ ଶ୍ରୀ ବମବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡାର ଶ୍ରୀ ଶ୍ରୀ ଲୋକନାଥ ବାବା, ମୁଦିପଡାର ଶ୍ରୀ ଶ୍ରୀ ଜାଗେଶ୍ୱର ବାବା, ବଡବଜାରର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡାର ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବା ଓ ବୁଢ଼ାରଜା ମହାଦେବ ସ୍ୱର୍ଣ୍ଣ, ରୌପ୍ୟ ଆଦି ଅଳଙ୍କାରରେ ଭୂଷିତ ହୋଇ ବରବେଶରେ ସଜ୍ଜିତ ହୋଇଥିଲେ। କିନ୍ତୁ କରୋନା କଟକଣା ଯୋଗୁ କନ୍ୟାଙ୍କ ମନ୍ଦିରକୁ ବରାନୁଗମନ ହୋଇ ନ ଥିଲା। କେବଳ ପବିତ୍ର ଶଙ୍ଖ ଓ ଘଣ୍ଟ ଧ୍ୱନୀରେ ବରପକ୍ଷ ମହାଦେବ ଓ କନ୍ୟାପକ୍ଷ ପାର୍ବତୀଙ୍କୁ ନେଇ ସ୍ୱମନ୍ଦିର ପରିସରସ୍ଥ ସୁସଜ୍ଜିତ ମଣ୍ଡପରେ ଉପବିଷ୍ଟ କରାଇଥିଲେ। ଧାର୍ଯ୍ୟଲଗ୍ନ ଅନୁସାରେ ପଣ୍ଡିତମାନଙ୍କ ମହାମନ୍ତ୍ର ଉଚ୍ଚାରଣ ସହ ଦେବଦମ୍ପତିଙ୍କ ବିବାହ ଓ ପାଣିଗ୍ରହଣ ଲୋକାଚାରରେ ଶେଷ ହୋଇଥିଲା। ଯାତ୍ରା କମିଟି ପକ୍ଷରୁ ସାମାଜିକ ଦୂରତ୍ୱ ପ୍ରତି ଗୁରୁତ୍ୱାରୋପ କରାଯାଇଥିଲା। ଏପରି କି ଅଧିକାଂଶ କାର୍ଯ୍ୟକର୍ତ୍ତା ଓ ଶ୍ରଦ୍ଧାଳୁମାନେ ମାସ୍କ ପିନ୍ଧିଥିବା ଦେଖିବାକୁ ମିଳିଥିଲା।

# ଗତବର୍ଷ ତୁଳନାରେ ଏ ବର୍ଷ ବଢ଼ିଛି ୪୭ ପ୍ରତିଶତ ଅଧିକ ଧାନ ସଂଗ୍ରହ

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

କରୋନା ସଂକ୍ରମଣ ରୋକିବା ନିମନ୍ତେ ସାରା ରାଜ୍ୟରେ ଲକ୍‌ଡାଉନ୍ ଜାରି କରାଯାଇଥିବା ବେଳେ ଚାଷୀଙ୍କଠାରୁ ରବିଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ଗତବର୍ଷ ଅପେକ୍ଷା ଏଥର ୪୭ ପ୍ରତିଶତ ଅଧିକ ଧାନ ସଂଗ୍ରହ ହୋଇପାରିଛି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଏବେସୁଦ୍ଧା ରାଜ୍ୟର ୧୭ ଜିଲାରେ ୫୨,୦୨୧ ଚାଷୀଙ୍କଠାରୁ ସମୁଦାୟ ୪ଲକ୍ଷ ୩୦ହଜାର ୩୦୦ ଟନ ଧାନ ସଂଗ୍ରହ ହୋଇଛି। ଗତବର୍ଷ ଏହି ତାରିଖରେ ୨ଲକ୍ଷ ୯୩ ହଜାର ୪୮୯ ଟନ ଧାନ ସଂଗ୍ରହ ହୋଇଥିଲା। ୬୨୭ ଧାନ ସଂଗ୍ରହ କେନ୍ଦ୍ରରେ ଧାନ କିଣିବା କାର୍ଯ୍ୟ ଆରମ୍ଭ ହୋଇଛି। ପି-ପାସ୍ ଏବଂ ଆଗୁଆ ଟୋକନ୍ ଜରିଆରେ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇଛି। ରବିଧାନ ବିକ୍ରି ନିମନ୍ତେ ମୋଟ ୨ଲକ୍ଷ ୫୮ହଜାର ୧୧୭ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ୨ଲକ୍ଷ ୨୭ ହଜାର ୧୨୨ ଜଣ ଚାଷୀଙ୍କ ନାମ ପଞ୍ଜୀକରଣ ତଥ୍ୟକୁ ଯାଞ୍ଚ କରାଯାଇଛି। ଗତବର୍ଷ ତୁଳନାରେ ଚଳିତ ରବିଧାନ ସଂଗ୍ରହ ନିମନ୍ତେ ୨୦ ପ୍ରତିଶତ ଅଧିକ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଅଧିକ ଧାନ ସଂଗ୍ରହ ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ ବରଗଡ଼ରେ ୨ଲକ୍ଷ ୨୮ ହଜାର ୩୦୨ ଟନ୍ ଧାନ ସଂଗ୍ରହ ହୋଇଥିବା ବେଳେ ସୁବର୍ଣ୍ଣପୁର ଜିଲାରୁ ୫୪ ହଜାର ୯୧୬ ଟନ୍, ସମ୍ବଲପୁରରୁ ୫୦ହଜାର ୮୩୯ଟନ୍, କଳାହାଣ୍ଡିରେ ୩୧ହଜାର ୯୩୩ ଟନ୍, ନୂଆପଡ଼ାରେ ୧୬ହଜାର ୨୪୮ଟନ୍ ଏବଂ ପୁରୀ ଜିଲାରୁ ୧୧ହଜାର ୯୮୯ଟନ୍ ଧାନ ସଂଗ୍ରହ କରାଯାଇଛି ।

## କ୍ୱାରାଣ୍ଟାଇନ୍ ସେଣ୍ଟରରେ କୁମ୍ଭକର୍ଣ୍ଣ

ବିହାରର ଏକ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିବା ଜଣେ ଯୁବକ ଜଳଖିଆରେ ୪୦ଟି ରୁଟି ଖାଉଛନ୍ତି। ଏହି ଯୁବକଙ୍କ ନାମ ଅନୁପ ଓଝା। ସେ ଏକୁଟିଆ ୧୦ ଜଣଙ୍କ ଖାଦ୍ୟ ଖାଉଛନ୍ତି। ଅନୁପ ନିଜ ଭୋଜନକୁ ନେଇ ସେଠାରେ ବେଶ୍ ଚର୍ଚ୍ଚାରେ ଅଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରରେ ତାଙ୍କୁ କୁମ୍ଭକର୍ଣ୍ଣ ବୋଲି ଡାକୁଛନ୍ତି। ସୂଚନାଯୋଗ୍ୟ, ଅନୁପ ଚାକିରି ସନ୍ଧାନରେ ରାଜସ୍ଥାନ ଯାଇଥିଲେ। ଲକ୍‌ଡାଉନ୍ ଯୋଗୁ ପୁଣି ନିଜ ରାଜ୍ୟକୁ ଫେରି ୧୪ ଦିନିଆ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଛନ୍ତି।

# ଦୁର୍ଦ୍ଦିନରେ ସୁନ୍ଦରବନର 'ବାଘ ବିଧବା'



**ସ୍ୱାମୀଙ୍କୁ ବାଘ ଖାଇଲା, ଅମ୍ଫାନ୍ ରୋଜଗାର ଛଡ଼ାଇନେଲା**

**ଗୋସାବା(ପଶ୍ଚିମବଙ୍ଗ):** ସୁନ୍ଦରବନର 'ବାଘ ବିଧବା'ଙ୍କ ଦୁଃଖ କହିଲେ ନ ସରେ। ସ୍ୱାମୀଙ୍କୁ ବାଘ ମାରିବା ପରେ 'ଅମ୍ଫନ୍' ବାତ୍ୟା ସେମାନଙ୍କୁ ସର୍ବସ୍ୱାନ୍ତ କରିପକାଇଛି। ମଞ୍ଜୁଳା ସର୍ଦ୍ଦାର (୪୫) ନାମକ ଜଣେ ବିଧବା ମହିଳାଙ୍କ ଦୁଃଖ କହିଲେ ନ ସରେ। ତାଙ୍କ ସ୍ୱାମୀଙ୍କୁ ବାଘ ମାରିଦେବା ପରେ ନିଜ ମାଛ ପୋଖରୀକୁ ଭରସା କରି ସେ ଚଳିଆସୁଥିଲେ। ଶେଷରେ ବାତ୍ୟା ଅମ୍ଫନ୍ ଦାଉ ସାଧିଲା। ପୋଖରୀରେ ଲୁଣାପାଣି ମାଡ଼ିଯିବାରୁ ମାଛ ଆଉ ନାହାନ୍ତି। ବାତ୍ୟାରେ ପୋଖରୀ ଜଳାଧାର ପାଲଟିଛି। ତେଣୁ ସେ ମୁଣ୍ଡରେ ହାତଦେଇ ବସିଛନ୍ତି। ଦୁଇଦିନ ଅଖିଆ ଅପିଆ ରହିବା ପରେ ଏକ ପାତ୍ରରେ ମୁଠାଏ ଚାଉଳ ଭଜା ଓ ଗୁଡ଼ ଧରି ସେ ଅତୀତକୁ ମନେପକାଇ କାନ୍ଦୁଛନ୍ତି। ଏତିକ ବି ପାଟିକୁ ଯାଉନି। ଦୁଃଖ ବାଣ୍ଟିବାକୁ ବି ସାଙ୍ଗରେ କେହିନାହାନ୍ତି। ପଶ୍ଚିମବଙ୍ଗର ସୁନ୍ଦରବନରେ ଏବେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଜୀବନ ଜିଇଁବା ଏକପ୍ରକାର ମୁସ୍କିଲ ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ସଂଘର୍ଷପୂର୍ଣ୍ଣ ଜୀବନ ବିତାଉଛନ୍ତି 'ବାଘ ବିଧବା'। ପ୍ରକାଶଥାଉ କି, ସ୍ୱାମୀଙ୍କୁ ବାଘ ମାରିଖାଇବା ପରେ ବିଧବା ହୋଇପଡୁଥିବା ମହିଳାମାନଙ୍କୁ ଏଠାରେ 'ବାଘ ବିଧବା'ବୋଲି କୁହାଯାଇଥାଏ।

ପଶ୍ଚିମବଙ୍ଗରେ ସପ୍ତାହକ ପୂର୍ବରୁ ଆସିଥିବା ବାତ୍ୟା 'ଅମ୍ଫନ୍' ଅନେକ ପରିବାରକୁ ବେସାହାର କରିପକାଇଛି ସତ। ହେଲେ ସୁନ୍ଦରବନର ସ୍ଥିତି ସବୁଠାରୁ ଭୟଙ୍କର ହୋଇପଡ଼ିଛି। ଏଠାକାର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ମଞ୍ଜୁଳା ନୁହନ୍ତି, ଅନେକ ସ୍ୱାମୀହରା ମଞ୍ଜୁଳାଙ୍କ ଆଖିରୁ ଏ ପର୍ଯ୍ୟନ୍ତ ଲୁହ ଶୁଖିନାହିଁ। ଗୋସାବାରେ ୨୦୧୩ରେ ମଞ୍ଜୁଳାଙ୍କ ସ୍ୱାମୀଙ୍କୁ ବାଘ ମାରିଦେଇଥିଲା। ଏନ୍‌ଜିଓ ସହଯୋଗରେ ମାଛ ପୋଖରୀରୁ ଯାହା ମିଳୁଥିଲା, ସେ ଚଳିଯାଉଥିଲେ। ଏବେ କିନ୍ତୁ ସବୁ ଅନ୍ଧାର ଦିଶୁଛି। ଖାଇବାକୁ କିଛିନାହିଁ। କେମିତି ଚଳିବି, କାହାକୁ ହାତ ପାତିବି ବୋଲି ଅଶ୍ରୁଭରା ନୟନରେ ମଞ୍ଜୁଳା କହିଛନ୍ତି। ବାତ୍ୟା 'ଆଲିଆ' ମଧ୍ୟ ଏଭଳି ଅନ୍ଧାର ଆଣିଦେଇଥିଲା। ହେଲେ ସେତେବେଳେ ତାଙ୍କ ସ୍ୱାମୀ ଥିଲେ। ଦୁହେଁ ମିଶି ପରିସ୍ଥିତିକୁ ସମ୍ଭାଳି ନେଲେ। ଏବେ ପାଖରେ କେହିନାହିଁ। ଏଭଳି ସ୍ଥିତିରେ ଏବେ ରହିଛନ୍ତି 'ବାଘ ବିଧବା' ମଞ୍ଜୁଳା। ଗୋସାବା ଅଞ୍ଚଳରେ ଗତ ୧୫ ବର୍ଷ ମଧ୍ୟରେ ଏପରି ଶତାଧିକ ମହିଳାଙ୍କ ସ୍ୱାମୀ ବାଘର ଶିକାର ବନିଛନ୍ତି। ଏହି ବିଧବାମାନଙ୍କୁ ସେହି ଅଞ୍ଚଳରେ 'ବାଘ ବିଧବା' ବୋଲି କୁହାଯାଇଆସୁଛି।

# ସୋସିଆଲ ମିଡିଆରେ ଆକ୍ଟିଭ ବିପାଶା



ବିପାଶା ବସୁ

**ମୁମ୍ବାଇ:** ବଲିଉଡ୍‌ର ବ୍ଲାକ୍ ବିୟୁଟି ଅଭିନେତ୍ରୀ ବିପାଶା ବସୁ ଅଭିନେତା କରଣ ସିଂ ଗ୍ରୋଭରଙ୍କୁ ବିବାହ କରିବା ପରେ ଫିଲ୍ମ ଜଗତକୁ ପ୍ରତ୍ୟାବର୍ତ୍ତନ ନ କରି ଥାଇପାରନ୍ତି, କିନ୍ତୁ ସେ ସୋସିଆଲ ମିଡିଆରେ ବହୁତ ଆକ୍ଟିଭ୍ ଅଛନ୍ତି। ନିକଟରେ ବିପାଶା ତାଙ୍କର କିଛି ଫଟୋ ପୋଷ୍ଟ କରିଥିଲେ। ସେ ଏହି ଫଟୋରେ ବହୁତ ସୁନ୍ଦର ଦେଖାଯାଉଛନ୍ତି ବୋଲି ପ୍ରଶଂସକମାନେ କହିଛନ୍ତି। ଏହି ଫଟୋଗୁଡ଼ିକ ଶେୟାର କରି ବିପାଶା କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ଏକ ଶ୍ୟାମଳୀ ଝିଅର ଫଟୋ। ଏହା ପରେ ତାଙ୍କର ଅନେକ ପ୍ରଶଂସକ ତାଙ୍କୁ ସୁନ୍ଦର କହିଥିବା ବେଳେ ଆଉ କିଛି ୟୁଜର ମଧ୍ୟ ତାଙ୍କ କେଶ ଧଳା ହେବା ଉପରେ କମେଣ୍ଟ ଦେଇଛନ୍ତି। ବିପାଶାଙ୍କ ଜଣେ ପ୍ରଶଂସକ ଲେଖିଛନ୍ତି, ମା', ତୁମେ ବିନା ମେକ୍‌ଅପ୍‌ରେ ମଧ୍ୟ ବହୁତ ସୁନ୍ଦର ଦେଖାଯାଉଛ। ଆଉ ଜଣେ ଲେଖିଛନ୍ତି, ତୁମେ ଏତେ ସୁନ୍ଦର କାହିଁକି? ସେହି ସମୟରେ ଜଣେ ୟୁଜର ଲେଖିଥିଲେ ବର୍ତ୍ତମାନ ତୁମକୁ କେତେ ବୟସ। ତୁମେ ପୁରୁଣା ଦେଖାଯାଉଛ। ବିପାଶାଙ୍କ ଏହି ଫଟୋଗୁଡ଼ିକୁ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷରୁ ଅଧିକ ଲୋକ ଦେଖି ସାରିଲେଣି।

# ସବୁଜ କେଶର ଥିବା କୁକୁଡ଼ା ଅଣ୍ଡା

**ଥିରୁଭାନନ୍ତପୁରମ୍:** ସାଧାରଣତଃ ଆମେ ଖାଉଥିବା ଅଣ୍ଡାର କେଶର ହଳଦିଆ ଥାଏ। ହେଲେ ଯଦି ଆପଣଙ୍କୁ କୁହାଯାଏ ସବୁଜ ରଙ୍ଗ କେଶର ଥିବା ଅଣ୍ଡା ମଧ୍ୟ ଏବେ ବଜାରରେ ଉପଲବ୍ଧ ହେଲାଣି। ଏହା ଅବିଶ୍ୱାସ ଲାଗିଲେ ବି କଥା ସତ। କେରଳର ଏକ ଛୋଟ ଫାର୍ମରେ ଥିବା କୁକୁଡ଼ା ଏଭଳି ଅଣ୍ଡା ଦେଉଛନ୍ତି। ଫାର୍ମ ମାଲିକ ଓ ତାଙ୍କ ପରିବାର ଏହି ଅଣ୍ଡା ଖାଉଛନ୍ତି ମଧ୍ୟ। ଏବେ ସୋସିଆଲ ମିଡିଆରେ ଏହାର ଫଟୋ ଭାଇରାଲ ହେଉଛି। ରାଜ୍ୟର ମଲ୍ଲପୁରମ୍‌ରେ ରୁହନ୍ତି ଏ.କେ. ଶିହାବୁଦ୍ଦିନ। ତାଙ୍କର ଏକ ଛୋଟ କୁକୁଡ଼ା ଫାର୍ମ ଅଛି। ତାଙ୍କର ଫାର୍ମରେ ଥିବା କୁକୁଡ଼ାମାନେ ସବୁଜ ରଙ୍ଗ କେଶର ଥିବା ଅଣ୍ଡା ଦେଉଛନ୍ତି। ୯ ମାସ ଧରି ସେ ଓ ତାଙ୍କ ପରିବାର ଏହି ଅଣ୍ଡା ଖାଉଛନ୍ତି। ହେଲେ ତାଙ୍କର କୌଣସି ଅସୁବିଧା ହୋଇନାହିଁ। ସେ ଏହାର କିଛି ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ପରେ ତାହା ଭାଇରାଲ ହୋଇଥିଲା। ଏହା ବୈଜ୍ଞାନିକମାନଙ୍କୁ ଚକିତ କରିଥିଲା।



ତେବେ ପରେ ଶିହାବୁଦ୍ଦିନ କୁକୁଡ଼ାଙ୍କୁ ଦେଉଥିବା ଖାଦ୍ୟର ନମୂନା ପରୀକ୍ଷଣ କରାଯାଇଥିଲା। ଏପରିକି ତାଙ୍କୁ ଦିଆଯାଉଥିବା ଖାଦ୍ୟକୁ ବଦଳାଇ ଆଉ କିଛି ଦେବାକୁ କହିଥିଲେ। ପ୍ରାଥମିକ ସ୍ତରରେ କୁକୁଡ଼ାମାନେ ସେହିଭଳି ଅଣ୍ଡା ଦେଉଥିବା ବେଳେ ଏବେ ହଳଦିଆ ରଙ୍ଗର କେଶରରେ ପରିବର୍ତ୍ତନ ହେଉଥିବା କୁହାଯାଉଛି। ଏନେଇ କେରଳର ଆନିମଲ୍ ସାଇନ୍ସ ୟୁନିଭରସିଟିର ଏକ୍ସପର୍ଟ କୁହନ୍ତି, କୁକୁଡ଼ାଙ୍କ ଖାଇବା ପିଇବାକୁ ନେଇ ଏଭଳି ହୋଇଛି। ଯଦି କୁକୁଡ଼ା ଖାଦ୍ୟରେ ସବୁଜ ରଙ୍ଗର ଅଧିକ ପଦାର୍ଥ ଥାଏ ତେବେ ଏଭଳି ହୋଇପାରିବ। କେରଳରେ ସାଧାରଣତଃ କୁକୁଡ଼ାମାନଙ୍କୁ କୁରୁନଥୋଟ୍ଟି ନାମକ ଔଷଧିୟ ବୃକ୍ଷ ଖାଇବାକୁ ଦିଆଯାଏ। ଫଳରେ କୁକୁଡ଼ା ଦେଉଥିବା ଅଣ୍ଡାର କେଶର ସବୁଜ ରଙ୍ଗର ହେଉଛି ବୋଲି ଡାକ୍ତରମାନେ ମତ ରଖିଛନ୍ତି।

# ମୃତ ମା'ଙ୍କ ଚାଦର ଟାଣି ଉଠାଉଛି ଶିଶୁ



**ପ୍ରବାସୀ ଶ୍ରମିକଙ୍କ କରୁଣ ଚିତ୍ର, ଭିଡିଓ ଭାଇରାଲ**

**ପାଟନା:** ବିହାରର ମୁଜାଫରପୁର ରେଳ ଷ୍ଟେଶନରେ ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ଷ୍ଟେଶନରେ ଶୋଇଥିବା ଜଣେ ମୃତ ମହିଳାଙ୍କ ନିଷ୍ପାପ ଶିଶୁଟି ମା'ଙ୍କ ଶରୀରରେ ପଡିଥିବା ଚାଦର ଉଠାଉଥିବା ଦେଖିବାକୁ ମିଳିଛି। ଏଥିସହ ଶୋଇଥିବା ମା'ଙ୍କୁ ଉଠାଇବାକୁ ଶିଶୁଟି ଚେଷ୍ଟା କରୁଛି। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଭିଡିଓକୁ ଦେଖିଲେ ପ୍ରବାସୀ ଶ୍ରମିକଙ୍କ ଯନ୍ତ୍ରଣା ସହଜରେ ଅନୁମେୟ କରିହେବ। ଦେଶରେ ଲକ୍‌ଡାଉନ ଘୋଷଣା ପରଠୁ ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ କାମଧନ୍ଦା ହରାଇ ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି। ଖାଇବାକୁ ମୁଠାଏ ନ ପାଇ ଜୀବନ ଚାଲିଯାଉଥିବା ମଧ୍ୟ ଦେଖାଯାଇଛି। ମୃତ ମହିଳା ଜଣକ ହେଉଛନ୍ତି ଅବରୀନା ଖାତୁନ(୩୫)। ଶ୍ରମିକ ସ୍ପେଶାଲ ଟ୍ରେନରେ ସେ ଅହମଦାବାଦରୁ ମୁଜାଫରପୁର ହୋଇ କଟିହାର ଆସୁଥିଲେ। ମୁଜାଫରପୁର ରେଲୱେ ଷ୍ଟେଶନରେ ପହଞ୍ଚି ସାରିବା ପରେ ମହିଳା ଜଣକ ଆଖି ବୁଜିଥିଲେ। ଭୋକ ଉପାସରେ ପଡ଼ି ପୁଅକୁ ସାଙ୍ଗରେ ଧରି ସେ ଘରକୁ ଫେରୁଥିଲେ। ପ୍ଲାଟ୍‌ଫର୍ମରେ କିଛି ସମୟ ମୃତଦେହ ପଡ଼ି ରହିବା ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କ ଶବକୁ କଟିହାର ପଠାଯାଇଥିଲା। ୩ ଦିନ ପର୍ଯ୍ୟନ୍ତ ଉକ୍ତ ମହିଳା କିଛି ଖାଇ ନ ଥିବା ମୁଜାଫରପୁର ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଦେହ ଦୁର୍ବଳ ହୋଇପଡ଼ିବା ସହ ଅସୁସ୍ଥ ହୋଇ ଶେଷରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିବା ଦର୍ଶାଯାଇଛି। ପେଟର ଭୋକ ଓ ଅସହ୍ୟ ଗରମ ଯୋଗୁ ଘରକୁ ଫେରୁଥିବା ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକଙ୍କ ଅବସ୍ଥା କ'ଣ ହେଉଥିବ ଏଥିରୁ ସହଜେ ଅନୁମେୟ।

# ଆମ୍ବ କିଲୋ ୩ ଲକ୍ଷ ଟଙ୍କା

**ଟୋକିଓ:** କୁହାଯାଏ, ଆମ୍ବ ଫଳ ମଧ୍ୟରେ ରାଜା। ଏହା ଭାରତର ଜାତୀୟ ଫଳ। ବିଶେଷକରି ବିଶ୍ୱର ସବୁଠୁ ଅଧିକ ଆମ୍ବ ଭାରତୀୟମାନେ ଖାଇଥାନ୍ତି। କିନ୍ତୁ ଏମିତି ଆମ୍ବ ଅଛି ଯାହାର ଦାମ୍ ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ। ତାଇୟୋ ନୋ ତାମାଗେ(ଏଗ୍ ଅଫ୍ ଦ ସନ୍) ନାମକ ଏକ କିସମ ଆମ୍ବ ଅଛି। ଯାହା ଜାପାନର ମିୟାଜାକି ଜିଲାରେ ଦେଖିବାକୁ ମିଳିଥାଏ। ସମଗ୍ର ଜାପାନରେ ଏହା ବିକ୍ରି ହୋଇଥାଏ। ଏଠାରେ ଏହି ଆମ୍ବର ଦାମ୍ ଆକାଶଛୁଆଁ। ଏହି ଆମ୍ବ ଦେଖିବାକୁ ଅଧା ଲାଲ୍ ଏବଂ ଅଧା ହଳଦିଆ। ଜାପାନରେ ଗ୍ରୀଷ୍ମ ଏବଂ ଶୀତ ଋତୁରେ ଏହା ମିଳିଥାଏ। ତେଣୁ ଏହାର ଦାମ୍ ଢେର୍ ଅଧିକ। ଏଠାରେ ଆମ୍ବ ଯୋଡ଼ାର ଦାମ୍ ୩୬୦୦ ଡଲାର ଅର୍ଥାତ୍ ୭୨ ହଜାର ଟଙ୍କାରେ ବିକ୍ରି ହୋଇଥାଏ। ପ୍ରତ୍ୟେକ ଆମ୍ବର ଓଜନ ୩୫୦ ଗ୍ରାମ୍। ଏକ କିଲୋଗ୍ରାମ୍ ଆମ୍ବ କିଣିଲେ ହାରାହାରି ୩ ଲକ୍ଷରୁ ଅଧିକ ଟଙ୍କା ଦେବାକୁ ପଡ଼ିଥାଏ।



ମନରେ ପ୍ରଶ୍ନ ଉଠେ ଏହି ଆମ୍ବର ଦାମ୍ କ'ଣ ପାଇଁ ଏତେ ଅଧିକ। କାରଣ ଏହି କିସମର ଆମ୍ବଗଛ ଲଗାଇବାକୁ ବହୁ ସାବଧାନତା ଅବଲମ୍ବନ କରିବାକୁ ପଡ଼ିଥାଏ। ଜାପାନର କୃଷକ ପ୍ରତ୍ୟେକ ଆମ୍ବ ଫଳିବା ପରେ ଏକ ଛୋଟ ଜାଲ ଦ୍ୱାରା ଘେରାଉ କରିଥାନ୍ତି। ଏପରିକି ପ୍ରତ୍ୟେକ ଆମ୍ବରେ ଯେପରି ସୂର୍ଯ୍ୟାଲୋକ ପଡ଼ିବ ସେପରି ବ୍ୟବସ୍ଥା କରାଯାଇଥାଏ। ଯେତେବେଳେ ଆମ୍ବ ପୂରା ପାଚିଥାଏ ସେତେବେଳେ ଏଥିରୁ ଜାଲ୍ କଢ଼ାଯାଇଥାଏ। ପରେ ଏହାକୁ ତୋଳା ଯାଇ ବଜାରରେ ଉଚ୍ଚା ଦର୍‌ରେ ବିକ୍ରି କରାଯାଇଥାଏ। ଏହି ଆମ୍ବ ଖାଇବାକୁ ବହୁ ସ୍ୱାଦିଷ୍ଟ ହୋଇଥିବାରୁ ଦର ମଧ୍ୟ ଉଚ୍ଚ ରହିଥାଏ।

# ସନ୍ନିଙ୍କ ବିଳାସପୂର୍ଣ୍ଣ ଲାଇଫ୍‌ଷ୍ଟାଇଲ୍

**ମୁମ୍ବାଇ:** ବଲିଉଡ୍‌ର ବେବି ଡଲ୍ ସନି ଲିଓନ ବିଳାସପୂର୍ଣ୍ଣ ଲାଇଫ୍‌ଷ୍ଟାଇଲ୍ ପାଇଁ ବେଶ୍ ପରିଚିତ। କିନ୍ତୁ ସନି ଏହିସବୁ ଏକାଥରକେ କମାଇ ନାହାନ୍ତି। ବହୁ କଷ୍ଟ ସହି ଏବେ ବିଳାସମୟ ଜୀବନ ବିତାଉଛନ୍ତି। ପର୍ନ ଇଣ୍ଡଷ୍ଟ୍ରିରୁ ବଲିଉଡ୍ ପର୍ଯ୍ୟନ୍ତ ଯାତ୍ରା ସମୟରେ ସନି କୋଟି କୋଟି ଟଙ୍କାର ମାଲିକାଣୀ ହୋଇପାରିଛନ୍ତି। ଲକ୍‌ଡାଉନ୍ ସମୟରେ ସେ ପରିବାର ସହିତ ଆମେରିକାର ଲସ୍ ଏଞ୍ଜେଲ୍‌ସରେ ଥିବା ନିଜଘରେ ରହୁଛନ୍ତି। ତାଙ୍କର ବିଳାସପୂର୍ଣ୍ଣ ବଙ୍ଗଳା ଦେଖିଲେ ଆଖି ଲାଖିଯିବ। ଗୋଟିଏ ଏକର ଜାଗାରେ ଏହି ବଙ୍ଗଳା ତିଆରି ହୋଇଛି। ଏଥିରେ ୫ଟି ବେଡ୍‌ରୁମ୍ ରହିଛି। କୁହାଯାଏ, ଏହି ଘର ଆମେରିକାର ସବୁଠୁ ଦାମୀ ଜାଗାରେ ରହିଛି। ବେବର୍ଲି ହିଲ୍ସରୁ ଏଠାକୁ ପ୍ରାୟ ୩୦ ମିନିଟ୍ ସମୟ ଲାଗେ। ଏହା ସହିତ ମୁମ୍ବାଇର ଜୁହୁ ଅଞ୍ଚଳରେ ଆଉ ଏକ ଘର ମଧ୍ୟ ତାଙ୍କର ରହିଛି। ସନି ଏହି ଘର ନିଜକୁ ନିଜେ ଗିଫ୍ଟ କରିଥିଲେ। ଖାସ୍ କଥା ହେଲା ସେ ଏହି ଘରର ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।





ଏହି ଘରର ଫଟୋ ଶେୟାର କରି ସନି କ୍ୟାପ୍‌ଶନ ଲେଖିଛନ୍ତି, 'ମୋର ଛୋଟ ଦେଶ ଷ୍ଟାଇଲ୍‌ର ଘର। ସହର ମଝିରେ ୧ ଏକର ଜମିରେ ଗଢ଼ି ଉଠିଥିବା ଘର'। କହିରଖୁଛୁ, ସନି ଏହି ଘର ତିଆରି ପାଇଁ ସାମଗ୍ରୀ ସବୁ ଇଟାଲୀ, ରୋମ୍ ଏବଂ ସ୍ପେନ୍‌ରୁ କିଣିଛନ୍ତି। ତେଣୁ ଏହା ବିଳାସପୂର୍ଣ୍ଣ ହୋଇପାରିଛି। କରୋନା ଯୋଗୁ ସେ ପରିବାର ସହ ଆମେରିକା ଚାଲିଯାଇଛନ୍ତି। ଆଜିକାଲି ସନି ଏହି ଘରେ ରହୁଛନ୍ତି। ସେ କହିଛନ୍ତି, ମୋତେ ଏବଂ ଡାନିଏଲଙ୍କୁ ସୁଯୋଗ ମିଳିଛି, ପିଲାମାନଙ୍କୁ ଧରି ଏକାଠି ରହିବା ପାଇଁ। ଫଳରେ କରୋନାରୁ ସୁରକ୍ଷିତ ରହିପାରିବୁ।

# ଖାଦ୍ୟ ପ୍ୟାକେଟ୍ ବାଣ୍ଟୁଛନ୍ତି ଅମିତାଭ



**ମୁମ୍ବାଇ:** ସାରା ବିଶ୍ୱ ଏବେ କରୋନା ଭୂତାଣୁ ସହ ଲଢେଇ କରୁଛି। ଏହି ସମୟରେ ପ୍ରତିଷ୍ଠିତ ବ୍ୟକ୍ତିମାନେ ବିଭିନ୍ନ ସହାୟତା ପାଇଁ ଆଗେଇ ଆସୁଛନ୍ତି। ଏଥିରେ ସାମିଲ ହୋଇଛନ୍ତି ବଲିଉଡ୍ ସୁପର୍‌ଷ୍ଟାର୍ ଅମିତାଭ ବଚ୍ଚନ। ପ୍ରତିଦିନ ସେ ଲୋକଙ୍କୁ ୪,୫୦୦ଟି ଖାଦ୍ୟ ପ୍ୟାକେଟ୍ ବାଣ୍ଟିବା ସହ ୧୦ ପରିବାରକୁ ରାଶନ ଯୋଗାଇ ଦେଉଛନ୍ତି। ଏହାଛଡା ମେ ୯ରୁ ପ୍ରତିଦିନ ୨ ହଜାର ଶୁଖିଲା ଖାଦ୍ୟ ପ୍ୟାକେଟ୍, ୨ ହଜାର ପାଣି ବୋତଲ ଏବଂ ୧୨ ଶହ ହଳ ଚପଲ ମଧ୍ୟ ଲୋକଙ୍କୁ ବାଣ୍ଟିଛନ୍ତି ଅମିତାଭ। ମୁମ୍ବାଇରେ ଫସିଥିବା ଉତ୍ତରପ୍ରଦେଶର କିଛି ଶ୍ରମିକଙ୍କୁ ନିଜ ରାଜ୍ୟକୁ ପଠାଇବାର ସେ ବନ୍ଦୋବସ୍ତ ମଧ୍ୟ କରିଛନ୍ତି। ତା'ସହ କୋଭିଡ୍-୧୯ ବିଷୟରେ ସଚେତନତା ସୃଷ୍ଟି ପାଇଁ କିଛି ସରକାରୀ ପ୍ରୋଜେକ୍ଟରେ କାମ କରୁଛନ୍ତି ଏହି ମେଗାଷ୍ଟାର। ସୋସିଆଲ ମିଡିଆରେ ଲଗାତର ମାସ୍କ ଏବଂ ସାମାଜିକ ଦୂରତା ବଜାୟ ରଖିବା ପାଇଁ ଅମିତାଭ ଲୋକଙ୍କୁ ଅନୁରୋଧ ମଧ୍ୟ କରୁଛନ୍ତି।



ବରୁଣ-ସାରା

# କେବଳ ଆକ୍ଟିଂ

ବରୁଣ ଧାୱନ ଏବେ କେବଳ ଗୋଟିଏ କଥାରେ ମନୋନିବେଶ କରିଛନ୍ତି। ତାହା ହେଲା ଆକ୍ଟିଂ। କାରଣ ଆଗକୁ ତାଙ୍କୁ ବହୁତ ବାଟ ଯିବାର ଅଛି। ଏବେ ତ ବଲିଉଡ୍‌ରେ କ୍ୟାରିୟର ଆରମ୍ଭ ହୋଇଛି। ତେଣୁ ଆରମ୍ଭରୁ ଅଭିନୟ ପ୍ରତି ଠିକ ଧ୍ୟାନ ନ ଦେଲେ ତାହାର ପ୍ରଭାବ କ୍ୟାରିୟର ଉପରେ ପଡ଼ିବ। ଏସବୁ କଥା ଏବେ କହି ବୁଲୁଛନ୍ତି ବରୁଣ। ବର୍ତ୍ତମାନ ତ ଲକ୍‌ଡାଉନ ଚାଲିଛି। ତେଣୁ ଘରେ ରହି ସେ ନିଜର ମନର କଥାକୁ ନିଜ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି। ନିଜ ଭବିଷ୍ୟତ ଯୋଜନା ବିଷୟରେ ସୂଚନା ଦେବା ସମୟରେ ସେ ଉପରୋକ୍ତ ବିଷୟ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶନାରେ ନିର୍ମିତ ରିମେକ୍ ଫିଲ୍ମ 'କୁଲି ନଂ ୱାନ୍' ରିଲିଜ ଅପେକ୍ଷାରେ ରହିଛି। ଏଥିରେ ବରୁଣଙ୍କ ନାୟିକା ସାଜିଛନ୍ତି ସାରା ଅଲ୍ଲୀ ଖାଁ।

# ଅତୀତରୁ



ଧର୍ମେନ୍ଦ୍ର

- ହିନ୍ଦୀ ସିନେମାରେ ଅଶୋକ କୁମାର ବେଶ୍ ପରିଚିତ ଅଭିନେତା। ୧୯୩୬ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ହେଲେ ଜଣେ ଆକ୍ଟର ହେବା ପୂର୍ବରୁ ସେ ବମ୍ବେ ଟକିଜ୍‌ରେ ଜଣେ ଲ୍ୟାବ୍ ଆସିଷ୍ଟାଣ୍ଟ ଭାବରେ କାମ କରୁଥିଲେ।
- ୨୦୦୫ରେ ରାଜ ଥାକ୍‌ରେ ଏକ ସିନେମା ନିର୍ମାଣ କରିବାକୁ ଯୋଜନା କରିଥିଲେ, ଯାହାର ନାୟକ ସାଜିଥାଆନ୍ତି ଅମିତାଭ ବଚ୍ଚନ। କିନ୍ତୁ ତାହା ସଫଳ ହୋଇପାରି ନ ଥିଲା।
- ଅମିତାଭ ବଚ୍ଚନଙ୍କ ଅପୋଜିଟ୍‌ରେ ୱାହିଦା ରହେମନ ଏକଦା ନାୟିକା ସାଜିଥିଲେ। ଫିଲ୍ମଟି ଥିଲା 'ଅଦାଲତ'। କିନ୍ତୁ ପରବର୍ତ୍ତୀ ସମୟରେ 'ତ୍ରିଶୂଳ' ସିନେମାରେ ସେ ଅମିତାଭଙ୍କ ମା' ଭୂମିକାରେ ଅଭିନୟ କରିଥିଲେ।
- ବଲିଉଡ୍‌ର 'ହି ମ୍ୟାନ୍' ଭାବରେ ପରିଚିତ ଧର୍ମେନ୍ଦ୍ରଙ୍କ ଅଭିନୀତ ପ୍ରଥମ ସିନେମାରେ ସେ କେତେ ପାରିଶ୍ରମିକ ପାଇଥିଲେ ଜାଣନ୍ତି ? ମାତ୍ର ୫୧ ଟଙ୍କା।

# ଅମାନିଆ ଦିଲ୍

ଦିଲ୍ ବା ହୃଦୟ କେତେବେଳେ କାହା ହୃଦୟରେ ବସା ବାନ୍ଧେ ତାହା ପୂର୍ବାନୁମାନ କରିବା ଏତେ ସହଜ ନୁହେଁ। ପୁଣି ଏ ଦିଲ୍ ବଡ଼ ଅମାନିଆ। ତାକୁ ନିଜ କବ୍‌ଜାରେ ରଖିବା ଭାରି କଷ୍ଟକର, ନୁହେଁ ? କାହାଣୀ ଅନୁସାରେ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଯିବାବେଳେ ଜଣେ ଯୁବକ ପ୍ରେମରେ ପଡ଼ିଯାଇଛି। ହେଲେ ଏହି ପ୍ରେମ ମିଶନରେ ସେ ସଫଳ ହେଉଛି ତ ? ଏପରି ଏକ ଭିନ୍ନ ଧରଣର ବିଷୟକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଦିଲ୍ ମୋର ମାନେନା'। ଲକ୍‌ଡାଉନ୍ ପରେ ନିକଟରେ ଏହାର ଡବିଂ ଆରମ୍ଭ ହୋଇଯାଇଛି ବୋଲି ସୂଚନା ଦେଇଛନ୍ତି ଏହି ସିନେମାର ଅନ୍ୟତମ ପ୍ରଯୋଜିକା ଛବିତା ମାର୍ଥା। ଏହାର ମେଲ୍ ଲିଡ୍‌ରେ ସ୍ୱରାଜ ଅଭିନୟ କରିଥିବା ବେଳେ ତାଙ୍କର ନାୟିକା ସାଜିଛନ୍ତି ଶିବାନୀ। ଖାସ୍ କଥା ହେଲା 'କଥା ଦେଲି ମଥା ଛୁଇଁ', 'ଯୋଗୀ' ଏବଂ ଚର୍ଚ୍ଚିତ ଫିଲ୍ମ 'ପାଟଣାଗଡ଼'ର ପ୍ରଯୋଜକ ଶ୍ରୀଧର ମାର୍ଥା ଏଥିରେ ମୁଖ୍ୟ ଖଳନାୟକ ଭାବରେ ଦେଖାଦେବେ। ଚିତ୍ରରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ ଏବଂ କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଲୁବୁନ୍-ତୁବୁନ୍, ଜିତୁ ରାଉତ, ଅମିତ ନାୟକ ଏବଂ ଏସ୍.କେ. ମୁରଲୀଧରନ୍। ହିମାଂଶୁ (ଚଣ୍ଡି) ପରିଜା ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ଅପରପକ୍ଷରେ ପୋଷ୍ଟ ପ୍ରଡକ୍ସନ କାମ ଶେଷ ହେବା ପରେ ବାପୁନୀ କୁମାର-ଛବିତା ମାର୍ଥାଙ୍କ ମିଳିତ ପ୍ରଯୋଜନାରେ ପ୍ରସ୍ତୁତ ଏହି ଫିଲ୍ମଟି ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ଶିବାନୀ

# ଅନିଦ୍ରା ରହିଥିଲେ ପ୍ରିୟଙ୍କା

ନିକ୍ ଜୋନାସଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବା ପରେ ପ୍ରିୟଙ୍କା ଚୋପ୍ରା ପ୍ରାୟ ଅଭିନୟ ନିକଟରୁ ଦୂରେଇ ଯାଇଛନ୍ତି। ଯଦି ସୁଯୋଗ ମିଳେ ତେବେ ଏବେ ମଧ୍ୟ ବଲିଉଡ୍‌ରେ କମ୍‌ବ୍ୟାକ୍ କରି ପୁଣି ଥରେ ଦର୍ଶକଙ୍କୁ ମନୋରଞ୍ଜନ ଦେବାକୁ ତୟାର ବୋଲି ସେ କହିଛନ୍ତି। ତେବେ ଏବେ ଲକ୍‌ଡାଉନ୍ ପାଇଁ ସବୁ ବନ୍ଦ। ସମସ୍ତଙ୍କୁ ପ୍ରାୟ ଘରେ ହିଁ ରହିବାକୁ ପଡୁଛି। ତେଣୁ ଏହି ସମୟରେ ସେ ନିଜର ପୁରୁଣା ସ୍ମୃତିକୁ ଉଜାଗର କରି ସାଙ୍ଗମାନଙ୍କ ସହ ଶେୟାର କରୁଛନ୍ତି। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ପ୍ରିୟଙ୍କା ମିସ୍ ୱାର୍ଲ୍ଡ ଟାଇଟଲ ବିଜୟିନୀ ହୋଇଥିଲେ। ଏପରି ସଫଳତା ହାସଲ ପରେ ସେ ଏତେ ଖୁସି ହୋଇଯାଇଥିଲେ ଯେ ସେଦିନ ସେ ରାତି ତମାମ ଶୋଇପାରି ନ ଥିଲେ। ଏ ସମ୍ପର୍କରେ ପ୍ରିୟଙ୍କା କହନ୍ତି, 'ସେଦିନ ସେହି କ୍ରାଉନ୍ ପିନ୍ଧିବା ପରେ ମୁଁ କେତେ ଖୁସି ହୋଇଥିଲି ତାହା ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ। ସେହି ରାତିରେ ମୋତେ ଆଦୌ ନିଦ ହୋଇ ନ ଥିଲା କେବଳ ସେତିକି ନୁହେଁ, ରାତିତମାମ ସେ ମିସ୍ ୱାର୍ଲ୍ଡ ମୁକୁଟକୁ ପିନ୍ଧି ସେଦିନ ରାତିକୁ ବିତାଇ ଦେଇଥିଲି।' ସେତେବେଳେ ତାଙ୍କର ବୟସ କେତେ ହୋଇଥିଲା ଜାଣନ୍ତି ? ମାତ୍ର ୧୮ବର୍ଷ। ତା'ପରେ ସେ ହିନ୍ଦୀ ସିନେମାରେ ନିଜକୁ ଜଣେ ଦକ୍ଷ ଅଭିନେତ୍ରୀ ଭାବରେ ପରିଚିତ କରାଇ ପାରିଥିଲେ। ଖେଚୁଡ଼ି ଏବଂ ଆଚାର ହେଉଛି ତାଙ୍କର ପସନ୍ଦୀୟ ଖାଦ୍ୟ। ତା'ସହ ସେ ଚିଜ୍‌ବର୍ଗର ଖାଇବାକୁ ଭଲ ପାଆନ୍ତି।



ପ୍ରିୟଙ୍କା

# ମହୁମାଛି କଥା ଭୁଲି ହେଉନି

**ଶୁଟିଂ ସମୟରେ ଅନେକ ଘଟଣା କଳାକାରଙ୍କ ମନରେ ସ୍ମୃତି ହୋଇ ରହିଥାଏ । ସେଭଳି କେତୋଟି ଘଟଣାକୁ ସ୍ମରଣ କରନ୍ତି ଚଳିତ ବର୍ଷ ରିଲିଜ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର 'ବିଶ୍ୱରୂପ-ବର୍ଣ୍ଣ ଟୁ ଫାଇଟ୍'ରୁ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିବା ବିଶ୍ୱରୂପ ମିଶ୍ର...**

ମୋର ପ୍ରଥମ ସିନେମାର ଟାଇଟଲ ଗୀତର ଶୁଟିଂ ଫୁଲବାଣୀରେ ହେଉଥାଏ। ସିକୁଏନ୍ସ ଅନୁସାରେ ସ୍ମଟ ବୟ ଧୂଆଁ ଲଗାଇଲେ। ପାହାଡ଼ର ଗୋଟିଏ କୋଣରେ ମହୁମାଛି ବସା ଅଛି ବୋଲି ଆମେ କେହି ଜାଣି ନ ଥିଲୁ। ଧୂଆଁ ସଂସ୍ପର୍ଶରେ ଆସିବାମାତ୍ରେ ମହୁମାଛି ଆମ ଆଡ଼କୁ ମାଡ଼ି ଆସିଲେ। ଏହା ଦେଖି ୟୁନିଟ୍‌ର କେତେକ ସଦସ୍ୟ ଦୌଡ଼ି ପଳାଇଲେ। ହେଲେ କ'ଣ ହୋଇଛି ବୋଲି ବୁଝିବା ପୂର୍ବରୁ ମହୁମାଛିର ଆକ୍ରମଣର ଶିକାର ହେଲି। ମୋ ମୁହଁ, ହାତ ଫୁଲିଗଲା ଓ ସୁସ୍ଥ ହେବାକୁ ମୋତେ ଫୁଲବାଣୀ ସରକାରୀ ହସ୍‌ପିଟାଲରେ ଆଡମିଶନ ହେବାକୁ ପଡ଼ିଥିଲା। ସୁସ୍ଥ ହେବା ପରେ ପୁଣି ଥରେ ଶୁଟିଂ ଆରମ୍ଭ ହୋଇଥିଲା। ଏ କଥା ଏବେ ମୋର ମନେପଡ଼ିଲେ ଶିହରଣ ଖେଳିଯାଏ। ଆଉ ଏକ କଥା। ଏହି ଫିଲ୍ମର ଏକ ଗୀତର ଶୁଟିଂ ପାଇଁ ପ୍ରାୟ ପାହାଡ଼ର ୧୮୦୦ ଫୁଟ ତଳକୁ ଯିବାକୁ ପଡ଼ିଥିଲା। ଯେହେତୁ ରାସ୍ତା ବହୁତ ଖରାପ ଥିଲା ଏବଂ ଗାଡ଼ି ଯିବାର କୌଣସି ସୁବିଧା ନ ଥିଲା ତେଣୁ କ୍ୟାମେରା ମ୍ୟାନ, ନିର୍ଦ୍ଦେଶକ ଏବଂ ୟୁନିଟ୍‌ର ସଦସ୍ୟମାନେ ଚାଲି ଚାଲି ସେଠାକୁ ଯାଇ ଶୁଟିଂ କରିଥିଲୁ। ଗୋଟିଏ କଥା, ଏହି ଫିଲ୍ମଟି ଯେହେତୁ ଆକ୍ସନ ଉପରେ ପର୍ଯ୍ୟବସିତ ତେଣୁ ଏଥିରେ ଅନେକ ଏକ୍ସପେରିମେଣ୍ଟ କରାଯାଇଛି।

# ଖଳନାୟକ ଅଂଶୁମାନ

କାଥାରେ ଅଛି-ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି ଅଂଶୁମାନ ସାମନ୍ତରାୟ ଯାହା ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ଲକ୍‌ଡାଉନ ପରେ ରିଲିଜ ଅପେକ୍ଷାରେ ଥିବା ହରିଶ ଶର୍ମାଙ୍କ ହିନ୍ଦୀ ସିନେମା 'ମାୟରା'ରେ ତାଙ୍କୁ ଏକ ସୁପାରିକିଲର ଭୂମିକାରେ ଦେଖିବାକୁ ମିଳିବ। ଏ ନେଇ ଅଂଶୁମାନ କହନ୍ତି, 'ଏହି ଭୂମିକାରେ କେତେ ଦମ୍ ଅଛି ତାହା ମୁଁ ଜାଣିଛି। ଯେଉଁଭଳି ଏକ ଭୂମିକାଟିଏ ଚାହୁଁଥିଲି ତାହା ମୋତେ ମିଳିଯାଇଛି। ଏହାବ୍ୟତୀତ 'ଏହସାସ୍' ନାମକ ଆଉ ଏକ ସିନେମା ରିଲିଜ ଅପେକ୍ଷାରେ ରହିଛି। କେବଳ ସେତିକି ନୁହେଁ, ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ 'ତୁ ମୋର ନିହାତି ଦରକାର'ର ମୁଖ୍ୟ ଖଳନାୟକ ଭୂମିକାରେ ମୁଁ ଅଭିନୟ କରିଛି। ଏହି ଫିଲ୍ମରେ ପାଣି ଭିତରେ ଏକ ଫାଇଟ୍ ଶଟ୍ ଶୁଟିଂ କରାଯାଇଛି, ଯାହା ଫିଲ୍ମର ମୁଖ୍ୟ ଆକର୍ଷଣ। ଅପରପକ୍ଷରେ ଲକ୍‌ଡାଉନ୍ ସମୟରେ ମୁଁ ନିଜକୁ ସମାଜସେବାରେ ନିୟୋଜିତ ରଖିଥିଲି। କାରଣ ଆକ୍ଟିଂ ବ୍ୟତୀତ ସମାଜସେବାରେ ଯିଏ ମୋତେ ସହଯୋଗର ହାତ ବଢ଼ାଇଥିଲେ ସେ ହେଲେ ମୋର ଅନ୍ତରଙ୍ଗ ବନ୍ଧୁ ତଥା ଖୁବ୍ ଶୀଘ୍ର ବଡ଼ ପରଦାରେ ମୁହଁ ଦେଖାଇବାକୁ ଯାଉଥିବା ଅଜିତ ଦାଶ। ତା' ସହ ଆମେ ଦୁହେଁ ଏକାଠି ହୋଇ ସମାଜକୁ ସଚେତନତା ବାର୍ତ୍ତା ଦେଇପାରୁଥିବା କେତୋଟି ଶର୍ଟ ଫିଲ୍ମ ପ୍ରଯୋଜନା କରିବାର ଯୋଜନା ରହିଛି।' ଅପରପକ୍ଷରେ ଦୁଇଟି ହିନ୍ଦୀ ସିନେମାରେ ଅଭିନୟ କରିବା ପରେ ଏବେ ଅଂଶୁମାନଙ୍କ ହାତରେ ୨-୩ଟି ବଲିଉଡ୍ ଅଫର ରହିଛି। ଏହାବ୍ୟତୀତ ହରିଶ ଶର୍ମାଙ୍କ ପ୍ରଯୋଜିତ ଏକ ଭୋଜପୁରୀ ଫିଲ୍ମରେ ସେ ମୁଖ୍ୟ ଖଳନାୟକ ଭୂମିକାରେ ଅଭିନୟ କରିବେ।



ଅଜିତ୍ -ଅଂଶୁମାନ

# ଅଭିନୟ ମାୟାରେ ପଡ଼ିଯାଇଛି



ଦିଲୀପ ନାୟକ

ଜଣେ ଚରିତ୍ର ଅଭିନେତା ଭାବରେ ସେ ନିଜର ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଛନ୍ତି। ତା' ସହ ନିଜର ପ୍ରତିଭାର ଆଉ ଏକ ପରିଚୟ ସେ ଦେଇଛନ୍ତି ଜଣେ ନାଟ୍ୟକାର ଭାବରେ। ସାମ୍ପ୍ରତିକ ଘଟଣାବଳୀକୁ ନେଇ ନାଟକ ରଚନା କରି ସେ ସାଉଁଟିଛନ୍ତି ଢେର ପ୍ରଶଂସା। ଏହି ଅଭିନେତା-କମ୍-ନାଟ୍ୟକାର ହେଲେ ଦିଲୀପ କୁମାର ନାୟକ। ସେତେବେଳେ ତାଙ୍କୁ ମାତ୍ର ୧୦ବର୍ଷ। ଗାଁରେ ପରିବେଷିତ ଏକ ଗୀତିନାଟ୍ୟରେ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳିଥିଲା। ପୁଣି ଭୂମିକାଟି ଥିଲା ନାରୀ ଚରିତ୍ର। ବାସ୍, ଏହି ସୁଯୋଗକୁ ସେ ସଦୁପଯୋଗ କରିବାକୁ ପଛାଇ ନ ଥିଲେ। ତା'ପରେ ଅଭିନୟ ସତେଯେମିତି ତାଙ୍କର ନିଶା ପାଲଟି ଯାଇଥିଲା। ଛୋଟ ପରଦାରେ ପ୍ରସାରିତ ବିକ୍ରମ ବେତାଳ ଧାରାବାହିକରେ ପୋଲିସ ଭୂମିକାରେ ଅଭିନୟ କରିବା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଇତି ମଧ୍ୟରେ ସେ ଟେଲି ଧାରାବାହିକ-ଆହୁତି, ଆମ ଘର ଲକ୍ଷ୍ମୀ, ଦୁର୍ଗା, ତୋ ଅଗଣାର ତୁଳସୀ ମୁଁ, ସିନ୍ଦୂର ବିନ୍ଦୁ, ତୋ ପାଇଁ ମୁଁ, ରାଣୀରେ ଅଭିନୟ କରିସାରିଛନ୍ତି। ଏହାବ୍ୟତୀତ ଓଡ଼ିଆ ଚଳଚ୍ଚିତ୍ର 'ସୁନ୍ଦରଗଡ଼ର ସଲମାନ ଖାଁ, ତୋତେ ଭଲ ପାଏ ୧୦୦ରୁ ୧୦୦, କୁଇନ୍, ବିଜୁବାବୁ, ଦୀପୁ-ଦ ଡ୍ୟାନ୍ସ ବୟ ଏବଂ ବାବୁ ଭାଇଜାନ୍‌ରେ ତାଙ୍କୁ ଭିନ୍ନ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିଛି। କେବଳ ଅଭିନୟ ନୁହେଁ, ନାଟକ ରଚନା ମୋତେ ବେଶ୍ ଆତ୍ମସନ୍ତୋଷ ଦେଇଛି। ପୋଲିସ୍, ଓକିଲ, ଗାଁ ମୁଖିଆ କିମ୍ବା ବାପା ଭୂମିକା-ଏଗୁଡ଼ିକୁ ମୁଁ ପ୍ରଥମରୁ ହିଁ ସିରିୟସ ଭାବରେ ନେଇଥାଏ। ସମାଜକୁ ନୂଆ ବାର୍ତ୍ତା ଦେବାରେ ନାଟକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ନାଟକ ରଚନା ସମୟରେ ମୁଁ ତାକୁ ପ୍ରାଧାନ୍ୟ ଦେଇଥାଏ ବୋଲି କହନ୍ତି କେନ୍ଦ୍ରାପଡ଼ାର ବଲୁରିଆ ଅନ୍ତର୍ଗତ ଅରାଜି ଗ୍ରାମରେ ଜନ୍ମିତ ଦିଲୀପ।

## ଯୁବକଙ୍କୁ ଟେକି କଚାଡ଼ିଦେଲା ହାତୀ

ଖୋର୍ଦ୍ଧା ଅଫିସ: ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋଡା ଗାଁରେ ବୁଧବାର ରାତ୍ରିରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲ ରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଗୋଡ଼ା ଗାଁର ପୁପୁ ପରିଡା ରାତ୍ରିରେ ଶୌଚ ହେବା ପାଇଁ ଘର ନିକଟସ୍ଥ ଏକ ଆମ୍ବ ତୋଟାକୁ ଯାଉଥିଲେ । ଏହି ସମୟରେ ହଠାତ ଏକ ହାତୀ ଆସି ପୁପୁଙ୍କୁ ଟେକି କଚାଡ଼ି ଦେଇଥିଲା । ପରେ ଗ୍ରାମବାସୀ ଦେଖି ପରିବାର ଲୋକଙ୍କୁ ଜଣାଇବା ସହ ପୁପୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଥିଲେ ।

## ସଂକ୍ଷେପରେ

### ଉଷା ପାଢ଼ୀଙ୍କ କେନ୍ଦ୍ରୀୟ ଡେପୁଟେଶନ ଅବଧି ଆଉ ୨ ବର୍ଷ ବଢ଼ିଲା

ଭୁବନେଶ୍ୱର,୨୭ା୫(ବ୍ୟୁରୋ)- ୧୯୯୭ ବ୍ୟାଚ ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ତଥା ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଥିବା ଉଷା ପାଢ଼ୀଙ୍କ କାର୍ଯ୍ୟ କାଳ ଆଉ ଦୁଇବର୍ଷ ବୃଦ୍ଧି କରାଯାଇଛି। ତାଙ୍କର କେନ୍ଦ୍ରୀୟ ଡେପୁଟେଶନ ଅବଧି ଆସନ୍ତା ଜୁଲାଇ ୧୬ ତାରିଖରେ ଶେଷ ହେଉଥିଲା। ବୁଧବାର କ୍ୟାବିନେଟ ନିଯୁକ୍ତି କମିଟି ଏହାକୁ ଅନୁମୋଦନ କରିଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପାଢ଼ୀ ସେହି ପଦବୀରେ ଆସନ୍ତା ଦୁଇବର୍ଷ ପାଇଁ କାର୍ଯ୍ୟ କରିବେ।

### ଚିଲିକାରେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

କୃଷ୍ଣପ୍ରସାଦ,୨୭ା୫(ଡି.ଏନ.ଏ)- କୃଷ୍ଣପ୍ରସାଦ ବ୍ଲକ ନଳବଣ ନିକଟ ଚିଲିକାରେ ମାଛ ଧରୁଥିବାବେଳେ ପବନ ଧକ୍କାରେ ଜଣେ ମତ୍ସ୍ୟଜୀବୀଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ଏହି ବ୍ଲକ ଅଧୀନ କୁମାରପୁର ଗ୍ରାମର ଶ୍ୟାମସୁନ୍ଦର ବେହେରା (୫୦)। ଶ୍ୟାମ ଓ ତାଙ୍କ ଭାଇ ବୁଧବାର ଭୋର ୪ଟାରୁ ଚିଲିକାକୁ ମାଛ ଧରିବା ପାଇଁ ଯାଇଥିଲେ। ମାଛ ଧରିବା ସମୟରେ ଜୋରରେ ପବନ ପ୍ରବାହିତ ହେବାରୁ ପବନ ଧକ୍କାରେ ଶ୍ୟାମ ପାଣିରେ ପଡିଯାଇଥିଲେ। ଏହାଦେଖି ତାଙ୍କ ଭାଇ ଶ୍ୟାମଙ୍କୁ ଉଦ୍ଧାର କରି କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କୃଷ୍ଣପ୍ରସାଦ ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ. ୦୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବ୍ଲକ, ତହସିଲ ଅଫିସ୍‌ର ଟୁଇଟର୍ ଆକାଉଣ୍ଟ ଖୋଲୁ

କଟକ ଅଫିସ,୨୭ା୫: କଟକ ଜିଲାର ସମସ୍ତ ବ୍ଲକ ଓ ତହସିଲ କାର୍ଯ୍ୟାଳୟର ଟୁଇଟର୍ ଆକାଉଣ୍ଟ ଖୋଲିବା ପାଇଁ ଦାବି କରିଛନ୍ତି ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା। ବୁଧବାର ସେ ଏନେଇ କଟକ ଜିଲାପାଳଙ୍କୁ ଟୁଇଟ୍ ଜରିଆରେ ଜଣାଇଛନ୍ତି। ବିଧାୟକ ବେହେରାଙ୍କ କହିବାନୁଯାୟୀ, ଲକ୍‌ଡାଉନ୍ ଯୋଗୁ ଲୋକେ ସରକାରୀ କାର୍ଯ୍ୟାଳୟକୁ ଯାଇପାରୁ ନାହାନ୍ତି। ସରକାରଙ୍କ ବିଭିନ୍ନ ଯୋଜନା ସହ ନିଜର ଆପତ୍ତି ଅଭିଯୋଗ ଜଣାଇବାରେ ମଧ୍ୟ ସମସ୍ୟା ଦେଖାଦେଉଛି। ଏଣୁ ସମସ୍ତ ବ୍ଲକ ଓ ତହସିଲ କାର୍ଯ୍ୟାଳୟର ଟୁଇଟର୍ ଆକାଉଣ୍ଟ ଖୋଲାଗଲେ ସାଧାରଣ ଲୋକେ ଉପକୃତ ହୋଇପାରିବେ।

### କମିଶନରେଟ୍ ପୋଲିସକୁ ଦିଆଗଲା ୫୦ ହଜାର ଭିଟାମିନ-ସି ବଟିକା

କଟକ ଅଫିସ,୨୭ା୫- ଭେଷଜ ନିୟନ୍ତ୍ରଣ କାର୍ଯ୍ୟାଳୟର ଅନୁରୋଧକ୍ରମେ କଟକର ଆଦିକାନ୍ତ ଆସୋସିଏଟ ଓ ସନ୍-ରାନବାକ୍ସି କମ୍ପାନୀ ଦ୍ୱାରା କମିଶନରେଟ ପୋଲିସକୁ ୫୦ ହଜାର ଭିଟାମିନ-ସି ଟାବଲେଟ ଦିଆଯାଇଛି। କମିଶନରେଟ ପୋଲିସ କର୍ମଚାରୀଙ୍କ ମଧରେ ଏହାକୁ ବଣ୍ଟାଯିବା ଆରମ୍ଭ ହୋଇଛି ବୋଲି ପୋଲିସ ହସ୍ପିଟାଲ ଡାକ୍ତର ଶୁଭକାନ୍ତ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କମିଶନରେଟ ପୋଲିସକୁ ଆଦିକାନ୍ତ ଆସୋସିଏଟର ଟି. ବିଶ୍ୱନାଥ ପାତ୍ର ୨୦ ହଜାର ଓ ସନ୍-ରାନବାକ୍ସି କମ୍ପାନୀ ପକ୍ଷରୁ ୩୦ ହଜାର ଟାବଲେଟ ମିଳିଛି। ଉଲ୍ଲେଖଯୋଗ୍ୟ, କିଛି ଦିନ ତଳେ ଜଣେ ପୋଲିସ କର୍ମଚାରୀ କରୋନା ଆକ୍ରାନ୍ତ ହୋଇଥିବାରୁ ଭେଷଜ ନିୟନ୍ତ୍ରଣ କାର୍ଯ୍ୟାଳୟ ଏପରି ନିଷ୍ପତ୍ତି ନେଇଛି। ଭିଟାମିନ-ସି ଫ୍ଲୁ ବା ଥଣ୍ଡାଜନିତ ଅସୁସ୍ଥତା କମାଇବା ସହ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

### ଜଳିଗଲା କାର୍

ଜଟଣୀ,୨୭ା୫(ଡି.ଏନ.ଏ): ଜଟଣୀ ଥାନା ବେଲପଡ଼ା ଗ୍ରାମରେ ଏକ ଘର ନିକଟ ଶେଡ୍‌ରେ ଥିବା ଗୋଟିଏ କାର୍ ମଙ୍ଗଳବାର ବିଳମ୍ବିତ ରାତିରେ ଜଳିଯାଇଛି। ଗ୍ରାମର ଅଜୟ କୁମାର ରଣସିଂହଙ୍କ ସ୍ୱିଫ୍ଟ ଡିଜାୟାର(ଓଡି୦୨ଏଆର୍୯୧୬୫) କାର୍‌ଟି ପୋଡ଼ି ନଷ୍ଟ ହୋଇଯାଇଛି। ରାତିରେ ସମସ୍ତେ ଶୋଇଥିବାବେଳେ ହଠାତ୍ ଜୋରରେ ଟାୟାର ଫାଟିବା ଶବ୍ଦ ଶୁଣି ଅଜୟ ଓ ପରିବାରର ଅନ୍ୟମାନେ ଉଠିପଡ଼ିଥିଲେ। କବାଟ ଖୋଲି ବାହାରକୁ ଆସିବା ପରେ କାର୍‌ଟି ଜଳୁଥିବା ଦେଖିଥିଲେ। ଏ ନେଇ ପୋଲିସ ଓ ଅଗ୍ନିଶମ ବିଭାଗକୁ ଫୋନ୍‌ରେ ସୂଚନା ଦେଇଥିଲେ। ପରେ ନିଆଁ ଲିଭାଇବା ଉଦ୍ୟମ କରିଥିଲେ। ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏ ନେଇ ଅଜୟ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ତେବେ କାର୍‌ରେ ନିଆଁ ଲାଗିବାର କାରଣ ସ୍ପଷ୍ଟ ଜଣାପଡ଼ି ନାହିଁ।

# ବିବାହ କଲେ ଦେବଦମ୍ପତି

ପୁରୁଣା ଭୁବନେଶ୍ୱର,୨୭ା୫(ଡି.ଏନ.ଏ)

ମହାପ୍ରଭୁ ଶ୍ରୀଲିଙ୍ଗରାଜ ଏବଂ ମା' ପାର୍ବତୀଙ୍କ ପାରମ୍ପରିକ ରୀତିରେ ବୁଧବାର କେଦାରଗୌରୀ ମନ୍ଦିରରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ପ୍ରାତଃରୁ ଦୈନିକ ନୀତି ଆଳତି, ଅବକାଶ, ରୋଷହୋମ, ମହାସ୍ନାନ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଖଇଦହି ବଲ୍ଲଭ, ଠାକୁରାଣୀଙ୍କ ଖଇଦହି ବଲ୍ଲଭ, ସକାଳ ଧୂପ, ଠାକୁରାଣୀଙ୍କ ସକାଳଧୂପ, ଭୋଗ ମଣ୍ଡପ ବେଶ, ବୀର କେଶ୍ୱରୀ ବଲ୍ଲଭ, ଦ୍ୱିପ୍ରହର ଧୂପ ଶେଷରେ ପହଡ଼ ହୋଇଥିଲା। ଏହାପରେ ଶ୍ରୀ ଲିଙ୍ଗରାଜ ବିମାନ, ମା' ପାର୍ବତୀ ଏବଂ ପ୍ରଭୁ ବାସୁଦେବ ପାଲିଙ୍କିରେ ବସି ରାତ୍ରି ୧୧ଟା ୫ରେ କେଦାର ଗୌରୀ ମନ୍ଦିର ଯାତ୍ରା କରିଥିଲେ। କୋଭିଡ-୧୯ ଗାଇଡ୍‌ଲାଇନ ଅନୁଯାୟୀ କେବଳ ପାଳିଆ ସେବାୟତମାନେ ମାସ୍କ ପିନ୍ଧି ସମଦୂରତ୍ୱ ଅବଲମ୍ବନ କରି ଶ୍ରୀ ଜୀଉଙ୍କ ଯାତ୍ରା କରାଇଥିଲେ। ସେହିଭଳି ବିନା ବରଯାତ୍ରୀ, ବିନା ବାଣ ଓ ବାଜାରେ ଶୋଭାଯାତ୍ରା କେଦାରଗୌରୀ ମନ୍ଦିରରେ ପହଞ୍ଚିଥିଲେ। ରାତ୍ରି ୧୧ଟା ୫୩ରେ ମନ୍ଦିର ସମ୍ମୁଖରେ ଠାକୁର ପହଞ୍ଚିବା ପରେ ଶ୍ରୀଲିଙ୍ଗରାଜଙ୍କୁ ବାଟବରଣୀ କରାଯାଇ ଶ୍ରୀ କେଦାରଶ୍ୱରଙ୍କ ମନ୍ଦିର ସମ୍ମୁଖ ବିବାହ ବେଦୀକୁ ନିଆଯାଇଥିଲା। ଉକ୍ତ ବେଦୀରେ ମନ୍ଦିର ପୁରୋହିତ ବିବାହ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ଶ୍ରୀଲିଙ୍ଗରାଜଙ୍କ ପକ୍ଷରୁ ଉକ୍ତ ଦିନର ପାଳିଆ ପୂଜା ପଣ୍ଡା ସେବକ ହୋଇଥିବାବେଳେ ପାର୍ବତୀଙ୍କ ପକ୍ଷରୁ ବ୍ରାହ୍ମଣ ନିଯୋଗ ଉକ୍ତ ଦିନର ପାଳିଆ ସେବାୟତ କର୍ତ୍ତା ହୋଇଥିଲେ। ସେହିଭଳି ମା' ପାର୍ବତୀଙ୍କ ବିବାହ କର୍ମ ମା' ଗୌରୀଙ୍କ ମନ୍ଦିରରେ ସମ୍ପନ୍ନ ହୋଇଥିଲା। ଏହାପରେ ଶ୍ରୀ ଲିଙ୍ଗରାଜ ଏବଂ ମା' ପାର୍ବତୀଙ୍କ ହାତଗଣ୍ଠି ପଡ଼ିବା ପରେ ହୋମ ହୋଇ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବିବାହରେ ଶ୍ରୀଲିଙ୍ଗରାଜଙ୍କୁ ଯୌତୁକସ୍ୱରୂପ ଇନ୍ଦ୍ରହସ୍ତୀ ଶଶ୍ୱରାଳୟ ପକ୍ଷରୁ ପ୍ରଦାନ କରାଯାଇଥିଲା। ବିଳମ୍ବିତ ରାତିରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ପରେ ନବଦମ୍ପତି କେଦାରଶ୍ୱର ମନ୍ଦିର ଭିତରେ ଏକ ଖଟୁଲିରେ ଅବସ୍ଥାନ କରିଥିଲେ। ନିକଟରେ ପ୍ରଭୁ ବାସୁଦେବ ମଧ ଉପସ୍ଥିତ ଥିଲେ। ଏହା ପରେ ପାଳିଆ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ମନ୍ଦିର ତରଫରୁ ପ୍ରସ୍ତୁତ ମାଣ୍ଡୁଅ ପିଠାକୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପକ୍ଷରୁ ଉକ୍ତ ଦିନର ପାଳିଆ ପୂଜାପଣ୍ଡା ଏବଂ ମା' ପାର୍ବତୀଙ୍କ ପକ୍ଷରୁ ଉକ୍ତଦିନର ପାଳିଆ ପତ୍ରି ସେବକଙ୍କ ମଧରେ କଉଡ଼ି ଖେଳ ଅନୁଷ୍ଠିତ କରାଯାଇଥିଲା। ଶେଷରେ ଆଳତି କରାଯାଇ ନୀତି ସମ୍ପାଦାନ କରାଯାଇଥିଲା ବୋଲି ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି।



ସେବାୟତମାନେ ଶ୍ରୀଲିଙ୍ଗରାଜ ଓ ମା' ପାର୍ବତୀଙ୍କୁ ପାଲିଙ୍କିରେ ବସାଇ କେଦାରଗୌରୀ ମନ୍ଦିରକୁ ନେଉଛନ୍ତି ।

## ବିଭିନ୍ନ ଶୈବପୀଠରେ ଶିବ ବିବାହ

ଖୋର୍ଦ୍ଧା ଅଫିସ,୨୭ା୫ :

ଖୋର୍ଦ୍ଧା ଉପଖଣ୍ଡର ପ୍ରସିଦ୍ଧ ଶୈବପୀଠ ଗୋଡ଼ା ଲୋକାନାଥ, ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର, ଗୋଡିପଡ଼ାର ବାଲୁଙ୍କେଶ୍ୱର ଏବଂ ଗଙ୍ଗପଡ଼ାର ଲୋକନାଥଙ୍କ ସମେତ ବିଭିନ୍ନ ଅଞ୍ଚଳରେ ରହିଥିବା ଶୈବପୀଠରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ମହାଆଡ଼ମ୍ବରରେ ଆୟୋଜିତ ହୋଇଯାଇଛି।

## ବିନା ରୋଶଣିରେ ସରିଲା ଶୀତଳଷଷ୍ଠୀ

କଟକ ଅଫିସ,୨୭ା୫

ସହରର ପ୍ରମୁଖ ଶୈବପୀଠରେ ବୁଧବାର ଶେଷ ହୋଇଛି ହରପାର୍ବତୀ ବିବାହ ତଥା ଶୀତଳଷଷ୍ଠୀ। କରୋନା କଟକଣାର ପ୍ରଭାବ ମଧ ଏହି ଧାର୍ମିକ ଉତ୍ସବରେ ପଡ଼ିଛି। ହାତଗଣତି ଲୋକ ଓ ବିନା ରୋଷଣୀରେ ପ୍ରଥମଥର ପାଇଁ ଏଭଳି ବର୍ଣ୍ଣାଢ଼୍ୟ ଉତ୍ସବକୁ ପାଳନ କରିଛନ୍ତି ସହରବାସୀ। ଭୋରରୁ ବରୁଣ ପୂଜା କରାଯିବା ପରେ ପ୍ରଥମ ବରଣ, ବାଗ୍‌ଦାନ, ଦ୍ୱିତୀୟ ବରଣ, କୌତୁକ ସୂତ୍ରବନ୍ଧନ, ଲବଣଚାମରୀ, ହସ୍ତଗଣ୍ଠି ସମେତ ସମସ୍ତ ରୀତିନୀତି କରାଯାଇଥିଲା। ଶିବଙ୍କ ପିତୃଭାର ଗ୍ରହଣ କରିଥିବା ଦମ୍ପତି ବିନା ରୋଷଣୀରେ ମନ୍ଦିରରେ ପହଞ୍ଚିଥିଲେ। ବରଯାତ୍ରୀ କହିଲେ ୪ରୁ ୫ଜଣ ଲୋକ। ମଧାହ୍ନ ସୁଦ୍ଧା ବିବାହ କାର୍ଯ୍ୟ ଶେଷ ହୋଇଥିଲା ବୋଲି ବାଦାମବାଡ଼ିରେ ଥିବା ଏକ ଶିବ ମନ୍ଦିରର ପୂଜକ କହିଛନ୍ତି। ସାମାଜିକ ଦୂରତ୍ୱ ରକ୍ଷାକରି ବର-ବଧୂଙ୍କ ହସ୍ତଗଣ୍ଠି ଓ ବରଣମାଳା ହୋଇଥିଲା। ପ୍ରତିବର୍ଷ ବିବାହ କାର୍ଯ୍ୟ ଶେଷ ପରେ ଏକ ଶୋଭାଯାତ୍ରା ବାହାରେ, ଯାହା ଚଳିତବର୍ଷ ଦେଖିବାକୁ ମିଳି ନ ଥିଲା।

ପିପିଲି,(ଡି.ଏନ.ଏ./ସ୍ୱ.ପ୍ର.)

ପିପିଲି କୋର୍ଟଛକସ୍ଥିତ ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ବିବାହ ଉତ୍ସବ ଅତି ନିରାଡ଼ମ୍ବରରେ ବୁଧବାର ସମ୍ପନ୍ନ ହୋଇଛି। ପ୍ରତ୍ୟୁଷରୁ ଠାକୁରଙ୍କ ଦେବନୀତି, ପୂର୍ବାହ୍ନରେ ଖଣ୍ଡିଆଗିରିସ୍ଥିତ ପ୍ରଭୁ ଶ୍ରୀହୁଙ୍କେଶ୍ୱର ଦେବଙ୍କ ପୀଠରେ ପ୍ରଭୁ ବାଲୁଙ୍କେଶ୍ୱର ଓ ଦେବୀ ପାର୍ବତୀଙ୍କ ବିବାହ ପାଇଁ ନିର୍ବନ୍ଧ, ମା'ପଢେଇଶୁଣି ଠାକୁରାଣୀଙ୍କ ପୀଠରେ ଦିଅଁ ମଗୁଳା କାର୍ଯ୍ୟ ହୋଇଥିଲା। ଅପରାହ୍ନରେ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରରେ ଦେବଦେବୀଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଓ ସ୍ତ୍ରୀ ରାଜଲକ୍ଷ୍ମୀ କନ୍ୟାପକ୍ଷ ପିତାମାତା ଓ ଶରତ ଚନ୍ଦ୍ର ପାଣିଗ୍ରାହୀ ଓ ସ୍ତ୍ରୀ ସୁକାନ୍ତି ବରପକ୍ଷ ପିତାମାତା ଦାୟିତ୍ୱ ତୁଳାଇଥିଲେ। ବାଲୁଙ୍କେଶ୍ୱର ଦେବ ପୂଜା କମିଟିର ସୁଧୀର ମହାନ୍ତି, ବିଭୂ ପ୍ରସାଦ ବୈରିଗନ, ପ୍ରଭାକର ପଣ୍ଡା, ସୁରେଶ ମହାରଣା କାର୍ଯ୍ୟ ପରିଚାଳନା କରିଥିଲେ।


କଟକର ଏକ ଶୈବପୀଠରେ ଦେବଦମ୍ପତିଙ୍କୁ ବିବାହ କରାଯାଉଛି ।

# ରିଲିଫ ପାଣ୍ଠିର ସ୍ଥାୟୀ ଡେସ୍କ ଦାବି

କଟକ ଅଫିସ,୨୭ା୫

■ ଏସ୍‌ସିବି ପାଇଁ ପ୍ରସ୍ତାବ
■ ଉପକୃତ ହେବେ ଦୀର୍ଘ ସମୟ ଚିକିତ୍ସିତ ହେଉଥିବା ଗରିବ ରୋଗୀ

ଏସ୍‌ସିବିରେ ଦୀର୍ଘ ଦିନ ଧରି ଚିକିତ୍ସିତ ହେଉଥିବା ଆର୍ଥିକ ଅନଗ୍ରସର ରୋଗୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଏକ ସ୍ଥାୟୀ ଡେସ୍କ ପ୍ରତିଷ୍ଠା ପାଇଁ ଦାବି ବଢୁଛି। ଏହା କାର୍ଯ୍ୟକାରୀ ହେଲେ ରାଜ୍ୟର ବିଭିନ୍ନ କୋଣରୁ ଆସୁଥିବା ଗରିବ ରୋଗୀ ଏହାର ସୁଫଳ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ହିଁ ପାଇପାରିବେ।

ମୁଖ୍ୟତଃ ଦୁର୍ଘଟଣା ଯୋଗୁ ମେରୁଦଣ୍ଡ ଆଘାତ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀ, କିଡ୍‌ନୀ ରୋଗୀ, ରକ୍ତ କର୍କଟ ବିଭାଗ, ଯକ୍ଷ୍ମା, ସ୍ନାୟୁରୋଗ, ମାନସିକ ରୋଗ, ସମସ୍ତ ପ୍ରକାରର କ୍ୟାନସର, ପ୍ଲାଷ୍ଟିକ ସର୍ଜରୀ ତଥା ବର୍ନ ୟୁନିଟ୍‌ରେ ରୋଗୀମାନେ ମାସାଧିକ ସମୟ ରହି ଚିକିତ୍ସିତ ହୋଇଥାନ୍ତି । ଏହିସବୁ ରୋଗୀଙ୍କ ପାଇଁ ଓଏସ୍‌ଟିଏଫ୍, ବିଏସ୍‌କେୱାଇ ସହ ସରକାରୀ ଚିକିତ୍ସାଳୟରେ ସମସ୍ତ ଔଷଧ, ନିଦାନ ମାଗଣାରେ ମିଳୁଛି। ନିହାତି ଆର୍ଥିକ ସହାୟତା ଲୋଡୁଥିବା ରୋଗୀଙ୍କ ପାଇଁ ଜିଲାପାଳ ଓ ଚିକିତ୍ସା କରୁଥିବା ଡାକ୍ତରଙ୍କ ଅନୁମୋଦନକ୍ରମେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ଦିଆଯାଉଛି। କିନ୍ତୁ ଏହି ପ୍ରକ୍ରିୟା ଜରୁରିକାଳୀନ ରୋଗୀଙ୍କ ହାତ ପାଆନ୍ତାରେ ସରଳ ଓ ତ୍ୱରିତ ଭାବେ ମିଳିବା ପାଇଁ ନାନା ପ୍ରସ୍ତାବ ବାଢୁଛନ୍ତି ରୋଗୀଙ୍କ ସମ୍ପର୍କୀୟ, ସାମାଜିକ କର୍ମୀ।

ଦୁଇଜଣ ରୋଗୀଙ୍କ ସମ୍ପର୍କୀୟ ନିର୍ମଳା ପ୍ରଧାନ ଓ ମୀନା ନାୟକ କହିଛନ୍ତି ଯେ, ସେମାନେ ୩ ମାସରୁ ଅଧିକ ସମୟ ହେଲାଣି ଆସି ଏଠାରେ ନିଜ ଲୋକଙ୍କ ଚିକିତ୍ସା କରାଉଛନ୍ତି। ଏବେ ବର୍ଷକ ପାଇଁ ରଖିଥିବା ଧାନ, ବଳଦ ହଳ, ପାଖରେ ଥିବା ଅଳ୍ପ ସୁନା ବିକି ସାରିଲେଣି। ଗାଁକୁ ଫେରିବା ପାଇଁ ବି ତାଙ୍କ ପାଖରେ ସମ୍ବଳ ନାହିଁ। ଏଣେ ସକାଳ ପାହିଲେ ରୋଗୀଙ୍କୁ ଖାଦ୍ୟ, ପଥି ଦରକାର। ହସ୍ପିଟାଲରେ ଥିବା ଭିତରେ କିଛି ସାମୟିକ ଖର୍ଚ୍ଚ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ତତ୍‌କ୍ଷଣାତ୍ ବ୍ୟବସ୍ଥା ହୋଇପାରିଲେ ସେମାନଙ୍କ ସହ ଅନେକ ରୋଗୀ ଓ ସମ୍ପର୍କୀୟ ଉପକୃତ ହୁଅନ୍ତେ ବୋଲି କହିଛନ୍ତି। ଏନେଇ କଟକ ଜିଲାପାଳ କହିଛନ୍ତି, ଏ ଦିଗରେ କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗରୁ କାମ କରୁଛନ୍ତି । ଏହା ବ୍ୟତୀତ ଜିଲାପାଳଙ୍କ ପକ୍ଷରୁ ମଧ ଆବେଦନ ଆସିଲେ ସହାୟତା ଦିଆଯାଉଛି। ବର୍ତ୍ତମାନ ଆସିଥିବା ପ୍ରସ୍ତାବ ମଧ କିଛିମାତ୍ରାରେ ସହାୟକ ହୋଇପାରେ। ଆଞ୍ଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ର କଟକର ଡା. ଶୁଭ୍ରାଂଶୁ ଶେଖର ଦାସ କହିଛନ୍ତି, ରୋଗୀଙ୍କ ଆର୍ଥିକ ସଙ୍କଟ ବିଷୟ ଆମେ ବେଳେବେଳେ ଶୁଣୁ। କିନ୍ତୁ ଦାବି ଉଠିଥିବା ପ୍ରସ୍ତାବ କ'ଣ ରୂପରେଖ ନେବ, ତାହା ଏବେ ବି ଅସ୍ପଷ୍ଟ।

## ୧୨ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

ଖୋର୍ଦ୍ଧା ଅଫିସ/ଜଟଣୀ, ୨୭ା୫(ଡି.ଏନ.ଏ):

ଖୋର୍ଦ୍ଧାରେ ଲକଡାଉନ କଟକଣାକୁ ଫୁ କରି ବେଧଡ଼କ ଚାଲିଛି ନିଶା କାରବାର। ଏହି ସମୟରେ କଟକ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ବୁଧବାର ଭୋର୍ ସମୟରେ ସ୍ଥାନୀୟ ମୁକୁନ୍ଦପ୍ରସାଦ ଛକରେ ଚଢ଼ାଉ କରି ୧୦୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ଜଣଙ୍କୁ ଗିରଫ କରିଛି । ସେ ହେଲେ ଜଟଣୀ ବାଲିଛକ ମୁଣ୍ଡିଆ ସାହିର ଏସ.କେ. ସରିଫ। ଏ ନେଇ ପୋଲିସ ନଂ.୨୧/୨୦ରେ ମାମଲା ରୁଜୁ କରିଛି। ପୋଲିସ ତାଙ୍କଠାରୁ ବ୍ରାଉନସୁଗାର ସମେତ ୧୨ ହଜାର ଟଙ୍କା ଓ ଗୋଟିଏ ୭ ଏମ୍‌ଏମ୍ ବନ୍ଧୁକ ଜବତ କରିଛି। ଜବତ ବ୍ରାଉନ୍‌ସୁଗାରର ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ କହିଛି। କୋଭିଡ-୧୯ ଲେଖାଥିବା ଷ୍ଟିକର ବାଇକ୍ ଓ କାର୍ ଆଗରେ ଲଗାଇ ଖୋର୍ଦ୍ଧା ଓ ଜଟଣୀରେ ଫରିଦ ନିଶା କାରବାର ଚଳାଉଥିଲା। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଫରିଦ ମୁକୁନ୍ଦପ୍ରସାଦ ଛକରେ ନିଶା ବିକ୍ରି ପାଇଁ ଅପେକ୍ଷା କରିଥିବାବେଳେ ପୋଲିସ ଗ୍ରାହକ ସାଜି ଧରିଥିଲେ। ଫରିଦଙ୍କୁ ପଚରାଉଚୁରା ପରେ ଜଟଣୀ ରାଜାବଜାର ଅଞ୍ଚଳରେ ସେ ରହୁଥିବା ଏକ ଭଡ଼ାଘର ସହ ଅନ୍ୟ ସହଯୋଗୀଙ୍କ ଘର ଉପରେ ଅବକାରୀ ବିଭାଗ ଚଢ଼ାଉ କରିଥିଲେ। କିନ୍ତୁ ସେଠାରେ କେବଳ ବନ୍ଧୁକ ମିଳିଥିବାବେଳେ ଅନ୍ୟ ସହଯୋଗୀମାନେ ଫେରାର ହୋଇଯାଇଥିଲେ। ଚଢ଼ାଉରେ ଅବକାରୀ ବିଭାଗ ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ, ଗୋଲୁରଞ୍ଜନ ସୋରେନ୍, ପ୍ରଦୀପ ବେହେରା, କିଶୋର ରାଉତ ଓ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ସଙ୍ଗରୋଧ କେନ୍ଦ୍ରରେ ଭୀଷଣ ଅବ୍ୟବସ୍ଥା

**ଭାଜପାର ଦାବିପତ୍ର**

କଟକ ଅଫିସ,୨୭ା୫

କଟକ ଜିଲାର ସଙ୍ଗରୋଧ କେନ୍ଦ୍ରରେ ନାନା ଅବ୍ୟବସ୍ଥା ଅଭିଯୋଗ କରି ଭାଜପା ପକ୍ଷରୁ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ବୁଧବାର ଦାବିପତ୍ର ଦିଆଯାଇଛି। ଜିଲାରେ ୬୧୨ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ୨୧ ହଜାରରୁ ଊର୍ଦ୍ଧ୍ୱ ଶଯ୍ୟା ବ୍ୟବସ୍ଥା ହୋଇଛି। ଜିଲାକୁ ଫେରିବା ପାଇଁ ୫୮,୩୧୫ ପ୍ରବାସୀ ନାମ ପଞ୍ଜୀକରଣ କରିଥିବା ବେଳେ ୨୪ ତାରିଖ ସୁଦ୍ଧା ୧୩,୨୩୩ ଜଣ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ୭୨୪ ଜଣଙ୍କର ୨୧ଦିନିଆ ସଙ୍ଗରୋଧ ଅବଧି ଶେଷ ହୋଇଛି। କିନ୍ତୁ ୧୪ ଦିନ ହେବା ପରେ ଅନେକଙ୍କୁ ସଙ୍ଗରୋଧ କେନ୍ଦ୍ରରୁ ବାଧ୍ୟତାମୂଳକ ବିଦା କରିଦିଆଯାଉଛି। ସେମାନଙ୍କ କୋଭିଡ୍ ଟେଷ୍ଟ ମଧ ହେଉନାହିଁ। ଏହାଦ୍ୱାରା ଗ୍ରାମାଞ୍ଚଳରେ ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି। ନରସିଂହପୁରରେ ଏଭଳି ଘଟଣା ଦେଖାଦେଇଛି। ତେଣୁ ଭାଜପା ଦାବି କରିଛି ଯେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରବାସୀଙ୍କ କୋଭିଡ୍ ଟେଷ୍ଟ ରିପୋର୍ଟ ନ ଆସିବା ଯାଏ ସେମାନଙ୍କୁ ବିଦା କରା ନ ଯାଉ। ଯେଉଁମାନଙ୍କ ଗୃହ ସଙ୍ଗରୋଧ ବ୍ୟବସ୍ଥା ନାହିଁ, ସେମାନଙ୍କୁ ସରକାରୀ ସଙ୍ଗରୋଧରେ ରଖାଯାଉ। ଦାବିପତ୍ର ପ୍ରଦାନ ବେଳେ ଜିଲା ଭାଜପା ସଭାପତି ପ୍ରକାଶ ବେହେରା, ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତି, ପୂର୍ବତନ ମନ୍ତ୍ରୀ ସମୀର ଦେ, ରାଜ୍ୟ ସମ୍ପାଦକ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ସରକାରଙ୍କ ନୂଆ ମଦ ନୀତିରେ ହୋମ୍ ଡେଲିଭରି ବ୍ୟବସ୍ଥାକୁ ବିରୋଧ କରି ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବୁଧବାର ମାଷ୍ଟରକ୍ୟାଣ୍ଟିନଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ଖୋର୍ଦ୍ଧା ଉପଖଣ୍ଡରେ ୭ କରୋନା ପଜିଟିଭ ଚିହ୍ନଟ

ଖୋର୍ଦ୍ଧା ଅଫିସ,୨୭ା୫ :

ଖୋର୍ଦ୍ଧା ଉପଖଣ୍ଡରେ ପୁଣି ୭ କରୋନା ପଜିଟିଭ ବୁଧବାର ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ବାଣପୁର ବ୍ଲକ ୪ ଏବଂ ବାଲୁଗାଁ ବ୍ଲକରୁ ୩ ଜଣ ରହିଛନ୍ତି। ବାଣପୁର ଚିହ୍ନଟଙ୍କ ମଧ୍ୟରେ ଜଣେ ୮ବର୍ଷ ନାବାଳକ ଥିବାବେଳେ ୩୫, ୪୪ ଏବଂ ୨୦ବର୍ଷୀୟ ଯୁବକ ରହିଛନ୍ତି। ସେହିପରି ବାଲୁଗାଁ ଅଞ୍ଚଳରେ ଜଣେ ୨୩, ୨୮ ଓ ୩୦ ବର୍ଷ ପୁରୁଷ ଥିବା ଜଣାପଡ଼ିଛି। ଚିହ୍ନଟ ହୋଇଥିବା ସମସ୍ତ ବ୍ୟକ୍ତି କ୍ୱାରାଣ୍ଟାଇନ ସେଣ୍ଟରରେ ଥିବା ଜଣାପଡ଼ିଛି।

## ଉଚ୍ଚଶିକ୍ଷା ବିଭାଗର ନିଷ୍ପତ୍ତିକୁ ଏବିଭିପିର ବିରୋଧ

ଭୁବନେଶ୍ୱର, ୨୭ା୫ (ବ୍ୟୁରୋ)

ଚଳିତବର୍ଷ +୩ ଦ୍ୱିତୀୟ ଓ ଚତୁର୍ଥ ସେମିଷ୍ଟର ଏବଂ ପିଜି ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଉଚ୍ଚଶିକ୍ଷା ବିଭାଗର ଏହି ନିଷ୍ପତ୍ତିକୁ ଏବିଭିପି ବିରୋଧ କରି ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିଛି। ସଂଗଠନର ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର କହିଛନ୍ତି, ସାମୂହିକ ପ୍ରମୋଶନ ଫଳରେ ଛାତ୍ରୀଛାତ୍ରଙ୍କ ବୌଦ୍ଧିକତାର ପରୀକ୍ଷା ହୋଇପାରିବ ନାହିଁ। କରୋନା ମହାମାରୀ ଯୋଗୁ ସଭିଏ ଏକ ଅସ୍ୱାଭାବିକ ପରିସ୍ଥିତିର ଶିକାର ହୋଇଛନ୍ତି ଏହା ସ୍ପଷ୍ଟ। ହେଲେ ଏଥିଯୋଗୁ ପରୀକ୍ଷା ବିଳମ୍ବ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇପାରେ। କିନ୍ତୁ ପରୀକ୍ଷା ବନ୍ଦ କରିବା ଆଦୌ ଗ୍ରହଣୀୟ ନୁହେଁ। ବର୍ତ୍ତମାନ ପରିସ୍ଥିତିରେ ପରୀକ୍ଷାର ଅନେକ ବିକଳ୍ପ ଅଛି। ସରକାର ସେଗୁଡ଼ିକ ଉପରେ ପୁନଃବିଚାର କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ବିକ୍ଷୋଭବେଳେ ସଂଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଏବିଭିପି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କାରଯାଉଛି ।

## ଲୁଟେରାଙ୍କୁ କାବୁକରି ପୋଲିସ ଜିମା

ମାହାଙ୍ଗା, ୨୭ା୫(ସ୍ୱ.ପ୍ର.)

ମାହାଙ୍ଗା ଥାନା ଜୟପୁର ଫାଣ୍ଡି କୁଆଁପାଳସ୍ଥିତ ବିରୂପା ନଦୀ ପୋଲ ଉପରୁ ବୁଧବାର ଜଣେ ଲୁଟେରା ଲୋକଙ୍କ ହାତରେ ଧରାପଡ଼ିଛନ୍ତି। ଏନେଇ ମୂଳବସନ୍ତ ପଞ୍ଚାୟତ ଗୁଣ୍ଡୁପୁର ଗ୍ରାମର ସଞ୍ଜୟ ସାହୁ ମାହାଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଦିନ ସାଢ଼େ ୧୧ଟା ବେଳେ ସେ ମାହାଙ୍ଗା ବ୍ଲକ କୁଆଁପାଳ ପଟରୁ ବାଇକ୍‌ରେ ସ୍ତ୍ରୀ ସୁମିତ୍ରା ଓ ୫ ମାସର ଶିଶୁପୁତ୍ର ସହ ଘରକୁ ଫେରୁଥିଲେ। ବିରୂପା ନଦୀ ପୋଲ ଉପରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ସ୍ତ୍ରୀଙ୍କ ବେକରୁ ସୁନା ହାର ଛିଣ୍ଡାଇ ଦ୍ରୁତ ଗତିରେ ଚାଲିଯାଇଥିଲେ। ସଂଜୟ ସେମାନଙ୍କ ପିଛା କରିବାରୁ ଲୁଟେରା କୋଠପଦା ବଜାରଠାରେ ଭାରସାମ୍ୟ ହରାଇ ବାଇକ୍‌ରୁ ପଡିଯାଇଥିଲେ। ଜଣେ ଲୁଟେରା ବାଇକ୍ ଛାଡି ଖସିଯାଇଥିବା ବେଳେ ଅନ୍ୟ ଜଣେ ଧରାପଡିଥିଲେ। ଲୁଟେରାଙ୍କୁ ଜୟପୁର ଫାଣ୍ଡିରେ ପୋଲିସ ଜିମା ଦିଆଯାଇଛି।

# ଅସହାୟ କରିଦେଇଛି ଲକ୍‌ଡାଉନ୍

କଟକ ଅଫିସ,୨୭ା୫

■ ଦୁଇ ଅନାଥଙ୍କୁ କୋଳେଇ ଘର ଛାଡ଼ିଥିଲେ ମୁକୁନ୍ଦ
■ ଦୋକାନ ବନ୍ଦ ଯୋଗୁ ସେମାନଙ୍କ ପେଟଚିନ୍ତା ଘାରୁଛି

ଷ୍ଟେଶନରୁ ଦୁଇ ଜଣ ଅନାଥ ପିଲାଙ୍କୁ କୋଳେଇନେବା ଯୋଗୁ ବି. ମୁକୁନ୍ଦ ରାଓଙ୍କୁ ନିଜ ଘରୁ ବିଦା ହେବାକୁ ପଡ଼ିଥିଲା। ଘରଠାରୁ ଦୂରରେ ସର୍ଭିସିଂ ଦୋକାନ ଖୋଲି ଦୀର୍ଘବର୍ଷ ଧରି ସେ ଗୁଜୁରାଣ ଚଳାଇ ଆସୁଥିଲେ। ଲକ୍‌ଡାଉନ୍ ପାଇଁ ପ୍ରାୟ ୬୦ ଦିନ ହେଲା ଦୋକାନ ବନ୍ଦ ରହିବା ଯୋଗୁ ଏବେ ମୁକୁନ୍ଦଙ୍କ ମୁଣ୍ଡରେ ଗୁଜୁରାଣ ଚିନ୍ତା ଘାରୁଛି।

ମୁକୁନ୍ଦଙ୍କ ବୟସ ୪୫ ଛୁଇଁଲାଣି। କଟକ ପଟ୍ଟାପୋଲ ଅଞ୍ଚଳରେ ନିଜ ଘର ଅଛି। କିନ୍ତୁ ସ୍ତ୍ରୀ ଓ ୪ ପିଲାଙ୍କୁ ଧରି ଚାଉଳିଆଗଞ୍ଜରେ ସେ ରହୁଛନ୍ତି। ବିବାହର କିଛି ଦିନ ପରେ ନିଜ ଶଶୁର ଘରୁ ଫେରୁଥିବା ବେଳେ ବିଶାଖାପାଟଣା ଷ୍ଟେଶନରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ ମୁକୁନ୍ଦ। ସେଠାରେ ଦୁଇଜଣ ଅନାଥ ପିଲାଙ୍କୁ ପାଇ ନିଜ ସହ କଟକ ନେଇଆସିଥିଲେ। କିନ୍ତୁ ମୁକୁନ୍ଦଙ୍କୁ ତାଙ୍କ ବାପା ଘରେ ପୂରାଇ ଦେଇ ନ ଥିଲେ। ସାଙ୍ଗରେ ଆଣିଥିବା ପିଲା ଦୁଇଟିଙ୍କୁ ଛାଡ଼ିଦେଇ ଆସିବାକୁ ତାଙ୍କ ବାପା କହିବା ପରେ ମୁକୁନ୍ଦ ସ୍ତ୍ରୀ ଓ ଉକ୍ତ ପିଲା ଦୁଇଟିଙ୍କୁ ଧରି ଘରୁ ପଳେଇ ଆସିଲେ। ଚାଉଳିଆଗଞ୍ଜର ଏକ ଭଡ଼ାଘରେ ରହି ମାଛୁଆ ବଜାର ଛକ ଉପରେ ଗାଡ଼ି ସର୍ଭିସିଂ ଦୋକାନ ଆରମ୍ଭ କରିଥିଲେ। ପିଲା ଦୁଇ ଜଣଙ୍କ ନାମକରଣ ସହ ସେମାନଙ୍କୁ ସ୍କୁଲରେ ଦାଖଲ କରାଇଥିଲେ। ପୁଅ ବି. ଶ୍ରୀନିବାସ ଓ ଝିଅ ବି. ରାଜେଶ୍ୱରୀ। ପରେ ମୁକୁନ୍ଦଙ୍କର ଆଉ ଦୁଇଟି ପୁଅ ହେଲେ। ଦୁଇ ଅନାଥ ପିଲାଙ୍କୁ ସ୍ନେହ ଦେଇ ସେମାନଙ୍କର ପାଳନ ପୋଷଣ କରିଥିବା ମୁକୁନ୍ଦଙ୍କ ଚିନ୍ତା କିନ୍ତୁ ଏବେ ବଢ଼ିଯାଇଛି। ଲକ୍‌ଡାଉନ୍ ଯୋଗୁ ବ୍ୟବସାୟ ବନ୍ଦ ରହିବା ପରେ ତାଙ୍କ ଆର୍ଥିକ ସ୍ଥିତି ଦୋହଲିଗଲାଣି। ଏବେ ହାତ ଗଣତି ଗାଡ଼ି ପଲିସି ପାଇଁ ଆସୁଥିବାରୁ ସେଥିରୁ ମିଳୁଥିବା ଅର୍ଥରୁ ଦୋକାନରେ କାମ କରୁଥିବା ଦୁଇଟି ପିଲାଙ୍କୁ ଦରମା ଦେବାକୁ ପଡୁଛି। ଯାହା ବଳୁଛି ସେଥିରେ ଘର ଚଳିବା କଷ୍ଟ। ସରକାର କିଛି ସହାୟତା ଦେଲେ ସେ ଉପକୃତ ହେବେ ବୋଲି କହିଛନ୍ତି।


ବି. ମୁକୁନ୍ଦ ରାଓ

## ସ୍ୱାଧୀନତା ସଂଗ୍ରାମୀଙ୍କ ଧର୍ମପତ୍ନୀଙ୍କ ପରଲୋକ

ରସୁଲପୁର, ୨୭।୫ (ଡି.ଏନ୍.ଏ.): ସ୍ୱାଧୀନତା ସଂଗ୍ରାମୀ ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ପରମାନନ୍ଦ ମହାନ୍ତିଙ୍କ ଧର୍ମପତ୍ନୀ ଅଧରମଣୀ ଦେବୀ(୧୦୮)ଙ୍କର ବୁଧବାର ପରଲୋକ ଘଟିଛି। ଖବରପାଇ ଧର୍ମଶାଳା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ବାହାଦଲାପୁରସ୍ଥ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତିନିପୁଅ, ଝିଅ ଓ ନାତି ଦିଲ୍ଲୀପ ଦାସଙ୍କ ଉପସ୍ଥିତିରେ ସାମାଜିକ ଦୂରତା ରକ୍ଷା କରାଯାଇ ତାଙ୍କ ମୃତଦେହ ସତ୍କାର କରାଯାଇଥିଲା। ଅଧରମଣୀ ମୃତ୍ୟୁରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ ବଳ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ସଂକ୍ଷେପରେ

## ନୟାଗଡ଼ରେ ଆଉ ୨ କରୋନା ଆକ୍ରାନ୍ତ

ନୟାଗଡ଼ ଅଫିସ/ରଣପୁର, ୨୭।୫(ସ୍ୱ.ପ୍ର.): ନୟାଗଡ ଜିଲାରେ ଆଉ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନେ ରଣପୁର ବ୍ଲକର ନରେନ୍ଦ୍ରପୁର କ୍ୱାରାଣ୍ଟାଇନ୍ ସେଣ୍ଟରର ୪୫ ଓ ୪୨ ବର୍ଷର ସୁରଟ ଫେରନ୍ତା ଦମ୍ପତି। ଏମାନଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରେ ପହଞ୍ଚିଛି। ୬ ଜଣ ସୁସ୍ଥ ହେବା ପରେ ୪୪ଜଣ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ସିଡିଏମ୍ଓ ଶ୍ୱେତ ମହାପାତ୍ର ସୂଚନା ଦେଇଛନ୍ତି।

## ଜଗତ୍ସିଂହପୁରରେ ପୁଣି ୬ କରୋନା ପଜିଟିଭ୍ ଚିହ୍ନଟ

ଜଗତ୍ସିଂହପୁର ଅଫିସ,୨୭।୫: ଜଗତ୍ସିଂହପୁର ଜିଲାରେ ପୁଣି ୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସମସ୍ତ ୬ ଜଣ ତିର୍ତ୍ତୋଲ ବ୍ଲକ ଅଞ୍ଚଳର ଏବଂ ସେମାନେ ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ଗତ ୨୨ ତାରିଖରେ ସଂଗୃହୀତ ୨୦୮ ନମୁନା ମଧ୍ୟରୁ ଏହି ୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କମେରାନା ସଂକ୍ରମିତମାନେ ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ଫେରନ୍ତା ହୋଇଥିବାବେଳେ ସେମାନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

## ଗୋଷ୍ଠୀ ସଂଘର୍ଷ: ୨ ଗୁରୁତର

କୁଜଙ୍ଗ,୨୭।୫(ଡି.ଏନ.ଏ.): କୁଜଙ୍ଗ ଥାନା ଅଧୀନ ପାରିଅଙ୍ଗ ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ପୋତାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୨ ଜଣ ଆହତ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ବାତ୍ୟା ଅମ୍ଫନ ପ୍ରଭାବରେ ଉକ୍ତ ଗ୍ରାମର ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଥିଲା। ଯେଉଁସ୍ଥାନରେ ଖୁଣ୍ଟ ଭାଙ୍ଗିଥିଲା ସେହି ସ୍ଥାନରେ ନୂଆ ଖୁଣ୍ଟ ପୋତିବା ପାଇଁ ଗୋଟିଏ ପକ୍ଷ ଜିଦ୍ ଧରିଥିବାବେଳେ ଅନ୍ୟ ପକ୍ଷ ଅନ୍ୟସ୍ଥାନରେ ଖୁଣ୍ଟ ପକାଇବାକୁ ଜିଦ୍ ଧରିଥିଲେ। ଘଟଣାକୁ କେନ୍ଦ୍ରକରି ସନ୍ଧ୍ୟାରେ ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ଗ୍ରାମର ଗଜେନ୍ଦ୍ର ସେଠୀ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଗୁରୁତର ହୋଇଥିଲେ। ଗୋବିନ୍ଦ ନାୟକ ଓ ତାଙ୍କ ସ୍ତ୍ରୀ ଆହତ ହୋଇ ଥାନାରେ ଅଟକ ଅଛନ୍ତି।

## ଗାଡ଼ି ସହ ୪୫ ଲିଟର ମଦ ଜବତ

ଯାଜପୁର ଟାଉନ୍,୨୭।୫ (ଡି.ଏନ୍.ଏ.): ଉପରେ ପରିବା ଭିତରେ ମଦ ଚାଲାଣ କରାଯାଉ ଏକ ଗାଡ଼ିକୁ ବୁଧବାର ଯାଜପୁର ପରିବା ମାର୍କେଟରୁ ଜବତ କରାଯାଇଛି। ଜିଲା ଅବକାରୀ ବିଭାଗ ପକ୍ଷରୁ ସେହି ଗାଡ଼ିରୁ ୫ଟି ଟ୍ରେରେ ୪୫ ଲିଟର ମଦ ଜବତ ହୋଇଛି। ଏହି ଗାଡି କୋରେଇରୁ ପଶ୍ଚିମବଙ୍ଗ କୁନ୍ଦୁରି ଓ ବିନ୍ସ ନେଇ ଯାଜପୁରକୁ ଫେରିଥିଲା। ଗାଡ଼ିଟି ପଶ୍ଚିମବଙ୍ଗ ସୀମା ପାର ହୋଇ ସେଠାରେ ପରିବା ଲୋଡ଼ କରି ଯାଜପୁରକୁ ଫେରିଥିଲା। ଅବକାରୀ ବିଭାଗର ଡେପୁଟି ସୁପରିଟେଣ୍ଡ ରଜତ କୁମାର ପ୍ରହରାଜଙ୍କ କହିବା ଅନୁସାରେ ପରିବା ମାର୍କେଟରେ ଗାଡି ଥିବା ଅବସ୍ଥାରେ ଏହି ଗାଡି ଜବତ ହେବା ସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚୁରା ଜାରି ରହିଛି।

## ନିରାଡ଼ମ୍ବର ଭାବେ ହେଲା ଶିବପାର୍ବତୀ ବିବାହ

ବିଞ୍ଝାରପୁର, ୨୭।୫ (ଡି.ଏନ୍.ଏ.): ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀ ବା ଶୀତଳ ଷଷ୍ଠୀ ଅବସରରେ ବୁଧବାର ବରୁଣେଶ୍ୱର କ୍ଷେତ୍ରରେ ଶିବପାର୍ବତୀ ବିବାହ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଲକ୍ଡାଉନ୍ କଟକଣା ଯୋଗୁ ବିବାହ ଉତ୍ସବରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ବିଧି ଅନୁସାମରେ ପୂଜାର୍ଚ୍ଚନା କରାଯାଇଥିଲା। ବିବାହ ଉତ୍ସବରେ ପାର୍ବତୀଙ୍କ ପିତା ଭାବେ ଯୁବ ସଂଗଠକ ରୋମିଓ ରୋପନ ରାଉତ ଓ ଶିବଙ୍କ ପିତା ଭାବେ ସାମଲ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ନରେନ୍ଦ୍ର ପଣ୍ଡା, ପର୍ଶୁରାମ ପଣ୍ଡା ଓ ବାଚନ ପଣ୍ଡା ପୂଜା କାର୍ଯ୍ୟ ସମାପନ କରିଥିଲେ।

# ଶିଳ୍ପପ୍ରୀତି ଯୋଗୁ ସଙ୍କଟରେ କୃଷି

ଯାଜପୁର ଅଫିସ,୨୭।୫


କାରଖାନାରୁ ନିର୍ଗତ ବର୍ଜ୍ୟଜଳ।

- ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି ଜିଲାର ପ୍ରାୟ ୯୦ହଜାର
- କରୋନା କଟକଣା ପରେ ଫେରିଲେଣି ୧୨,୬୭୫ ପ୍ରବାସୀ
- କୃଷିକୁ ଆପଣେଇବାକୁ ମନ ବଳାଉଛନ୍ତି ପ୍ରବାସୀ

କରୋନା ସଂକ୍ରମଣ ପାଇଁ ଦେଶର ଅର୍ଥନୀତି ଦୁର୍ବଳ ହୋଇପଡ଼ିଥିବା ବେଳେ ଜିଡିପି ବୃଦ୍ଧି ହାର ନେଗେଟିଭ ରହିଛି। ଆଗାମୀ ଦିନରେ ଭୟଙ୍କର ବିପତ୍ତିରୁ ରକ୍ଷା ପାଇଁ ସାଧାରଣ ଲୋକଙ୍କ ଆୟ ବୃଦ୍ଧି କରିବାକୁ ଗତ ୨୨ ତାରିଖରେ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଦେଶର ୬୦ ଭାଗ ଲୋକ ଚାଷ ଉପରେ ନିର୍ଭର କରୁଥିବାରୁ ଅର୍ଥନୀତି ସୁଦୃଢ଼ କରିବାକୁ ହେଲେ କୃଷିକୁ ପ୍ରାଧାନ୍ୟ ଦେବାକୁ ହେବ ବୋଲି ସେ ମତ ରଖିଛନ୍ତି। ଅନ୍ୟପଟେ ଅର୍ଥନୈତିକ ସଙ୍କଟରୁ ମୁକୁଳିବାକୁ ଜୀବନ ରକ୍ଷା ସହ ଜୀବିକାର ପୁନରୁଦ୍ଧାର ନିହାତି ଆବଶ୍ୟକ ବୋଲି ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଆହ୍ୱାନ ଦେଇଛନ୍ତି। କିନ୍ତୁ ଯାଜପୁର ଜିଲାରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। କଳିଙ୍ଗନଗର ଶିଳ୍ପ କାରଖାନାର ବାୟୁ ଓ ଜଳ ପ୍ରଦୂଷଣ ଯୋଗୁ ଆଖପାଖର ବହୁ ଚାଷ ଜମି ପଡ଼ିଆ ପଡୁଛି। ଏସ୍ପିସିବିର କୃଷିମାରଣ ନୀତି ଓ ଶିଳ୍ପ ପ୍ରୀତି କୃଷିକୁ ବିପର୍ଯ୍ୟୟମୁଖୀ କରିଛି ବୋଲି କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ମଧ୍ୟ ଅଭିଯୋଗ କରାଯାଇଛି। ଏହି ମର୍ମରେ ସମିତି ପକ୍ଷରୁ ଆରବିଆଇ ଗଭର୍ଣ୍ଣର, ମୋ ସରକାର, ମୁଖ୍ୟମନ୍ତ୍ରୀ, ଏସପିସିବି, ସିପିସିବି ପ୍ରମୁଖଙ୍କୁ ଟୁଇଟ ଯୋଗେ ଦୃଷ୍ଟି ଆକର୍ଷଣ କରାଯାଇଛି।

ଜିଲାରେ ଏକାଧିକ ଶିଳ୍ପ କାରଖାନା ଥାଇ ସୁଦ୍ଧା ପ୍ରାୟ ୯୦ ହଜାର ପ୍ରବାସୀ ଶ୍ରମିକ ଓଡ଼ିଶା ବାହାରେ ଦାଦନ ଖଟୁଛନ୍ତି। କରୋନା ପାଇଁ ଲକ୍ଡାଉନ୍ ହେବା ପରେ ମଙ୍ଗଳବାର ସୁଦ୍ଧା ୧୨,୬୭୫ ପ୍ରବାସୀ ଜିଲାକୁ ଫେରି ଆସିଛନ୍ତି। ଏହି କ୍ରମରେ ଅର୍ଥନୀତିକୁ ସଜାଡ଼ିବାକୁ ହେଲେ ବ୍ୟକ୍ତିଗତ ଭାବେ ଆୟ ବୃଦ୍ଧି ନିହାତି ଆବଶ୍ୟକ। ତେବେ ପ୍ରବାସୀଙ୍କୁ ରୋଜଗାର ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଥିଲା ବେଳେ ଏଭଳି ସ୍ଥିତିରେ ଅନେକେ ଚାଷକୁ ଆଦରି ନେବାକୁ ମନ ବଳାଉଛନ୍ତି। ତେବେ ଚଳିତବର୍ଷ ଜୁନ ତୃତୀୟ ସପ୍ତାହ ବେଳକୁ ମୌସୁମୀ ଓଡିଶା ଛୁଇଁପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବା ବେଳେ ଚାଷ କାର୍ଯ୍ୟ ପାଇଁ ଏହାର ସଠିକ ପରିଚାଳନା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଏଥିସହ ସବୁ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରିବା ସହ ପୁଷ୍କରିଣୀ, ହ୍ରଦ ଆଦିର ପୁନରୁଦ୍ଧାର କରାଯିବା ଆବଶ୍ୟକ। ଚାଷୀଙ୍କୁ ଉନ୍ନତମାନର ବିହନ, ସାର, କୃଷି ଉପକରଣ, ଜ୍ଞାନ କୌଶଳ ଯୋଗାଇ ଦିଆଗଲେ ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ ସମସ୍ତେ ନିଶ୍ଚିତ ହୋଇପାରନ୍ତେ। ଏଥିଦ୍ୱାରା ଚାଷୀ, ଶ୍ରମିକ ଓ ସାଧାରଣ ଲୋକେ ଆତ୍ମନିର୍ଭରଶୀଳ ହେବା ସହ ଅର୍ଥନୀତିରେ ସୁଧାର ଆସିପାରିବ ବୋଲି ମତ ପ୍ରକାଶ ପାଇଛି। ହେଲେ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ କାରଖାନାର ଉତ୍କଟ ପ୍ରଦୂଷଣ କୃଷି କ୍ଷେତ୍ରକୁ ସମ୍ପୂର୍ଣ୍ଣ ଭାବେ ଉଜାଡ଼ି ଦେଉଛି। ଏଥିପ୍ରତି ଏସ୍ପିସିବି କିମ୍ବା ପ୍ରଶାସନ ଆଦୌ ଦୃଷ୍ଟି ନ ଦେବା ଚାଷୀକୁଳଙ୍କୁ ବ୍ୟଥିତ କରିଛି। ଏ ନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ବି କେହି ଶୁଣୁ ନାହାନ୍ତି। ପରିବେଶ ମଞ୍ଜୁରୀରେ ସ୍ପଷ୍ଟ ଭାବେ ଶୂନ୍ୟ ବର୍ଜ୍ୟଜଳ ନିଷ୍କାସନ ଉପରେ ନିର୍ଦ୍ଦେଶ ରହିଥିଲେ ହେଁ କୌଣସି କାରଖାନା ଏହାକୁ ମାନୁନାହାନ୍ତି। ଭିସା ଷ୍ଟିଲ, ବିଆରପିଏଲ, ଟାଟା ଷ୍ଟିଲ, ଜିନ୍ଦଲ ଷ୍ଟେନଲେସ ଷ୍ଟିଲ, ରୋହିତ ଫେରୋଟେକ ପ୍ରଭୃତି କାରଖାନାର ବର୍ଜ୍ୟଜଳ ଗଣ୍ଡନାଳା ଦେଇ ଚାଷ ଜମିକୁ ବୋହୁଛି। ଫଳରେ ଚାଷ ଜମିର ଉର୍ବରତା ନଷ୍ଟ ହେଉଥିବାରୁ କୃଷିର ବିକାଶ ସହ ଅର୍ଥନୀତିର ସୁଧାର କିପରି ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଏସପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ, କାରଖାନାର ବର୍ଜ୍ୟଜଳକୁ ନିୟମିତ ଭାବେ ପରୀକ୍ଷା କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କୌଣସି ଶିଳ୍ପ କାରଖାନା ସହିତ ଏସପିସିବି ଅନୁକମ୍ପା ପ୍ରଦର୍ଶନ କରୁନାହିଁ ବୋଲି କହିଛନ୍ତି।

## କୋଠଜମିରେ ଫାର୍ମ ପଣ୍ଡ୍ ଖନନ


କୋଠଜମିରେ ଖୋଳାଯାଇଥିବା ପୋଖରୀ।

### ଏମ୍ଜିଏନ୍ଆର୍ଇଜିଏସ୍‌ରେ ଦୁର୍ନୀତି

ଓଡ଼ଗାଁ,୨୭।୫(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପାଣ୍ଡେରୀପଡା ପଞ୍ଚାୟତର ଏକ କୋଠ ଜମିରେ ଫାର୍ମ ପଣ୍ଡ୍ ଖୋଳିବା ନେଇ ଅଭିଯୋଗ ହୋଇଛି। ଏମ୍ଜିଏନ୍ଆର୍ଇଜିଏସ୍ ଅଧୀନ କାର୍ଯ୍ୟାଦେଶ ସଂଖ୍ୟା ୨୪୨୨୦୦୫/୨୦୧୯-୨୦ ଅନୁସାରେ ଏହି ପ୍ରକଳ୍ପ ନିମନ୍ତେ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ପରିବାରର ଅନ୍ୟ ଅଂଶୀଦାରଙ୍କ ବିନା ଅନୁମତିରେ ଜନ୍ମେଜୟ ପରିଡ଼ା ଫାର୍ମ ପଣ୍ଡ୍ ଖୋଳୁଥିବା ନେଇ ଗ୍ରାମର ତପନ ପରିଡା, ପ୍ରଦୀପ କୁମାର ପରିଡା ଓ ଭରତ ପରିଡା ଅଭିଯୋଗ କରିଛନ୍ତି। ସେମାନେ ୫-ଟି ସଚିବ, ବିଡିଓ ଓଡ଼ଗାଁ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ଭିଜିଲାନ୍ସକୁ ଲିଖିତ ଅଭିଯୋଗ କରିଥିବା ନେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି। କେଉଁ ପରିସ୍ଥିତିରେ ସେମାନଙ୍କ ଜେଜେବାପାଙ୍କ ନାମରେ ଥିବା ଜମିରେ ଫାର୍ମ ପଣ୍ଡ୍ ଖୋଳିବା ନିମନ୍ତେ ବ୍ଲକ କର୍ତ୍ତୃପକ୍ଷ ଏକତରଫା ଭାବେ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି ସେ ନେଇ ମଧ୍ୟ ସେମାନେ ସୂଚନା ଅଧିକାର ନିୟମାନୁସାରେ ଆବେଦନ କରିଛନ୍ତି। ଅନ୍ୟ ଜବ୍ କାର୍ଡଧାରୀଙ୍କ ନାମରେ ସେମାନଙ୍କ ଅଗୋଚରରେ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ସମ୍ପୃକ୍ତ ବ୍ୟକ୍ତି ପୋଖରୀ ଖୋଳୁଥିବା ସେମାନେ ଅଭିଯୋଗରେ ଦର୍ଶାଇ ଏହାର ତଦନ୍ତ କରିବା ସହିତ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ କନିଷ୍ଠ ଯନ୍ତ୍ରୀ ସନ୍ତୋଷ ମଲ୍ଲିକ କହନ୍ତି, ପରିବାର ଅନ୍ୟ ଭାଇମାନଙ୍କ ଅଭିଯୋଗ ମିଳିବା ପରେ କାର୍ଯ୍ୟ ବନ୍ଦ କରାଯାଇଥିବା ବେଳେ କେବଳ ଆଂଶିକ ପେମେଣ୍ଟ ହୋଇଥିବା କଥାକୁ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷେ ଏ ନେଇ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟଙ୍କ ମତାମତ ନେବାରୁ ଏହାର ବିଭାଗୀୟ ତଦନ୍ତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ୫ ତହସିଲଦାରଙ୍କୁ ତାଗିଦ୍ କଲେ ଜିଲାପାଳ

ଜଗତ୍ସିଂହପୁର ଅଫିସ,୨୭।୫

- ତହସିଲ ଟୁଇଟର ଆକାଉଣ୍ଟ ଅପଡେଟ୍ ହେଉନି

ଲକ୍ଡାଉନ ସମୟରେ ଘରେ ବସି ପ୍ରଶାସନ ନିକଟରେ ଅଭିଯୋଗ କରି ସମାଧାନ ପାଇଁ ଟୁଇଟର୍ ସୁଯୋଗ ସୃଷ୍ଟି କରୁଛି। କିନ୍ତୁ ଜଗତ୍ସିଂହପୁର ଜିଲାର କୁଜଙ୍ଗ, ନାଉଗାଁ, ବିରିଡ଼ି, ବାଲିକୁଦା ଓ ଜଗତ୍ସିଂହପୁର ତହସିଲ କାର୍ଯ୍ୟାଳୟର ଟୁଇଟର ଅପଡେଟ୍ ହେଉନାହିଁ। ଯେଉଁଥିପାଇଁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏସବୁ ତହସିଲର ତହସିଲଦାରମାନଙ୍କୁ ତାଗିଦ କରିଛନ୍ତି। ସେ ଏହି ତହସିଲଦାରମାନଙ୍କୁ ଚିଠି ମାଧ୍ୟମରେ ଲେଖିଛନ୍ତି, ପୂର୍ବରୁ ଏକାଧିକ ବାର ନିୟମିତ ଭାବରେ ତହସିଲ ଟୁଇଟର ଆକାଉଣ୍ଟ ଅପଡେଟ୍ କରିବାକୁ କୁହାଯାଇଛି। ଯେହେତୁ ଏବେ ଲକ୍ଡାଉନ ଚାଲିଛି ତେଣୁ ଲୋକଙ୍କୁ ଟୁଇଟର ମାଧ୍ୟମରେ ଅଭିଯୋଗ ଦାଖଲ କରିବାକୁ ସୁଯୋଗ ଦେଇଛି। ଅଭିଯୋଗର ସମାଧାନ ହୋଇଗଲେ ଏହା ତହସିଲକୁ ଉତ୍ତମ ଶାସନ ଯୋଗାଇବାରେ ସମର୍ଥ ହେବ। ସେହିପରି ସାମାଜିକ ଦୂରତ୍ୱ, ମାସ୍କ ବାବଦରେ ଜରିମାନା ଆଦାୟ ଓ ବିଭିନ୍ନ ପ୍ରକାର ରାଜସ୍ୱ ମାମଲା ଫଇସଲା ଆଦି ନିୟମିତ ଭାବରେ କରାଯିବା ସହ ତହସିଲ କାର୍ଯ୍ୟାଳୟ ଟୁଇଟର ଆକାଉଣ୍ଟରେ ଅପଡେଟ୍ ହେବା କଥା। କିନ୍ତୁ ତହସିଲଦାରମାନେ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ସୂଚନା ମୁତାବକ କୁଜଙ୍ଗ ତହସିଲ କାର୍ଯ୍ୟାଳୟ ଗତ ୧୪ ତାରିଖ ପରଠାରୁ ତା'ର ଟୁଇଟର ଆକାଉଣ୍ଟ ଅପଡେଟ୍ କରିନି। ସେହିପରି ବିରିଡ଼ି ତହସିଲ ଗତ ୨୦ ତାରିଖ ପରେ, ବାଲିକୁଦା ୨୨, ଜଗତ୍ସିଂହପୁର ୧୭ ଓ ନାଉଗାଁ ତହସିଲ ଟୁଇଟର ଗତ ୧୩ ତାରିଖ ପରଠାରୁ ଅପଡେଟ୍ ହୋଇନାହିଁ। କେବଳ ଏତିକି ନୁହେଁ, ପ୍ରତି ତହସିଲରେ ଅତିରିକ୍ତ ତହସିଲଦାର ନିଯୁକ୍ତ ହୋଇଛନ୍ତି। ଏଥିସହ ସରକାରୀ ଗାଡି ରହିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଏହା ଠିକ୍ ଭାବେ ବିନିଯୋଗ ହୋଇପାରୁନାହିଁ। ଉପରୋକ୍ତ ପ୍ରସଙ୍ଗଗୁଡିକୁ ଦୃଷ୍ଟିଦେଲେ ତହସିଲ ଟୁଇଟର ଆକାଉଣ୍ଟ ନିୟମିତ ଅପଡେଟ୍ ହେବା ଜରୁରୀ। ଜିଲାପାଳ ଏହି ଚିଠିକୁ ଅଫିସିଆଲ ଟୁଇଟରରେ ମଧ୍ୟ ଶେୟାର କରିଛନ୍ତି। ଜିଲାପାଳଙ୍କ ଏହି ଟୁଇଟ୍ ଦେଖି ଏରସମା ବ୍ଲକ ଅନ୍ତର୍ଗତ ଗାରିଆର ରବୀନ୍ଦ୍ର ପ୍ରଧାନ ନାମକ ବ୍ୟକ୍ତି ଟୁଇଟ୍ କରିଥିଲେ। ସେ ଲେଖିଥିଲେ ଅନ୍ୟ ଜାତିର ଝିଅଙ୍କୁ ବିବାହ କରିଥିବା ବାବଦ ସରକାରୀ ସହାୟତା ପାଇବା ପାଇଁ ୨୦୧୮ରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦରଖାସ୍ତ ସହ କାଗଜପତ୍ର ଦାଖଲ କରିଥିଲେ। କିନ୍ତୁ ଏହି ଦରଖାସ୍ତ ଉପରେ କ'ଣ ବିଚାର କରାଯାଇଛି ଦୟାକରି ଜଣାଇପାରିବେ କି ? ପ୍ରଧାନ ଦରଖାସ୍ତ କରିବାର ଏଥିମଧ୍ୟରେ ୨ ବର୍ଷ ହୋଇଯାଇଥିଲେ ସୁଦ୍ଧା ତାଙ୍କୁ ନ୍ୟାୟ ମିଳି ନ ଥିବା ଜାଣି ଏହି ଟୁଇଟ୍ ଦେଖିଥିବା ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ। ମାତ୍ର ପ୍ରଧାନଙ୍କ ଟୁଇଟ୍‌ର ଉତ୍ତର ଦେବାକୁ ଯାଇ ଜିଲାପାଳ ଲେଖିଥିଲେ ୨୩।୮।୧୮ରେ ଏରସମା ବିଡିଓଙ୍କୁ ତଦନ୍ତ କରିବା ପାଇଁ ଚିଠି କରାଯାଇଥିଲା। ଏଥିମଧ୍ୟରେ ବହୁ ବିଳମ୍ବ ହୋଇଯାଇଥିଲେ ସୁଦ୍ଧା ପ୍ରଧାନଙ୍କ ଦରଖାସ୍ତର ବିଚାର ହେବ। ଏଥିସହ ଯେଉଁ କର୍ମଚାରୀଙ୍କ ଯୋଗୁ ବିଳମ୍ବ ହେଲା ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଲଡୁବାବାଙ୍କ ପୀଠରେ ଶିବ ବିବାହ

ନୟାଗଡ଼ ଅଫିସ,୨୭।୫

ଓଡିଶାର ପ୍ରସିଦ୍ଧ ଶୈବପୀଠ ଲଡୁବାବାଙ୍କ ପୀଠରେ ଶୀତଳଷଷ୍ଠୀ ଅବସରରେ ଶିବ ବିବାହ ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣା ଯୋଗୁ କେବଳ ବିଧିରେ ପର୍ବ ପାଳିତ ହୋଇଛି। ସନ୍ଧ୍ୟା ଆଳତି ପରେ ଲଡୁବାବାଙ୍କ ଚଳନ୍ତି ପ୍ରତିମା ଓ ପାର୍ବତୀଙ୍କୁ ନାଟ୍ୟମଣ୍ଡପକୁ ଅଣାଯାଇ ଆଳତି କରାଯାଇଥିଲା। ବରପିତା ଭାବେ ଲୋକନାଥ ପୁଷ୍ପପାଳକ ଓ କନ୍ୟାପିତା ଭାବେ ପ୍ରଫୁଲ୍ଲ ବଡପଣ୍ଡା ବିବାହ କରାଇଥିଲେ। ସଞ୍ଜୟ ମହାପାତ୍ର ହାତଗଣ୍ଠି ଫିଟାଇ ୨ ହଜାର ୧ ଟଙ୍କା ପାଇଥିଲେ। ତୋଷବନ୍ତ କର ବିବାହ କାର୍ଯ୍ୟ କରିଥିବାବେଳେ ପରିଚାଳକ ସୁବାସ ଚନ୍ଦ୍ର ବରାଡ ସହଯୋଗ କରିଥିଲେ।

## ସାପ କାମୁଡ଼ାରେ ଜଣଙ୍କ ମୃତ୍ୟୁ

ଖଣ୍ଡପଡ଼ା,୨୭।୫(ସ୍ୱ.ପ୍ର.):

ଖଣ୍ଡପଡା ବ୍ଲକ ବେଣାଗାଡିଆ ଗ୍ରାମର ତ୍ରିନାଥ ଗୋଛି(୪୭)ଙ୍କ ବୁଧବାର ସାପ କାମୁଡାରେ ମୃତ୍ୟୁ ଘଟିଛି। ମଙ୍ଗଳବାର ସନ୍ଧ୍ୟାରେ ତ୍ରିନାଥ କୌଣସି କାମରେ ବାରିପଟକୁ ଯାଇଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ତାଙ୍କୁ ଚିକିତ୍ସା ନିମନ୍ତେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଘଟଣା ନେଇ ଗ୍ରାମରେ ଶୋକ ପ୍ରକାଶ ପାଇଛି।

## ବିଭିନ୍ନ ସମସ୍ୟା ନେଇ ସିପିଆଇର ବିକ୍ଷୋଭ



ତହସିଲ କାର୍ଯ୍ୟାଳୟ ଅଭିମୁଖେ ଯାଉଥିବା ଶୋଭାଯାତ୍ରା।

ଏରସମା,୨୭।୫(ସ୍ୱ.ପ୍ର.): ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ସିପିଆଇ ରାଜ୍ୟ ପରିଷଦ ଓ କୃଷକ ସଭାର ସର୍ବଭାରତୀୟ ପ୍ରତିବାଦ ଦିବସ ଅବସରରେ ବିଭିନ୍ନ ସମସ୍ୟାନେଇ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଛି। ଏରସମା ସିପିଆଇ କାର୍ଯ୍ୟାଳୟରୁ ଜିଲା ସମ୍ପାଦକ ଅଭିଜିତ ସାହୁ ଓ କୃଷକ ସଭା ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ଜନସାଧାରଣ ଶୋଭାଯାତ୍ରାରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ଏଥିରେ ଅମ୍ଫନ ବାତ୍ୟାର କ୍ଷତି ପୂରଣ, କୃଷି ଋଣ ଛାଡ, ୮ଘଣ୍ଟିଆ ଶ୍ରମ ଦିବସର ପୁନଃପ୍ରଚଳନ କରିବା, ପ୍ରବାସୀ ଶ୍ରମିକ ପରିବାରକୁ ୧୦,୦୦୦ଟଙ୍କା କରୋନା ସହାୟତା ପ୍ରଦାନ କରିବା ଆଦି ଦାବି ରହିଥିଲା। ଏସବୁକୁ ନେଇ ୨ଟି ଦାବିପତ୍ର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ରାମଚନ୍ଦ୍ର ମୁଦୁଲି, ସିପିଆଇ ଜୋନ ସହ ସମ୍ପାଦକ ସର୍ବେଶ୍ୱର ବେଉରା, ଯୁବସଂଘ ଜିଲା ସମ୍ପାଦକ ଦେବାଶିଷ ସ୍ୱାଇଁ, ରବୀନ୍ଦ୍ର ପାଇଟଳ ଉପସ୍ଥିତ ଥିଲେ। ସଭାକୁ ସିପିଆଇ ବ୍ଲକ ସମ୍ପାଦକ ବଂଶୀଧର ବେହେରା ଓ କୃଷକ ସଭାର ବ୍ଲକ ସଭାପତି ଦାମୋଦର ବେହେରା ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ରଘୁନାଥପୁର,୨୭।୫(ଡି.ଏନ.ଏ.): ରଘୁନାଥପୁର ବ୍ଲକ ଅଧୀନ ଛପଡ଼ା ରେଳ ଷ୍ଟେଶନଠାରୁ କିଛି ଦୂରରେ ଏକ ଅଜଣା ଗାଡ଼ି ଧକ୍କାରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ତିର୍ତ୍ତୋଲ ଥାନା କୃଷ୍ଣାନନ୍ଦପୁର ପଞ୍ଚାୟତ ଇଟାଟିକିରିର ଫିରୋଜ ଖାନ(୪୬)। ଗୁରୁତର ହେଲେ ତାଙ୍କ ସ୍ତ୍ରୀ ନସିମା ବିବି(୩୮)। ଫିରୋଜ ଓ ତାଙ୍କ ସ୍ତ୍ରୀ ବାଇକ୍ ଯୋଗେ ପିତେଇପୁର ଅଭିମୁଖେ ଝିଅ ଘରକୁ ଯାଉଥିଲେ। ଛପଡ଼ା ରେଳ ଷ୍ଟେଶନଠାରୁ କିଛି ବାଟ ଅତିକ୍ରମ କରିବା ପରେ ପଛପଟୁ ଏକ ଅଜଣା ଗାଡ଼ି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଉଭୟ ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଫିରୋଜଙ୍କୁ ମୃତ ଘୋଷଣା କରିଥିଲେ।

## ପାଟନାଳୀ ଉଦ୍ଧାର ପାଇଁ ଚାଷୀଙ୍କ ଦାବି


ଅବରୋଧ ହୋଇଥିବା ପାଟନାଳୀ

କେନ୍ଦ୍ରାପଡ଼ା ଅଫିସ, ୨୭।୫: କେନ୍ଦ୍ରାପଡ଼ା ସହର ନିକଟ ଚକ୍ରୋଡା-ମରଡପୁର ପାଟନାଳୀ ଉଦ୍ଧାର ପାଇଁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି। ଏହି ମର୍ମରେ ସେମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଚାଷୀ ଭରତ କୁମାର ନାୟକ କହିଛନ୍ତି, ପାଟନାଳୀ ମଧ୍ୟଦେଇ ସହର ଓ ବ୍ଲକ ଅଞ୍ଚଳର ଉଦ୍‌ବୃତ୍ତ ଜଳ ନିଷ୍କାସିତ ହେଉଥିଲା। ତେବେ ସହର କ୍ରମବର୍ଦ୍ଧିଷ୍ଣୁ ଯୋଗୁ ଏହା ସଙ୍କୁଚିତ ହୋଇଯାଇଛି। ଏହି ନାଳ ନିକଟରେ ବେଆଇନ ଭାବେ କେତେକ ଲୋକ ଘର କରି ଜଳ ନିଷ୍କାସନ ପଥକୁ ଅବରୋଧ କରିଛନ୍ତି। ସେହିପରି ଜିଲା ଡ୍ରେନେଜ ବିଭାଗ ପକ୍ଷରୁ ପ୍ରତ୍ୟେକ ବର୍ଷ ସଫେଇ ଆଳରେ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଚାଷୀଙ୍କ କାର୍ଯ୍ୟରେ ଲାଗୁନାହିଁ। ନାଳର ଅଧିକାଂଶ ସ୍ଥାନରେ ଗଛଲତା ମାଡିଯାଇଛି। ଉଦ୍‌ବୃତ୍ତ ଜଳ ନିଷ୍କାସନ ନ ହେବା ଫଳରେ ପ୍ରାୟ ୨୦ ହଜାର ହେକ୍ଟର ଚାଷ ଜମି ପଡିଆ ହେବାକୁ ବସିଛି ବୋଲି ସେ କହିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଚାଷୀ ନିରଞ୍ଜନ ସ୍ୱାଇଁ, ଅଭୟ କୁମାର ସାହୁ, ବଟକୃଷ୍ଣ ସେଠୀ, ଗୌରାଙ୍ଗ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଅନୁଧ୍ୟାନ ପାଇଁ ଡ୍ରେନେଜ ଡିଭିଜନକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି।

## ସ୍କୁଲ, କଲେଜ ପିଲାଙ୍କ ଫି' ଛାଡ଼ ଦାବି

ରସୁଲପୁର, ୨୭।୫ (ଡି.ଏନ୍.ଏ.)

ସରକାରୀ ଓ ବେସରକାରୀ ସ୍କୁଲ, କଲେଜରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ସମସ୍ତ ଫି' ଛାଡ଼ କରିବାକୁ ଦାବି କରିଛି ଏଆଇଡିଏସଓ। ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରସୁଲପୁର ବ୍ଲକ ବିଡିଓଙ୍କ ଜରିଆରେ ଏଆଇଡିଏସଓ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ଓ ଅମ୍ଫନ ଯୋଗୁ ଶିକ୍ଷାଦାନକୁ ଦେୟମୁକ୍ତ କରାଯାଉ ବୋଲି ସଂଗଠନ ଦାବି କରିବା ସହ ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବାକୁ ଦାବି କରାଯାଇଛି। କରୋନା ଯୋଗୁଁ ସରକାର ଅନଲାଇନ ଜରିଆରେ ପାଠପଢା, ପରୀକ୍ଷା ପରିଚାଳନା, ଖାତା ଦେଖା ଭଳି କାର୍ଯ୍ୟ କରିବାକୁ ନେଇଥିବା ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସଂଗଠନ ଦାବି କରିଛି। ଏବେ ବହୁ ଗ୍ରାମରେ ମୋବାଇଲ ଟାୱାର ନାହିଁ। ବହୁ ଗରିବ ଛାତ୍ରୀଛାତ୍ରଙ୍କ ପାଖରେ ମୋବାଇଲ ନାହିଁ। ତେଣୁ ସରକାର ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିନିଅନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।



ବିଡିଓଙ୍କ ଅଫିସ୍ ଆଗରେ ଅଭିଯୋଗକାରୀମାନେ।

# ଧାରଣା ପରେ ବଦଳିଗଲା ଅଭିଯୋଗ

ନୟାଗଡ଼ ଅଫିସ/ରଣପୁର, ୨୭।୫(ସ୍ୱ.ପ୍ର.)

### ଗିରଫ ଅଭିଯୁକ୍ତଙ୍କ ମୃତ୍ୟୁକୁ ନେଇ ରାଜନୀତି

ନୟାଗଡ଼ ଜିଲା ଚାନ୍ଦପୁର ଥାନା ରାଇପଡା ଗାଁରେ କାଜୁ ଜଙ୍ଗଲ ବିବାଦକୁ ନେଇ ୨ ଆଦିବାସୀଙ୍କୁ ହତ୍ୟା ଘଟଣାରେ ରଣପୁର ଥାନା ପୋଲିସର ଗିରଫଦାରି ନିଆଁରେ ଘିଅ ଢ଼ାଳିଛି। ଅନ୍ୟପକ୍ଷେ ଗିରଫ ଅଭିଯୁକ୍ତଙ୍କୁ ହତ୍ୟା କରିବାରେ ସେମାନଙ୍କ ନାଁ ଉଠିବା ପରେ ଆଦବାସୀ ମେଳି ହେଲେଣି। ପୋଲିସ ବିବାଦ ସମାଧାନ କରିବା ବଦଳରେ ରାଜନୀତି କଲାଣି ବୋଲି କେତେଜଣ ଆଦିବାସୀ କ୍ଷୋଭର ସହ କହିଛନ୍ତି। ଅନ୍ୟପକ୍ଷେ ମୃତଦେହ ରଖି ଧାରଣା ଦେଇଥିବା ଲୋକଙ୍କ ଅଭିଯୋଗ ବଦଳିଯିବା ଘଟଣାକୁ ବିବାଦୀୟ କରିଛି।

ରାଇପଡା କାଜୁ ଜଙ୍ଗଲକୁ ନେଇ ନୂଆସାହି ଲୋକଙ୍କ ସଂଘବଦ୍ଧ ଆକ୍ରମଣରେ ରାଇପଡା ଆଦିବାସୀ ସାହିର ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ୪୦ ଜଣଙ୍କ ନାଁରେ ୩୭/୨୦ରେ ମାମଲା ରୁଜୁ ହୋଇଥିଲା। ପୋଲିସ ୫ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟମାନେ ଫେରାର ଥିଲେ। ତେବେ ମହତପଲ୍ଲା ପଞ୍ଚାୟତ ବିରୁଡାର ନିଳମଣି ଜେନାଙ୍କ ଘରେ ୩ଜଣ ଅଭିଯୁକ୍ତ ଆତ୍ମଗୋପନ କରିଥିବା ଖବର ପାଇ ରଣପୁର ପୋଲିସ ସୋମବାର ଚଢ଼ାଉ କରିଥିଲା। ଏହି ସମୟରେ ରାଜୀବ ସାହୁ(୩୨) ଓ ହାଇସ୍କୁଲ ଶିକ୍ଷକ ଆଦିତ୍ୟ ମହାପାତ୍ର (୩୫)ଙ୍କୁ ପୋଲିସ ଗିରଫ କରିଥିଲା। ଆଦିତ୍ୟଙ୍କୁ ପୋଲିସ ଗୋଡେଇ ଗୋଡେଇ ପିଟି ଗିରଫ କରିଥିବା ଅଭିଯୋଗ ହୋଇଥିଲା। ତେବେ ମଙ୍ଗଳବାର ପୋଲିସ ରାଜୀବଙ୍କୁ ଚାନ୍ଦପୁର ଥାନା ପୋଲିସକୁ ହସ୍ତାନ୍ତର କରିଥିବାବେଳେ ଆଦିତ୍ୟଙ୍କ କ୍ଷତବିକ୍ଷତ ମୃତଦେହ ବିରୁଡା ଅଞ୍ଚଳରୁ ମିଳିଥିଲା। ଏହା ପରେ ପୋଲିସ ବିରୋଧରେ ଆନ୍ଦୋଳନ ତେଜିଥିଲା। ପରିବାର ସଦସ୍ୟ ଓ ଗ୍ରାମବାସୀ ମୃତଦେହ ରଣପୁର ଥାନା ସମ୍ମୁଖରେ ରଖି ଆଇଆଇସିଙ୍କୁ ନିଲମ୍ବନ ସହ ଗିରଫ, ଅନ୍ୟ ସହଯୋଗୀଙ୍କୁ ଗିରଫ ଓ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ସହାୟତା ଦାବି କରି ଧାରଣା ଦେଇଥିଲେ। ତେବେ ହଠାତ୍ ଧାରଣା ପ୍ରତ୍ୟାହୃତ ହୋଇଗଲା। ପୋଲିସକୁ କ୍ଲିନଚିଟ୍ ଦେଇ ରାଇପଡା ଆଦିବାସୀଙ୍କ ଉପରେ ଦୋଷ ଲଦି ଅଭିଯୋଗ କରାଗଲା। ଏ ନେଇ ସର୍ବଭାରତୀୟ ଦଳିତ ଆଦିବାସୀ ସଙ୍ଗଠନର ରାଜ୍ୟ ସମ୍ପାଦକ ଦିବାକର ଭୋଇ କୁହନ୍ତି, ଆଦିତ୍ୟଙ୍କ ମୃତ୍ୟୁର ରହସ୍ୟ ଉନ୍ମୋଚନ ପାଇଁ ସବିଆଇ ତଦନ୍ତ ଆବଶ୍ୟକତା ପଡିଲାଣି। ଚାନ୍ଦପୁର ଡବଲ ମର୍ଡର ଘଟଣାରେ ରଣପୁର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଆଗ୍ରହ ପ୍ରକାଶ କଲା କାହିଁକି। ପୁଣି ଚଢ଼ାଉରେ ଚାନ୍ଦପୁର ପୋଲିସକୁ କାହିଁକି ସାମିଲ କଲା ନାହିଁ। ଅନ୍ୟପକ୍ଷେ ଆଦିତ୍ୟଙ୍କୁ ଗିରଫ ପରେ ଚାନ୍ଦପୁର ଥାନା ପୋଲିସକୁ କାହିଁକି ହସ୍ତାନ୍ତର କରି ନ ଥିଲା। ଆନ୍ଦୋଳନ ପରେ ଯଦି ଆଦିବାସୀଙ୍କ ନାଁ ଉଠିଲା ତେବେ ପୋଲିସ ତରବରିଆ ଭାବେ କିପରି ଅଭିଯୋଗକୁ ଗ୍ରହଣ କଲା। ଦଳିତ ଆଦିବାସୀ ସଂଖ୍ୟାଲଘୁ ରାଜ୍ୟ ସଭାପତି ଲକ୍ଷ୍ମୀଧର ବେହେରା କୁହନ୍ତି, ଡବଲ ମର୍ଡର ପରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇ ନାହିଁ। ହତ୍ୟାକାଣ୍ଡ ପରେ ସବର୍ଣ୍ଣ ଲୋକମାନେ ଗାଁରୁ ଫେରାର ହୋଇଯାଇଥିଲେ। ଏବେ ଆଦିତ୍ୟଙ୍କ ମୃତ୍ୟୁ ପରେ ସେମାନେ ଗାଁକୁ ଫେରିଛନ୍ତି। ସେମାନେ ଗାଁରେ ରୁହନ୍ତୁ, ହେଲେ ଅଯଥାରେ ଆଦିବାସୀଙ୍କୁ ହତ୍ୟାକାଣ୍ଡରେ ଛନ୍ଦିବା ଠିକ୍ ନୁହେଁ। ଜଣେ ଆଦିବାସୀ ନାଁ ଗୋପନ ରଖି କହିଛନ୍ତି, ରଣପୁର ପୋଲିସ ନିଜ ଦୋଷ ଅନ୍ୟ ଉପରେ ଲଦି ଖସିଯିବାକୁ ଉଦ୍ୟମ କରୁଛି। କିଛି ରାଜନୈତିକ ଲୋକ ଏଥିରେ ସହଯୋଗ କରୁଛନ୍ତି। ପୋଲିସ ରାଜନୀତି ନ କରି ଲୋକଙ୍କୁ ସୁରକ୍ଷା ଦେବା ଉଚିତ।

**ସଂକ୍ଷେପରେ**

## ଜିଲାପାଳଙ୍କୁ ଦାବିପତ୍ର ଦେଲେ

ଭଦ୍ରକ ଅଫିସ, ୨୭।୫- ନବ ନିର୍ମାଣ କୃଷକ ସଂଗଠନ ଭଦ୍ରକ ଜିଲା ଶାଖା ପକ୍ଷରୁ ବୁଧବାର ୯ ଦଫା ଦାବି ନେଇ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ରିଲିଫ୍ ବଣ୍ଟନରେ ଅବ୍ୟବସ୍ଥା, ରାଶନକାର୍ଡରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ପ୍ରଦାନ ଦାବି କରାଯାଇଛି। ଜିଲାରେ ରବି ଧାନ ଚାଷ ପନିପରିବା, ମୁଗ, ବିରିଚାଷୀଙ୍କର ହୋଇଥିବା କ୍ଷୟକ୍ଷତିର ସଠିକ ଆକଳନ କରାଯାଇ ତୁରନ୍ତ କ୍ଷତିପୂରଣ ପ୍ରଦାନ, ବନ୍ଦ ଥିବା ମଣ୍ଡିକୁ ତୁରନ୍ତ ଖୋଲାଯାଇ ବାକି ଧାନ କିଣାଯିବା, ଚାଷୀଙ୍କର ଋଣଛାଡ଼ ଆଦି ୯ଦଫା ଦାବି ତୁରନ୍ତ ପୂରଣ କରିବା ପାଇଁ ଏହି ପ୍ରତିନିଧି ମାନେ ଦାବି କରିଥିଲେ। କୃଷକ ସଂଗଠନର ତ୍ରିଲୋଚନ ପଣ୍ଡା, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଚନ୍ଦ୍ରକାନ୍ତ ଦଳେଇ, ସତ୍ୟରଞ୍ଜନ ନାୟକ, ଗଗନ ବିହରୀ ମହାନ୍ତି, ବାଇଧର ସାହୁ, ସୀତାକାନ୍ତ ସାହୁ, ରବୀନ୍ଦ୍ର ପଣ୍ଡା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ପ୍ରବାସୀଙ୍କୁ ନେଇ ଆଜି ଆସିବ ଆଉ ଏକ ଟ୍ରେନ୍

ବାରିପଦା ଅଫିସ,୨୭।୫- ଲକ୍‌ଡାଉନ ଯୋଗୁ ବାଙ୍ଗାଲୋରରେ ଫସି ରହିଥିବା ପ୍ରବାସୀମାନଙ୍କୁ ନେଇ ପୁଣି ଏକ ଶ୍ରମିକ ସ୍ପେଶାଲ୍ ଟ୍ରେନ୍ ଗୁରୁବାର ମୟୂରଭଞ୍ଜ ଜିଲାର ବାରିପଦାକୁ ଆସିବ। ମଙ୍ଗଳବାର ଅପରାହ୍ଣ ୪ଟା ସମୟରେ ଏହି ଟ୍ରେନଟି ବାଙ୍ଗାଲୋର ଷ୍ଟେସନରୁ ପ୍ରବାସୀ ଶ୍ରମିକଙ୍କୁ ନେଇ ବାରିପଦା ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଗୁରୁବାର ସକାଳ ୬ଟା ସମୟରେ ବାରିପଦା ଭଞ୍ଜପୁର ଷ୍ଟେଶନରେ ପହଞ୍ଚିବ ବୋଲି ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ପକ୍ଷରୁ ଭଞ୍ଜପୁର ରେଳଷ୍ଟେଶନରେ ପ୍ରସ୍ତୁତିକୁ ନେଇ ଅଧିକାରୀମାନେ ଅନୁଧାନ କରିଥିଲେ। ଜିଲାକୁ ଆସୁଥିବା ଏହି ପ୍ରବାସୀମାନଙ୍କୁ ବସ୍ ଯୋଗେ ସେମାନଙ୍କ ନିଜ ନିଜ ଅଞ୍ଚଳର ସଙ୍ଗରୋଧ କେନ୍ଦ୍ରକୁ ପଠାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମଙ୍ଗଳବାର ତାମିଲନାଡ଼ୁରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ୨୮୪ ଜଣ ପ୍ରବାସୀ ଶ୍ରମିକଙ୍କୁ ନେଇ ଏକ ଟ୍ରେନ୍ ବାରିପଦାରେ ପହଞ୍ଚିଥିଲା।

## ଡ୍ରାଇଭରଙ୍କୁ କରୋନା ଘୋଷଣା ପରେ ଭୟରେ କର୍ମଚାରୀ

କେନ୍ଦୁଝର, ୨୭।୫ (ସ୍ୱ.ପ୍ର.)-କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ଜନ ସ୍ୱାସ୍ଥ୍ୟ) ଙ୍କ କାର୍ଯ୍ୟାଳୟର ଡ୍ରାଇଭର କରୋନା ସଂକ୍ରମିତ ହୋଇଥିବା ଗତ ମଙ୍ଗଳବାର ଘୋଷଣା ପରେ ଜିଲା ମୁଖ୍ୟଡାକ୍ତରଖାନା ପରିସରରେ ଅନ୍ୟ କର୍ମଚାରୀ ତଥା ରୋଗୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ତଦନ୍ତ ବେଳେ ତାଙ୍କ ସମ୍ପର୍କରେ ୪୫ ଜଣ ଆସିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ କ୍ୱାରାଣ୍ଟାଇନ୍‌କୁ ପଠାଯାଇଥିବା ବେଳେ ପରୀକ୍ଷା ପାଇଁ ସ୍ୱାବ ସଂଗ୍ରହ କରାଯାଇଛି। ଏନେଇ ସିଡିଏମଓ ଡା. ଅଶୋକ ଦାସ କହିଛନ୍ତି ଯେ, କୋଭିଡ୍ ଆଇନ ଅନୁଯାୟୀ ଉକ୍ତ ବିଭାଗର ସମସ୍ତ ଏଡିଏମଓ ଏବଂ ଅନ୍ୟ କର୍ମଚାରୀଙ୍କୁ କ୍ୱାରାଣ୍ଟାଇନ୍‌କୁ ପଠାଯାଇଛି । ନମୁନା ନେଗେଟିଭ ଆସିଲେ ସେମାନେ ପୁଣି କାମରେ ଯୋଗଦେବେ।

# ଆଶାୟୀଙ୍କ ଆମରଣ ଅନଶନ

ବାରିପଦା ଅଫିସ,୨୭।୫



ଦାବିପତ୍ର ଦେବାକୁ ଆସିଥିବା ଆଶାୟୀ ପ୍ରାର୍ଥୀନୀମାନେ।

**ସ୍ୱାସ୍ଥ୍ୟ କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ**

କୋଭିଡ୍-୧୯ ପାଇଁ ସ୍ୱତନ୍ତ୍ର ଭାବେ ନିଯୁକ୍ତି ପାଇଥିବା ମଲ୍ଟିପ୍ରପୋଜ ହେଲଥ୍ ୱାର୍କର ( ସ୍ୱାସ୍ଥ୍ୟ କର୍ମୀ) ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ବୁଧବାର ଆଶାୟୀ ପ୍ରାର୍ଥୀନୀମାନେ ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଥିଲେ। ଅପରାହ୍ଣ ୨ଟା ୩୦ ସମୟରେ ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର ଧାରଣାସ୍ଥଳକୁ ଆସି ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

ଅଭିଯୋଗ ଅନୁଯାୟୀ, କରୋନା ମହାମାରୀ ପରିଚାଳନା ପାଇଁ ଜିଲାରେ ସ୍ୱାସ୍ଥ୍ୟକର୍ମୀ (ମହିଳା) ୧୬୫ଟି ପୋଷ୍ଟ ନିମନ୍ତେ ବିଜ୍ଞାପନ ବାହାରିଥିଲା। ଅନ୍ୟ ଜିଲାଗୁଡ଼ିକରେ ନିଯୁକ୍ତି ଦିଆଯିବାର ବହୁ ବିଳମ୍ବରେ ମୟୂରଭଞ୍ଜ ଜିଲାରେ ନିଯୁକ୍ତି ଦିଆଯାଇଥିଲା। ୧୬୫ଟି ପୋଷ୍ଟ ମଧ୍ୟରୁ ୧୦୭ଟି ପଦବୀରେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ସେହିଭଳି କେଉଁ ନିୟମରେ ସେମାନଙ୍କୁ ନିଯୁକ୍ତି ଦିଆଗଲା ସେ ନେଇ ମଧ୍ୟ ଜିଲା ୱେବସାଇଟରେ କୌଣସି ତଥ୍ୟ ପ୍ରକାଶ ପାଇଲା ନାହିଁ। ଅନ୍ୟ ଜିଲାର ୱେବସାଇଟରେ ସମସ୍ତ ତଥ୍ୟ ପ୍ରକାଶ କରାଯାଉଥିବା ବେଳେ କାହିଁକି ମୟୂରଭଞ୍ଜ ଜିଲା ୱେବସାଇଟରେ ଏ ନେଇ ତଥ୍ୟ ରଖାଗଲା ନାହିଁ ସେ ନେଇ ଆଶାୟୀମାନେ ପ୍ରଶ୍ନ କରିଛନ୍ତି। ଖାଲି ପଡ଼ିଥିବା ୫୯ଟି ପଦବୀ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଚୟନ ପ୍ରକ୍ରିୟା ଲାଗି ଆଶାୟୀ ପ୍ରାର୍ଥୀନୀମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡ଼ିଏମ୍‌ଓ)ଙ୍କ କାର୍ଯ୍ୟାଳୟରେ ଜଣାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ପରେ ଆଶାୟୀମାନେ ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଯାଇଥିଲେ ମଧ୍ୟ ଜିଲାପାଳଙ୍କୁ ଦେଖା କରି ପାରି ନ ଥିଲେ। ଗତ ୨୫ ତାରିଖରେ ଜିଲାପାଳଙ୍କୁ ଟ୍ରେଣ୍ଡ୍ ଅନଏମ୍ପ୍ଲୋଇଏଡ଼ ୟୁଥ୍ ୱେଲଫେୟାର ଟ୍ରଷ୍ଟ ମିଳିତ ମହାସଂଘ ପକ୍ଷରୁ ଏହାର ସମାଧାନ କରିବା ପାଇଁ ଦାବିପତ୍ର ଦିଆଯାଇଥିଲା। ଏହାର କୌଣସି ସମାଧାନ ନ ହେବାରୁ ବୁଧବାର ଟ୍ରେଣ୍ଡ୍ ଅନଏମ୍ପ୍ଲୋଇଏଡ଼ ୟୁଥ୍ ୱେଲଫେୟାର ଟ୍ରଷ୍ଟ ମିଳିତ ମହାସଂଘର ସଭାପତି ପ୍ରାର୍ଥସାରଥୀ ଜେନାଙ୍କ ନେତୃତ୍ୱରେ ୩୦ ଜଣ ଆଶାୟୀ ପ୍ରାର୍ଥୀନୀ ପୂର୍ବାହ୍ଣ ୧୦ଟାରୁ ଆମରଣ ଅନଶନରେ ବସିଥିଲେ। ସିଡିଏମ୍‌ଓ ଡା.ମିଶ୍ର ଏହାର ଯଥାଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

# ଉତ୍ତର ଓଡ଼ିଶାରେ ୩ ଆକ୍ରାନ୍ତ ଚିହ୍ନଟ,୪୮ ସୁସ୍ଥ

ବାଲେଶ୍ୱର ଅଫିସ/ଭଦ୍ରକ ଅଫିସ/ ବାରିପଦା ଅଫିସ/ଠାକୁରମୁଣ୍ଡା/ କେନ୍ଦୁଝର, ୨୭।୫(ସ୍ୱ.ପ୍ର./ଡି.ଏନ.ଏ.)

ଉତ୍ତର ଓଡ଼ିଶାରେ ବୁଧବାର ପୁଣି ୩ କରୋନା ଅକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୪୮ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ବାଲେଶ୍ୱର ଜିଲାର ୨ ଓ ମୟୂରଭଞ୍ଜର ଜଣେ ରହିଛନ୍ତି। ସେହିଭଳି ବାଲେଶ୍ୱର ଜିଲାରେ ୧୭, କେନ୍ଦୁଝରରେ ୩ ଓ ଭଦ୍ରକ ଜିଲାରେ ସର୍ବାଧିକ ୨୮ ଆକ୍ରାନ୍ତ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।

ବାଲେଶ୍ୱର ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୪୨ ହୋଇଥିବା ବେଳେ ଆରୋଗ୍ୟଙ୍କ ସଂଖ୍ୟା ୧୧୯ରେ ପହଞ୍ଚିଛି। ଅନ୍ୟ ୨୩ ଆକ୍ରାନ୍ତ ରାଜ୍ୟର ବିଭିନ୍ନ କୋଭିଡ୍-୧୯ ହସ୍ପିଟାଲରେ ଚିକିତ୍ସାଧୀନ ରହିଛନ୍ତି। ଜିଲାରେ ଆରୋଗ୍ୟଙ୍କ ସଂଖ୍ୟା ବଢୁଥିବାରୁ ଜିଲାବାସୀ ଆଶ୍ୱସ୍ତିଲାଭ କରିଛନ୍ତି। ଚିହ୍ନଟ ୨ ଆକ୍ରାନ୍ତ ବାଲେଶ୍ୱର ଫକୀରମୋହନ କଲେଜ କମର୍ସ ବ୍ଲକରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ସ୍ୱାବ୍ ଟେଷ୍ଟରୁ ଉଭୟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ କୁରୁଡ଼ାସ୍ଥିତ ଜିଲା କୋଭିଡ୍-୧୯ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି। କେନ୍ଦୁଝର ଜିଲାରେ ଆଉ ୩ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି। ପରେ ମୋଟ ୭ ଆକ୍ରାନ୍ତ ସୁସ୍ଥ ହେଲେଣି। ସମୁଦାୟ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୦ ଥିବା ବେଳେ, ତନ୍ମଧ୍ୟରୁ ୧୩ ଜଣ ଚିକିତ୍ସାଧୀନ ଅଛନ୍ତି।

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକରେ ବୁଧବାର ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ସୁରଟ ଫେରନ୍ତା ଓ ସେ ବଡ଼ଦେଉଳିସ୍ଥିତ ଆଦର୍ଶ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ଏହି ସଙ୍ଗରୋଧ କେନ୍ଦ୍ରରେ ମୋଟ ୨୮ ଜଣ ପ୍ରବାସୀ ରହିଥିବା ବେଳେ ସେଥିମଧ୍ୟରୁ ସୁରଟ ଫେରନ୍ତା ଏହି ୪୧ ବର୍ଷୀୟ ଯୁବକଙ୍କ ନମୁନା ପରୀକ୍ଷା ପରେ ପଜିଟିଭ୍ ବାହରି ଥିଲା। ସକାଳେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଉକ୍ତ ସଙ୍ଗରୋଧ କେନ୍ଦ୍ରରେ ପହଞ୍ଚି ତାଙ୍କୁ ସେଠାରୁ ଚିକିତ୍ସା ନିମନ୍ତେ ବାରିପଦା ବାଙ୍କିଶୋଲସ୍ଥିତ କୋଭିଡ୍ ହସ୍ପିଟାଲକୁ ନେଇଛନ୍ତି। ପାଞ୍ଚପୀଢ଼ ଉପଖଣ୍ଡ ଅଞ୍ଚଳରେ ପୂର୍ବରୁ ଠାକୁରମୁଣ୍ଡା ବ୍ଲକ ଅଧୀନ ଏକ ସଙ୍ଗରୋଧ କେନ୍ଦ୍ରରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଉପଖଣ୍ଡରେ ଏହାକୁ ମିଶାଇ ୨ଜଣ ଆକ୍ରାନ୍ତ ଚିହ୍ନଟ ହେଲେଣି। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ ୧୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ୧୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟ ୫ ଜଣ ଚିକିତ୍ସିତ ହେଉଛନ୍ତି।

# ଆରଡ଼ିରେ ଦେବ ଦମ୍ପତିଙ୍କ ବିବାହ

ଆରଡି,୨୭।୫,(ଡି.ଏନ୍.ଏ.)


ବିବାହ ବେଦିରେ ଦେବ ଦମ୍ପତି ।

ପବିତ୍ର ଶୀତଳ ଷଷ୍ଠୀ ଅବସରରେ ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିରେ ବୁଧବାର ନିରାଡ଼ମ୍ବର ଭାବେ ବାବା ଆଖଣ୍ଡଳମଣି ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସକାଳେ କନ୍ୟାପିତା ଚନ୍ଦ୍ରମଣି ପାଢ଼ୀଙ୍କ ଗୃହରେ ମାତା ପାର୍ବତୀ ଓ ବର ପିତା ତପନ ପାଢ଼ୀଙ୍କ ଘରେ ଆଖଣ୍ଡଳମଣିଙ୍କ ଚଳନ୍ତି ପ୍ରତିମା ପ୍ରଭୁ ଚନ୍ଦ୍ରଶେଖରଙ୍କ ମଙ୍ଗୁଳା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ମାତା ପାର୍ବତୀଙ୍କୁ କନ୍ୟା ବେଶରେ ଓ ବାବା ଆଖଣ୍ଡଳମଣିଙ୍କୁ ବର ବେଶରେ ସଜ୍ଜିତ କରାଯାଇ ପୃଥକ୍ ପୃଥକ୍ ବିମାନରେ ମନ୍ଦିର ବେଢ଼ାକୁ ନିଆଯାଇଥିଲା। ସେଠାରେ ପୁଷ୍ପ ମଣ୍ଡିତ ବିବାହ ବେଦିରେ ଦେବ ଦମ୍ପତିଙ୍କୁ ଅବସ୍ଥାପିତ କରାଯାଇଥିଲା। ଅପରାହ୍ଣରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଲକ୍‌ଡାଉନ ଯୋଗୁ୨ ମାସ ହେଲା ମନ୍ଦିର ପ୍ରବେଶ ପଥରେ ତାଲା ଝୁଲୁଛି । ସେଥିପାଇଁ ଏହି ବିବାହ କାର୍ଯ୍ୟ ସମାପନ ବେଳେ କୌଣସି ଭକ୍ତ ପୀଠରେ ଉପସ୍ଥିତ ନ ଥିଲେ। ପୀଠରେ ୧୪୪ ଧାରା ବଜାୟ ରହିଥିବାରୁ ଆରଡି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀ ସେଠାରେ ଉପସ୍ଥିତ ଥିଲେ। ପାରମ୍ପରିକ ପ୍ରଥା ଅନୁଯାୟୀ ସେବାୟତମାନେ ଦେବ ଦମ୍ପତିଙ୍କର ଏହି ବିବାହ କାର୍ଯ୍ୟ ସମାପନ କରିଥିଲେ। ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ଶିବ ବିବାହ ଅନୁଷ୍ଠିତ ହୋଇଥିବା ମନ୍ଦିରର ସହ ପରିଚାଳକ ସୁଧାକର ବିଶ୍ୱାଳ କହିଛନ୍ତି।

## ସାପ କାମୁଡ଼ାରେ ଆଶା କର୍ମୀଙ୍କ ଜୀବନ ଗଲା

ଠାକୁରମୁଣ୍ଡା,୨୭।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ସାଲେଇବେଡ଼ା ପଞ୍ଚାୟତ ରାଣୀଭୋଳ ଗ୍ରାମର ଆଶା କର୍ମୀ ଅମ୍ବିକା ମହାନ୍ତଙ୍କ ବୁଧବାର ସାପ କାମୁଡ଼ାରେ ପ୍ରାଣହାନୀ ଘଟିଛି। ମଙ୍ଗଳବାର ରାତିରେ ସେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ଚିକିତ୍ସା ପାଇଁ କେନ୍ଦୁଝର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବିଦ୍ୟୁତ୍ ସଂସ୍ପର୍ଶରେ ଶିଶୁକନ୍ୟାଙ୍କ ପ୍ରାଣଗଲା

ଧାମନଗର/ଦୋଦଲ, ୨୭।୫ (ଡି.ଏନ୍.ଏ.)

ଓଆନନ୍ଦପୁର ଗ୍ରାମର ପରମେଶ୍ୱର ମଲ୍ଲିକଙ୍କ ୫ ବର୍ଷର ଶିଶୁକନ୍ୟା ଦୀପାଞ୍ଜଳିଙ୍କର ବିଦ୍ୟୁତ୍ ତାର ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ବୁଧବାର ପୂର୍ବାହ୍ଣରେ ଦୀପାଞ୍ଜଳି ଘର ପଛପଟକୁ ଯାଇଥିବାବେଳେ ଛିଡି ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଧାମନଗର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କ୍ଷତିପୂରଣ ଦାବି କଲେ ଚାଷୀ

ଭଦ୍ରକ ଅଫିସ, ୨୭।୫


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା କୃଷକ ସଭାର ସଦସ୍ୟମାନେ ।

ବାତ୍ୟା ଅମ୍ଫାନ୍ ଦ୍ୱାରା ଚାଷୀମାନେ ବେଶ୍ ପ୍ରଭାବିତ ହୋଇଛନ୍ତି। ଭଦ୍ରକ ଜିଲାର ଚାଷୀ, କୃଷି ଶ୍ରମିକ, ମାଛଧରା ଶ୍ରମିକମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବା ଦାବି ନେଇ ଓଡ଼ିଶା କୃଷକ ସଭା ଭଦ୍ରକ ଜିଲା କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ବୁଧବାର ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚାନ୍ଦବାଲି ବ୍ଲକର ଧାମରା, ଚର୍ଦିଆ, ଆରଡି ଓ ବାସୁଦେବପୁର ବ୍ଲକର ଚାନ୍ଦିମାଳ, ବିଦେଇପୁର, ଚୁଡ଼ାମଣି ଆଦି ଅଞ୍ଚଳର ୫୦,୦୦୦ରୁ ଊର୍ଦ୍ଧ୍ୱ ହେକ୍ଟର ଚାଷ ଜମିରେ ଲୁଣା ପାଣି ମାଡ଼ିଯାଇଛି। ଜିଲାରେ ୪୫୦୦ରୁ ଊର୍ଦ୍ଧ୍ୱ ଘର ସାଙ୍ଗକୁ ୫୦୦ରୁ ଅଧିକ ମାଛଧରା ଡଙ୍ଗା ଭାଙ୍ଗି ଯାଇଛି। ସମସ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ନିର୍ମାଣ ପାଇଁ ସହାୟତତା ଆଦି ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ପ୍ରତିନିଧି ଦଳ ଏକ ସ୍ମାରକପତ୍ର ଜିଲା ପ୍ରଶାସନ ମାଧ୍ୟମରେ ପଠାଇଥିଲେ। ଏହି ପ୍ରତିନିଧି ଦଳରେ ଓଡ଼ିଶା କୃଷକ ସଭା ଭଦ୍ରକ ଜିଲା ସଭାପତି ଚନ୍ଦ୍ର ଶେଖର ନାୟକ, ଜିଲା ଯୁଗ୍ମ ସମ୍ପାଦକ ବିକାଶ ନାଥ, କୋଷାଧ୍ୟକ୍ଷ ଅଭିରାମ ବଳ, ଏସ୍‌ଏଫ୍‌ଆଇ ଭଦ୍ରକ ଜିଲା ଆବାହକ କୁନା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାମବାସୀଙ୍କ ବିରୋଧ ପରେ ଫେରିଗଲେ ଠିକାଦାର

ଖଇରା,୨୭।୫(ଡି.ଏନ୍.ଏ.)


ଗ୍ରାମବାସୀମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି ।

**ପାଇଖାନା ନିର୍ମାଣ ସରଞ୍ଜାମ ଉଠାଇବାକୁ ଉଦ୍ୟମ**

ବାଲେଶ୍ୱର ଜିଲା ଖଇରା ବ୍ଲକ ଗଗନଧୂଳୀ ପଞ୍ଚାୟତ ଅଧୀନ ଗଣ୍ଡୁଆ ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ପାଇଖାନା ନିର୍ମାଣ ପାଇଁ ଆସିଥିବା ବାଲି ଓ ଚିପ୍‌ସକୁ ଠିକାଦାର ବୁଧବାର ଉଠାଇ ନେବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ସେ ଫେରିଯିବାକୁ ବାଧ ହୋଇଛନ୍ତି । ଯଦି ବିଦ୍ୟାଳୟରେ ପାଇଖାନା ନିର୍ମାଣ କରା ନ ଯାଏ ତେବେ ଗ୍ରାମବାସୀ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ଉକ୍ତ କେନ୍ଦ୍ରରେ ବର୍ତ୍ତମାନ ୧୮ଜଣ ପ୍ରବାସୀ ରହୁଥିବା ବେଳେ ପୂର୍ବରୁ ଥିବା ଗୋଟିଏ ପାଇଖାନା ପର୍ଯ୍ୟାପ୍ତ ନ ହେବାରୁ ପଞ୍ଚାୟତ ପକ୍ଷରୁ ଆଉ ୨ଟି ପାଇଖାନା ନିର୍ମାଣଲାଗି ବ୍ୟବସ୍ଥା କରାଯାଇଥିଲା। ୮ଦିନ ତଳେ ଠିକାଦାର କଞ୍ଚାମାଲ ଯୋଗାଡ଼ କରି ସ୍କୁଲ ଭିତରେ ରଖିଥିଲେ । ହେଲେ ପାଇଖାନା ନିର୍ମାଣ କରାଯିବା ପରିବର୍ତ୍ତେ ଠିକାଦାର ସକାଳେ ବାଲି ଚିପ୍‌ସ ଉଠାଇବାରୁ ବିରୋଧର ଶିକାର ହୋଇଥିଲେ। ଏ ସମ୍ପର୍କରେ ସରପଞ୍ଚ ସୁଲୋଚନା ଦାସଙ୍କୁ ପଚାରିବାରେ ପାଇଖାନା ନିର୍ମାଣ ପାଇଁ ନିଯୁକ୍ତ ରାଜମିସ୍ତ୍ରୀ ସ୍କୁଲଭିତରକୁ ଯିବାକୁ ଭୟ କରିବା ପରେ କାର୍ଯ୍ୟ ହୋଇ ପାରୁ ନାହିଁ । ଯେଉଁଥିପାଇଁ ସରଞ୍ଜାମ ଉଠାଇବାକୁ ଠିକାଦାର ଉଦ୍ୟମ କରି ଥିଲେ ବୋଲି କହିଛନ୍ତି। ପ୍ରବାସୀମାନେ ଚାଲିଯିବା ପରେ ପାଇଖାନା ନିର୍ମାଣ କରାଯିବ ବୋଲି ସେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଯନ୍ତ୍ରୀ-ସ୍ୱୟଂ ସହାୟିକା ଗୋଷ୍ଠୀ ମୁହାଁମୁହିଁ

ଆନନ୍ଦପୁର,୨୭।୫(ସ୍ୱ.ପ୍ର.)

**ପୌର କାର୍ଯ୍ୟାଳୟ ପରିସରରେ ଉତ୍ତେଜନା**

ଆନନ୍ଦପୁର ପୌରପରିଷଦ କାର୍ଯ୍ୟାଳୟରେ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କ ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ବଚସା ପରେ ମୁହାଁମୁହିଁ ହୋଇଛନ୍ତି। ଫକୀରପୁର ୮ ନଂ. ୱାର୍ଡର ଉନ୍ନୟନ ଯୋଜନାରେ ସମ୍ପୃକ୍ତ ୱାର୍ଡରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସାମିଲ କରାଯାଇ ନ ଥିବାରୁ ଏପରି ଘଟଣା ଘଟିଛି। ଖବରପାଇ ପାଇ ଆନନ୍ଦପୁର ପୋଲିସ ଅଧିକାରୀ ଗଗନ ବିହାରୀ ବିଶ୍ୱାଳ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ହେଲେ ପୌରକାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିବାରୁ ଘଟଣାର କୌଣସି ସମାଧାନ ହୋଇପାରି ନ ଥିଲା। ଫଳରେ ମହିଳାମାନେ ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସେମାନଙ୍କ ଅଭିଯୋଗପତ୍ର ପ୍ରଦାନ କରି ଫେରିଥିଲେ।

ସୂଚନାଯୋଗ୍ୟ, କୋଭିଡ୍-୧୯ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଆବାସ ଏବଂ ସହର ବିକାଶ ନିଗମ ଚିଠି ନଂ. ୮୩୯୧/୨୨।୪।୨୦୨୦ ଅନୁଯାୟୀ ସହରାଞ୍ଚଳରେ ଥିବା ଶ୍ରମିକମାନଙ୍କୁ ନିଯୁକ୍ତିର ସୁବିଧା ଯୋଗାଇବା ନିମନ୍ତେ ଯୋଜନା ପ୍ରଣୟନ କରାଯାଇଛି। ଏହି ସହରାଞ୍ଚଳ କର୍ମନିଯୁକ୍ତି ଯୋଜନା ଆଧାରରେ ୱାର୍ଡର ବିଭିନ୍ନ ଉନ୍ନୟନମୂଳକ ଯୋଜନା ହାତକୁ ନିଆଯାଇଛି। ଏହା ସହିତ ଏହି ଉନ୍ନୟନ କାର୍ଯ୍ୟରେ ମହିଳାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ସାମିଲ କରିବାର ଯୋଜନା ମଧ୍ୟ ରହିଛି। ଯଦିଓ ଉନ୍ନୟନ କାର୍ଯ୍ୟଗୁଡିକର କାର୍ଯ୍ୟାଦେଶ ପୌରପରିଷଦର କାର୍ଯ୍ୟରତ ସହକାରୀ ଯନ୍ତ୍ରୀ କିମ୍ବା କନିଷ୍ଠ ଯନ୍ତ୍ରୀଙ୍କ ନାମରେ ମଞ୍ଜୁର ହେବ ତଥାପି ଏହାର ତଦାରଖ ଦାୟିତ୍ୱ ୱାର୍ଡ କମିଟି ଉପରେ ନ୍ୟସ୍ତ କରାଯାଇଛି। ଏହି ୱାର୍ଡ କମିଟିରେ ବିଭିନ୍ନ ବର୍ଗର ଲୋକ ରହିବାର ବ୍ୟବସ୍ଥା ରହିଛି। ଏକ ଲକ୍ଷ ଟଙ୍କା ମଧ୍ୟରେ ହେବାକୁ ଥିବା ଉନ୍ନୟନ କାର୍ଯ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଲମ ଅଞ୍ଚଳରେ ଗଠିତ ହୋଇଥିବା କମିଟିକୁ ଦାୟିତ୍ୱ ଦେବାର ବ୍ୟବସ୍ଥା ରହିଛି। ମାତ୍ର ଏଥିରେ ଅଣଦେଖା କରାଯାଇଥିବାରୁ କାର୍ଯ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା।

**ଜଳେଶ୍ୱର ବ୍ଲକ**

# ଅମ୍ଫାନ୍‌ରେ ୩୨୪ ହେକ୍ଟର ଜମି କ୍ଷତିଗ୍ରସ୍ତ

ଜଳେଶ୍ୱର,୨୭।୫(ସ୍ୱ.ପ୍ର.)


ବାତ୍ୟା ପରେ ଚାଷୀମାନେ ଧାନଜମିରୁ ଅମଳ କରୁଛନ୍ତି।

**ରିପୋର୍ଟ ଦେଲା ପ୍ରଶାସନ**

ବାତ୍ୟା ଅମ୍ଫାନ୍ ପ୍ରଭାବରେ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ମୋଟ ଚାଷ ହୋଇଥିବା ୮ହଜାର ହେକ୍ଟର ଜମି ମଧ୍ୟରୁ ୩୨୪ ହେକ୍ଟର ଜମି କ୍ଷତିଗ୍ରସ୍ତ ହୋଇଛି ବୋଲି ପ୍ରଶାସନ ପକ୍ଷରୁ ରିପୋର୍ଟ ଦିଆଯାଇଛି। ଏହି ଆକଳନ ତ୍ରୁଟିପୂର୍ଣ୍ଣ ବୋଲି ଜଳେଶ୍ୱର ଅଞ୍ଚଳର ବହୁ ଚାଷୀ ଅଭିଯୋଗ ଆଣିଛନ୍ତି। ଏହାର ପୁନଃ ଆକଳନ କରାଯିବାକୁ ଦାବି ହୋଇଛି।

ଉକ୍ତ ରିପୋର୍ଟରେ ରାଜସ୍ୱ ବିଭାଗ ପକ୍ଷରୁ ୩୦୬ ଗୃହ ଆଂଶିକ ଭାବେ ଭାଙ୍ଗିଥିବା ବେଳେ ଶତକଡ଼ା ୩୩ରୁ ଅଧିକ ୩୨୪ ହେକ୍ଟର ଜମିର ଧାନ ନଷ୍ଟ ହୋଇଥିବା ଦର୍ଶାଯାଇଛି। ଜଳେଶ୍ୱର ବ୍ଲକ ଅଞ୍ଚଳରେ ଚଳିତବର୍ଷ ୮ହଜାର ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଚାଷ ହୋଇଥିଲା। ଝଡ଼ବାତ୍ୟା ଆସୁଥିବା ପୂର୍ବ ସୂଚନା ପାଇ ଚାଷୀମାନେ ପ୍ରାୟ ୭୦ଭାଗ ଜମିର ଧାନ ଅମଳ କରିଥିଲେ। ୩୦ ପ୍ରତିଶତ ଅଞ୍ଚଳର ଧାନ ଅମଳ ହୋଇ ନ ପାରି ବିଲରେ ଥିବା ତତ୍କାଳୀନ କୃଷି ଅଧିକାରୀମାନେ ମନ୍ତବ୍ୟ ରଖିଥିଲେ। ଏହି ଦୃଷ୍ଟିରୁ ପ୍ରାୟ ୨୫୦୦ ହେକ୍ଟର ଜମିରେ ଧାନ ବିଲରେ ଅମଳ ନ ହୋଇ ରହିଯାଇଥିବା କୁହାଯାଇଛି। ବାସ୍ତବରେ ଝଡ଼ବତାସ ପରେ ମଧ୍ୟ ବହୁ ସ୍ଥାନରେ ଧାନକଟା ଚାଲିଛି। ଏପରିସ୍ଥଳେ ସ୍ଥାନୀୟ ପ୍ରଶାସନ ଜଳେଶ୍ୱରରେ ୩୨୪ ହେକ୍ଟର ଜମି କ୍ଷତିଗ୍ରସ୍ତ ବୋଲି ଦର୍ଶାଇବା ପରେ ଚାଷୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖାଦେଇଛି। କୃଷକ ସଭା ସଭାପତି ବାଣୀଦାସ ମହାପାତ୍ର, ସିପିଏମ୍ ଆଞ୍ଚଳିକ ସଭାପତି ଦିଲୀପ ଗିରି, ଚାଷୀ ଦୀନେଶ ଜେନା, ବିଦ୍ଧୁ କାନୁନ୍‌ଗୋ, ହରିଶଙ୍କର ରାଜ, ହରିନାରାୟଣ ପାତ୍ର, ଶିବନାରାୟଣ ପାତ୍ର, କମଳାକାନ୍ତ କର, ବାବୁନି ଦେ, ଶଶୀ ବ୍ରହ୍ମ, ରବୀନ୍ଦ୍ର ଗିରି, ଶୀତାଂଶୁ ସେନାପତି ପ୍ରମୁଖ ଏହି ଆକଳନ ତ୍ରୁଟିପୂର୍ଣ୍ଣ ବୋଲି ଅଭିଯୋଗ କରିଛନ୍ତି।

## ଆବଦ୍ଧାଞ୍ଚଳ ହେଲା ନୋଡାଲ ଉଚ୍ଚ ବିଦ୍ୟାଳୟ

ପାଟଣା,୨୭।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଚେମେଣା ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ବୁଧବାର କେନ୍ଦୁଝର ଜିଲାପାଳ ଆଶୀଷ ଠାକ୍‌ରେ ଆବଦ୍ଧାଞ୍ଚଳ ଭାବେ ଘୋଷଣା କରିଛନ୍ତି। ଏହା ଶୁକ୍ରବାର ପର୍ଯ୍ୟନ୍ତ ବଳବତ୍ତର ରହିବ। ଜଣେ ୧୮ ବର୍ଷୀୟ ଗୁଜରାଟ ଫେରନ୍ତା ଉକ୍ତ କ୍ୱାରାଣ୍ଟାଇନ କେନ୍ଦ୍ରରେ ଅବସ୍ଥାନ କରୁଥିବା ବେଳେ ସୋମବାର ତାଙ୍କ ସ୍ୱାବ୍ ଟେଷ୍ଟରୁ ପଜିଟିଭ୍ ଜଣାପଡ଼ିଥିଲା। ତେଣୁ କ୍ୱାରାଣ୍ଟାଇନ୍ କେନ୍ଦ୍ରର ୧୦୦ ମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ଅଞ୍ଚଳ ୱାର୍ଡ ନମ୍ବର-୨ ଗ୍ରାମ ଚେମେଣାକୁ ଜିଲାପାଳ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଥିଲେ। ଏହି ଅଞ୍ଚଳରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଯାନବାହନ ଓ ଦୋକାନ ବଜାରକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଉପଜିଲାପାଳ ରାମଚନ୍ଦ୍ର କିସ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱରେ ରହିଥିବା ବେଳେ ତହସିଲଦାର ଶିବପ୍ରସାଦ ମୁର୍ମୁଙ୍କୁ କଣ୍ଟ୍ରୋଲରୁମ୍ ଦାୟିତ୍ୱ ଦିଆଯାଇଛି।

# ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର

ବାଲେଶ୍ୱର ଅଫିସ,୨୭।୫


ସିଡିଏମଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଆୟୁଷ ଡାକ୍ତର ସଂଘର କର୍ମକର୍ତ୍ତା।

**ଆୟୁଷ ଡାକ୍ତରଙ୍କୁ ଅବହେଳା ଅଭିଯୋଗ**

ବାଲେଶ୍ୱର ଜିଲାରେ କାର୍ଯ୍ୟରତ ୪୨ ଆୟୁଷ ଡାକ୍ତରଙ୍କୁ ରାଜ୍ୟସରକାର ଅବହେଳା ପ୍ରଦର୍ଶନ କରିଥିବା ନେଇ ବୁଧବାର ପୂର୍ବାହ୍ଣରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟଙ୍କୁ ଆୟୁଷ ଡାକ୍ତର ସଂଘ ପକ୍ଷରୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ସଂଘର ଅଭିଯୋଗ ଅନୁଯାୟୀ, ଦୀର୍ଘ ୬ବର୍ଷରୁ ଊର୍ଦ୍ଧ୍ୱ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାର ୧୨ଟି ବ୍ଲକରେ ୪୨ଜଣ ଆୟୁଷ ଡାକ୍ତର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରି ଆସୁଛନ୍ତି। ବିଶ୍ୱ ମହାମାରୀ କରୋନା ସ୍ଥିତି ସମୟରେ ମଧ୍ୟ ସରକାରଙ୍କର ନିର୍ଦ୍ଦେଶକ୍ରମେ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ କୋଭିଡ୍ କେୟାର ସେଣ୍ଟର, ଆଇସୋଲେଶନ ୱାର୍ଡ, କୋଭିଡ୍ ଓପିଡ଼ି, ଟିଏମ୍‌ସି, ଆବଦ୍ଧାଞ୍ଚଳ ଠାରୁ ଆରମ୍ଭ କରି ଶବଦାହ କ୍ଷେତ୍ର ପର୍ଯ୍ୟନ୍ତ କାର୍ଯ୍ୟ କରୁଛନ୍ତି। ରାଜ୍ୟସରକାର ସେମାନଙ୍କୁ କରୋନା ମୁକାବିଲାରେ ଆଗଧାଡ଼ିର ଯୋଦ୍ଧା ବୋଲି ଘୋଷଣା କରିଥିଲେ ମଧ୍ୟ ଚିକିତ୍ସା ବିଭାଗର ଡାକ୍ତର, ନର୍ସ ଓ କର୍ମଚାରୀଙ୍କୁ ମିଳୁଥିବା ସୁବିଧା ଓ ସୁଯୋଗରୁ ବଞ୍ଚିତ କରିଛନ୍ତି। ବ୍ୟକ୍ତିଗତ କିମ୍ବା ଗୋଷ୍ଠୀ ଜନିତ ବୀମା, ଅଗ୍ରୀମ ଦରମା ନ ଥିବା ବେଳେ ଦୀର୍ଘ ୬ବର୍ଷ ଧରି କାର୍ଯ୍ୟ କରିଆସୁଥିବାରୁ ସେମାନଙ୍କ ନିଜର ମାସିକ ଦରମା ବୃଦ୍ଧିରେ ନାଁ ଧରୁ ନାହାନ୍ତି। ଅନ୍ୟପକ୍ଷରେ କୋଭିଡ୍-୧୯ ମୁକାବିଲାରେ ନିଯୁକ୍ତ ଡାକ୍ତରମାନଙ୍କୁ ୬୬ହଜାର ଟଙ୍କା ମାସିକ ବେତନ ଦିଆଯାଉଥିବା ବେଳେ ସେମାନଙ୍କ ଠାରୁ ଯଥେଷ୍ଟ ଅଧିକ କାମ କରି ମାତ୍ର ୨୬ହଜାର ମାସିକ ଦରମା ପାଉଛନ୍ତି। ଏହା ରାଜ୍ୟସରକାରଙ୍କର ପାତରଅନ୍ତର ନୀତି ବୋଲି ସଂଘର କର୍ମକର୍ତ୍ତା କ୍ଷୋଭର ସହ ପ୍ରକାଶ କରିଛନ୍ତି। ଅଭିଯୋଗ ପତ୍ର ପ୍ରଦାନ ବେଳେ ଆୟୁଷ ଡାକ୍ତର ସଂଘର ଜିଲା ସଭାପତି ଡା. ଆଲୋକ ନାରାୟଣ ଶତପଥୀ, ଉପ-ସଭାପତି ଡା. ସୁଭାଶିଷ ମହାନ୍ତି, ଡା. ରତିକାନ୍ତ ବେହେରା, ଡା. ଶୁଭାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସୁସ୍ଥ ହେଲେଣି ୨୮୩ ୮୨ ସକ୍ରିୟ ରୋଗୀଙ୍କ ଚିକିତ୍ସା ଚାଲିଛି

ଛତ୍ରପୁର,୨୭।୫(ଡି.ଏନ.ଏ.)-ଗଞ୍ଜାମ ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଅନ୍ୟପକ୍ଷରେ କିଛିଦିନ ହେଲା କରୋନାରୁ ସୁସ୍ଥ ହେଉଥିବା ବ୍ୟକ୍ତିଙ୍କ ସଂଖ୍ୟା ମଧ୍ୟ ବଢ଼ୁଛି । ବୁଧବାର ଆଉ ୧୧ ଜଣ ସୁସ୍ଥ ହୋଇଥିବା ସମ୍ପର୍କରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଜିଲାରେ ବର୍ତ୍ତମାନ ସୁଦ୍ଧା ୩୬୮ ଜଣଙ୍କ ଠାରେ କରୋନା ପଜିଟିଭ୍ ମିଳିଛି । ସେଥିମଧ୍ୟରୁ ୨୮୩ ଜଣ ସୁସ୍ଥ ହୋଇସାରିଥିବା ବେଳେ କୋଭିଡ୍ ହସ୍ପିଟାଲରେ ୮୨ ସକ୍ରିୟ ରୋଗୀ ଅଛନ୍ତି। ୩ ଜଣଙ୍କ ମୃତ୍ୟୁ ଘଟିଛି । ସୁସ୍ଥ ହୋଇ କୋଭିଡ୍ ହସ୍ପିଟାଲରୁ ଡିସଚାର୍ଜ ହେଉଥିବା ବ୍ୟକ୍ତିଙ୍କ ଉପରେ ସ୍ୱାସ୍ଥ୍ୟ ଟିମ୍ ନଜର ରଖିଛି। ନିୟମିତ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ତଥ୍ୟ ସଂଗ୍ରହ କରାଯାଉଛି। ଅନ୍ୟ ରାଜ୍ୟରୁ ପ୍ରବାସୀ ଓଡ଼ିଆ ଜିଲାକୁ ଫେରୁଥିବାରୁ ପଜିଟିଭ୍ ସଂଖ୍ୟା ବଢ଼ିବାରେ ଲାଗିଛି ।

### ସୁରଟରୁ ଟ୍ରେନ୍‌ରେ ଗଞ୍ଜାମ ଆସିଲେ ୧୬୯୫

**ଛତ୍ରପୁର,୨୭।୫(ଡି.ଏନ.ଏ):** ସୁରଟରୁ ପ୍ରବାସୀ ଓଡ଼ିଆଙ୍କୁ ଧରି ଆସିଥିବା ଏକ ଟ୍ରେନ୍ ବୁଧବାର ଅପରାହ୍ନ ୧ଟା ୪୦ ମିନିଟ୍‌ରେ ଗଞ୍ଜାମ ଜିଲା ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା । ଏଥିରେ ଓଡ଼ିଶାର ୧୦ ଜିଲାର ୧୭୬୧ ପ୍ରବାସୀ ଶ୍ରମିକ ଆସିଥିଲେ । ସେମାନଙ୍କ ମଧ୍ୟରୁ ୧୬୯୫ ଜଣ କେବଳ ଗଞ୍ଜାମ ଜିଲାର। ବଳକା ଶ୍ରମିକଙ୍କ ମଧ୍ୟରେ ଢେଙ୍କାନାଳ ଜିଲାର ୫, ଗଜପତିର ୭, ଜଗତସିଂହପୁର ଓ ଖୋର୍ଦ୍ଧା ଜିଲାର ଜଣେ ଲେଖାଏ, କଳାହାଣ୍ଡିର ୭, କନ୍ଧମାଳର ୬, କେନ୍ଦ୍ରାପଡାର ୪, ନୟାଗଡର ୮ ଓ ପୁରୀ ଜିଲାର ୧୭ଜଣ ଥିଲେ । ସୂଚନାଯୋଗ୍ୟ, ସୁରଟରୁ ଆସିଥିବା ୩ଟି ଟ୍ରେନ୍ ମଙ୍ଗଳବାର ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା। ଏଥିରେ ୫,୪୭୮ ପ୍ରବାସୀ ଆସିଥିଲେ ।

### ଏସିଡ୍ ମାଡ଼ ଘଟଣା, ଜେଲ ଗଲେ ଅଭିଯୁକ୍ତ

**ବ୍ରହ୍ମପୁର ଅଫିସ,୨୭।୫:** ପ୍ରେମ ସମ୍ପର୍କକୁ ନେଇ ଜଣେ ବନ୍ଧୁ ଅନ୍ୟ ଜଣେ ବନ୍ଧୁଙ୍କୁ ଏସିଡ୍ ମାଡ଼ କରିଥିବା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ନେହେରୁନଗର ୪ର୍ଥ ଲେନ୍‌ର ବିଶ୍ୱଜିତ କୁମାର ନନ୍ଦ (୫୪)। ପୋଲିସ ତାଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ବାଇକ୍ ଜବତ କରିଛି। ସେ ବ୍ୟବହାର କରିଥିବା ଏସିଡ୍ ବୋତଲକୁ କେଉଁଆଡେ ଫୋପାଡ଼ି ଦେଇଥିବା ପୋଲିସ କହିଛି। ମାମଲା ନଂ.୧୧୭/୨୦ରେ ବୈଦ୍ୟନାଥପୁର ପୋଲିସ ବିଶ୍ୱଜିତଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ବିଶ୍ୱଜିତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି। ଅନ୍ୟପଟେ ପୋଲିସ ଏସିଡ୍ ବୋତଲ ଜବତ କରିବା ପାଇଁ ତଦନ୍ତ ଜାରି ରଖିଥିବା କହିଛି। ଘଟଣାରୁ ପ୍ରକାଶ, ୨ ବାଲ୍ୟ ବନ୍ଧୁଙ୍କର ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ଉଭୟଙ୍କ ପାଇଁ ମହଙ୍ଗା ପଡିଛି। ପରିଣତ ବୟସରେ ତ୍ରିକୋଣୀୟ ପ୍ରେମ ଆଉ ଏଥିରେ ବାଧା ସୃଷ୍ଟି ହେବାରୁ ଏଭଳି ଏକ ଘଟଣା ମଙ୍ଗଳବାର ରାତିରେ ବୈଦ୍ୟନାଥପୁର ଥାନା ମେଡ଼ିକାଲ କ୍ୟାମ୍ପସ ନିକଟରେ ଘଟିଛି। ଗଜପତିନଗର ପ୍ରଥମ ଲେନ୍‌ରେ ରହୁଥିବା ଲିଙ୍ଗରାଜ ସାହାଣୀ (୫୨) ଚାଲି ଚାଲି ମେଡିକାଲ ଛକକୁ ଯାଉଥିବା ସମୟରେ ତାଙ୍କର ଘନିଷ୍ଠ ବନ୍ଧୁ ବିଶ୍ୱଜିତ ତାଙ୍କୁ ଏସିଡ୍ ମାଡ଼ କରଥିଲେ। ଏହି ଘଟଣାରେ ଲିଙ୍ଗରାଜଙ୍କ କାନ୍ଧ ଓ ପିଠି ପୋଡ଼ି ଯାଇଥିବା ବେଳେ ସେ ଏମ୍‌କେସିଜିରେ ଚିକିତ୍ସିତ ହେଉଛନ୍ତି।

### ଯୁବତୀଙ୍କୁ ଅସଦାଚରଣ ଘଟଣା, ଯୁବକ ଗିରଫ

**ଦାରିଙ୍ଗବାଡ଼ି,୨୭।୫(ଡି.ଏନ୍.ଏ.):** ଦାରିଙ୍ଗବାଡ଼ିର ଏକ କ୍ୱାରାଣ୍ଟାଇନ ସେଣ୍ଟରରେ ସୋମବାର ଜଣେ ଯୁବତୀଙ୍କୁ ଅସଦାଚରଣ ନେଇ ଥାନାରେ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବ୍ରାହ୍ମଣୀଗାଁ ଥାନା ଦାଦରବାଡ଼ି ଗ୍ରାମର ସୀମାଞ୍ଚଳ ମଲ୍ଲିକ। ସେ ମହାରାଷ୍ଟ୍ରରୁ ଫେରି ସମ୍ପୃକ୍ତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିବା ଆଇଆଇସି କୌଶିକ ମାଝି କହିଛନ୍ତି। ଯୁବତୀ ଜଣକ ସୋମବାର ଭୋରରେ କ୍ୱାରାଣ୍ଟାଇନ୍ ସେଣ୍ଟରର ଉପର ମହଲାରୁ ତଳକୁ ଶୌଚପାଇଁ ଆସିଥିବାବେଳେ ସମ୍ପୃକ୍ତ ଯୁବକ ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ନଂ.୫୬/୨୦ରେ ମାମାଲା ରୁଜୁ ହୋଇଥିଲା।

# କରୋନା ଲକ୍ଷଣ ଲୁଚାଇଲେ ବିପଦ



■ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ପ୍ରବାସୀଙ୍କ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ

■ଲୋକଙ୍କ ପାଇଁ ଆଡ୍‌ଭାଇଜରି ଜାରି କଲେ ଜିଲାପାଳ

ଛତ୍ରପୁର,୨୭।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ବହୁ ପ୍ରବାସୀ ଅଛନ୍ତି। ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଗଠିତ ଟିମ୍ ନିୟମିତ ଘରକୁ ଯାଇ ମନିଟରିଂ କରୁଛି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୋନା ଚେନ୍‌କୁ ଭାଙ୍ଗିପାରିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଏଏନ୍ଏମ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀଙ୍କୁ ନେଇ ଗଠିତ ଯାଞ୍ଚ ଟିମ୍‌ର ରିପୋର୍ଟକୁ ଆଧାର କରି ସଙ୍ଗରୋଧରେ ଥିବା ପ୍ରବାସୀଙ୍କ ଘରେ ଡାକ୍ତର ପହଞ୍ଚି ସେବା ଯୋଗାଇ ଦେଉଛନ୍ତି।

ଜନସାଧାରଣଙ୍କ ପାଇଁ ଜିଲାପାଳ ବୁଧବାର ଏକ ଆଡଭାଇଜରି ଜାରି କରିଛନ୍ତି । ଜରୁରୀ କାମ ନ ଥିଲେ ଘରୁ ନ ବାହାରିବା, ଜନଗହଳିରୁ ଦୂରେଇ ରହିବା, ବାରମ୍ବାର ସାବୁନରେ ହାତ ଧୋଇବା ଏବଂ ଅନ୍ୟଠାରୁ ୬ ଫୁଟ ଦୂରତା ରକ୍ଷା କରିବା ଓ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି। କରୋନା ଲକ୍ଷଣ ଲୁଚାଇଲେ ନିଜର ଓ ନିଜ ପରିବାର ପ୍ରତି ବିପଦ ଆସିପାରେ। ଜ୍ୱର, କାଶ, କଫ, ଥଣ୍ଡାକୁ ଭୟ ନ କରି ଦିନରାତି ଚାଲୁ ରହିଥିବା ୧୦୪, ୧୦୭୫ ଟୋଲ ଫ୍ରି ନମ୍ବରରେ ଫୋନ କରି ସ୍ୱାସ୍ଥ୍ୟ ପରାମର୍ଶ ନେଇପାରିବେ। ଜିଲାରେ ମଙ୍ଗଳବାରଠାରୁ ଆମ ସ୍ୱାସ୍ଥ୍ୟ ଆମ ଦାୟିତ୍ୱ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜିଲାର ୨୦ ହଜାର ଲୋକଙ୍କୁ କୋଭିଡ-୧୯ କମ୍ୟୁନିଟି ତାଲିମ ଦିଆଯିବ ବୋଲି ଜିଲାପାଳ ଟୁଇଟ କରି ସୂଚନା ଦେଇଛନ୍ତି । ସଚେତନ ହୋଇ କରୋନା ମୁକାବିଲା ପାଇଁ ପ୍ରସ୍ତୁତ ହେବାକୁ ପଡିବ ବୋଲି ସେ କହିଛନ୍ତି। ସେହିପରି ସମସ୍ତ କ୍ୱାରାଣ୍ଟାଇନ ସେଣ୍ଟରରେ ଥିବା ଅନ୍ତେବାସୀଙ୍କୁ କମ୍ୟୁନିଟି ସ୍ୱାସ୍ଥ୍ୟକର୍ମୀ ତାଲିମ ଦିଆଯାଉଛି। କ୍ୱାରାଣ୍ଟାଇନ ଅବଧି ସରିବା ପରେ ଏମାନେ କରୋନା ମୁକାବିଲାରେ କାର୍ଯ୍ୟ କରିବେ। ଅନ୍ୟପକ୍ଷରେ କୋଭିଡ ହସ୍ପିଟାଲ ଆଇସିୟୁ ପରିଚାଳନା ନେଇ ଜିଲାର ୪ ଡାକ୍ତର ଭୁବନେଶ୍ୱରଠାରେ ସ୍ୱତନ୍ତ୍ର ତାଲିମ ନେଇଥିବା ସୂଚନା ମିଳିଛି।

# ଭିଜିଲାନ୍ସ ଜାଲରେ ବନରକ୍ଷୀ, ରାତ୍ର ଜଗୁଆଳି



ବନରକ୍ଷୀ ଓ ରାତ୍ର ଜଗୁଆଳି।

ବ୍ରହ୍ମପୁର ଅଫିସ/ସୋରଡା (ଡି.ଏନ.ଏ.), ୨୭।୫

### ୧୦ ହଜାର ଲାଞ୍ଚ

ଗଞ୍ଜାମ ଜିଲା ସୋରଡ଼ା ବନଖଣ୍ଡ ଅଧୀନରେ ଥିବା ପିପଲପଙ୍କା ବନରକ୍ଷୀ ବିଷ୍ଣୁପ୍ରିୟା ଦାଶ ଜଣେ ଆଦିବାସୀଙ୍କ ନାମରେ ମାମଲା ରୁଜୁ ନ କରିବା ପାଇଁ ବୁଧବାର ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି।

ଲାଞ୍ଚ ଟଙ୍କା ବିଷ୍ଣୁପ୍ରିୟାଙ୍କ ନିର୍ଦ୍ଦେଶରେ ଫରେଷ୍ଟ ବିଟ୍ ହାଉସ୍ ରାତ୍ର ଜଗୁଆଳି ଗଣେଶ ପାତ୍ର ଢଉଗାଁର ଗାଙ୍ଗନା ମଣ୍ଡଳଙ୍କଠାରୁ ଗ୍ରହଣ କରିଥିଲେ ବୋଲି ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ମାମଲା ନଂ. ୬/୨୦ରେ ବିଷ୍ଣୁପ୍ରିୟା ଓ ଗଣେଶଙ୍କୁ ଗିରଫ କରାଯାଇଛି। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଖବର ଲେଖା ହେବା ସୁଦ୍ଧା ଅସୁରବନ୍ଧରେ ରହୁଥିବା ବିଷ୍ଣୁପ୍ରିୟାଙ୍କ ବାସଭବନ ଓ ପିପଳପଙ୍କା କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍ ଖାନତଲାସ୍ ଜାରି ରଖିଥିବା ସେ କହିଛନ୍ତି।

ଘଟଣାରୁ ପ୍ରକାଶ, ବିଷ୍ଣୁପ୍ରିୟାଙ୍କ ପୈତୃକ ଘର ହିଞ୍ଜିଳିକାଟୁ ହୋଇଥିବା ବେଳେ ୨୦୧୨ ମେ ୩୧ରେ ପିପଲପଙ୍କାରେ ସେ ବନରକ୍ଷୀ ଭାବେ ନିଯୁକ୍ତି ପାଇଥିଲେ। କିଛିଦିନ ତଳେ ଢଉଗାଁର ଗାଙ୍ଗନା ନିଜ ଜଙ୍ଗଲ ଜମି ସଫା କରିବା ସହ ଉକ୍ତ ଜମିକୁ ଲାଗିଥିବା ଏକ ଗଛ କାଟିଥିଲେ। ଖବର ପାଇ ବିଷ୍ଣୁପ୍ରିୟା ଗାଙ୍ଗନାଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ତୁମ ନାମରେ ମାମଲା ରୁଜୁ ହେବ ବୋଲି ଧମକ ଦେଇଥିଲେ। ମାମଲା ନ କରିବା ପାଇଁ ବିଷ୍ଣୁପ୍ରିୟା ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ପରେ ଗାଙ୍ଗନା ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବିକ ବୁଧବାର ମଧ୍ୟାହ୍ନରେ ସେ ପିପଲପଙ୍କା ଫରେଷ୍ଟ ବିଟ୍ ହାଉସ୍‌କୁ ଯାଇ ବିଷ୍ଣୁପ୍ରିୟାଙ୍କୁ ଭେଟି ଲାଞ୍ଚ ଟଙ୍କା ଦେଇଥିଲେ। ହେଲେ ସେ ଟଙ୍କା ଗ୍ରହଣ ନ କରି ନିକଟରେ ଥିବା ରାତ୍ର ଜଗୁଆଳି ଗଣେଶଙ୍କୁ ଦେବାକୁ କହିଥିଲେ। ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଟଙ୍କା ଜବତ କରିବା ସହ ବିଷ୍ଣୁପ୍ରିୟା ଓ ଗଣେଶଙ୍କୁ ଗିରଫ କରିଥିଲେ ବୋଲି ଏସ୍‌ପି ସ୍ୱାଇଁ ସୂଚନା ଦେଇଛନ୍ତି।

# ପାଣ୍ଡିଆ ଆଂଶିକ ଶଟ୍‌ଡାଉନ୍

ପୁରୁଷୋତ୍ତମପୁର,୨୭।୫(ଡି.ଏନ.ଏ.)





ଗ୍ରାମକୁ ସିଲ୍ କରାଯାଇଛି।

ପୁରୁଷୋତ୍ତମପୁର ବ୍ଲକ ଅଞ୍ଚଳରେ ସଙ୍ଗରୋଧ କେନ୍ଦ୍ର ବାହାରେ ପ୍ରଥମ କରୋନା ପଜିଟିଭ ଚିହ୍ନଟ ପରେ ପାଣ୍ଡିଆ ଗ୍ରାମକୁ ପାର୍ସିଆଲ୍ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଲକ୍ଷଣ ଜଣାପଡିବା ପରେ ସୋମବାର ରାତିରେ ଶୀତଳାପଲ୍ଲୀସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ବୁଧବାର ପ୍ରଶାସନ ପକ୍ଷରୁ ତହସିଲଦାର ଅରୁଣ କୁମାର ନାୟକ, ବିଡିଓ ସୀମାଞ୍ଚଳ ମହାନ୍ତି, ପାଣ୍ଡିଆ ସରପଞ୍ଚ ଗୋପାଳ ସେଠୀ ଉପସ୍ଥିତ ରହି ସମ୍ପୂର୍ଣ୍ଣ ଗ୍ରାମକୁ ପାର୍ସିଆଲ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହାସହ ସମସ୍ତ ଦୋକାନ ବଜାର ବନ୍ଦ ଲାଗି ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ଗ୍ରାମର ବିଭିନ୍ନ ପ୍ରବେଶ ପଥକୁ ପଞ୍ଚାୟତ ପକ୍ଷରୁ ସିଲ୍ ମଧ୍ୟ କରାଯାଇଛି।

# କେନ୍ଦୁବାଡ଼ି ୭୨ ଘଣ୍ଟା ଶଟ୍‌ଡାଉନ

ପୋଲସରା,୨୭।୫(ଡି.ଏନ.ଏ.)

ସଙ୍ଗରୋଧ କେନ୍ଦ୍ରରେ ୧୪ଦିନ ରହି ଫେରିଥିବା ଜଣେ ଗର୍ଭବତୀଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ କେନ୍ଦୁବାଡି ପଞ୍ଚାୟତକୁ ବୁଧବାର ଶଟ୍‌ଡାଉନ୍ ଘୋଷଣା କରିଛନ୍ତି ସରପଞ୍ଚ। ସମ୍ପୃକ୍ତ ମହିଳା ସୁରଟରୁ ଆସି କୁକୁଡ଼ାଖଣ୍ଡିସ୍ଥିତ ସଙ୍ଗରୋଧ ଗୃହରେ ଥିଲେ। ୧୪ ଦିନ ରହିବା ପରେ ସ୍ୱାବ୍ ନମୁନା ସଂଗ୍ରହ କରି ଗ୍ରାମକୁ ଫେରାଇ ଦିଆଯାଇଥିଲା। ବୁଧବାର ରିପୋର୍ଟ ପଜିଟିଭ୍ ଆସିବା ପରେ କେନ୍ଦୁବାଡ଼ି ଗ୍ରାମକୁ ଆସି ବ୍ରହ୍ମପୁର ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ପୁଣି କୋଭିଡ୍ ହସ୍ପିଟାଲକୁ ନେଇଯାଇଥିବା ସୂଚନା ଦେଇଛନ୍ତି ସ୍ଥାନୀୟ ସରପଞ୍ଚ ଓ ପୋଲସରା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ। ସଂକ୍ରମଣ ଆଶଙ୍କାରେ ସରପଞ୍ଚ ବିଜୟ କୁମାର ଭୂୟାଁ କେନ୍ଦୁବାଡ଼ି ଗ୍ରାମକୁ ବୁଧବାର ଠାରୁ ୭୨ ଘଣ୍ଟା ଲାଗି ଶଟ୍‌ଡାଉନ କରିଛନ୍ତି। ସକାଳ ୭ରୁ ୧୧ଟା ମଧ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ନେଇପାରିବେ ବୋଲି ସରପଞ୍ଚ ସୂଚନା ଦେଇଛନ୍ତି।

# ରିଲିଫ୍ ପ୍ୟାକେଜରେ କୃଷକ ବିରୋଧୀ ପଦକ୍ଷେପକୁ ବିରୋଧ

ବ୍ରହ୍ମପୁର ଅଫିସ,୨୭।୫

ରିଲିଫ୍ ପ୍ୟାକେଜରେ କୃଷକ ବିରୋଧୀ ପଦକ୍ଷେପ ପ୍ରତିବାଦରେ ବୁଧବାର ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ପ୍ରତିବାଦ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସମିତି କର୍ମକର୍ତ୍ତାମାନେ ବ୍ରହ୍ମପୁର ତହସିଲ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଚାଷୀଙ୍କୁ ଋଣ ଛାଡ ସହ ଖରିଫ ଋଣ ପ୍ରଦାନ, ସମସ୍ତ ଫସଲର ସରକାରୀ ସମର୍ଥିତ ଦର କ୍ରୟକୁ ସୁନିଶ୍ଚିତ କରିବା ସହ ସେଥିରେ କ୍ଷୀର, ପରିବା, ଫଳ ଓ ଶୀଘ୍ର ନଷ୍ଟକାରୀ ଶସ୍ୟକୁ ସାମିଲ କରିବା, ପ୍ରଧାନମନ୍ତ୍ରୀ କୃଷକ ସହାୟତା ବାର୍ଷିକ ୧୮ ହଜାର ଟଙ୍କାକୁ ବୃଦ୍ଧି କରିବା ନେଇ ସମାବେଶରେ ଦାବି କରାଯାଇଥିଲା । ତୁରନ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ର କରିବାକୁ ଚେତାବନୀ ଦିଆଯାଇଥିଲା । ସଂଘର୍ଷ ସମନ୍ୱୟ ସମିତି ରାଜ୍ୟ ସଂଯୋଜକ ପ୍ରଫୁଲ୍ଲ ସାମନ୍ତରା, ଓଡିଶା କୃଷକ ସଭା ଜିଲା ସମ୍ପାଦକ ପି. ହରିକୃଷ୍ଣ ରେଡ୍ଡୀ, ଗୋପାଳ ପାଣିଗ୍ରାହୀ, ବସନ୍ତ ନନ୍ଦ, ଏଆଇକେକେଏସ୍ ରାଜ୍ୟ ସମ୍ପାଦକ ଶଙ୍କର ସାହୁଙ୍କ ସମେତ ବିଭିନ୍ନ ଶ୍ରମିକ ସଂଗଠନ କର୍ମକର୍ତ୍ତା ସମାବେଶରେ ସାମିଲ ହୋଇଥିଲେ ।





ଆରଡିସିଙ୍କ କାର୍ଯ୍ୟାଳୟ ଆଗରେ ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ଗାଁରେ ପହଞ୍ଚିଲା ପ୍ରବାସୀ ଓଡ଼ିଆଙ୍କ ମୃତଦେହ

**ଭଞ୍ଜନଗର,୨୭।୫(ଡି.ଏନ.ଏ):** ସୁରଟରୁ ଶ୍ରମିକ ଟ୍ରେନରେ ଫେରିବା ବେଳେ ମହାରାଷ୍ଟ୍ରର କର୍ନୋରଠାରେ ସୋମବାର ରାତିରେ ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ମଙ୍ଗଳପୁରର ସୁଦର୍ଶନ ଆପଛଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକେ ଆମ୍ବୁଲାନ୍ସରେ ଗାଁକୁ ଆଣିଥିଲେ। ବୁଧବାର ଅପରାହ୍ନରେ ମୃତଦେହ ଗାଁରେ ପହଞ୍ଚିବା ପରେ ଅନ୍ତିମ ସଂସ୍କାର କରାଯାଇଛି । ବେଲଗୁଣ୍ଠା ତହସିଲଦାର ରେଡ଼କ୍ରସ ଫଣ୍ଡରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ରୋଜଗାରିଆ ପୁଅକୁ ହରାଇ ପରିବାର ଲୋକ ଭାଙ୍ଗି ପଡ଼ିଛନ୍ତି। ତେଣୁ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଦାବି ହୋଇଛି । ସୂଚନାଯୋଗ୍ୟ, ଲକ୍‌ଡାଉନ ଯୋଗୁ ସୁଦର୍ଶନ ଗାଁକୁ ଆସି ନ ପାରିବାରୁ ଗତ ଏପ୍ରିଲ ୨୧ ତାରିଖରେ ତାଙ୍କ ବିବାହ ହୋଇପାରି ନ ଥିଲା। ଗାଁକୁ ଫେରିବା ପାଇଁ ସୁଦର୍ଶନ ସୋମବାର ଶ୍ରମିକ ଟ୍ରେନରେ ଚଢ଼ିଥିଲେ। ସେ ଟ୍ରେନ୍ ବାଥ୍ ରୁମ୍‌କୁ ଯାଇ ବହୁ ସମୟ ପର୍ଯ୍ୟନ୍ତ ବାହାରି ନ ଥିଲେ। ସାଥିରେ ଥିବା ଅନ୍ୟ ୨ ସାଙ୍ଗ ବାଥ୍ ରୁମରେ ସୁଦର୍ଶନ ଅଚେତ ହୋଇ ପଡ଼ିଥିବା ଦେଖି କର୍ନୋର ଷ୍ଟେଶନରେ ତାଙ୍କୁ ଓହ୍ଲାଇ ମେଡ଼ିକାଲକୁ ନେଇଥିଲେ। ସୋମବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କଲେ ଏମ୍‌ପି, ବିଧାୟକ



କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବ୍ରହ୍ମପୁର ଅଫିସ, ୨୭।୫

କୋଭିଡ୍-୧୯ ମୁକାବିଲା ପାଇଁ କରୋନା ଯୋଦ୍ଧା ଭାବେ ଅଭିହିତ ହୋଇଥିବା ବ୍ରହ୍ମପୁରର ବ୍ୟକ୍ତିଙ୍କୁ ବୁଧବାର ସନ୍ଧ୍ୟାରେ ବ୍ରହ୍ମପୁର ଏମ୍‌ପିଙ୍କ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଛି । ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା ବ୍ରହ୍ମପୁରରେ କରୋନା ମୁକାବିଲା ପାଇଁ କାର୍ଯ୍ୟରତ କରୋନା ଯୋଦ୍ଧାଙ୍କୁ ସମ୍ମାନିତ କରିଛନ୍ତି। ଏହି ଅବସରରେ ରାଜ୍ୟ ବିଜେଡି ସଂଖ୍ୟା ଲଘୁ ସେଲ ସମ୍ପାଦକ ମହମ୍ମଦ ଫାଇଜ ଖାଁ, ରାଜ୍ୟ ଯୁବ ବିଜେଡ଼ି ସମ୍ପାଦକ କାହ୍ନୁଚରଣ ପାତ୍ର, ପୂର୍ବତନ କର୍ପୋରେଟର ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ପୂର୍ବତନ କର୍ପୋରେଟର ସୁରେନ୍ଦ୍ର ମହାରଣା, ପୂର୍ବତନ କର୍ପୋରେଟର ତେଜେଶ୍ୱର ସ୍ୱାମୀ, ବିଜେଡ଼ି ସାଧାରଣ ସମ୍ପାଦକ ସଚିନ ପଣ୍ଡା, ବାଲୁକା ଶିଳ୍ପୀ ସତ୍ୟ ମହାରଣା, ବିଜେଡ଼ି ଯୁବ ଛାତ୍ର ସଭାପତି ସଞ୍ଜୟ ଜେନା, ସମାଜସେବୀ ସୁରେଶ ଚନ୍ଦ୍ର ତ୍ରିପାଠୀ, ସମାଜସେବୀ ସୁନୀଲ ପଣ୍ଡା, ରାମକୃଷ୍ଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହାନଗର ସଭାପତି ବିଜୟ ଚନ୍ଦ୍ର ସାମଲ, ସରୋଜ ପଣ୍ଡା,ସଞ୍ଜିତ ପାଣିଗ୍ରାହୀ, ମଦନ ଦଳେଇ, ଅଜିତ ପଣ୍ଡା, ଚନ୍ଦ୍ର ମହୋନ ସାହୁ, ଜଗନ୍ନାଥ ବେହେରା ପ୍ରମୋଦ ମହାରଣା, କୃଷ୍ଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସୁର ସମ୍ରାଟ ପ୍ରତିଯୋଗିତାରେ ଡାକ୍ତର ବିଜେତା

ବ୍ରହ୍ମପୁର ଅଫିସ,୨୭।୫

ଡାକ୍ତର ସୁର ସମ୍ରାଟ ସର୍ବଭାରତୀୟ ସ୍ତରୀୟ ପ୍ରତିଯୋଗିତାରେ ବ୍ରହ୍ମପୁର ବଡ ମେଡିକାଲ ଭେଷଜ ବିଭାଗ ଅସିଷ୍ଟାଣ୍ଟ ପ୍ରଫେସର ଡା. ଚନ୍ଦନ ଗନ୍ତାୟତ ବିଜେତା ହୋଇଛନ୍ତି । କୋଭିଡ-୧୯ ମୁକାବିଲାରେ ସାମିଲ କରିଥିବା ଡାକ୍ତରଙ୍କ ମଧ୍ୟରେ ରହିଥିବା ପ୍ରତିଭାର ବିକଶିତ କରିବା ସହ ପ୍ରୋତ୍ସାହିତ କରିବା ନେଇ ସର୍ବଭାରତୀୟସ୍ତରରେ ଡାକ୍ତର ସୁର ସମ୍ରାଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅନ୍‌ଲାଇନ୍ ମାଧ୍ୟମରେ ଆୟୋଜିତ ଏହି ପ୍ରତିଯୋଗିତାରେ ସର୍ବଭାରତୀୟସ୍ତରରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଡାକ୍ତର ଭାଗ ନେଇଥିଲେ । ତିନିଟି ରାଉଣ୍ଡରେ ଏହା ଅନୁଷ୍ଠିତ ହୋଇଥିଲା ।

# ବିଶୃଙ୍ଖଳାକାରୀଙ୍କ ପ୍ରତି କଠୋର ହେଲା ପ୍ରଶାସନ

ଭଞ୍ଜନଗର,୨୭।୫(ଡି.ଏନ.ଏ)

### ୭ ବଦଳରେ ୨୧ ଦିନ ସଙ୍ଗରୋଧ କେନ୍ଦ୍ରରେ ରହିବେ

ଭଞ୍ଜନଗର ବ୍ଲକ ସାନକୋଦଣ୍ଡା ପଞ୍ଚାୟତ ବିଞ୍ଜିଗିରି ସଙ୍ଗରୋଧ କେନ୍ଦ୍ରର ଅନ୍ତେବାସୀମାନେ ବିଶୃଙ୍ଖଳା କରୁଛନ୍ତି। ସଙ୍ଗରୋଧ କେନ୍ଦ୍ରର ନିୟମ ଉଲ୍ଲଂଘନ କରି ଭିଡିଓ ଭାଇରାଲ କରିଛନ୍ତି। ଏଥିସହ ପାଚେରି ଡ଼େଇଁ ପଳାଇବାକୁ ଧମକ ଦେଉଛନ୍ତି । ସେମାନେ ଘରକୁ ଗଲେ ୭ ଦିନ ହୋମ କ୍ୱାରାଣ୍ଟାଇନ ନିୟମ ମାନିବେ ନାହିଁ। ତେଣୁ ୭ଦିନ ବଦଳରେ ଏମାନେ ୨୧ଦିନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିବେ ବୋଲି ବିଡିଓ ଅନିଲ କୁମାର ସେଠୀ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନ୍ୟପକ୍ଷରେ ଏହି ନିର୍ଦ୍ଦେଶନାମାକୁ ନେଇ କେତେଜଣ ଅନ୍ତେବାସୀ ଅସନ୍ତୋଷ ବ୍ୟକ୍ତ କରିଥିବା କୁହାଯାଉଛି।

ବିଞ୍ଜିଗିରି ସଙ୍ଗରୋଧ କେନ୍ଦ୍ରରେ ନିୟମ ପ୍ରକାରେ ଖାଦ୍ୟ ଓ ଅନ୍ୟାନ୍ୟ ସୁବିଧା ମିଳୁ ନ ଥିବା ଦର୍ଶାଇ ସୋମବାର ରାତିରେ ଅନ୍ତେବାସୀମାନେ ଖାଦ୍ୟ ଗ୍ରହଣ ନ କରି ହୋହଲ୍ଲା କରିଥିଲେ। ଏପରିକି ସେମାନେ ସଙ୍ଗରୋଧ କେନ୍ଦ୍ରର ସବୁ ନିୟମ ଉଲ୍ଲଂଘନ କରିଥିଲେ। ସାମାଜିକ ଦୂରତ୍ୱ ବଜାୟ ନ ରଖି ଭିଡ଼ିଓ ଭାଇରାଲ କରିଥିଲେ। ଏ ନେଇ ବିଡିଓ ସେଠୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଉକ୍ତଦିନର ପରିସ୍ଥିତିକୁ ଦେଖି ପଦକ୍ଷେପ ନିଆଯାଇଛି । ଆବଶ୍ୟକ ପଡ଼ିଲେ ବିଶୃଙ୍ଖଳାକାରୀ ଅନ୍ତେବାସୀଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ କରାଯିବ ବୋଲି କହିଛନ୍ତି।

# ତଦନ୍ତ କଲେ ଜିଲାପାଳଙ୍କ ପ୍ରତିନିଧି

ଚିକିଟି,୨୭।୫(ଡି.ଏନ.ଏ.)



ଚିକିଟି ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ପ୍ରତିନିଧି।

■ ତହସିଲଦାରଙ୍କ ସହ ଅଞ୍ଚଳବାସୀଙ୍କ ବିବାଦ ଘଟଣା

■ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କୁ ଦାବିପତ୍ର

ଚିକିଟି ବ୍ଲକର ଜନପ୍ରତିନିଧି ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଅଧକ୍ଷା ଏମ୍. ପଦ୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନିରେ ଏକାଠି ହୋଇଥିଲେ। ଗତ ୨୧ ତାରିଖରେ କଳବାଡ ପଞ୍ଚାୟତ ନୂଆମୈଶାନପୁର ଗ୍ରାମ ସଙ୍ଗରୋଧ କେନ୍ଦ୍ର ନିକଟରେ ସରପଞ୍ଚଙ୍କ ନିର୍ଦ୍ଦେଶରେ କେତେଜଣ ଯୁବକ ସଫେଇ କରୁଥିବା ବେଳେ ସେହି ବାଟ ଦେଇ ଯାଉଥିବା ପାତ୍ରପୁର ତହସିଲଦାର ଡ. ଶ୍ରୀନିବାସ ବେହେରା ଗାଳିଗୁଲଜ ସହ ମାଡ ମାରିଥିଲେ। ଏନେଇ ଗଞ୍ଜାମ ଜିଲାପାଳ ଓ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହେବାର ୩ ଦିନ ବିତିଲାଣି କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଖବରଦାତା ସମ୍ମିଳନୀରେ ଏହାକୁ ତୀବ୍ର ନିନ୍ଦା କରାଯାଇଥିଲା। ଏନେଇ ଜନପ୍ରତିନିଧିଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବ, ଗଞ୍ଜାମ ଜିଲାପାଳ, ଚିକିଟି ବିଡିଓ ଏବଂ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ୨ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ କୋଭିଡ୍ ଡ୍ୟୁଟିରୁ ଅନ୍ତର ହେବୁ ବୋଲି ଜନପ୍ରତିନିଧି ଚେତାବନୀ ଦେଇଛନ୍ତି। ଏନେଇ ପାତ୍ରପୁର ତହସିଲଦାର ଡ. ଶ୍ରୀନିବାସ ବେହେରାଙ୍କ ସହ ଯୋଗାଯୋଗ କରିବାରୁ, ସେ ଏହାକୁ ଖଣ୍ଡନ କରିଛନ୍ତି। ସଙ୍ଗରୋଧ କେନ୍ଦ୍ର ନିକଟରେ ୧୪୪ ଧାରା ଜାରି ସତ୍ତ୍ୱେ ଖେଳୁଥିବାରୁ ତାଗିଦ କରିଥିଲି ବୋଲି କହିଥିଲେ। ଚିକିଟି ବିଡିଓ ଫାଲ୍‌ଗୁନି ମାଝିଙ୍କ ସହ ଯୋଗାଯୋଗ ବେଳେ ମୋତେ ଦେଇଥିବା ଦାବିପତ୍ର ସମ୍ପର୍କରେ ପ୍ରଶାସନକୁ ଜଣାଇବି, ସେ ଯାହା ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ବୁଧବାର ଜିଲାପାଳଙ୍କ ପ୍ରତିନିଧି ତଥା ବ୍ରହ୍ମପୁର ସବ୍‌ଡିଭିଜନ୍‌ର ଉପଖଣ୍ଡସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଶୈତ କୁମାର ଦାସ ଚିକିଟି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଘଟଣା ସମ୍ପର୍କରେ ବୁଝିଛନ୍ତି।

## ସଂକ୍ଷେପରେ

### ପାସ୍ ମାର୍କ ମାଗିଲେ ଫେଲ୍ ବିଏଡ୍ ଛାତ୍ରୀଛାତ୍ର

**ସମ୍ବଲପୁର,୨୭।୫(ବ୍ୟୁରୋ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ କାର୍ଯ୍ୟାଳୟରେ ବିଇଡି ଛାତ୍ରୀଛାତ୍ର ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବଲାଙ୍ଗୀର, ସମ୍ବଲପୁର, ଭବାନୀପାଟଣା, ରାଉରକେଲା, ବରଗଡ, ସୁନ୍ଦରଗଡ ବିଇଡି କଲେଜର ମୋଟ ୮୪ ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଫେଲ୍ ହୋଇଯାଇଛନ୍ତି । ୨୦୧୮ -୧୯ର ଶିକ୍ଷାବର୍ଷର ଏହି ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ୯ ମାସ ପରେ ଏବେ ପ୍ରକାଶ ପାଇଛି। ଅଳ୍ପ କିଛି ମାର୍କ ପାଇଁ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ତେଣୁ ଗ୍ରେସ୍ ମାର୍କ ଦେଇ ପାସ୍ କରାଯାଉ ବୋଲି ଏମାନେ ଦାବି କରିଛନ୍ତି। ମହେନ୍ଦ୍ର ବାରିକ, ବିଶ୍ୱାମିତ୍ର ଭୁଏ, ପ୍ରଶାନ୍ତ ମାଝି, ମେଘନାଥ ମେହେର, ତେଜରାଜ ମେହେର ପ୍ରମୁଖ ନେତୃତ୍ୱ ନେଇଥିଲେ।

### ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ବୃଦ୍ଧ ଗିରଫ

**ରେଙ୍ଗାଲି,୨୭।୫(ଡି.ଏନ.ଏ.):** ସମ୍ବଲପୁର ଜିଲା କତରବଗା ଥାନା ଅଧୀନ ଗୋଟିଏ ଗାଁର ଜଣେ ଦିବ୍ୟାଙ୍ଗ ଯୁବତୀ ବଳାତ୍କାରର ଶିକାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ନିତ୍ୟାନନ୍ଦ ମହାନନ୍ଦିଆ (୫୩) ନାମକ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ଅଭିଯୋଗ ଅନୁସାରେ ଯୁବତୀ ଜଣଙ୍କ ନିଜ ଘରେ ଏକୁଟିଆ ଥିବା ଦେଖି ଅଭିଯୁକ୍ତ ନିତ୍ୟାନନ୍ଦ ତାଙ୍କୁ ବଳାତ୍କାର କରିଥିଲେ। ପୋଲିସ ଏକ ବଳାତ୍କାର ମାମଲା ରୁଜୁ କରିଛି। ଉଭୟ ଯୁବତୀ ଏବଂ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି।

### ନାବାଳିକାଙ୍କୁ ବଳାତ୍କାର, ଜଣେ ଗିରଫ

**ବଡଗାଁ,୨୭।୫ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳର ଜଣେ ନାବାଳିକା (୧୬)ଙ୍କୁ କୁତ୍ରା, ରାଏଡିହି ଗ୍ରାମର ହେମନ୍ତ ମିଞ୍ଜ(୨୦) ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ଏହାକୁ ଭିତ୍ତିକରି ପୋଲିସ ହେମନ୍ତଙ୍କୁ ମଙ୍ଗଳବାର ଗିରଫ ସହ କୋର୍ଟଚାଲାଣ କରିଛି । ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

### କ୍ୱାରାଣ୍ଟାଇନ ସେଣ୍ଟରରେ ମୃତ୍ୟୁ ଆସିଲା

**ଅତାବିରା,୨୭।୫ (ଡି.ଏନ.ଏ.):** ବରଗଡ ଜିଲା ଅତାବିରା ବ୍ଲକ ଲରାସରା କ୍ୱାରାଣ୍ଟାଇନ ସେଣ୍ଟରରେ ବୁଧବାର ଜଣେ ୧ ମାସର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି । ଏହି ଶିଶୁକନ୍ୟାଙ୍କ ପରିବାର ସଦସ୍ୟ ବିଜୟୱାଡାସ୍ଥିତ ଏକ ଇଟାଭାଟିରେ କାମ କରିବାକୁ ଯାଇ ଫେରିବା ପରେ ମଙ୍ଗଳବାର ଶିଶୁକନ୍ୟାଙ୍କୁ ଧରି କ୍ୱାରାଣ୍ଟାଇନ ସେଣ୍ଟରକୁ ଆସିଥିଲେ । ହେଲେ ସେଠାରେ ଶିଶୁକନ୍ୟାର ମୃତ୍ୟୁ ଘଟିଥିଲା । ଏହି ଖବର ପାଇବା ପରେ ପ୍ରଶାସନିକ ଅଧିକାରୀମାନେ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି । ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ । ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଥିବା ସ୍ୱୀକାର କରିଛନ୍ତି। ରାତିରେ ପିଲାଟି ହଠାତ୍ ଗୁରୁତର ହୋଇପଡିଥିଲା । ଡାକ୍ତର ପହଞ୍ଚି ଶିଶୁକନ୍ୟାଙ୍କ ମୃତ୍ୟୁ ଘୋଷଣା କରିଥିଲେ ବୋଲି ସେ କହିଛନ୍ତି ।



ସମ୍ବଲପୁର ଝାଡୁଆପଡା ଶିବ ମନ୍ଦିରରୁ କନ୍ୟା ମାତାପିତା ପାର୍ବତୀଙ୍କୁ ଘରକୁ ନେଉଛନ୍ତି।



ସମ୍ବଲପୁର ଠାକୁରପଡା ଶିବ ମନ୍ଦିରରୁ କନ୍ୟା ମାତାପିତା ପାର୍ବତୀଙ୍କୁ ଘରକୁ ନେଉଛନ୍ତି।



ମାନେଶ୍ୱର ମାନଧାତା ବାବାଙ୍କ ବିବାହ ନୀତିରେ କନ୍ୟା ମାତାପିତା।

# ଶୀତଳଷଷ୍ଠୀରେ ଭକ୍ତିମୟ ପରିବେଶ



ସମ୍ବଲପୁର ଜାଗେଶ୍ୱର ବାବାଙ୍କ ତୈଳାଭିଷେକ ନୀତି କରାଯାଉଛି।



ସମ୍ବଲପୁର ମୁଦିପଡା ଶୈବ ପୀଠରେ ମହିଳାମାନେ ହଳଦୀ ନୀତି କରୁଛନ୍ତି ।



ସମ୍ବଲପୁର ପଟ୍ଟନାୟକ ପଡାରେ କନ୍ୟା ମାତାପିତା ଗଣ୍ଠାଳ ଫିଟାଉଛନ୍ତି।

- ମନ୍ତ୍ର ଉଚ୍ଚାରଣରେ କମ୍ପିଲା ମନ୍ଦିର
- କନ୍ୟାଦାନ କଲେ ଏକାଧିକ ଦମ୍ପତି

**ସମ୍ବଲପୁର, ୨୭।୫ (ବ୍ୟୁରୋ)**

ବୁଧବାର ପାରମ୍ପରିକ ରୀତିନୀତିରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଛି। ନନ୍ଦପଡା ଚିତ୍ରୋତ୍ପଳା କଲ୍ୟାଣ ମଣ୍ଡପରେ ପଣ୍ଡିତ ଶଶାଙ୍କଶେଖର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଅଇଁଠାପାଲି ଶୁଭଶ୍ରୀବିହାରର କନ୍ୟାମାତା ରିଙ୍କି ଓ ପିତା ସୁକାନ୍ତ କୁମାର ବିଶି ସଂକଳ୍ପ କରି ବମ୍ବରାଡ ବାଲୁଙ୍କେଶ୍ୱର ବାବାଙ୍କୁ ମାତା ପାର୍ବତୀଙ୍କୁ କନ୍ୟାଦାନ କରିଥିଲେ । ଝାଡୁଆପଡା ବଡଦୁଆର ଆରଣ୍ୟକ ମଞ୍ଚରେ ଲୋକନାଥ ବାବା ଓ ପାର୍ବତୀଙ୍କ ବିବାହ ହୋଇଥିଲା । କନ୍ୟାମାତା ବିଜୟିନୀ ଓ ପିତା କିଶୋର କୁମାର ଷଡଙ୍ଗୀ କନ୍ୟାଦାନ କରିଥିଲେ । ମୁଦିପଡା ଜାଗେଶ୍ୱର ମନ୍ଦିର ପରିସରରେ ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମହାମନ୍ତ୍ର ଉଚ୍ଚାରଣ ସହ କନ୍ୟାମାତା ସୌଭାଗିନୀ ଓ ପିତା ଅଭିରାମ ପଟେଲ କନ୍ୟାଦାନ କରିଥିଲେ। ସେହିପରି କନ୍ୟାମାତା ରଶ୍ମି ଓ ପିତା ଭବେଶ ଚାନ୍ଦ ଶଙ୍ଖରେ ଜଳଧାରଣ କରି ଶୀତଳେଶ୍ୱର ବାବାଙ୍କୁ କନ୍ୟାଦାନ କରିଥିଲେ । ଠାକୁରପଡା ମନ୍ଦିର ପରିସରସ୍ଥ ମଣ୍ଡପରେ ଗୁପ୍ତେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ହୋଇଥିଲା କନ୍ୟାମାତା ମୀନା ଓ ପିତା ନିକୁଞ୍ଜ କୁମାର ବସନ୍ତରାୟ କନ୍ୟାଦାନ କରିଥିଲେ ।

ସମ୍ବଲପୁର ସହର ଉପକଣ୍ଠ ସିନ୍ଦୂରପଙ୍କର ତାରକେଶ୍ୱର ବାବା ଓ ମାନେଶ୍ୱର ମାନଧାତା ବାବାଙ୍କ ବିବାହ ମଧ୍ୟ ସମ୍ପନ୍ନ ହୋଇଛି। ସିନ୍ଦୂରପଙ୍କ ମନ୍ଦିରରୁ ରାତି ୮ଟାରେ ମହାଦେବ ବାହାରି କନ୍ୟାଘରେ ପହଞ୍ଚି ଥିଲେ। ମାତାପିତା ବିନୟ କର ଓ ମନ୍ଦାକିନୀ କନ୍ୟାଦାନ କରିଥିଲେ। ମାନେଶ୍ୱର ମାନଧାତା ବାବାଙ୍କ ବିବାହ ମନ୍ଦିର ପରିସରରେ ସମ୍ପନ୍ନ ହୋଇଛି। ମିର୍ଗାମୁଣ୍ଡା ଗ୍ରାମର କୁନା ପୁରୋହିତ ଓ ଦୀପିକା କନ୍ୟା ମାତାପିତା ହେବାର ସୌଭାଗ୍ୟ ଲାଭ କରିଥିଲେ। ଏଥିସହ ବୁଢ଼ାରଜା ମହାଦେବ, ଦୁର୍ଗାପାଲି ଗୁପ୍ତେଶ୍ୱର, କୁମ୍ଭାରପଡା ସମେତ ଛୋଟବଡ ଶୈବ ପୀଠରେ ଶିବପାର୍ବତୀଙ୍କ ବିବାହ ଉତ୍ସବ ନିରାଡମ୍ବର ଭାବେ ଅନୁଷ୍ଠିତ ହୋଇଛି । ବୁଧବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ କନ୍ୟା ମାତାପିତାଙ୍କ ବାସଭବନରେ ପାର୍ବତୀଙ୍କ ବିବାହ ପାଇଁ ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା।

## ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

**ଲୋଇସିଂହା,୨୭।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଗ୍ରାମର ଜଣେ ବୃଦ୍ଧ ପୋଖରୀରେ ବୁଡିଯିବାରୁ ବୁଧବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ସେ ହେଲେ ବୁର୍ଡାସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାର ଅବସରପ୍ରାପ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ କଲାରସିଂ ବାରିକ (୭୫)। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପୋଖରୀରୁ ତାଙ୍କୁ ଖୋଜି ବାହାରି କରିଥିଲେ। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଙ୍ଗରୋଧ କେନ୍ଦ୍ରରେ ହୋଟେଲ ଖାଦ୍ୟ

**ଅତାବିରା,୨୭।୫ (ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ବ୍ଲକ ପତ୍ରାପାଲି ପଞ୍ଚାୟତ ହାଇସ୍କୁଲ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିବା ପ୍ରବାସୀ ଶ୍ରମିକ ହୋଟେଲରୁ ଖାଦ୍ୟ ଆଣି ଖାଉଛନ୍ତି । ଠିକ୍ ଭାବେ ଖାଦ୍ୟ ପ୍ରଦାନ କରାଯାଉ ନ ଥିବାରୁ ସେମାନେ ଏପରି ପଦକ୍ଷେପ ଗ୍ରହଣ କରିଥିବା କହିଛନ୍ତି ।

ଉକ୍ତ ସେଣ୍ଟରରେ ୪୦ ମହିଳା ପୁରୁଷ ଅଛନ୍ତି । ସେହି ପରିସରରେ ଥିବା ନଳକୂପ ପାଣିରେ ଲୌହଅଂଶ ରହିଛି। ୨ଟି ପାଇଖାନା ଥିବାରୁ ଅନ୍ତେବାସୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଧିକାଂଶ ସମୟରେ ଉକ୍ତ ସେଣ୍ଟରରେ ନିମ୍ନମାନର ଖାଦ୍ୟ ପ୍ରଦାନ କରାଯାଉଥିବା ପ୍ରବାସୀ ଶ୍ରମିକ ପରିତୋଷ ଛନ୍ଦ, ଶିକୁ ଠାଠି, ସୁରଜ ବାରିକ, ହିମାଂଶୁ ସେନାପତି ପ୍ରମୁଖ ଅଭିଯୋଗ କରିଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ବିଡିଓ ପ୍ରଣବ ଚାନ୍ଦଙ୍କୁ ପଚରାଯିବାରୁ ସବୁ ପ୍ରକାର ବ୍ୟବସ୍ଥା ହୋଇଛି । ଯଦି କୌଣସି ଅବ୍ୟବସ୍ଥା ନଜରକୁ ଆସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସୁବର୍ଣ୍ଣପୁରରେ ପୁଣି ୪ କରୋନା ପଜିଟିଭ୍ ଚିହ୍ନଟ

**ସୋନପୁର,୨୭।୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ବୁଧବାର ୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସୋନପୁର ବ୍ଲକରେ ୨ ଜଣ, ତରଭା ଓ ଡୁଙ୍ଗୁରିପାଲି ବ୍ଲକରେ ଜଣେ ଲେଖାଏ ଆକ୍ରାନ୍ତ ଅଛନ୍ତି । ଏମାନେ କ୍ୱାରେଣ୍ଟାଇନ୍‌ରେ ଥିଲେ। ସୋନପୁର ବ୍ଲକ ବାଲିଜୁରୀ ଗ୍ରାମର ତାମିଲନାଡୁ ଫେରନ୍ତା ୨୩ ବର୍ଷର ଯୁବକ ଓ କୁଲିପାଲି ଗ୍ରାମର ମହାରାଷ୍ଟ୍ର ଫେରନ୍ତା ୨୬ ବର୍ଷର ଯୁବକଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିଛି। ଉଭୟେ ୧୮ ତାରିଖରେ ପହଞ୍ଚିବା ପରେ ହରଡଖୋଲସ୍ଥିତ ଶୁଭେଶ୍ୱର ପଞ୍ଚାୟତ ହାଇସ୍କୁଲ ଅସ୍ଥାୟୀ ଟିଏମ୍‌ସିରେ ରହୁଥିଲେ। ୨୫ ତାରିଖରେ ଉଭୟଙ୍କ ସ୍ୱାବ୍ ନମୁନା ସଂଗ୍ରହ କରି ପଠାଯାଇଥିଲା। ଡୁଙ୍ଗୁରିପାଲି ବ୍ଲକ ସରଗୁଲ ଟିଏମ୍‌ସିରେ ମହାରାଷ୍ଟ୍ର ଫେରନ୍ତା ଜଣେ ଯୁବକ ଓ ତରଭା ବ୍ଲକ ରଙ୍ଗପୁର ଟିଏମ୍‌ସିରେ ଥିବା ତାମିଲନାଡୁ ଫେରନ୍ତା ଜଣେ ଯୁବକଙ୍କର ରିପୋର୍ଟ ପଜିଟିଭ୍ ଆସିଥିବା ଜିଲାପାଳ ମୋନିଷା ବାନାର୍ଜୀ ସୂଚନା ଦେଇଛନ୍ତି ।

## ସ୍ପେଶାଲ୍ ଟ୍ରେନ୍‌ରେ ପହଞ୍ଚିଲେ ୪୪୨୯ ପ୍ରବାସୀ

**ବଲାଙ୍ଗୀର ଅଫିସ, ୨୭।୫**



ବଲାଙ୍ଗୀର ରେଲଷ୍ଟେଶନ୍‌ରେ ପହଞ୍ଚିଥିବା ଟ୍ରେନ୍‌ରୁ ପ୍ରବାସୀମାନେ ଓହ୍ଲାଉଛନ୍ତି ।

ବଲାଙ୍ଗୀର ରେଲଷ୍ଟେଶନରେ ମଙ୍ଗଳବାର ରାତିରେ ଗୋଟିଏ ଓ ବୁଧବାର ୨ଟି ଶ୍ରମିକ ସ୍ପେଶାଲ୍ ଟ୍ରେନ୍ ପହଞ୍ଚିଥିଲା । ଏହି ତିନି ଟ୍ରେନ୍‌ରେ ସମୁଦାୟ ୪୪୨୯ ଜଣ ଓଡିଆ ପ୍ରବାସୀ ଓହ୍ଲାଇଥିଲେ । ସେଥିରେ କେବଳ ବଲାଙ୍ଗୀର ଜିଲାର ୧୦୧୦ ଜଣ ପ୍ରବାସୀ ଆସି ପହଞ୍ଚିଛନ୍ତି । ମଙ୍ଗଳବାର ରାତିରେ ଗୁଜରାଟର ରାଜକୋଟରୁ ଆସିଥିବା ଟ୍ରେନ୍‌ରେ ୧୧୮୭ ପ୍ରବାସୀ ଓହ୍ଲାଇଥିଲେ । ବୁଧବାର ଦୁଇଟି ଟ୍ରେନ୍ ବଲାଙ୍ଗୀର ପହଞ୍ଚିଥିଲା । ଆନ୍ଧ୍ରପ୍ରଦେଶର ରାୟନାପାଡୁରୁ ଆସିଥିବା ଟ୍ରେନ୍ ପୂର୍ବାହ୍ନ ୧୧ଟା ୪୫ରେ ବଲାଙ୍ଗୀର ଷ୍ଟେଶନ୍‌ରେ ପହଞ୍ଚିଥିଲା । ଏଥିରେ ସମୁଦାୟ ୧୭୦୧ ଜଣ ପ୍ରବାସୀ ଆସିଥିଲେ । ନୂଆପଡା ଜିଲାର ସର୍ବାଧିକ ୬୩୨ ଜଣ, ବଲାଙ୍ଗୀରର ୩୪୨, କଳାହାଣ୍ଡିର ୨୫୨, ନବରଙ୍ଗପୁରର ୧୬୭, ବରଗଡର ୯୩, ସୁବର୍ଣ୍ଣପୁର ଜିଲାର ୧୭ ଓ ବାକି ଅନ୍ୟ ଜିଲାର ପ୍ରବାସୀ ଆସିଥିଲେ । ଅପରାହ୍ନ ୩ଟା ୪୫ରେ ତାମିଲନାଡୁର ତିରପୁରଠାରୁ ଆସିଥିବା ଶ୍ରମିକ ସ୍ପେଶାଲ ଟ୍ରେନ୍ ବଲାଙ୍ଗୀର ପହଞ୍ଚିଥିଲା। ଏଥିରେ ୧୫୪୧ ଜଣ ପ୍ରବାସୀ ଆସି ପହଞ୍ଚିଥିଲେ। ବଲାଙ୍ଗୀର ଜିଲାର ସର୍ବାଧିକ ୩୦୫ ଜଣ, ବରଗଡର ୧୮୨, ଗଞ୍ଜାମର ୧୫୪, କେନ୍ଦ୍ରପଡାର ୧୪୮, କଳାହାଣ୍ଡିର ୧୧୨, ସୁବର୍ଣ୍ଣପୁରର ୮୨, ସୁନ୍ଦରଗଡ ଜିଲାର ୭୭ ଜଣ ଓ ବାକି ଅନ୍ୟ ଜିଲାର ପ୍ରବାସୀ ଆସିଥିଲେ । ଜିଲାପାଳ ଅରିନ୍ଦମ ଡାକୁଆ, ଏସ୍‌ପି ସନ୍ଦୀପ ମାଡକର, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ସମସ୍ତ ପ୍ରବାସୀଙ୍କ ଥର୍ମାଲ ସ୍କ୍ରିନିଂ କରାଯିବା ପରେ ଷ୍ଟାମ୍ପ ଲଗାଯାଇଥିଲା ।

## କମଲିବଜାର ସାପ୍ତାହିକ ହାଟ ସ୍ଥାନାନ୍ତର ହେଲେ ଆନ୍ଦୋଳନ

**ସମ୍ବଲପୁର,୨୭।୫(ବ୍ୟୁରୋ)**



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବ୍ୟବସାୟୀମାନେ ।

ସମ୍ବଲପୁର କମଲିବଜାର ଛକରେ ରବିବାର ବସୁଥିବା ସପ୍ତାହିକ ବଜାରକୁ ପ୍ରଶାସନ ଉଠାଇ ଦେବାକୁ ସ୍ଥିର କରିଛି। ଏଣୁ ଏହାକୁ ବିରୋଧ କରି ଏହି ବଜାର ଉପରେ ନିର୍ଭର କରୁଥିବା ଖୁଚୁରା ବେପାରୀମାନେ ବୁଧବାର ଜିଲା ପ୍ରଶାସନ ଦ୍ୱାରସ୍ଥ ହୋଇଛନ୍ତି। ଏମାନେ ଅଭିଯୋଗ କରିଛନ୍ତି ଯେ, ରବିବାର କମଲିବଜାରରେ ବସୁଥିବା ସାପ୍ତାହିକ ବଜାରକୁ ଏବେ ମନ୍ଦଲିଆକୁ ସ୍ଥାନାନ୍ତର କରାଯିବାକୁ ପ୍ରଶାସନ ସ୍ଥିର କରିଛି। ହେଲେ ଏହାଦ୍ୱାରା ଗ୍ରାହକ ଓ ବ୍ୟବସାୟୀ ପ୍ରଭାବିତ ହେବେ। ଏହି ବଜାରକୁ ସହର ସମେତ ଆଖ ପାଖ ଗ୍ରାମର ଲୋକମାନେ କିଣାବିକା ପାଇଁ ଆସନ୍ତି । ପନି ପରିବା ସହ ଘର କରଣା ସାମଗ୍ରୀ ଏଠାରେ କିଣାବିକା ହୁଏ। ତେଣୁ ଗ୍ରାହକ ଓ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦେଖି ଏହି ବଜାରକୁ ସ୍ଥାନାନ୍ତର କରା ନ ଯାଉ ବୋଲି ବ୍ୟବସାୟୀମାନେ ଦାବି କରିଛନ୍ତି । ସୁଶୀଳ କୁମାର କୁଷ୍ଟା, ରଶିଦ ଖାଁ, ସୁଦାମ ମେହେର, ଉସମାନ ଖାନ, ଉମେଶ ଚନ୍ଦ୍ର ମେହେର, ଗୋଲୁ ମେହେର, ତ୍ରିଲୋଚନ ମେହେର ପ୍ରମୁଖ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପକ୍ଷେ ଭାଜପା ସମଲେଶ୍ୱରୀ ମଣ୍ଡଳ ସଭାପତି ଶମ୍ଭୁ ବରେଲିଆ, ସମ୍ପାଦକ ସଞ୍ଜୟ ଷଡଙ୍ଗୀ ମଧ୍ୟ ଏହି ବେପାରୀମାନଙ୍କୁ ସମର୍ଥନ କରି ବଜାର ସ୍ଥାନାନ୍ତର ନ କରିବାକୁ ଦାବି କରିଛନ୍ତି। ପ୍ରଶାସନ ଯଦି ଜିଦରେ ଅଟଳ ରହେ ତେବେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ମାଓବାଦୀ-ପୋଲିସ ଗୁଳି ବିନିମୟ

**ବରଗଡ଼ ଅଫିସ,୨୭।୫**



ମାଓବାଦୀ-ପୋଲିସ ଗୁଳି ବିନିମୟ ଉପରେ ବରଗଡ଼ ଏସ୍‌ପି ସୂଚନା ଦେଉଛନ୍ତି ।

ବରଗଡ଼ ଜିଲାରେ ଦୀର୍ଘଦିନ ବ୍ୟବଧାନ ପରେ ମାଓବାଦୀ ଗତିବିଧି ପୁଣି ପରିଲକ୍ଷିତ ହୋଇଛି । ଜିଲାର ପଦ୍ମପୁର ଉପଖଣ୍ଡ ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ସୁକଲତର୍ମା ଅଞ୍ଚଳରେ ମଙ୍ଗଳବାର ରାତିରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇଥିବା ଜଣାପଡ଼ି ନାହିଁ। ଘଟଣାସ୍ଥଳରୁ ଜିଲା ପୋଲିସର ଡିଭିଏଫ(ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟାରି ଫୋର୍ସ) ଟିମ୍ ମାଓବାଦୀଙ୍କ ବ୍ୟବହୃତ ତାରପୋଲିନ, ଚାଉଳ, ବ୍ୟାଟେରି, ମୋବାଇଲ ଚାର୍ଜର୍, ଟର୍ଚ୍ଚ, ୧୪ଟି ଜୀବନ୍ତ ଗୁଳି, ଇନସାସ୍ ଆଦି ଜବତ କରିଛି । ଏ ନେଇ ମେଲଛାମୁଣ୍ଡା ଥାନାରେ ଏକ ମାମଲା(ନଂ. ୭୭/୨୦) ରୁଜୁ ହୋଇଛି ।

ବୁଧବାର ମଧ୍ୟାହ୍ନରେ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପଦ୍ମିନୀ ସାହୁ ସୂଚନା ଦେଇ କହିଛନ୍ତି ଯେ, ୭ଜଣ ମାଓବାଦୀ ସୁକଲତର୍ମା ଅଞ୍ଚଳରେ ଉପସ୍ଥିତ ରହି ହିଂସା ଭିଆଇବାକୁ ଯୋଜନା ପ୍ରସ୍ତୁତ କରୁଥିଲେ । ଖବର ମିଳିବା ପରେ ହାବିଲଦାର ଟି.ଆର୍ ମାଝିଙ୍କ ନେତୃତ୍ୱରେ ୧୦ଜଣିଆ ଡିଭିଏଫ୍ ଟିମ୍ ସମ୍ପୃକ୍ତ ଅଞ୍ଚଳ ଅଭିମୁଖେ ଯାଉଥିଲେ । ତେବେ ଏହି ଡିଭିଏଫ୍ ସେଠାକୁ ଯିବା ବାଟରେ ନିକଟସ୍ଥ ଏକ ପାହାଡ଼ ତଳେ ଅର୍ଥାତ୍ ମଲେଇଖମନ ସଂରକ୍ଷିତ ଜଙ୍ଗଲରେ ମାଓବାଦୀମାନେ ଉପସ୍ଥିତ ରହିଥିବା ଦେଖିବାକୁ ପାଇଥିଲେ । ମାଓବାଦୀଙ୍କୁ ଆତ୍ମସମର୍ପଣ କରିବା ପାଇଁ ଡିଭିଏଫ ଟିମ୍ କହିଥିଲା। ମାତ୍ର ଆତ୍ମସମର୍ପଣ ବଦଳରେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ । ଫଳରେ ପୋଲିସର ଡିଭିଏଫ ଟିମ୍ ପକ୍ଷରୁ ପାଲଟା ଗୁଳି ଚାଳନା କରାଯାଇଥିଲା। କିଛି ସମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ସେଠାରୁ ଖସି ଯାଇଥିଲେ ବୋଲି ଏସ୍‌ପି ସାହୁ କହିଛନ୍ତି । ସମ୍ପୃକ୍ତ ମାଓବାଦୀମାନେ ମହାସମୁଦ ଡିଭିଜନର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହିଂସାତ୍ମକ ପନ୍ଥା ପରିହାର କରି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବା ପାଇଁ ଏସ୍‌ପି ସାହୁ ମାଓବାଦୀଙ୍କୁ ପରାମର୍ଶ ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣା ମଧ୍ୟ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ଦେଢ଼ବର୍ଷର ଶିଶୁକନ୍ୟା ମୃତ

**ଦେବଗଡ଼,୨୭।୫(ଡି.ଏନ.ଏ):** ଦେବଗଡ଼ ଜିଲା କେଶନପୁର ଗାଁ ନିକଟରେ ବାଇକ୍‌ରୁ ପଡ଼ି ଏକ ଦେଢ଼ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ସେ ହେଲେ ଅନୁଗୋଳ ଜିଲା ପାଲଲହଡା ଥାନା ଅନ୍ତର୍ଗତ ଟିକିଲିପଡା ଗାଁର ଝୁନୁ ନାୟକଙ୍କ ଝିଅ ଜାଗୃତି। ବାରକୋଟ ଥାନା ଅଧୀନ ସଇଡାର ଜଣେ ସମ୍ପର୍କୀୟ ଭାଇଙ୍କ ସହ ଝୁନୁ ଝିଅ ଜାଗୃତିକୁ ନେଇ ମଧପୁର ଯାଉଥିଲେ। ହେଲେ କେଶନପୁର ନିକଟରେ ଝୁନୁ ଭାରସାମ୍ୟ ହରାଇ ଝିଅ ସହ ବାଇକରୁ ରାସ୍ତା ଉପରକୁ ଖସି ପଡ଼ିଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବାରକୋଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଶିଶୁକନ୍ୟା ଜାଗୃତିକୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଲୋକଙ୍କୁ ଭଲ ବ୍ୟବହାର ସହ ସହଯୋଗ କର

**ଦେବଗଡ଼,୨୭।୫(ଡି.ଏନ.ଏ.):** ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅର୍ନ୍ତଗତ ସଡୋ ପଞ୍ଚାୟତ ଓ ରିଆମାଳ ବ୍ଲକ ଉରୁଣିଆ ସରକାରୀ କ୍ୱାରାଣ୍ଟାଇନ ସେଣ୍ଟରରୁ ୨୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଣୁ ସଡୋ ପଞ୍ଚାୟତ ସଦର ମହକୁମା ସହ ଉକ୍ତ ପଞ୍ଚାୟତର ଡଙ୍ଗାପଥର ଗାଁ ଏବଂ କଂସର ପଞ୍ଚାୟତ ସଦର ମହକୁମାରେ ଥିବା କଲେଜ ଅଞ୍ଚଳକୁ ଜିଲା ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଅଞ୍ଚଳ ଘୋଷଣା କରଯାଇଛି। ଏସ୍‌ପି ରାହୁଲ ଜୈନ ଏହି ଅଞ୍ଚଳ ଗସ୍ତ କରି ଅନୁଧାନ କରିଛନ୍ତି। ଘରୁ ନ ବାହାରିବାକୁ ଲୋକଙ୍କୁ ପରାମର୍ଶ ଦେବାସହ ଜରୁରୀ କାଳୀନ ସହାୟତା ପାଇଁ ପୋଲିସର ସାହାଯ୍ୟ ନେବାକୁ ପରାମର୍ଶ ଦେଇଛନ୍ତି। ଏଭଳି ପରିସ୍ଥିତିରେ ଲୋକଙ୍କୁ ଭଲ ବ୍ୟବହାର ସହ ସହଯୋଗ କରିବା ପାଇଁ ପାଇଁ ନିୟୋଜିତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି କରୋନା ସମ୍ପର୍କୀତ କୌଣସି ଅପପ୍ରଚାର କଲେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜୈନ ଲୋକଙ୍କ ଉଦ୍ଦେଶ୍ୟରେ ଚେତାବନୀ ଦେଇଛନ୍ତି।

### ହତ୍ୟା ଅଭିଯୋଗରେ ବାପ, ପୁଅ ଗିରଫ

**ଦେବଗଡ଼,୨୭।୫(ଡି.ଏନ.ଏ.):** ଦେବଗଡ ଥାନା ଅନ୍ତର୍ଗତ ଘୁଣ୍ଟୁଲିପଶିରେ ଗତ ୨୩ ତାରିଖ ରାତିରେ ପାଣୁ ଧୀବର (୫୦)ଙ୍କୁ ହତ୍ୟା କରାଯାଇଛି। ଏହି ଘଟଣାରେ ଦେବଗଡ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ଘୁଣ୍ଟୁଲିପଶି ଗ୍ରାମର ମଙ୍ଗୁଲୁ ମହାନନ୍ଦ(୫୩) ଓ ତାଙ୍କ ପୁଅ ବିନୋଦ ମହାନଦ (୨୬)। ଉଭୟଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### କୋଭିଡ୍ ହସ୍ପିଟାଲରେ କରୋନା ଆକ୍ରାନ୍ତଙ୍କ ଅନଶନ

**ଦେବଗଡ଼,୨୭।୫(ଡି.ଏନ.ଏ):** ଦେବଗଡ କୋଭିଡ୍ ହସପିଟାଲରେ ଚିକିତ୍ସିତ ହେଉଥିବା ୨୨ ଜଣ ଆକ୍ରନ୍ତ ବୁଧବାର ସକାଳ ସାଢେ ୭ଟାରୁ ଅନଶନ ଚଳାଇଥିଲେ। ନିମ୍ନମାନର ସେବା ଓ ଖାଦ୍ୟ ଯୋଗାଣ ପ୍ରତିବାଦରେ ସେମାନେ ଏହି ଅନଶନ କରିଥିଲେ। ଅନ୍ୟପକ୍ଷରେ ଏହି ଅନଶନର ନେତୃତ୍ୱ ନେଉଥିବା ଆକ୍ରାନ୍ତ ବ୍ୟକ୍ତି ଜଣକ ସୁରକ୍ଷା କର୍ମୀଙ୍କୁ ଗାଳିଗୁଲଜ କରିବା ସହ ଭଙ୍ଗାରୁଜା କରିବାକୁ ଧମକ ଦେଉଥିବା ୫ ଜଣ ସୁରକ୍ଷା କର୍ମୀ ସିଡିଏମ୍‌ଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜଣେ ସଫେଇ କର୍ମଚାରୀଙ୍କୁ ମଧ ଗାଳିଗୁଲଜ କରିଥିବା ସିଡିଏମ୍‌ଓଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସିଡିଏମ୍‌ଓ ଡାକ୍ତର ମନୋଜ କୁମାର ଉପାଧ୍ୟାୟ କହିଛନ୍ତି ଯେ, କୋଭିଡ୍ ହସ୍ପିଟାଲରେ ସମସ୍ତ ଆନୁସଙ୍ଗିକ ସୁବିଧା ରହିଛି। ଅଭିଯୋଗର କିଛି ମାନେ ନାହିଁ। କେତେକ ବିଚିତ୍ର ଦାବି କରାଯାଉଛି, ଯାହା ସରକାରୀ ନିୟମାନୁସାରେ ପୂର୍ଣ୍ଣ କରିବା ସମ୍ଭବ ନୁହେଁ।

### ଭାତରୁ ବାହାରିଲା ପୋକ

**ଦେବଗଡ଼,୨୭।୫(ଡି.ଏନ.ଏ.):** ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ବସାଲଇ ପଞ୍ଚାୟତ କ୍ୱାରାଣ୍ଟାଇନ ସେଣ୍ଟରରେ ରନ୍ଧାଖାଦ୍ୟରୁ ପୋକ ବାହୁରୁଥିବା ଅଭିଯୋଗ ହୋଇଛି। ଅଭିଯୋଗ କଲେ ମଧ ଖାଦ୍ୟର ମାନରେ କୌଣସି ସୁଧାର ଆସୁ ନାହିଁ। ଏଣୁ ଏଠାରେ ରହୁଥିବା ଲୋକେ ଖାଦ୍ୟ ଗ୍ରହଣ କରୁ ନ ଥିବା ଅଭିଯୋଗ କରିଛନ୍ତି। ତେବେ ସରପଞ୍ଚ ଦିଲ୍ଲୀପ ପଟ୍ଟନାୟକ କହିଛନ୍ତି, ସୋମବାର ଜଣେ ବ୍ୟକ୍ତିଙ୍କ ଭାତରୁ ପୋକ ବାହାରିଥିଲା। ବାରକୋଟ ବିଡିଓ ଟୁନୁ ମେହେର ମଧ ଏହା ସ୍ୱୀକାର କରି ପଦକ୍ଷେପ ନିଆଯାଇଥିବା କହିଛନ୍ତି।

# ଖରିଫ୍‌ରେ ୧,୩୦,୧୫୦ ହେକ୍ଟର ଜମିରେ ଚାଷ ଲକ୍ଷ୍ୟ

**ସୁବର୍ଣ୍ଣପୁର ଜିଲା**

ସୋନପୁର,୨୭।୫(ନି.ପ୍ର.)

୨୦୨୦-୨୧ ଖରିଫ ଋତୁରେ ସୁବର୍ଣ୍ଣପୁର ଜିଲାରେ ୧,୩୦,୧୫୦ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଫସଲ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ଏ ବିଷୟରେ ସୂଚନା ଦେଇଛନ୍ତି ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ଜେନା। ଜିଲାପାଳ ମୋନିଶା ବାନାର୍ଜୀ ବୈଠକରେ ଅଧ୍ୟକ୍ଷତା କରି ଜିଲାରେ ଥିବା ଭିତ୍ତିଭୂମି ଓ ସମସ୍ତ ବୈଷୟିକ ଜ୍ଞାନ କୌଶଳ ଉପଯୋଗରେ ରବି ଚାଷ ଲକ୍ଷ୍ୟକୁ ସଫଳତାର ସହ ହାସଲ କରିବା ପାଇଁ କୃଷି ଅଧିକାରୀମାନେ ବଦ୍ଧପରିକର ହେବା ପାଇଁ ପରାମର୍ଶ ଦେଇଥିଲେ।

୨୦୧୯ ଖରିଫ ଋତୁରେ ୯୪,୯୯୦ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ ଚାଷ କରାଯାଇଥିବା ବେଳେ ଚଳିତ ବର୍ଷ ୯୩,୮୫୫ ହେକ୍ଟର ଜମିରେ ଧାନ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି । ଚଳିତ ଖରିଫ୍‌ରେ ୧ହଜାର ହେକ୍ଟର ଜମିରେ ଅନ୍ୟ ଶସ୍ୟ ଜାତୀୟ ଫସଲ, ୧୪ ହଜାର ୯୦୦ହେକ୍ଟର ଜମିରେ ଡାଲି ଜାତୀୟ, ୧୯୪୦ ହେକ୍ଟର ଜମିରେ ତୈଳବୀଜ, ୪,୭୦୦ ହେକ୍ଟର ଜମିରେ ତନ୍ତୁ ଜାତୀୟ, ୪,୪୫୦ ହେକ୍ଟର ଜମିରେ ପନିପରିବା, ୧,୦୦୦ହେକ୍ଟର ଜମିରେ ମସଲା ଜାତୀୟ ଓ ୧୨୫ହେକ୍ଟର ଜମିରେ ଆଖୁ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି । ଜିଲାର ୧, ୧୪, ୩୧୭ ହେକ୍ଟର ଜମିକୁ ବୃହତ, କ୍ଷୁଦ୍ର, ମଧ୍ୟମ, ବୃହତ ଉଠା ଜଳସେଚନ, ଉଠା ଜଳସେଚନ, ଡଗ୍‌ୱେଲ ଓ ଅନ୍ୟାନ୍ୟ ଉତ୍ସରୁ ଖରିଫରେ ଜଳଯୋଗାଣ କରାଯିବା ବୋଲି ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ଜିଲାର ୬୬ଟି ପ୍ୟାକ୍ସ ଓ ୧୩୫ପ୍ରାଇଭେଟ୍ ଡିଲରଙ୍କ ମାଧ୍ୟମରେ ୨୭,୨୯୫ କୁଇଣ୍ଟାଲ ଧାନ, ୫୬ କୁଇଣ୍ଟାଲ ହରଡ, ୭୬ କୁଇଣ୍ଟାଲ ମୁଗ, ୩୯ କୁଇଣ୍ଟାଲ ବିରି, ୬୦ କୁଇଣ୍ଟାଲ ଧନିଚା, ୫ କୁଇଣ୍ଟାଲ ରାଶି, ୧୩୫ କୁଇଣ୍ଟାଲ ବାଦାମ ବିହନ ଯୋଗାଇ ଦିଆଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛ। ଜିଲାରେ ଥିବା ମୃତ୍ତିକା ପରୀକ୍ଷାଗାରରେ ମାଟି ନମୁନା ପରୀକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଗାଇ ଦିଆଯିବ। ସମବାୟ ବ୍ୟାଙ୍କ, ଷ୍ଟେଟବ୍ୟାଙ୍କ, ୟୁଜିବି ଓ ଅନ୍ୟାନ୍ୟ ବ୍ୟବସାୟିକ ବ୍ୟାଙ୍କ ଜରିଆରେ କୃଷିଋଣ ଯୋଗାଇ ଦିଆଯିବା ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଜୈବିକ ସାର, ରୋଗପୋକ ନିୟନ୍ତ୍ରଣ, ଅଧିକ ଅମଳକ୍ଷମ ଓ ସଙ୍କରଜାତୀୟ ବିହନ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାରେ ସମ୍ପ୍ରସାରଣ ସଂସ୍କାର ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଓ ରାଷ୍ଟ୍ରୀୟ ଖାଦ୍ୟ ନିରାପତ୍ତା ମିଶନରେ ସମସ୍ତ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା।

ବୈଠକରେ ଅତିରିକ୍ତ ଜିଲାପାଳ ନୀତି ରଞ୍ଜନ ସେନ୍, ଡିଡିଏମ ନାବାର୍ଡ ତାପସ ଶଙ୍କର ରାଉତ, ଏଲଡିଏମ ସରୋଜ କୁମାର ଦାଶ, ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦିଲୀପ କୁମାର ପାତ୍ର, ବରପାଲି କେନାଲ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଭାସ କୁମାର ରଥ, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. କିଶୋର ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ଜୟ ନାରାୟଣ ନେଗୀ, ଡେପୁଟି ପ୍ରୋଜେକ୍ଟ ଡାଇରେକ୍ଟର ଆତ୍ମା ତୁଷାର ରଞ୍ଜନ ମିଶ୍ର, ବୀରମହାରାଜପୁର ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ, ଡୁଙ୍ଗୁରିପାଲିର ବିମଳ କୁମାର ଲାକ୍ରା, କ୍ଷେତ୍ର ଅନୁସନ୍ଧାନକାରୀ ସୁନୀଲ କୁମାର ଠାକୁର, ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଜୀବନଜିତ୍ ସେନ୍, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ କୃଷି ନରେନ୍ଦ୍ର କୁମାର ସାହୁ ଓ କୃଷି ବିଭାଗର ସମସ୍ତ ଜିଲାସ୍ତରୀୟ ଅଧିକାର ଯୋଗ ଦେଇଥିଲେ ।



ଜିଲାସ୍ତରୀୟ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

### ଫସଲକ୍ଷତି ସହାୟତା ଦିଅ

ବରଗଡ଼ ଅଫିସ୍,୨୭।୫

ବରଗଡ଼ ଜିଲା ଭେଡ଼େନ ବ୍ଲକ ଧାତୁକପାଲି, ଘିଚାପାଲି, ହାଟଗାଁ, ରୁଷୁଡ଼ା, ଭୁତାପାଲି ଅଞ୍ଚଳରେ କାଳବୈଶାଖୀରେ ଧାନ ଫସଲ ନଷ୍ଟ ହୋଇଥିଲା। ଚାଷୀମାନେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ଫସଲକ୍ଷତି ଉପରେ କିଭଳି ପଦକ୍ଷେପ ନିଆଯାଇଛି ସେ ନେଇ ଚାଷୀମାନେ ଅନ୍ଧାରରେ ରହିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଫସଲକ୍ଷତି ସହାୟତା ଯୋଗାଇ ଦେବାକୁ ବୁଧବାର ଆରଆଇଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

### ପଞ୍ଜୀକରଣ ଅବଧି ବୃଦ୍ଧି ଦାବି କଲେ କଳାକାର

**ବରଗଡ଼ ଅଫିସ୍,୨୭।୫:** ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ କଳାକାର ପଞ୍ଜିକରଣ ଅବଧିକୁ ବୃଦ୍ଧି ପାଇଁ ଦାବି କରାଯାଇଛି। ଏ ନେଇ ମହାସଂଘର ଏକ ପ୍ରତିନିଧି ଦଳ ବୁଧବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇ ସଂସ୍କୃତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଲକ୍‌ଡାଉନ୍ କଟକଣା ଯୋଗୁ କଳାକାରମାନେ ପଞ୍ଜିକରଣ କରି ପାରୁ ନାହାନ୍ତି। ଫଳରେ ପଞ୍ଜିକରଣ ପ୍ରକ୍ରିୟାକୁ ଆହୁରି ଏକ ମାସ ବୃଦ୍ଧି କରିବାକୁ ମହାସଂଘ ଦାବି କରିଛି। ସଂଘର ସଭାପତି ଚୈତନ୍ୟ ପାଇକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ଅଫିସକୁ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଘରେ ପହଞ୍ଚିବା ସ୍ୱପ୍ନ ଅଧୁରା ରହିଲା

**ସୁବର୍ଣ୍ଣପୁରରେ ବଙ୍ଗୀୟ ଶ୍ରମିକଙ୍କ ମୃତ୍ୟୁ**

ସୋନପୁର,୨୭।୫(ନି.ପ୍ର.)

ଲକ୍‌ଡାଉନ୍ ସମୟରେ ପ୍ରବାସୀ ଶ୍ରମିକଙ୍କ ଦୁଃଖ ବଢ଼ି ଚାଲିଛି। ମହାରାଷ୍ଟ୍ରରୁ ପଶ୍ଚିମବଙ୍ଗକୁ ଫେରୁଥିବା ଜଣେ ପ୍ରବାସୀ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ମୃତ ଶ୍ରମିକଙ୍କ ନାମ ଜମିରୁଲ ଇସଲାମ(୩୮)। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜମିରୁଲଙ୍କ ସ୍ୱାବ୍ ନମୁନା ସଂଗ୍ରହ ପରେ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ସରିଛି। ସମ୍ପର୍କୀୟମାନେ ପହଞ୍ଚିବା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି । ପ୍ରକାଶ ଯେ, ୧୪ ଜଣ ବଙ୍ଗୀୟ ଶ୍ରମିକ ମୁମ୍ବାଇର ଏକ କାରଖାନାରେ କାମ କରୁଥିଲେ। ଲକ୍‌ଡାଉନ୍ ପରେ କାରଖାନା ବନ୍ଦ ହୋଇ ଯିବାରୁ ସେମାନେ ଭୋକ ଉପାସରେ ରହିଥିଲେ। କଟକଣା କୋହଳ ପରେ ଶ୍ରମିକମାନେ ନିଜ ଘର ହାୱଡା ଜିଲାର ଖଜାପୁର ଅଭିମୁଖେ ଯାଉଥିଲେ। ଗାଡିଭଡା ପାଇଁ ଟଙ୍କା ନ ଥିବାରୁ ମୁମ୍ବାଇରୁ ବିଭିନ୍ନ ଯାନବାହନରେ ଲିଫ୍ଟ ମାଗି ଛତିଶଗଡର ରାୟପୁର ପର୍ଯ୍ୟନ୍ତ ଆସିଥିଲେ। ଓଡ଼ିଶା ସୀମାରେ ପହଞ୍ଚିଲା ପରେ ପୋଲିସ ସେମାନଙ୍କୁ ଏକ ବସ୍ ଛାତ ଉପରେ ବସାଇ ଦେଇଥିଲା। ବସ୍‌ଟି ଶ୍ରମିମାନଙ୍କୁ ସୋନପୁର ଜଙ୍ଗଲ ରାସ୍ତାରେ ଛାଡି ଚାଲି ଯାଇଥିଲା । ମଙ୍ଗଳବାର ସନ୍ଧ୍ୟାରେ ବଙ୍ଗୀୟ ଶ୍ରମିକମାନେ ରାସ୍ତାରେ ଚାଲି ଚାଲି ସୋନପୁର ପଟକୁ ଆସୁଥିଲେ। କଳାପଥର ନିକଟରେ ଜମିରୁଲ ଅସୁସ୍ଥତା ଅନୁଭବ କରି ଚେତାଶୂନ୍ୟ ହୋଇ ତଳେ ପଡି ଯାଇଥିଲେ। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅସୁସ୍ଥ ଶ୍ରମିକଙ୍କୁ ହାତୀଶାଳ କଲ୍ୟାଣ ମଣ୍ଡପସ୍ଥିତ ଟିଏମ୍‌ସି(ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର)କୁ ଆଣିଥିଲେ। ଡାକ୍ତରୀ ଦଳ ଶିବିରରେ ପହଞ୍ଚି ଜମିରୁଲଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଚଣ୍ଡ ଖରାରେ ଅଂଶୁଘାତଜନିତ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି।

## ନାବାଳିକାଙ୍କୁ ବଳାତ୍କାର

**କାକସରା,୨୭।୫(ଡି.ଏନ.ଏ.)**

କୋକସରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିବା ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ସମେତ ୫ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ତଥା କୋକସରାର ଦୟାନିଧି ନାଏକ, ଅର୍ଜୁନ ନାଏକ, ମାନସ ମଙ୍ଗରାଜ, ଲଡୁଗାଁର କିଶୋର ମହାନନ୍ଦଓ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ବୋଡେନଖୋଲା ପଡାର ଗଗନେଶ୍ୱର ବାଗ। କୋକସରାର ଜଣେ ନାବାଳିକାଙ୍କୁ ଦୟାନିଧି ଗତ ୨ ବର୍ଷ ହେଲା ଭଲପାଉଥିଲେ। ହେଲେ ଗତ ୧୬ ତାରିଖରେ ସେ ନିଜ ପ୍ରେମିକାଙ୍କୁ ଅପହରଣ କରିଥିଲେ। ଏ ସଂକ୍ରାନ୍ତରେ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଚନ୍ଦାହାଣ୍ଡି ଥାନା ବୋଡେନଖୋଲା ପଡାରୁ ଦୟାନିଧିଙ୍କ ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା।

# ନିରାଡ଼ମ୍ବରରେ ପାଳନ ହେଲା ଶୀତଳଷଷ୍ଠୀ

**ଚନ୍ଦ୍ରଶେଖର ବାବା-ପାର୍ବତୀ ଦେବୀଙ୍କ ବିବାହ ସମ୍ପନ୍ନ**



ଶିବ ପାର୍ବତୀଙ୍କ ବିବାହ ଉତ୍ସବରେ ଉପସ୍ଥିତ ଶ୍ରଦ୍ଧାଳୁ।

ବଲାଙ୍ଗୀର ଅଫିସ, ୨୭।୫

କରୋନା ମହାମାରୀ ଚଳିତବର୍ଷର ଶୀତଳଷଷ୍ଠୀ ପୂଜନୋତ୍ସବକୁ ଅନାକର୍ଷଣୀୟ କରିଦେଇଥିଲେ ମଧ ଭକ୍ତଙ୍କ ଆସ୍ଥାକୁ କମାଇ ପାରିନାହିଁ। ବଲାଙ୍ଗୀରରେ କରୋନା ମହାମାରୀକୁ ଆଖିଆଗରେ ରଖି ଭକ୍ତ ଓ ସଚେତନ ନାଗରିକମାନେ ନିରାଡମ୍ବର ଭାବେ ଶୀତଳଷଷ୍ଠୀ ପୂଜା ପାଳନ କରିଛନ୍ତି। ବୁଧବାର ଯଥାରୀତି ଅନୁସାରେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମନ୍ଦିର ପ୍ରାଙ୍ଗଣରେ ଶିବବିବାହ ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଶୀତଳଷଷ୍ଠୀ ଉତ୍ସବ ପାଇଁ ସର୍ବପ୍ରଥମେ ଅକ୍ଷୟ ତୃତୀୟ ଦିନ ଥାଳଉଠା କାର୍ଯ୍ୟକ୍ରମ ଓ ପରବର୍ତ୍ତୀ ପର୍ଯ୍ୟାୟରେ ପତରପେଡ଼ି ଓ ଦେବନିମନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ବୁଧବାର ସକାଳେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଆରମ୍ଭ ହୋଇଥିଲା । ଏହି ବିବାହ ଉତ୍ସବରେ ରାଧାରଣୀପଡା ତରଫରୁ କନ୍ୟାପିତା-ମାତା ଭାବେ ଦୀପକ ଚୌଧୁରୀ ଓ ଜାହ୍ନବୀ ଚୌଧୁରୀ ଦାୟିତ୍ୱ ତୁଲାଇଥିଲେ । ବରପିତା-ମାତା ଭାବେ ଭୁଜନ୍ଦର ସେଠ ଓ ସୁନୀତା ସେଠ ଦାୟିତ୍ୱ ତୁଲାଇଥିଲେ । ଜିଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା କୋଭିଡ୍-୧୯ କଟକଣା ଓ ସର୍ତ୍ତାବଳୀକୁ ପାଳନ ପୂର୍ବକ ଦେବଦମ୍ପତିଙ୍କ ବିବାହ ସମ୍ପାଦିତ ହୋଇଥିଲା ।

## ହତ୍ୟା ଅଭିଯୋଗ ଆଣିଲେ ପରିବାର, ୫ଅଟକ

**ବରଗଡ଼ ଅଫିସ୍/ଅମ୍ବାଭୋନା,୨୭।୫**

ବରଗଡ଼ ଜିଲା ଅମ୍ବାଭୋନା ଥାନା ସାଲେପାଲି ଗ୍ରାମରେ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ଅଗିତରାମ ସିଂ। ମୃତକଙ୍କ ପୁଅ ବାବୁଲାଲ ବୁଧବାର ଏଭଳି ଅଭିଯୋଗ ନେଇ ଏସପି ଅଫିସକୁ ଆସିଥିଲେ। ଏସପି ପଦ୍ମିନୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଅମ୍ବାଭୋନା ଥାନା ପୋଲିସ ତନାଘନା ଆରମ୍ଭ କରିଛି। ୫ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା ଥାନା ଅଧିକାରୀ ଆଲୋକ ବେହେରା କହିଛନ୍ତି।

## ପୀଡ଼ିତାଙ୍କ ପରିବାର ଗାଁ ଛାଡ଼ିଲେ

**ବଡଗାଁ,୨୭।୫(ଡି.ଏନ.ଏ.)**

ବଳାତ୍କାର ଅଭିଯୋଗ ପରେ ଅଭିଯୁକ୍ତଙ୍କ ପରିବାର ପୀଡିତାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ । ଅଭିଯୁକ୍ତ ଜେଲରୁ ଆସିବା ପରେ ପୀଡିତାଙ୍କ ପରିବାର ଲୋକଙ୍କ ଉପରେ ଦାଦାଗିରି ଆରମ୍ଭ କରିଥିଲେ । ଏପରି କି ପୀଡିତାଙ୍କୁ ଆଉଥରେ ବଳାତ୍କାର କରିବି, ହତ୍ୟା କରିବି ବୋଲି ସେ ଧମକ ଦେଇଥିଲେ । ଏପରି ପରିସ୍ଥିତିରେ ପୀଡିତାଙ୍କ ପରିବାର ଲୋକେ ପୋଲିସକୁ ଜଣାଇଥିଲେ । ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପୀଡିତାଙ୍କ ପରିବାର ଗାଁ ଛାଡିବାକୁ ବାଧ୍ୟ ହୋଇଥିବା ଅଭିଯୋଗ ହୋଇଛି । ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅଞ୍ଚଳରେ ଏପରି ଘଟଣା ଘଟିଛି ।

ଗତ ମାର୍ଚ୍ଚ ୨୦ରେ ବଡ଼ଗାଁ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ସେହି ଗାଁର ରାଜ୍‌ସାଲମା(୨୦) ବଳାତ୍କାର କରିଥିଲେ । ସେଦିନ ରାତିରେ ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ରାଜ୍ ଜେଲ ଗଲାପରେ ତାଙ୍କ ପରିବାର ଲୋକେ ପୀଡିତାଙ୍କ ପରିବାର ଲୋକଙ୍କୁ ଧମକ ଦେବା ସହ ଗାଳିଗୁଲଜ କରୁଥିଲେ । ଦେଢ଼ମାସ ଜେଲରେ ରହି ରାଜ୍ ଜାମିନରେ ଗାଁକୁ ଫେରିଥିଲେ । ଏହାପରେ ତାଙ୍କ ଦାଦାଗିରି ଆରମ୍ଭ ହୋଇଯାଇଥିଲା । ସେ ପୀଡିତା ଓ ତାଙ୍କ ଭଉଣୀ, ଭାଇଙ୍କୁ ପ୍ରତିଦିନ ରାସ୍ତାଘାଟରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବଳାତ୍କାର ଧମକ ଦେଇଆସୁଥିଲେ। ଏ ସଂକ୍ରାନ୍ତରେ ସେମାନେ ପୋଲିସକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଫଳରେ ପୀଡିତାଙ୍କ ପରିବାର ଗାଁ ଛାଡି ଅନ୍ୟତ୍ର ଚାଲି ଯାଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ପୀଡିତା ପୋଲିସ ମହାନିର୍ଦ୍ଦେଶକ, ପଶ୍ଚିମାଞ୍ଚଳ ଡିଆଇଜି, ଏସ୍‌ପି ସୁନ୍ଦରଗଡ଼, ରାଜ୍ୟ ଓ ଜାତୀୟ ମାନବାଧିକାର କମିଶନଙ୍କୁ ଇ-ମେଲ୍ ଯୋଗେ ଅଭିଯୋଗ କରିଛନ୍ତି । ଏହି ଘଟଣା ସମ୍ପର୍କରେ ଡିଏସ୍‌ପି ସତ୍ୟବ୍ରତ ଦାସଙ୍କୁ ପଚାରିବାରେ ମୁଁ ତଦନ୍ତ କରି ପଦକ୍ଷେପ ନେବି ବୋଲି କହିଛନ୍ତି ।

## ଡିସ୍‌ଚାର୍ଜ ବେଳେ ଗାଡ଼ି ବ୍ୟବସ୍ଥା ହେଲା ନାହିଁ

ମନମୁଣ୍ଡା,୨୭।୫(ଡି.ଏନ.ଏ.)

କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଡିସ୍‌ଚାର୍ଜ ହେଉଥିବା ବ୍ୟକ୍ତିମାନଙ୍କ ପାଇଁ ପ୍ରଶାସନ ଗାଡ଼ିର ବ୍ୟବସ୍ଥା କଲା ନାହିଁ। ଏଥିଯୋଗୁ ସେମାନେ ନିଜ ଖର୍ଚ୍ଚରେ ଘରକୁ ଫେରିଥିବା ଅଭିଯୋଗ ହୋଇଛି। ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସଦର ମହକୁମା କଲ୍ୟାଣ ମଣ୍ଡପ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଏପରି ଘଟିଛି।

କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତର ସୌରଭ ହାତୀ, ବିଜୁ ସାହୁ, ଉଚିତ ହାତୀ, କୃପାସିନ୍ଧୁ ରଣବିଡା, କୁଇଲି ସାହୁ, ବିଷ୍ଣୁଚରଣ ଭୋଇ ଏବଂ ଆଦିତ୍ୟ ମାହାର ପ୍ରମୁଖ ତେଲଙ୍ଗାନାରୁ ଆସି ବରଗଡ଼ ସୋହେଲା ସୀମାରେ ଗାଡି ନ ପାଇ ସେଠାରେ ବସି ରହିଥିଲେ। ଖବର ପାଇ ମନ୍ତ୍ରୀ ସୁଶାନ୍ତ ସିଂ ନିଜେ ଗାଡି ଚଳାଇ ସେମାନଙ୍କୁ ମନମୁଣ୍ଡା ଚେକ୍ ପୋଷ୍ଟରେ ଛାଡି ଦେଇଥିଲେ। ଏହା ପରେ ସମସ୍ତଙ୍କୁ କଣ୍ଟାମାଳ କଲ୍ୟାଣ ମଣ୍ଡପ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିଲା। ସେମାନଙ୍କ ସ୍ୱାବ୍ ନମୁନା ପରୀକ୍ଷା ନେଗେଟିଭ ବାହାରିଥିଲା। କ୍ୱାରାଣ୍ଟାଇନ ସେଣ୍ଟରରେ ୨୧ ଦିନ ପୂରଣ ପରେ ବୁଧବାର ସମସ୍ତଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ହେଲେ ସେମାନଙ୍କ ପାଇଁ ଗାଡ଼ି ବ୍ୟବସ୍ଥା କରାଯାଇ ନ ଥିଲା। ଡିସ୍‌ଚାର୍ଜ ହେଉଥିବା ବ୍ୟକ୍ତିମାନଙ୍କୁ ଗାଡି ଯୋଗେ ସେମାନଙ୍କ ଘରେ ଛାଡି ଦେବାକୁ ସରକାରୀ ନିର୍ଦ୍ଦେଶନାମା ଅଛି। କିନ୍ତୁ ଏଠାରେ ତାହା ପାଳନ କରାଯାଇ ନାହିଁ। ବିଡିଓ ବନ୍ଦନା ଖଟୁଆ ସେମାନଙ୍କୁ ନିଜ ଖର୍ଚ୍ଚରେ ଘରକୁ ଯିବାକୁ କହିଥିଲେ। ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପାଖରେ ଟଙ୍କା ନ ଥିବାରୁ ସେମାନେ ନିଜ ଘର ଲୋକଙ୍କୁ ଏ କଥା କହିଥିଲେ। ସେମାନେ ଗାଡ଼ି ପଠାଇ ନେଇଥିଲେ। ଏଥିପାଇଁ ୨ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ଏପରି କି ଡିସ୍‌ଚାର୍ଜ ବେଳେ ମୁଣ୍ଡପିଛା ୨ହଜାର ଟଙ୍କା ପ୍ରଦାନ ପାଇଁ ସରକାର ଘୋଷଣା କରିଥିଲେ ମଧ୍ୟ ତାହା ମିଳି ନ ଥିଲା।

# ଅର୍ଦ୍ଧଶତକ ଡେଇଁଲା କରୋନା ସଂକ୍ରମିତ ସଂଖ୍ୟା

**ବଲାଙ୍ଗୀର ଜିଲା**
- ୫୦ ସକ୍ରିୟ, ୪ ସୁସ୍ଥ
- ନୂଆ ୧୬ ସଂକ୍ରମିତଙ୍କ ସୂଚନା ଦେଲା ପ୍ରଶାସନ
- ବଲାଙ୍ଗୀର ସହର କରୋନା ସଂକ୍ରମିତ ସଂଖ୍ୟା ୧୬କୁ ବୃଦ୍ଧି

ବଲାଙ୍ଗୀର ଅଫିସ, ୨୭।୫

ବଲାଙ୍ଗୀର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ବୁଧବାର ଗୋଟିଏ ଦିନରେ ୧୬ ନୂଆ ସଂକ୍ରମିତ ଚିହ୍ନଟ ପରେ ଜିଲାର କରୋନା ଭୂତାଣୁ ସଂକ୍ରମିତ ସଂଖ୍ୟା ୫୪କୁ ବୃଦ୍ଧି ପାଇଛି। ତେବେ ବୁଧବାର ଦୁଇଜଣ ସଂକ୍ରମିତ ସୁସ୍ଥ ହୋଇଥିବା ଜଣାପଡିବା ପରେ ଜିଲାର ସୁସ୍ଥ ବ୍ୟକ୍ତିଙ୍କ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ପୂର୍ବରୁ ଲିଖିରିଆର ୨ ଜଣ ସୁସ୍ଥ ହୋଇ ଫେରିଥିଲେ। ଗତ ୧୬ ତାରିଖଠାରୁ ସୁଦପଡା କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଭୁବନେଶ୍ୱର ଯାଇଥିବା ଦୁଇ ସୁରଟ ଫେରନ୍ତା ସୁସ୍ଥ ହୋଇଛନ୍ତି। ବୁଧବାର ଚିହ୍ନଟ ହୋଇଥିବା ୧୬ ଜଣଙ୍କ ମଧ୍ୟରୁ ବଲାଙ୍ଗୀର ମ୍ୟୁନିସିପାଲିଟିରେ ନୂଆ ୫ ସଂକ୍ରମିତ ଅଛନ୍ତି। ବଲାଙ୍ଗୀର ଖଦାଳପଡାରେ ୨ ଓ ମାଳପଡାରେ ୨ ସଂକ୍ରମିତ କୋଲକାତାରୁ ଫେରିଛନ୍ତି। କଲେଜ ଛକର ଜଣେ ସଂକ୍ରମିତ ହାୱଡାରୁ ଫେରିଥିବା ଜଣାପଡିଛି। ଏହା ସହିତ ପୁଇଁତଲା ବ୍ଲକ ଛତାପିପଲ ପଞ୍ଚାୟତର ଜଣେ ଆନ୍ଧ୍ରପ୍ରଦେଶ ଫେରନ୍ତା, ମୁରିବାହାଲ ବ୍ଲକ ଲେବଡା ପଞ୍ଚାୟତର ୩ ଜଣ ମୁମ୍ବାଇ, ଚେନ୍ନାଇ ଓ ଗୁଜରାଟ ଫେରନ୍ତା ଓ ତେତେଲଖୁଣ୍ଟିର ଜଣେ ମୁମ୍ବାଇ ଫେରନ୍ତା, ଖପ୍ରାଖୋଲ ବ୍ଲକ ତେଲେନପାଲିର ଜଣେ ମୁମ୍ବାଇ ଫେରନ୍ତା, ବଙ୍ଗୋମୁଣ୍ଡା ବ୍ଲକ ଜାମଖୁଣ୍ଟାର ଜଣେ ମୁମ୍ବାଇ ଫେରନ୍ତା, ଟିଟିଲାଗଡ ବ୍ଲକ କୁରସୁଡ, ସୁର୍ଡା, ସେଲୁଆଁ ଓ ବୁରୋବନ୍ଧର ଜଣେ ଲେଖାଏ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ୪ଜଣ ମୁମ୍ବାଇରୁ ଫେରିଥିବା ଜଣାପଡିଛି। ବୁଧବାର ୫ ଜଣ ଚିହ୍ନଟ ହେବା ପରେ ବଲାଙ୍ଗୀର ସହରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ନୂଆକରି ଚିହ୍ନଟ ହୋଇଥିବା ଅଧିକାଂଶ ସଂକ୍ରମିତ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିବା କୁହାଯାଉଥିବାରୁ ସହର ଓ ଜିଲାରେ ସଂକ୍ରମଣ ଭୟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଗୋଟିଏ ପଟେ ବଲାଙ୍ଗୀର ଜିଲାକୁ ପ୍ରବାସୀଙ୍କ ସୁଅ ଛୁଟିଥିବାବେଳେ ସେ ସମସ୍ତଙ୍କୁ ପରିଚାଳନା କରିବା କଷ୍ଟକର ବ୍ୟାପାର ହୋଇପଡିଛି। ଏହି କାରଣକୁ ନେଇ ବଲାଙ୍ଗୀର ସରକାରୀ ଆଇଟିଆଇ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅବ୍ୟବସ୍ଥା ହେଉଥିବା ସୂଚନା ମିଳିଛି। ବହୁ ପ୍ରବାସୀ ସୂଚନା ନ ଦେଇ ଏଠାକୁ ଚାଲିଆସୁଥିବାରୁ ସମସ୍ତଙ୍କ ରହିବା ଓ ଖାଇବା ବ୍ୟବସ୍ଥା କରିବାରେ ସେଠାରେ ନିୟୋଜିତ କର୍ମଚାରୀ ନାକେଦମ ହେଲେଣି। ଏହା ସହିତ ଉକ୍ତ ସେଣ୍ଟରରେ ଏକ ସଙ୍ଗେ ସହସ୍ରାଧିକ ପ୍ରବାସୀ ଆସି ଠୁଳ ହେଉଥିବାରୁ ପାଣି ସମସ୍ୟା ଦେଖାଯାଉଛି।




ପ୍ରବାସୀ ଶ୍ରମିକଙ୍କୁ ଛାତ୍ର ସଙ୍ଗଠନ ଏଆଇଡିଏସ୍ଓ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି।

### ସଂକ୍ରମିତ ଚିହ୍ନଟ ପରେ ଯୁନାନୀବାହାଲ ଶଟ୍‌ଡାଉନ୍

**ଖପ୍ରାଖୋଲ, ୨୭।୫ (ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ଅନ୍ତର୍ଗତ ଯୁନାନୀବାହାଲ ଗାଁରେ ଜଣେ କରୋନା ଆକ୍ରାନ୍ତ(୪୩) ଚିହ୍ନଟ ହେବା ପରେ ତେଲେନପାଲି ସରପଞ୍ଚ କୁନ୍ତଳା ମାଝି ଯୁନାନୀବାହାଲ ଗାଁକୁ ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି।

## ଫଟୋରେ ଖବର...



**ଏମିତି ଚାଲିଛି ମଦ ହୋମ୍ ଡେଲିଭରି:** ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଅଞ୍ଚଳରେ ହୋମ୍ ଡେଲିଭରି ନାଁରେ ଏକ ମଦ ଦୋକାନ ପକ୍ଷରୁ ଖୋଲାମେଲାରେ ଲୋକଙ୍କୁ ମଦ ବିକ୍ରି କରାଯାଉଛି।

# ଭୟ କମାଉଛି ଭର୍ଚୁଆଲ କ୍ଲାସ୍

(ସୁଧୀର କୁମାର ପରିଡ଼ା)
କାମାକ୍ଷାନଗର, ୨୭।୫

ଲକ୍‌ଡାଉନ୍ କୋହଳ ପରେ ଧୀରେ ଧୀରେ ଟ୍ରାକ୍‌କୁ ଫେରୁଛି ଜୀବନ। ହେଲେ ଛାତ୍ରୀଛାତ୍ର ଏବଂ ଶିକ୍ଷାୟତନ ମଧ୍ୟରେ ବ୍ୟବଧାନ ଯେମିତି ଥିଲା ସେମିତି ରହିଛି। ସରକାରୀ କଟକଣା ଯୋଗୁ ପାଖାପାଖି ୨ମାସ ହେଲା ବିଦ୍ୟାଳୟରେ ଝୁଲୁଛି ତାଲା। ଗୁରୁତର ଭାବେ ପ୍ରଭାବିତ ହୋଇଛି ଶିକ୍ଷାଦାନ ବ୍ୟବସ୍ଥା। ଅଭିଭାବକଙ୍କୁ ପିଲାମାନଙ୍କ ଭବିଷ୍ୟତ ଚିନ୍ତା ଘାରୁଥିବାବେଳେ ଅନ୍‌ଲାଇନ୍‌ରେ ପାଠପଢ଼ା ଏବେ ଏକମାତ୍ର ବିକଳ୍ପ ହୋଇଛି। ଏହି ଧାରାରେ ଆଗରେ ରହିଛି ଢେଙ୍କାନାଳ ଜିଲା କାମାକ୍ଷାନଗର କାନପୁରାର ଆଦର୍ଶ ଶିକ୍ଷାନୁଷ୍ଠାନ ପଞ୍ଚାୟତିରାଜ ହାଇସ୍କୁଲ। ବିଦ୍ୟାଳୟରେ ଏପ୍ରିଲ୍ ୭ରୁ ଆରମ୍ଭ ହୋଇଛି ଅନ୍‌ଲାଇନ୍ ମାଧ୍ୟମରେ ପାଠପଢ଼ା। ଭର୍ଚୁଆଲ୍ କ୍ଲାସ୍ ଘରେ ଥିବା ପିଲାଙ୍କ ପାଖରେ ପହଞ୍ଚାଉଛି ଶିକ୍ଷା। ଏହାଦ୍ୱାରା ପିଲାଙ୍କ ମନରୁ ଭୟ, ଆଶଙ୍କା ଦୂର ହେଉଥିବାବେଳେ ୪୬୦ ଛାତ୍ରୀଛାତ୍ରଙ୍କ ଲାଗି ସୃଷ୍ଟି ହୋଇଛି ନୂତନ ସମ୍ଭାବନା।

ଜାତୀୟସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ହେଉ କି ରାଜ୍ୟସ୍ତରୀୟ ପ୍ରତିଯୋଗିତା, ସବୁଥିରେ ଗୋଟିଏ ପାଦ ଆଗରେ ପଞ୍ଚାୟତିରାଜ ହାଇସ୍କୁଲ। ଏଠାରେ ଯଦିଓ ଅନ୍‌ଲାଇନ୍ ମାଧ୍ୟମରେ ପାଠପଢ଼ା ପ୍ଲାଟ୍‌ଫର୍ମ ଥିଲା। ତେବେ ପ୍ରତ୍ୟକ୍ଷ ଶିକ୍ଷାଦାନ ପ୍ରଚଳିତ ଥିବାରୁ ଏହା ସେତେଟା କାମରେ ଆସୁ ନ ଥିଲା। କରୋନା ସଙ୍କଟ ସମୟରେ ବିଦ୍ୟାଳୟ ବନ୍ଦ ହୋଇଯିବା ପରେ ସ୍କୁଲ କର୍ତ୍ତୃପକ୍ଷ ଏହାକୁ ନୂତନ ଢଙ୍ଗରେ ଆରମ୍ଭ କରିଛନ୍ତି। ଏବେ ସରକାରଙ୍କ ନିର୍ଦ୍ଧାରିତ 'ଦୀକ୍ଷା', 'ଜୁମ୍' ଆପ୍ ସହିତ ନିଜସ୍ୱ ଶୈଳୀରେ ଶିକ୍ଷାଦାନ କରାଯାଉଛି। ପ୍ରତି ୧୫ ଦିନରେ ଥରେ ଅନ୍‌ଲାଇନ୍‌ରେ ପରୀକ୍ଷା ମଧ୍ୟ ହେଉଛି। ଗଣିତ, ବିଜ୍ଞାନ, ଇଂଲିଶ ଭଳି ଜଟିଳ ବିଷୟଗୁଡ଼ିକ ଉପରେ ଅଧିକ ଫୋକସ୍ କରାଯାଉଥିବାବେଳେ ପିଲାମାନେ ବିନା ଦ୍ୱିଧାରେ ଆଲୋଚନାରେ ଭାଗ ନେଇ ଦ୍ୱନ୍ଦ୍ୱ ଦୂର କରିପାରୁଛନ୍ତି।

ଏ ନେଇ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ କୁହନ୍ତି, ସାଧାରଣତଃ ଏପ୍ରିଲ ପ୍ରଥମ ସପ୍ତାହରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଥାଏ। କିନ୍ତୁ ଚଳିତବର୍ଷ କରୋନା ପ୍ରଭାବରୁ ଶିକ୍ଷାଦାନ ଅବ୍ୟବସ୍ଥିତ ହୋଇପଡ଼ିଥିଲା। ବିଶେଷକରି ଭାଷାଭିତ୍ତିକ ବିଷୟଠାରୁ ଗଣିତ, ବିଜ୍ଞାନରେ ପାଠ ପଢ଼ାଇବା ଶୈଳୀ ଭିନ୍ନ ହୋଇଥିବାରୁ ସମସ୍ୟା ବଢ଼ିଥିଲା। ତେଣୁ ସରକାରଙ୍କ ଆପ୍‌କୁ ଅପେକ୍ଷା ନ କରି ବିଭିନ୍ନ ବିଷୟକୁ ଭାଗ ଭାଗ କରି ହ୍ୱାଟ୍ସଆପ୍‌ରେ ଗ୍ରୁପ ତିଆରି କରାଯାଇଛି। ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀର ୪୬୦ ପିଲାଙ୍କୁ ନେଇ ୯ଟି ସେକ୍ସନ କରାଯାଇଛି। ସକାଳ ୭ଟାରୁ ଅପରାହ୍ଣ ୧୨ଟା ଯାଏ ଶିକ୍ଷାଦାନ କରାଯାଉଛି। ଅପରାହ୍ଣ ୪ଟାରୁ ୭ଟା ଭିତରେ ପିଲାମାନେ ଅବୁଝା ରହିଯାଇଥିବା ବିଷୟ ବ୍ୟକ୍ତିଗତ ଭାବେ ମୋବାଇଲରେ କିମ୍ବା ଗ୍ରୁପ୍‌ରେ ପଚାରିପାରିବେ। ଆଣ୍ଡ୍ରଏଡ୍ ମୋବାଇଲ ନ ଥିବା ପିଲାଙ୍କୁ ବ୍ୟକ୍ତିଗତ ଭାବେ ଫୋନ୍ କରି ସହାୟତା କରାଯାଉଛି। ସେମାନଙ୍କ ନିକଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଛାତ୍ରୀଛାତ୍ରଙ୍କ ସହ ଯୋଗାଯୋଗ କରି ଅବୁଝା ବିଷୟ ବୁଝିବାକୁ ପରାମର୍ଶ ମଧ୍ୟ ଦିଆଯାଉଛି। ସ୍କୁଲ ପ୍ରକୋଷ୍ଠରେ ସିଧାସଳଖ ଶିକ୍ଷାଦାନ ଯଦିଓ ଅଧିକ ଫଳପ୍ରଦ, ତେବେ କରୋନା ସମୟରେ ଏପରି ନୂତନ ପଦ୍ଧତି ଆପଣେଇବାକୁ ପଡ଼ିବ। ଧୀରେ ଧୀରେ ପିଲାମାନେ ଏଥିରେ ଅଭ୍ୟସ୍ତ ହେଉଥିବା ସେ କହିଛନ୍ତି। ଶିକ୍ଷକ ଡା. ଚନ୍ଦ୍ରମଣି ଲେଙ୍କା କୁହନ୍ତି, ଗଣିତ ଏବଂ ବିଜ୍ଞାନ ଭଳି ଜଟିଳ ବିଷୟରେ ପାଠପଢ଼ା ପଦ୍ଧତି ଭିନ୍ନ। ଏଥିଲାଗି ଉଭୟ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ଭଲ ଭାବେ ପ୍ରସ୍ତୁତ ରହିବା ଜରୁରୀ। ଖାତା କିମ୍ବା ବୋର୍ଡରେ ଗଣିତ କଷି ଏହାକୁ ମୋବାଇଲ୍‌ରେ ରେକର୍ଡିଂ କରି ଗ୍ରୁପ୍‌ରେ ଛଡ଼ାଯାଉଛି। ପ୍ରତିଦିନ ଟାସ୍କ ଦିଆଯାଇ ପରଦିନ ଏହାକୁ ଆଦାୟ କରାଯାଉଛି। ଏ ନେଇ ଦଶମ ଶ୍ରେଣୀ ଛାତ୍ରୀ ସ୍ମୃତି ସାମଲ କୁହନ୍ତି, ଲକ୍‌ଡାଉନ୍ ଲାଗି ହଠାତ୍ ସ୍କୁଲ ବନ୍ଦ ହୋଇଯିବାରୁ ପାଠପଢ଼ାକୁ ନେଇ ଚିନ୍ତା ବଢ଼ିଥିଲା। ଠିକ୍ ସମୟରେ କୋର୍ସ ନ ସରିଲେ ପରୀକ୍ଷାରେ ଭଲ କରିବା କଷ୍ଟକର। ହେଲେ ସ୍କୁଲ ପକ୍ଷରୁ ଆରମ୍ଭ ହୋଇଥିବା ଅନ୍‌ଲାଇନ୍ ପାଠପଢ଼ା ଲାଭଦାୟକ ହେଉଛି। ସ୍କୁଲଠାରୁ ୮୦ କି.ମି.ଦୂରରେ ମା'ବାପାଙ୍କ ସହ ରହି ପାଠ ପଢ଼ିପାରୁଛି। ଘରେ ରହି ପାଠ ପଢ଼ିବା ଦ୍ୱାରା ମାନସିକ ଚାପ ବି କମୁଛି।



କାନପୁରା ପଞ୍ଚାୟତିରାଜ ହାଇସ୍କୁଲ।



ସ୍ମୃତି ସାମଲ



ଶ୍ରୀରାମ ରାଉତ



ଚନ୍ଦ୍ରମଣି ଲେଙ୍କା

- ପଞ୍ଚାୟତିରାଜ ହାଇସ୍କୁଲ ଉଦାହରଣ
- ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଚାଲିଛି ପାଠପଢ଼ା
- ଉପକୃତ ହେଉଛନ୍ତି ୪୬୦ ଛାତ୍ରୀଛାତ୍ର

## ମେଡିକାଲ କର୍ମଚାରୀଙ୍କ ରିପୋର୍ଟ ନେଗେଟିଭ୍

ଅନୁଗୋଳ ଅଫିସ, ୨୭।୫

ଦୁର୍ଘଟଣାଗ୍ରସ୍ତ ମହାରାଷ୍ଟ୍ରର ବସ୍ ଡ୍ରାଇଭରଙ୍କ ରିପୋର୍ଟ କରୋନା ପଜିଟିଭ ଆସିବା ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ଚିକିତ୍ସା କରିଥିବା ଡାକ୍ତର ଓ ଅନ୍ୟ କର୍ମଚାରୀମାନଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଥିଲା। ମଙ୍ଗଳବାର ମେଡିକାଲ କର୍ମଚାରୀମାନଙ୍କ ସ୍ୱାବ୍ ଟେଷ୍ଟ ପାଇଁ ପଠାଯାଇଥିବା ବେଳେ ସମସ୍ତ ରିପୋର୍ଟ ନେଗେଟିଭ୍ ଆସିଛି। ଫଳରେ କର୍ମଚାରୀମାନଙ୍କୁ ଆଶ୍ୱସ୍ତି ମିଳିଛି। ତେବେ ନିଜ ଟେଷ୍ଟ ପାଇଁ ରାଜି ହୋଇ ନ ଥିବା ଅସ୍ଥିଶଲ୍ୟ ବିଭାଗର ଜଣେ ଡାକ୍ତର ବୁଧବାର ତାଙ୍କ ସ୍ୱାବ୍ ସଂଗ୍ରହରେ ସହଯୋଗ କରିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରତାପ କୁମାର ବେହେରା ସୂଚନା ଦେଇଛନ୍ତି।

## କେନାଲରୁ ମୃତଦେହ ଉଦ୍ଧାର

ବଇଣ୍ଡା, ୨୭।୫(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ଠେଲକନାଳୀ ଗ୍ରାମ କେନାଲରୁ ବୁଧବାର ସୁରଥ ମୁଣ୍ଡାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୋଲିସ ମୃତଦେହ ଜବତ ସହ ନଂ. ୧୦/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ କହିଛି, ସୁରଥ କେନାଲରେ ଗାଧୋଇବା ବେଳେ ବୁଡ଼ି ଯାଇଥିଲେ। ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ କେନାଲରୁ ସୁରଥଙ୍କ ମୃତଦେହ ଉଦ୍ଧାର କରିଥିଲେ।

## ସଂକ୍ଷେପରେ

### ବ୍ରାହ୍ମଣୀରେ ଭାସିଯାଇ ଯୁବକ ମୃତ, ଜଣେ ନିଖୋଜ

ଢେଙ୍କାନାଳ ଅଫିସ/କାମାକ୍ଷାନଗର (ଡି.ଏନ.ଏ.), ୨୭।୫-ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବ୍ରାହ୍ମଣୀ ନଦୀର କମଗରା ଘାଟରେ ବୁଧବାର ଅପରାହ୍ଣରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ନିଖୋଜ ଅଛନ୍ତି। ଗେଙ୍ଗୁଟିଆ ଗ୍ରାମର ଅବିନାଶ ପଟ୍ଟନାୟକ, କଣ୍ଟାନାଳୀ ବାଇପାସ୍‌ର ପ୍ରୀତିରଞ୍ଜନ ପଣ୍ଡା, ହିନ୍ଦୋଳର ବିମଳ ସାହୁ ଏବଂ ଅଶ୍ୱିନୀ ସାହୁ ଦୁଇଟି ବାଇକ୍‌ରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବାବେଳେ ବିମଳ ଏବଂ ପ୍ରୀତିରଞ୍ଜନ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଅବିନାଶ ଏବଂ ଅଶ୍ୱିନୀ କୌଣସି ମତେ ପହଁରି କୂଳକୁ ଆସିଥିଲେ। ଅଗ୍ନିଶମ କର୍ମଚାରୀ ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କରିବା ପରେ ବିମଳଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପ୍ରୀତିରଞ୍ଜନଙ୍କ ପତ୍ତା ମିଳିପାରିନାହିଁ। ରାତି ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଶ୍ରମ ଆଇନ ସଂଶୋଧନ ନ କରିବାକୁ ଦାବି




ଆଠମଲ୍ଲିକ, ୨୭।୫(ଡି.ଏନ.ଏ.): ଇଣ୍ଡିଆନ ଫେଡେରେଶନ ଅଫ୍ ଟ୍ରେଡ୍ ୟୁନିୟନ ଆଠମଲ୍ଲିକ ଶାଖା ପକ୍ଷରୁ ଶ୍ରମ ଆଇନରେ ପରିବର୍ତ୍ତନ କରା ନ ଯିବା, ୧୨ ଘଣ୍ଟିଆ କାର୍ଯ୍ୟ ନିଷ୍ପତ୍ତି ପ୍ରତ୍ୟାହାର, ପ୍ରବାସୀ ଶ୍ରମିକଙ୍କ ପାଇଁ କେନ୍ଦ୍ର ସରକାର ବ୍ୟବସ୍ଥା କରିବା, କ୍ୱାରାଣ୍ଟାଇନରୁ ବାହାରିବା ପରେ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ଆଦି ଦାବିରେ ବୁଧବାର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଠମଲ୍ଲିକ ଉପଖଣ୍ଡ କମିଟି ଆବାହକ ଧର୍ମେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ କର୍ମୀ ସ୍ଥାନୀୟ ହରିଡ଼ାନାଳି ଛକରୁ ଶୋଭାଯାତ୍ରାରେ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ବିକାଶ ବେହେରା, ପ୍ରଦ୍ୟୁମ୍ନ ବେହେରା, ପରିକ୍ଷିତ ବେହେରା, ଜନକ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପାର୍ବତୀଙ୍କ ହାତ ଧରିଲେ ଶ୍ରୀଚନ୍ଦ୍ରଶେଖର

ଢେଙ୍କାନାଳ ଅଫିସ/ଓଡ଼ାପଡ଼ା (ଡି.ଏନ୍.ଏ.), ୨୭।୫

### କପିଳାସରେ ଶିବ ବିବାହ

କପିଳାସ କ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଜୀଉ ଏବଂ ମା' ପାର୍ବତୀଙ୍କ ବିବାହ ଉତ୍ସବ ନିରାଡ଼ମ୍ବର ପରିବେଶରେ ଦେଓଗାଁରେ ଅନୁଷ୍ଠିତ ହୋଇଯାଇଛି। ଦେବଦମ୍ପତିଙ୍କ ଏହି ବିବାହ ଉତ୍ସବର ସାକ୍ଷୀ ରହିଥିଲେ ହାତଗଣତି ସେବାୟତ ଏବଂ ଗ୍ରାମବାସୀ। ପାରମ୍ପରିକ ନୀତି ଅନୁଯାୟୀ ମଙ୍ଗଳବାର ଦ୍ୱିପ୍ରହର ଧୂପ ପରେ ପ୍ରଭୁ ଚନ୍ଦ୍ରଶେଖର ବିମାନରେ ଆସି ଦେଓଗାଁସ୍ଥିତ ଶ୍ରୀବଳରାମ ମନ୍ଦିରରେ ରହିଥିଲେ। ସେଠାରେ ଦିଅଁମଙ୍ଗୁଳା ନୀତି ଅନୁଷ୍ଠିତ ହୋଇଥିଲା। ବୁଧବାର ଅପରାହ୍ଣ ସାଢ଼େ ୩ଟାରେ ମାତା ପାର୍ବତୀଙ୍କ ସହ ଶ୍ରୀଜୀଉଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ସୁରେନ୍ ପତି ବରପିତା ଏବଂ ବିଜୟ ମହାପାତ୍ର କନ୍ୟାପିତା ଭାବେ ଉପସ୍ଥିତ ରହି ବିବାହ କାର୍ଯ୍ୟ ତୁଲାଇଥିଲେ। ସାମାଜିକ ଦୂରତ୍ୱ ନିୟମ ପାଳନ କରି ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିବା ଜିଲା ଦେବୋତ୍ତର ବିଭାଗ ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ସୂଚନା ଦେଇଛନ୍ତି।

ସେହିପରି ଓଡ଼ାପଡ଼ା ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀଙ୍କ ମନ୍ଦିରରେ ଦେବଦମ୍ପତିଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି। ରୁଦ୍ରାଭିଷେକ ପରେ ଗୋକନକେଶ୍ୱର ମହାଦେବ ବରଯାତ୍ରୀଙ୍କ ସହ ଆସି ରାମଚଣ୍ଡୀଙ୍କ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଯଥାବିଧି ବିବାହ ନୀତି ସମ୍ପନ୍ନ ହୋଇଥିଲା। ଯଜ୍ଞଶ୍ରୀ ସାହୁ, ସୁଶାନ୍ତ ସାହୁ, ସସ୍ମିତା ମହାନ୍ତି ଏବଂ ଗିରିଶ ମହାନ୍ତି ଯଥାକ୍ରମେ ବର ପିତାମାତା ଏବଂ କନ୍ୟା ପିତାମାତା ଭାବେ ସମସ୍ତ ଦାୟିତ୍ୱ ନିର୍ବାହ କରିଥିଲେ।



ଦେଓଗାଁସ୍ଥିତ ଶ୍ରୀବଳରାମ ମନ୍ଦିରରେ ବିବାହ ଉତ୍ସବ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଅନୁଗୋଳ ଅଫିସ, ୨୭।୫

କରୋନା ଓ ବାତ୍ୟା ଅମ୍ଫାନ୍ ପ୍ରଭାବକୁ ନଜରରେ ରଖି ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ସମସ୍ତ ପ୍ରକାର ଫି' ଛାଡ କରିବା ପାଇଁ ଡିଏସ୍‌ଓ ପକ୍ଷରୁ ଦାବି କରାଯାଇଛି। ଏଥିସହ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବିନା ମୂଲ୍ୟରେ ପୁସ୍ତକ ଯୋଗାଇଦେବା, ମଦ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଆଦି ଦାବିରେ ଏଆଇଡିଏସ୍‌ଓ ରାଜ୍ୟ କମିଟି ପକ୍ଷରୁ ମଙ୍ଗଳବାର ପ୍ରତିବାଦ ଦିବସ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅନୁଗୋଳ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପ୍ଲାକାର୍ଡ ପ୍ରଦର୍ଶନ ସହ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ନାରାୟଣ ନାୟକ, ପ୍ରଭାସୀ ସ୍ୱାଇଁ, ନିରୂପମା ନାୟକ, ଏଲିସା ଶୁଭଦର୍ଶିନୀ, ଅନ୍ନପୂର୍ଣ୍ଣା ନାଏକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ତାତିରେ କଲବଲ ହେଲେ ଲୋକେ



ପ୍ରବଳ ଖରାରୁ ରକ୍ଷା ପାଇବାକୁ ମହିଳାମାନେ ଛତାଧରି ଯାଉଛନ୍ତି।

ଅନୁଗୋଳ ଅଫିସ, ୨୭।୫

ତତଲା କଡ଼େଇ ପାଲଟିଛି ଅନୁଗୋଳ। ବୁଧବାର ୪୩.୭ ଡିଗ୍ରୀ ତାପମାତ୍ରା ସହ ରାଜ୍ୟର ଉତ୍ତପ୍ତ ସହର ତାଲିକାରେ ଅନୁଗୋଳ ସର୍ବାଗ୍ରେ ଥିବାରୁ ଦିନ ତମାମ କଲବଲ ହୋଇଥିଲେ ଲୋକେ। ସକାଳ ୮ଟାରୁ ତାପମାତ୍ରା ବଢ଼ିବା ସହ ମଧ୍ୟାହ୍ନରେ ମୁଣ୍ଡଫଟା ଖରା ଜନଜୀବନକୁ ଅଥୟ କରିଦେଇଥିଲା। ଫଳରେ ଜନଗହଳି ଅନୁଗୋଳ ସହର ପୂର୍ବାହ୍ଣରୁ ହିଁ ଖାଁ ଖାଁ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଅତି ଜରୁରୀ କାମ ନ ଥିଲେ ଲୋକମାନେ ଘରୁ ବାହାରି ନ ଥିଲେ। ଯେଉଁମାନେ ପଦାକୁ ଆସିଥିଲେ ସେମାନେ ହାତରେ ଛତା ଓ ପାଣି ବୋତଲ ଆଣିଥିଲେ। ତେବେ ତାତି ସାଙ୍ଗକୁ ଗୁଳଗୁଳି ଯନ୍ତ୍ରଣାକୁ ଅଧିକ ବଢ଼ାଇ ଦେଇଥିଲା ଅଘୋଷିତ ବିଦ୍ୟୁତ୍ କାଟ। ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ କାଟ ହେଉଥିବାରୁ ଛୋଟ ପିଲା ଓ ବୟସ୍କ ଲୋକମାନେ ଗରମରେ ଛଟପଟ ହେଉଥିବା ଦେଖିବାକୁ ମିଳିଥିଲା।

## ଅସ୍ଥାୟୀ ମେଡିକାଲ ସେଣ୍ଟରରେ ଅସନ୍ତୋଷ

ଅନୁଗୋଳ ଅଫିସ, ୨୭।୫

ଅନୁଗୋଳ ସହର ଉପକଣ୍ଠ ଅସ୍ଥାୟୀ ମେଡିକାଲ ସେଣ୍ଟରରେ ଥିବା ୧୫ଜଣ ପ୍ରବାସୀଙ୍କ ମଧ୍ୟରେ ମଙ୍ଗଳବାର ରାତିରେ ଅସନ୍ତୋଷ ଦେଖାଦେଇଥିଲା। ସେଠାରେ ଥିବା ଡାକ୍ତର ଓ ନର୍ସମାନେ ସେମାନଙ୍କ କଥା ବୁଝୁ ନ ଥିବା ପ୍ରବାସୀମାନେ ଅଭିଯୋଗ କରିଥିଲେ। ଖବରପାଇ ପ୍ରଶାସନ ସେମାନଙ୍କୁ ବୁଝାଶୁଝା କରିବା ପରେ ଅସନ୍ତୋଷ ଥମିଥିବା ସୂଚନା ମିଳିଛି।

ପ୍ରକାଶ ଯେ, ତାଳଚେର କୋଭିଡ୍ ହସ୍ପିଟାଲରୁ ଗତ ୨୨ ତାରିଖରେ ଅନୁଗୋଳ ଜିଲାର ୧୫ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଥିଲେ। ସେମାନଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲେ ହେଁ ଆଉ ୧୪ ଦିନ ଅସ୍ଥାୟୀ ମେଡିକାଲ କ୍ୟାମ୍ପରେ ରଖାଯାଇଛି। ସମ୍ପୃକ୍ତ ୧୫ ଜଣ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ପ୍ରଥମେ ଅଭିଯୋଗ କରିଥିଲେ। ଏହାର ଯାଞ୍ଚ କରିବାକୁ ପ୍ରଶାସନ ପକ୍ଷରୁ ଏକ ଟିମ୍ ପଠାଯାଇଥିଲା। କିନ୍ତୁ ଅନୁଧ୍ୟାନ ବେଳେ ଖାଦ୍ୟ ନୁହେଁ ବରଂ ଡାକ୍ତର ଓ ନର୍ସମାନେ ସେମାନଙ୍କ ଭଲମନ୍ଦ ବୁଝୁ ନ ଥିବା ପ୍ରବାସୀମାନେ ଅଭିଯୋଗ କରିଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ବୁଝାଶୁଝା କରାଯାଇଥିବା ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି। ଅପରପକ୍ଷରେ ଏହି ଅସ୍ଥାୟୀ ମେଡିକାଲ ଦାୟିତ୍ୱ ଜିଲା ମୁଖ୍ୟ ଚିକିତ୍ସାଳୟ ମ୍ୟାନେଜର ଦେବାଶିଷ ଦାସଙ୍କୁ ଦିଆଯାଇଥିବା ପୌର କର୍ମଚାରୀମାନେ କହିଥିବା ବେଳେ ମ୍ୟାନେଜର ଦାସ କିନ୍ତୁ ତାଙ୍କୁ କିଛି ଦାୟିତ୍ୱ ଦିଆଯାଇ ନାହିଁ ବୋଲି ପ୍ରକାଶ କରିଛନ୍ତି।

## ରିଆଡ୍‌ମିଶନ ଫି' କୋହଳ ଦାବି

ଅନୁଗୋଳ ଅଫିସ, ୨୭।୫

ଯୁକ୍ତ ୨, ଯୁକ୍ତ ୩ ମହାବିଦ୍ୟାଳୟ, ବେସରକାରୀ ଡିପ୍ଲୋମା ଓ ଡିଗ୍ରୀ ଇଞ୍ଜିନିୟରିଂ କଲେଜଗୁଡ଼ିକରେ ରିଆଡମିଶନ ଫି'କୁ ତିନି ମାସ କୋହଳ କରିବା ପାଇଁ ଅନୁଗୋଳ ଜିଲା ଛାତ୍ର କଂଗ୍ରେସ କମିଟି ପକ୍ଷରୁ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଛାତ୍ର କଂଗ୍ରେସ କମିଟି ସଭାପତି ବିଶ୍ୱରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଲକ୍‌ଡାଉନ୍ ସମୟରେ ସବୁଠାରୁ ଅଧିକ ପ୍ରଭାବିତ ଲୋକଙ୍କ ସନ୍ତାନମାନଙ୍କ ଫି' ସମ୍ପୂର୍ଣ୍ଣ ଛାଡ଼ କରିବାକୁ ମଧ୍ୟ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଅନୁଗୋଳ ଜିଲା ଛାତ୍ର କଂଗ୍ରେସ ସଭାପତି ପାଣିଗ୍ରାହୀଙ୍କ ସହ ରାଜ୍ୟ ଛାତ୍ର କଂଗ୍ରେସ ଆବାହକ ପ୍ରଦ୍ୟୁମ୍ନ ସାହୁ, ଜିଲା ଛାତ୍ର କଂଗ୍ରେସର ସାଧାରଣ ସମ୍ପାଦକ ମାନସ ରଞ୍ଜନ ବିଶ୍ୱାଳ, ସୁଜିତ କୁମାର ଦେହୁରୀ, କାର୍ତ୍ତିକ ସାହୁ, ତେଜନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଛାତ୍ର କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଅନୁଗୋଳ ପୋଲିସ ସ୍ତରରେ ଅଦଳବଦଳ

ଅନୁଗୋଳ ଅଫିସ, ୨୭।୫

ଅନୁଗୋଳ ଜିଲା ପୋଲିସରେ ବୁଧବାର ଅଦଳବଦଳ କରାଯାଇଛି। ଜିଲା ମୁଖ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ୧୪ ଜଣ ସବ୍‌ଇନ୍ସପେକ୍ଟର ଓ ଜଣେ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟରଙ୍କ ଅଦଳବଦଳ କରାଯାଇଛି। ଅନୁଗୋଳ ହେଡ୍ କ୍ୱାର୍ଟରରେ ଥିବା ଏସ୍‌ଆଇ ଅରୁଣ କୁମାର ପଣ୍ଡାଙ୍କୁ ବଇଣ୍ଡା ବିଟ୍ ହାଉସ୍ ଇନ୍‌ଚାର୍ଜ ଭାବେ ବଦଳି କରାଯାଇଥିବାବେଳେ ଦିଲୀପ କୁମାର ପଟ୍ଟନାୟକଙ୍କୁ ଅନୁଗୋଳ ଥାନା, ଧନେଶ୍ୱର ବିଶ୍ୱାଳଙ୍କୁ ନିଶା ଥାନା, ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କୁ ବନ୍ତଳା ଥାନା, ଶକୁନ୍ତଳା ଦେହୁରୀଙ୍କୁ ଜରପଡ଼ା ଥାନା, ଅଜୟ କୁମାର ସାହୁଙ୍କୁ ଛେଣ୍ଡିପଦା ଥାନା, ରାମଚନ୍ଦ୍ର ମହାଲିକଙ୍କୁ ସମଲ ଥାନା, ଲଲାଟେନ୍ଦୁ ନାଏକଙ୍କୁ ଏନ୍‌ଟିପିସି ଥାନା, ରବିନାରାୟଣ ବେହେରାଙ୍କୁ କିଶୋରନଗର ଥାନା, ଦିଗାମ୍ବର ଜେନାଙ୍କୁ ଛେଣ୍ଡିପଦା ଥାନା, କୁମୁଦିନୀ ଷେଣ୍ଡଙ୍କୁ ପାଲଲହଡ଼ା ଥାନା, ବ୍ରହ୍ମାନନ୍ଦ ସାହୁଙ୍କୁ ଆଠମଲ୍ଲିକ ଥାନା, ପୀତବାସ ନାଏକଙ୍କୁ ବନ୍ତଳା ଥାନା ଓ ପଞ୍ଚୁନାଥ ସାହୁଙ୍କୁ ଅନୁଗୋଳର ତଦନ୍ତକାରୀ ବିଭାଗକୁ ବଦଳି କରାଯାଇଛି। ସେହିପରି ବଇଣ୍ଡା ବିଟ୍ ହାଉସ୍‌ରେ ଥିବା ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ସନାତନ ମହାରଣାଙ୍କୁ ଜରପଡ଼ା ଥାନାକୁ ବଦଳି କରାଯାଇଛି ବୋଲି ପୋଲିସ ମୁଖ୍ୟାଳୟରୁ ସୂଚନା ପ୍ରଦାନ କରାଯାଇଛି।

### ବଦଳିଲେ ଭୁବନ ଥାନା ଅଧିକାରୀ

**ଢେଙ୍କାନାଳ ଅଫିସ, ୨୭।୫–** ଢେଙ୍କାନାଳ ଜିଲା ପୋଲିସ ପ୍ରଶାସନରେ ବୁଧବାର ଅଦଳବଦଳ ହୋଇଛି। ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟର ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ସାହୁଙ୍କୁ ଭୁବନ ଥାନାଧିକାରୀ ଭାବେ ବଦଳି କରାଯାଇଛି। ଭୁବନ ଥାନାଧିକାରୀ ନିର୍ମଳା ଗୋଛାୟତଙ୍କ ଗଁଦିଆ ଥାନାକୁ ବଦଳି ହୋଇଛି। ପୂର୍ବରୁ ଗଁଦିଆ ଥାନାଧିକାରୀ ଭାବେ କାର୍ଯ୍ୟରତ ଜିତେନ୍ଦ୍ର ସାହୁଙ୍କୁ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯିବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ସେହିପରି କଙ୍କଡ଼ାହାଡ଼ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କୁ ପରଜଙ୍ଗ ଥାନାଧିକାରୀ ଭାବେ ବଦଳି ହୋଇଛି। ପରଜଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ପ୍ରଧାନଙ୍କୁ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଛି। ଅନୁରୂପ ଭାବେ ଭୁବନ ଥାନା ଏସ୍‌ଆଇ ଆଶିଷ କୁମାର ଜେନାଙ୍କୁ କଙ୍କଡାହାଡ ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ ବଦଳି କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଅନୁଗୋଳରେ ଖୋଲିଲା ୧୯ ମଦଦୋକାନ

ଅନୁଗୋଳ ଅଫିସ, ୨୭।୫

ରାଜ୍ୟ ସରକାର ଅନ୍‌ଲାଇନ୍‌ରେ ବିକ୍ରି ପାଇଁ ଅନୁମତି ଦେବା ପରେ ଗତ ୩ ଦିନ ମଧ୍ୟରେ ଅନୁଗୋଳରେ ୧୯ଟି ମଦ ଦୋକାନ ଖୋଲିଛି। କିନ୍ତୁ ଅନ୍‌ଲାଇନ୍ ବଦଳରେ ଖୋଲାଖୋଲି ଗ୍ରାହକମାନେ ଦୋକାନରୁ ମଦ କିଣୁଥିବା ଦେଖାଯାଉଛି। ବୁଧବାର ଅପରାହ୍ଣରେ ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟ ମଦ ଦୋକାନକୁ ଅନୁମତି ମିଳିବା ପରେ ଏଠାରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି।

ନିୟମ ଅନୁଯାୟୀ ଅନ୍‌ଲାଇନ୍‌ରେ ଜଣେ ଗ୍ରାହକଙ୍କୁ ଅଢ଼େଇ ଲିଟର ବିଦେଶୀ ଓ ୫ ଲିଟର ବିୟରରୁ ଅଧିକ ଦିଆଯାଇ ପାରିବ ନାହିଁ। କିନ୍ତୁ ଅନୁଗୋଳରେ ତାହା ପାଳନ ହେଉନାହିଁ। ଗ୍ରାହକଙ୍କୁ ସିଧାସଳଖ ଦୋକାନରୁ ମଦ ବିକ୍ରି କରାଯାଉଛି। ବୁଧବାର ଅନୁଗୋଳ ଏକ୍‌ସାଇଜ ଏସ୍‌ପି କୃଷ୍ଣା ନାୟକ କହିଛନ୍ତି, ଜିଲାରେ ଏବେ ସୁଦ୍ଧା ୧୯ଟି ଦୋକାନ ଖୋଲିଛି। ବୁଧବାର ୭ଟି ଦୋକାନକୁ ଅନୁମତି ଦିଆଯାଇଛି। ଏଯାଏ ୨୬୭ ଜଣ ଅନ୍‌ଲାଇନ୍‌ରେ ମଦ କିଣିଛନ୍ତି। ଯେଉଁ ଦୋକାନୀ କାଉଣ୍ଟରରୁ ସିଧାସଳଖ ଗ୍ରାହକଙ୍କୁ ବିକ୍ରି କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ଏସ୍‌ପି ନାୟକ ପ୍ରକାଶ କରିଛନ୍ତି।




ବସ୍‌ଷ୍ଟାଣ୍ଡସ୍ଥିତ ମଦ ଦୋକାନରୁ ଗ୍ରାହକ ସିଧାସଳଖ ମଦ କିଣୁଛନ୍ତି।



ଫିଙ୍ଗା ଯାଇଥିବା ପେଟି ଓ ଭଙ୍ଗା ବୋତଲ ପୋଲିସ ସଂଗ୍ରହ କରୁଛି।

### ପେଟିରେ ମଦ ନେଉଥିବା ଯୁବକଙ୍କୁ ଗୋଡ଼ାଇଲେ ତହସିଲଦାର

ବସ୍‌ଷ୍ଟାଣ୍ଡ ନିକଟ ଦୋକାନରୁ ଦୁଇ ଜଣ ଯୁବକ ଦୁଇ ପେଟି ମଦ କିଣି ଏକ ବାଇକ୍‌ରେ ସହର ଉପକଣ୍ଠ କୁଇଓ ଆଡ଼କୁ ଯାଉଥିଲେ। ଏପରି ଦୃଶ୍ୟ ଅନୁଗୋଳ ତାହସିଲଦାର ନେହେରୁ ମାଝି ଦେଖିବା ପରେ ସେମାନଙ୍କ ପିଛା କରିଥିଲେ। ଏହା ଜାଣି ପ୍ରଗତିନଗର ନିକଟରେ ଦୁଇ ଯୁବକ ମଦ ପେଟି ଫିଙ୍ଗି ଦେଇ ଚମ୍ପଟ ମାରିଥିଲେ। ପରେ ଅନୁଗୋଳ ପୋଲିସ ସେଠାରେ ପହଞ୍ଚି ମଦ ପେଟି ସହ ଭଙ୍ଗା ବୋତଲ ଗୋଟାଇ ଥାନାକୁ ଅଣିଥିଲା। ଏ ସମ୍ପର୍କରେ ଅବକାରୀ ଏସ୍‌ପି କ୍ରିଷ୍ଣା

## ସଂକ୍ଷେପରେ

### ନିଆଁ ଲାଗି ଘର ଜଳିଗଲା

ବୈପାରୀଗୁଡ଼ା,୨୭।୫ (ଡି.ଏନ୍.ଏ.)- ବୁଧବାର ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କୋଲାର ପଞ୍ଚାୟତର ଚୈତନ୍ୟ କର୍ଲିଆଙ୍କ ଘର ଅଗ୍ନିକାଣ୍ଡରେ ପୋଡିଯାଇଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଚୈତନ୍ୟଙ୍କ ପ୍ରାୟ ଦେଢ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି।

### ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଶିକ୍ଷା

ଦାମନଯୋଡ଼ି,୨୭।୫(ଡି.ଏନ୍.ଏ.)- ମାଥାଲିପୁଟ ପଞ୍ଚାୟତର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଓ ପ୍ରାଣାୟାମ ଶିକ୍ଷା ଦିଆଯାଉଛି। ଯୋଗ ଶିକ୍ଷକ ଡ. ନିରୋଧ କୁମାର ପ୍ରଧାନ ଯୋଗ ଶିକ୍ଷା ଦେଉଛନ୍ତି। ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସହ ଲୋକମାନଙ୍କ ମାନସିକ କ୍ଷେତ୍ରରେ ସ୍ଥିରତା ରହିବ।

### ଟ୍ରାକ୍ଟର ଓଲଟି ଯୁବକଙ୍କ ମୃତ୍ୟୁ

କାଲିମେଳା,୨୭।୫(ଡି.ଏନ୍.ଏ.)- କାଲିମେଳା ବ୍ଲକ ଯବାନପାଲି ଗ୍ରାମ ନିକଟରେ ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଏକ ଟ୍ରାକ୍ଟର ଓଲଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଉଛନ୍ତି ତେଲରାଇ ପଞ୍ଚାୟତ ଏମ୍‌ପିଭି-୬୩ ଗ୍ରାମର ସୁବାସ ଦେଙ୍କ ପୁଅ ସୁବୀର ଦେ (୨୪)। ଏମ୍‌ଭି-୭୯ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାରକରି ବୁଧବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ସୁବୀର ଟ୍ରାକ୍ଟର ନେଇ ମାଟିକାମ କରିବାକୁ ଯାଇଥିଲେ। ରାତି୧୦ଟାରେ ଏମ୍‌ଭି-୬୭ ଗ୍ରାମ ଦେଇ ନିଜ ଗ୍ରାମକୁ ଫେରୁଥିବା ବେଳେ ଯବାନପାଲି ନିକଟରେ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡିଥିଲା।

### ରଶି ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

କାଲିମେଳା,୨୭।୫(ଡି.ଏନ୍.ଏ.)- କାଲିମେଳା ଥାନା ଅନ୍ତର୍ଗତ କଇମେଟଲା ପଞ୍ଚାୟତ ଏମ୍‌ଭି-୬୨ ଗ୍ରାମର ପରିତୋଷ ମଣ୍ଡଳ(୬୦) ବୁଧବାର ସକାଳେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ପୁଅ ଜୟନ୍ତ ଏବଂ କିଶୋରଙ୍କ କହିବା ଅନୁଯାୟୀ ବାପା କୌଣସି ଛୋଟଛୋଟ କଥାରେ ପ୍ରବଳ ଡରିଯାଉଥିଲେ। ଏବେ କରୋନା ଚାରିଆଡ଼େ ଦେଖାଦେଇଥିବା ବେଳେ କାଳେ ତାଙ୍କୁ ଏହି ରୋଗ ଆକ୍ରାନ୍ତ କରିବ ସେ ନେଇ ମଧ ସେ ଚିନ୍ତାରେ ରହୁଥିଲେ। ତାଙ୍କ ମାନସିକ ସ୍ଥିତି ଭଲ ନ ଥିଲା। ବୁଧବାର ସକାଳେ ପରିବାର ଲୋକେ ନିଜ କାମରେ ବ୍ୟସ୍ତ ଥିବା ବେଳେ ବାପା ବାରିପଟକୁ ଯାଇ ଏକ ଆତଗଛରେ ରଶି ଲଗାଇ ଝୁଲି ପଡିଥିଲେ। ଖବର ପାଇ କାଲିମେଳା ପୋଲିସ ଗ୍ରାମରେ ପହଞ୍ଚି ମୃତଦେହ ଜବତକରି ୯/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଛତିଶଗଡ଼ ସୀମା ସିଲ୍

ମାଲକାନଗିରି,୨୭।୫(ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ବର୍ତ୍ତମାନ ସୁଦ୍ଧା ୧୯ ଜଣ କରୋନା ରୋଗୀ ଚିହ୍ନଟ ହେବା ପରେ ଜିଲା ସଦର ମହକୁମାଠାରୁ ୨୦ କି.ମି. ଦୂର ଝାପ୍ରାଠାରେ ଥିବା ଛତିଶଗଡ଼ ସୀମାକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଏସ୍‌ଟିଏଫ୍ ଏବଂ ଛତିଶଗଡ଼ ପୋଲିସ ମାଲକାନଗିରି ଜିଲା ମଧକୁ କୌଣସି ଗାଡ଼ି ଛାଡୁନାହିଁ। ମାଲକାନଗିରିରୁ ମଧ କୌଣସି ଗାଡି ଛତିଶଗଡକୁ ଛଡ଼ାଯାଉନାହିଁ। ଏପରିକି ସୁକ୍‌ମା ଅଞ୍ଚଳର ସାପ୍ତାହିକ ହାଟ, ଦୋକାନ, ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଛି। ଛତିଶଗଡ଼ର ଜଗଦଲପୁର, ରାୟପୁରରୁ ମାଲକାନଗିରି ଆସିଥିବା ପନିପରିବା ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପରିବହନ ବନ୍ଦ ରହିଛି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଓ ଜରୁରୀ ସେବାକୁ କୋହଳ କରାଯାଇଛି।

### ସଙ୍ଗରୋଧରୁ ଘରକୁ ଗଲେ ୨୬ ପ୍ରବାସୀ

ଚିତ୍ରକୋଣ୍ଡା,୨୭।୫(ଡି.ଏନ୍.ଏ.)-ବାହାର ରାଜ୍ୟରୁ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଫେରିଆସି ଚିତ୍ରକୋଣ୍ଡାରେ ସଙ୍ଗରୋଧ ଗୃହରେ ରହୁଥିବା ୨୬ ଜଣ ପ୍ରବାସୀ ଓଡ଼ିଆଙ୍କୁ ନିଜ ଘରକୁ ପଠାଯାଇଛି। ସେମାନଙ୍କ ମଧ୍ୟରେ ୭ ମହଳା ଓ ୧୯ ପୁରୁଷ ଥିଲେ। ମଙ୍ଗଳବାର ସେମାନଙ୍କ ୧୪ ଦିନିଆ ସଙ୍ଗରୋଧ ଅବଧି ଶେଷ ହୋଇଥିଲା। ପ୍ରଶାସନ ପକ୍ଷରୁ ସେମାନଙ୍କୁ ପ୍ରମାଣପତ୍ର ଦେଇ ସେମାନଙ୍କ ପରିବାର ଲୋକଙ୍କ ଦାୟିତ୍ୱରେ ଛଡ଼ାଯାଇଛି। ଏହି ସମୟରେ ବିଡିଓ ଲରିମନ ଖରସେଲ, ତହସିଲଦାର ଟି. ପଦ୍ମନାଭ ଦୋରା, ଜିପିଓ ଧୀରେନ କୁମାର ଖଣ୍ଡାଗିରି ଉପସ୍ଥିତ ଥିଲେ। ସେମାନେ ନିଜ ଘରେ ଆଉ ୭ଦିନ ହୋମ୍ କ୍ୱାରାଣ୍ଟାଇନରେ ରହିବେ ବୋଲି ଜଣାପଡିଛି।

# ଭିନ୍ନକ୍ଷମ ଧର୍ମେନ୍ଦ୍ରଙ୍କୁ ମିଳୁନି ସହାୟତା

- ଗଛରୁ ପଡ଼ି ଅଣ୍ଟା, ମେରୁଦଣ୍ଡରେ ଆଘାତ ଲାଗିଥିଲା
- ମିଳିଛି ୫୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର
- ମୋ ନଜରରେ ନ ଥିଲେ: ସାମାଜିକ ସୁରକ୍ଷା ଅଧିକାରୀ

ଦଶମନ୍ତପୁର, ୨୭।୫ (ଡି.ଏନ୍.ଏ.)

ଉପଯୁକ୍ତ ଭିନ୍ନକ୍ଷମ ପ୍ରମାଣପତ୍ର ଥାଇ ମଧ ଜଣେ ବ୍ୟକ୍ତି ଏଯାଏ ପ୍ରଶାସନିକ ସୁବିଧା ସୁଯୋଗ ପାଇନାହାନ୍ତି। ସେ ହେଉଛନ୍ତି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚଣ୍ଡାବାଡ଼ ପଞ୍ଚାୟତର ଏସ୍.ଡଣ୍ଡାବାଡ଼ ଗ୍ରାମର ଧର୍ମେନ୍ଦ୍ର ଦିଶାରୀ ( ୩୫ )।

ଦୁଇ ଝିଅ,ଗୋଟିଏ ପୁଅକୁ ନେଇ ଧର୍ମେନ୍ଦ୍ରଙ୍କ ସଂସାର। ଚାଷକରି ପରିବାର ଚଳାଉଥିବା ଧର୍ମେନ୍ଦ୍ରଙ୍କୁ ଏପ୍ରିଲ ୨୦୧୮ରେ ପଡ଼ିଥିଲା ବିପତ୍ତି। ଘର ନିକଟରେ ଥିବା ଏକ ତେନ୍ତୁଳି ଗଛରୁ ତେନ୍ତୁଳି ତୋଳୁଥିବା ବେଳେ ହଠାତ୍ ସେ ତଳକୁ ଖସି ପଡ଼ିଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାରକରି ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।


ଧର୍ମେନ୍ଦ୍ର ଦିଶାରୀ ।

ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଧର୍ମେନ୍ଦ୍ରଙ୍କ ଅଣ୍ଟା ଏବଂ ମେରୁଦଣ୍ଡରେ ଆଘାତ ଲାଗି ମେରୁଦଣ୍ଡ ବଙ୍କା ହୋଇଯାଇଥିବା ଜଣାପଡ଼ିଥିଲା। ସେଠାରୁ ତାଙ୍କୁ ଲମତାପୁଟ ଆଶା କିରନ ଚିକିତ୍ସାଳୟକୁ ପଠାଯାଇଥିଲା। ଦୀର୍ଘଦିନ ଚିକିତ୍ସିତ ହେବା ପରେ ମଧ ତାଙ୍କ ଗୋଡ଼ ଶୁଖି ନ ଥିଲା। ଡାକ୍ତର ଜାଣି ନ ପାରିବାରୁ ଶେଷରେ ଧର୍ମେନ୍ଦ୍ର ଘରକୁ ଫେରି ଆସିଥିଲେ। ପରେ ବ୍ଲକରେ ଚାଲିଥିବା ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ଯାଇଥିଲେ। ଶିବିରରେ ତାଙ୍କୁ ୫୦ ପ୍ରତିଶତ ଭିନ୍ନକ୍ଷମ ହୋଇଥିବା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରମାଣପତ୍ର ଧରି ସେ ସହାୟତା ପାଇବା ପାଇଁ ଅନେକ ଥର ସ୍ତ୍ରୀ ସଲାଇଙ୍କ ସହ ବ୍ଲକ କାର୍ଯ୍ୟାଳୟକୁ ଯାଇ ଆବେଦନ କରିଥିଲେ ମଧ ଏଯାଏ କୌଣସି ସହାୟତା ମିଳିନାହିଁ। ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲା। ପ୍ରଶାସନ କୌଣସି ସହାୟତା କଲାନି ବୋଲି ଦୁଃଖର ସହ କହନ୍ତି ଧର୍ମେନ୍ଦ୍ର। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୌତମ ଚରଣ ଗୁମଲଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ, ଧର୍ମେନ୍ଦ୍ର ତାଙ୍କ ନଜରରେ ନ ଥିଲେ। ଆଗାମୀ ଦିନରେ କିପରି ସେ ସହାୟତା ପାଇବେ ସେ ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

# ହିତାଧିକାରୀଙ୍କୁ ମିଳିନି ୩ମାସର ଡାଲି

ନବରଙ୍ଗପୁର,୨୭।୫(ବି.ପ୍ର.)

କେନ୍ଦ୍ରସରକାର ସମସ୍ତ ହିତାଧିକାରୀଙ୍କୁ ୩ମାସର ମାଗଣା ଡାଲି ଦେବାର ଘୋଷଣା କରି ରାଜ୍ୟ ସରକାରଙ୍କୁ ଅର୍ଥ ମଞ୍ଜୁର କରିଛନ୍ତି। ଏହି ଡାଲି ପ୍ରତ୍ୟେକ ରାଶନକାର୍ଡ ହିତାଧିକାରୀଙ୍କୁ ପ୍ରତି ମାସର ୧କିଲୋଗ୍ରାମ ହିସାବରେ ୩ମାସ ପାଇଁ ଏକାସାଥିରେ ୩କିଲୋଗ୍ରାମ ଦେବାକୁ ନିର୍ଦ୍ଦେଶ ହୋଇଥିଲା। ଏହା କାର୍ଯ୍ୟକାରୀ ହୋଇନଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଜିଲାରେ ୯୪୦୦ କୁଇଣ୍ଟାଲ ଡାଲି ଆବଶ୍ୟକ ହେଉଥିବାବେଳେ ମାତ୍ର ୧୧୦୦ କୁଇଣ୍ଟାଲ ଡାଲି ଯୋଗାଇଦେଇ ରାଜ୍ୟ ସରକାର ଚୁପ ବସିଛନ୍ତି ବୋଲି ଭାଜପା ଜିଲା ସଭାପତି ଜଗଦିଶ ଚନ୍ଦ୍ର ବିଷୋୟୀ ପ୍ରଶ୍ନ ଉଠାଇଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

# ରକ୍ତ ଉପାଦାନ ପୃଥକୀକରଣ କେନ୍ଦ୍ର କାର୍ଯ୍ୟକ୍ଷମ ଦାବି

ସୁନାବେଡ଼ା,୨୭।୫(ସ୍ୱ.ପ୍ର.)

କୋରାପୁଟ ହସ୍ପିଟାଲ ରକ୍ତଭଣ୍ଡାର ପରିସରରେ ୨ ବର୍ଷ ତଳେ ଏକ ରକ୍ତ ଉପାଦାନ ପୃଥକୀକରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଏହା ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। କାର୍ଯ୍ୟକ୍ଷମ ହେଲେ ରକ୍ତରେ ଥିବା ଲୋହିତ ରକ୍ତକଣିକା, ପ୍ଲାଜ୍‌ମା ଏବଂ ପ୍ଲେଟ୍‌ଲେଟକୁ ପୃଥକ୍ କରାଯାଇ ରୋଗୀକୁ ରକ୍ତର ଯେଉଁ ଉପାଦାନ ଆବଶ୍ୟକ ତାହା ଯୋଗାଇଦେବା ସମ୍ପର୍କରେ ବ୍ୟବସ୍ଥା ହୋଇପାରିବ। ତେଣୁ ଉକ୍ତ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମର ସଭାପତି ଜି ସଞ୍ଜୀବ କୁମାର, ଡଃ ଉମାଶଙ୍କର ପ୍ରସାଦ ପାତ୍ର, ଶେଖ ଇବ୍ରାହିମ ,ଶାହେଦା ପରବିନ, ଆନନ୍ଦ ମାଲି ପଟ୍ଟନାୟକ, ଗଣେଶ ଚନ୍ଦ୍ର ସାହୁ କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ରକ୍ତଦାତା ଫୋରମର ପ୍ରତିନିଧିମାନେ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରାଙ୍କ ମଧ ଦୃଷ୍ଟି ଆକର୍ଷଣ କରିଛନ୍ତି।

# କର୍କଟ ଆକ୍ରାନ୍ତ କାର୍ତ୍ତିକଙ୍କ ଚିକିତ୍ସାରେ ଅର୍ଥ ବାଧକ

ଚନ୍ଦାହାଣ୍ଡି,୨୭।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଜମାଦାରପଡ଼ା ପଞ୍ଚାୟତ ଅନ୍ତର୍ଗତ ଭାଲୁଡଙ୍ଗରି ଗ୍ରାମର କାର୍ତ୍ତିକ ନାୟକ (୬୫) ମୁଖ କର୍କଟରେ ଆକ୍ରାନ୍ତ। ଅର୍ଥ ଅଭାବରୁ ଚିକିତ୍ସିତ ହୋଇପାରୁ ନାହାନ୍ତି। ଘରେ ରହି ବଞ୍ଚିବା ପାଇଁ ସଂଗ୍ରାମ କରୁଛନ୍ତି।

ସ୍ତ୍ରୀ ଦସେ ଦେଈ ନାୟକ (୬୦) ଓ ଦିବ୍ୟାଙ୍ଗ ଝିଅ ଭଜମନି ନାୟକ(୧୩)କୁ ନେଇ କାର୍ତ୍ତିକଙ୍କ ପରିବାର। ଜମିବାଡ଼ି କହିଲେ ତାଙ୍କର କିଛି ନାହିଁ । ମାସକୁ ସରକାରଙ୍କ ପକ୍ଷରୁ ୧୫ କେ.ଜି. ଚାଉଳ, ସ୍ତ୍ରୀ ଦାସେ ଓ ଦିବ୍ୟାଙ୍ଗ ଝିଅ ଭଜମନିକୁ ଭତ୍ତା ମିଳୁଛି । ଗରିବ ଓ ଜମିହୀନ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ସରକାରଙ୍କ ଆବାସ ଯୋଜନା କିମ୍ବା ଭତ୍ତା ଯୋଜନାରେ ସାମିଲ ହୋଇପାରିନାହାନ୍ତି କାର୍ତ୍ତିକ। କୁଲିକାମ କରି ଓ ସରକାରଙ୍କ ୧୫ କେ.ଜି. ଚାଉଳ ଏବଂ


ସହାୟତା ଅପେକ୍ଷାରେ କାର୍ତ୍ତିକ ନାୟକ ।

ସ୍ତ୍ରୀ ଓ ଝିଅର ଭତ୍ତା ଟଙ୍କାରେ କଷ୍ଟେମଷ୍ଟେ ଚଳିଯାଉଥିଲେ । ୪ମାସ ତଳେ କାର୍ତ୍ତିକ ଅସୁସ୍ଥ ହେବା ପରେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କୁ ଦେଖାଇଥିଲେ। ସେଠାରୁ ଡାକ୍ତର ତାଙ୍କୁ ଉମରକୋଟ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ । ଉମରକୋଟରେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୁଖ କର୍କଟ ହୋଇଥିବା କହିବା ସହ କଟକ ଯାଇ ଚିକିତ୍ସିତ ହେବା ପାଇଁ କହିଥିଲେ। ଅର୍ଥ ଅଭାବ ଯୋଗୁ ଆଗକୁ ଚିକିତ୍ସା କରି ନ ପାରି ଘରକୁ ଫେରି ଏବେ ଜୀବନ ସହ ସଂଗ୍ରାମ କରୁଛନ୍ତି କାର୍ତ୍ତିକ । ପଞ୍ଚାୟତରୁ ମିଳୁଥିବା ୧୫ କେ.ଜି. ଚାଉଳ, ଦୁଇଜଣଙ୍କ ଭତ୍ତା ଏକ ହଜାର ଟଙ୍କାରେ ଦିବ୍ୟାଙ୍ଗ ଝିଅ ସହ ସ୍ୱାମୀଙ୍କ ପ୍ରତିପୋଷଣ କରିବାରେ ଦସେ ଅସମର୍ଥ। ତେଣୁ ସ୍ୱାମୀଙ୍କ ବ୍ୟୟବହୁଳ ଚିକିତ୍ସା ପାଇଁ ତାଙ୍କ ପାଖରେ ଅର୍ଥ କେଉଁଠୁ ଆସିବ। ସରକାରୀ ସହାୟତା କିମ୍ବା କୌଣସି ସହୃଦୟ ବ୍ୟକ୍ତିଙ୍କ ସାହାଯ୍ୟ ପାଇଲେ ହୁଏତ ଚିକିତ୍ସା କରି ସ୍ୱାମୀଙ୍କୁ ବଞ୍ଚାଇବାକୁ ଚେଷ୍ଟା କରନ୍ତେ ବୋଲି କୋହଭରା କଣ୍ଠରେ କହିଛନ୍ତି ଦସେ ଦେଈ । ଏ ସମ୍ପର୍କରେ ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ, ଏ ସମ୍ପର୍କରେ ତାଙ୍କ ନିକଟରେ ଖବର ନାହିଁ, ଆଗକୁ କାର୍ତ୍ତିକଙ୍କ ଭତ୍ତା ଓ ଚିକିତ୍ସା ପାଇଁ ଆବଶ୍ୟକ ସହଯୋଗ କରିବେ ବୋଲି କହିଛନ୍ତି ।

# ମାଟି ଅତଡ଼ା ଧସି ମହିଳା ମୃତ, ଜଣେ ଗୁରୁତର

ରାୟଗଡ଼ା ଅଫିସ, ୨୭।୫–

ହାଣ୍ଡିମାଠିଆ କାମ ପାଇଁ ବୁଧବାର ମାଟି ଆଣିବାକୁ ଯାଇ ମାଟି ଅତଡ଼ା ଖସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଉମୁଣୀ କାଶୀ(୩୫)। ଆଉ ଜଣେ ମହିଳା ଗୁରୁତର ହୋଇଛନ୍ତି । ସଦର ଥାନା ଅନ୍ତର୍ଗତ ଆମ୍ବାଗୁଡ଼ା ଗ୍ରାମ କୁମ୍ଭାରଗୁଡ଼ା ସାହିରେ ଏଭଳି ଘଟଣା ଘଟିଛି। ଏହି ସାହିର କୁମ୍ଭକାର ସମ୍ପ୍ରଦାୟର ୨ ମହିଳା ଉମୁଣୀ ଓ ଲଳିତା କାଶୀ ଗ୍ରାମ ନିକଟସ୍ଥ ଏକ ପାହାଡ଼କୁ ଯାଇଥିଲେ। ଉଭୟେ ମାଟି ଖୋଳୁଥିବା ବେଳେ ହଠାତ୍ ସେମାନଙ୍କ ଉପରେ ମାଟି ଅତଡ଼ା ଖସି ପଡ଼ିଥିଲା। ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଉମୁଣୀଙ୍କୁ ମୃତ ଘୋଷଣା କରିଥିଲେ। ଲଳିତା ଚିକିତ୍ସାଧୀନ ଅଛନ୍ତି। ଖବରପାଇ ପୋଲିସ ପହଞ୍ଚି ୧୯/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# କାଳବୈଶାଖୀରେ ଭାଙ୍ଗିଲା ଘର



ଚନ୍ଦାହାଣ୍ଡି,୨୭।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ବୁଧବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହେବା ସହ ବହୁ ଘରର ଛପର ଉଡ଼ାଇନେଇଛି। ସେହିପରି ତାର ଛିଣ୍ଡିଯାଇଥିବାରୁ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ପବନରେ ଚନ୍ଦାହାଣ୍ଡି–ଉମରକୋଟ, ଚନ୍ଦାହାଣ୍ଡି–ମାଲଗାଁ ରାସ୍ତାରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ବହୁ ଲୋକଙ୍କ ଘର ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ପବନରେ ଅଧିରାଜ ନାୟକଙ୍କ ଘରର ଟିଣ ସମ୍ପୂର୍ଣ୍ଣ ଉଡ଼ିଯାଇଛି। ସେଠାରେ ଭଡ଼ାରେ ରହୁଥିବା ୨ ପରିବାରର ଘର ଭିତରେ ପାଣି ପଶିଯାଇ ସେମାନଙ୍କ ଆସବାବ ପତ୍ର ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଅଗ୍ନିଶମ ବାହିନୀ ପକ୍ଷରୁ ରାସ୍ତାରେ ପଡିଥିବା ଗଛ କାଟି ସଫା କରାଯାଇଛି।

# ଅଷ୍ଟଶମ୍ଭୁ ଶୈବପୀଠରେ ଶୀତଳଷଷ୍ଠୀ


ଅଷ୍ଟଶମ୍ଭୁ ପୀଠରେ ଶିବବିବାହ ଅନୁଷ୍ଠିତ ହେଉଛି ।

ଜୟପୁର/ଦାମନଯୋଡି, ୨୭।୫(ଡି.ଏନ୍.ଏ./ନି.ପ୍ର.)

କୋରାପୁଟ ଜିଲା ଜୟପୁର ସହରର ଅଷ୍ଟଶମ୍ଭୁଶୈବପୀଠ ପଞ୍ଚାନନ ମନ୍ଦିରଠାରେ ଶୀତଳଷଷ୍ଠୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଶୀତଳଷଷ୍ଠୀ ଏବଂ ଶିବ ବିବାହ ତିନିଦିନ ଧରି ଅନୁଷ୍ଠିତ ହେଉଥିଲା। କିନ୍ତୁ ଚଳିତ ବର୍ଷ ଲକ୍‌ଡାଉନ ଯୋଗୁ କେବଳ ଗୋଟିଏ ଦିନରେ ସମସ୍ତ ରୀତିନୀତି କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ଭିତରକୁ ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିଲା। ଶୀତଳଷଷ୍ଠୀ ଆୟୋଜକ କମିଟି ପକ୍ଷରୁ ସାମାଜିକ ଦୂରତା ଏବଂ ମାସ୍କ ବ୍ୟବହାର କରାଯାଇ ପୂଜାର୍ଚ୍ଚନା, ହୋମଯଜ୍ଞ ଏବଂ ଶିବବିବାହ ଅନୁଷ୍ଠିତ ହୋଇଥିଲା। ଏଥିରେ ବର ମହାଦେବଙ୍କ ମାତା ମଧୁଛନ୍ଦା ମିଶ୍ର, ପିତା ଦୁର୍ଗାପ୍ରସାଦ ମିଶ୍ର, କନ୍ୟା ମାତାପିତା ଭାବେ ସସ୍ମିତା ପଟ୍ଟନାୟକ ଏବଂ ଭାରତ ପଟ୍ଟନାୟକ ଉପସ୍ଥିତ ରହି ବିବାହ ସମ୍ପନ୍ନ କରିଥିଲେ। ପୁରୋହିତ ଭାବେ ମନୋରଞ୍ଜନ ଦାଶ, କୃଷ୍ଣଚନ୍ଦ୍ର ନନ୍ଦ, ଉଦୟଚନ୍ଦ୍ର ଦାଶ ଓ ପୂଜକ ହରି ତ୍ରିପାଠୀ ସମସ୍ତ ଦାୟିତ୍ୱ ନିର୍ବାହ କରିଥିଲେ । ପରିଚାଳନା କମିଟିର ସଦସ୍ୟ ଜଗନ୍ନାଥ ମିଶ୍ର, ରାମନାଥ ମିଶ୍ର, ନବକୃଷ୍ଣ ରଥ, ଶ୍ୟାମଳ ପଟ୍ଟନାୟକ, ଆନନ୍ଦ ପଟ୍ଟନାୟକ, ଖଗପତି ଗୌଡ଼ ଉପସ୍ଥିତ ଥିଲେ । ଦାମନଯୋଡିର ବିଭିନ୍ନ ଶିବ ମନ୍ଦିରରେ ଶୀତଳଷଷ୍ଠୀ ପାଳିତ ହୋଇଯାଇଛି। ମାଥାଲପୁଟର ବଟୁକେଶ୍ୱର ମହାଦେବ ମନ୍ଦିର, ଭେଜାପୁଟର ସିଦ୍ଧେଶ୍ୱର ମହାଦେବ, ମଟିଚମାଳର ସିଦ୍ଧେଶ୍ୱର ପୀଠ, ଟାଉନସିପ୍ ସେକ୍ଟର–୧ ଓ ସେକ୍ଟର–୩ ଶିବ ମନ୍ଦିରରେ ସ୍ୱତନ୍ତ୍ର ପୂଜାନୀତି ହୋଇଥିଲା।

# ଫେରିଲେ ୪ ଜିଲାର ୮୫ ପ୍ରବାସୀ

ରାୟଗଡ଼ା ଅଫିସ,୨୭।୫

ତାମିଲନାଡୁର ତିରୁପୁରକୁ କାମ କରିବାକୁ ଯାଇ ଲକ୍‌ଡାଉନ ଯୋଗୁ ଫସି ରହିଥିବା ୮୫ ପ୍ରବାସୀ ଓଡ଼ିଆ ବୁଧବାର ଫେରିଛନ୍ତି। ସେମାନଙ୍କୁ ଆଣିଥିବା ଟ୍ରେନ୍ ରାୟଗଡ଼ାରେ ପହଞ୍ଚିଛି। ଏମାନଙ୍କ ମଧ୍ୟରେ ୪୭ ଜଣ ରାୟଗଡ଼ା ଜିଲାର ରହିଛନ୍ତି। ସେମାନଙ୍କ ମଧ୍ୟରେ ରାୟଗଡା ବ୍ଲକର ୬ ଜଣ, ଗୁଣପୁର ବ୍ଲକର ଜଣେ, ବିଷମକଟକର ୩ ଜଣ, କୋଲନରାର ୬, ପଦ୍ମପୁରର ୬, ଗୁଡାରିର ୩, ଚନ୍ଦ୍ରପୁରର ୫, କାଶୀପୁରର ୬, କଲ୍ୟାଣସିଂହପୁରର ୭ ଏବଂ ରାମନଗୁଡ଼ା ବ୍ଲକର ୪ ଜଣ ରହିଛନ୍ତି। ଏହାବ୍ୟତୀତ ଗଜପତି ଜିଲାର ୨୬ଜଣ, କୋରପୁଟ ଜିଲାର ୫ ଜଣ ଏବଂ ମାଲକାନଗିରି ଜିଲାର ୭ ଜଣ ଶ୍ରମିକ ଅଛନ୍ତି। ଏହି ଶ୍ରମିକମାନଙ୍କୁ ଜିଲାପାଳ ପ୍ରମୋଦ କୁମାର ବେହେରା,ଆରକ୍ଷୀ ଅଧୀକ୍ଷକ ଡ. ଶର୍ବଣ ବିବେକ ଏମ୍, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ସ୍ୱାଗତକରି ରେଳ ଷ୍ଟେଶନରେ ସେମାନଙ୍କ ପଞ୍ଜୀକରଣ କରିବା ସହ ସେମାନଙ୍କୁ ଖାଦ୍ୟପୁଡ଼ିଆ ଦେଇଥିଲେ। ପରେ ରାୟଗଡ଼ାର ଶ୍ରମିକମାନଙ୍କୁ ସମ୍ପୃକ୍ତ ବ୍ଲକର ବିଡିଓମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରି ଅନ୍ୟ ଜିଲାର ପ୍ରବାସୀଙ୍କୁ ବସ୍ ଯୋଗେ ପଠାଯାଇଛି।

# ଜିମ୍ ଖୋଲିବା ଅନୁମତି ଦେବାକୁ ପ୍ରଶାସନକୁ ଦାବିପତ୍ର

ଜୟପୁର,୨୭।୫(ନି.ପ୍ର.)

କରୋନା ପାଇଁ ଜିମ୍ ମାଲିକମାନେ ଭାଙ୍ଗି ପଡ଼ିଛନ୍ତି। ୨ ମାସ ହେବ ଜିମ୍ ବନ୍ଦ ଥିବାରୁ ସେମାନେ ରୋଜଗାର ହରାଇଛନ୍ତି। ୪ ପର୍ଯ୍ୟାୟ ଲକ୍‌ଡାଉନରେ ସବୁ କ୍ଷେତ୍ର କୋହଳ ହୋଇଥିଲେ ମଧ ଜିମ୍‌ଗୁଡ଼ିକୁ ଖୋଲିବାକୁ ସରକାର ଅନୁମତି ଦେଇନାହାନ୍ତି। ଫଳରେ ମଙ୍ଗଳବାର କେତେଜଣ ଜିମ୍ ମାଲିକ ସାମାଜିକ ଦୂରତା ରଖି ଜିମ୍ ଖୋଲିବାକୁ ଅନୁମତି ଦେବାକୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଉକ୍ତ ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ,ଜିମ୍‌କୁ ଛାଡ଼ି ଦେଲେ ସେମାନଙ୍କ ରୋଜଗାର ପନ୍ଥା କିଛି ନାହିଁ। ଋଣ ଆଣି ଜିମ୍ କରି ଏବେ ସେମାନେ କିସ୍ତି ମଧ ଦେଇପାରୁନାହାନ୍ତି। ଏପରି କ୍ଷେତ୍ରରେ ସାମାଜିକ ଦୂରତା ରକ୍ଷାକରି ସକାଳ ୫ଟାରୁ ୮ଟା ଯାଏ ଜିମ୍ ଖୋଲିବାକୁ ଅନୁମତି ଦେବା ସକାଶେ ସେମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି।

# କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ପଦ୍ମପୁର,୨୭।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ କରୋନା ଯୋଦ୍ଧାଙ୍କୁ ବୁଧବାର ସମ୍ମାନିତ କରାଯାଇଛି। ପଦ୍ମପୁର ବିଡିଓ ଦୟାମୟ ପାଢ଼ୀ, ତହସିଲଦାର ନୀଳମାଧବ ମାଝି, ଥାନାଧିକାରୀ ସଞ୍ଜୟ କୁମାର ନାୟକଙ୍କୁ ବିଜେଡି କର୍ମୀଙ୍କ ଗହଣରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରଶାନ୍ତ କୁମାର ଶତପଥୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଗୋଦାବରୀ ରାଉତ କାର୍ଯ୍ୟକ୍ରମ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଗଗନ ଆଚାର୍ଯ୍ୟ, କୁନା ପାଣିଗ୍ରାହୀ,



ମଣ୍ଟୁ ଆଚାର୍ଯ୍ୟ, ପିଙ୍କୁ ପଣ୍ଡା,ପ୍ରଶାନ୍ତ ଦଳେଇ ପ୍ରମୁଖ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ । ବ୍ଲକର ବିଜୟାନନ୍ଦ ହାଇସ୍କୁଲ ଓ ଗୁଡିଆବନ୍ଧସ୍ଥିତ ସଙ୍ଗରୋଧ କେନ୍ଦ୍ରକୁ ମନ୍ତ୍ରୀ, ବିଧାୟକ ପରିଦର୍ଶନ କରିଥିଲେ ।

# କ୍ରୟ ହେଲା ୨୫ ପ୍ରତିଶତ କମ୍ କେନ୍ଦୁପତ୍ର

ଜୟପୁର ,୨୭।୫(ଡି.ଏନ.ଏ. )

କୋରାପୁଟ ଜିଲା ଜୟପୁର ବନଖଣ୍ଡ ଅଧୀନରେ ଥିବା କୋରାପୁଟ, ମାଲକାନଗିରି ଏବଂ ରାୟଗଡା ଜିଲାରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ୨୫ ପ୍ରତିଶତ କେନ୍ଦୁପତ୍ର କିଣାଯାଇଛି। ଏହା ଚଳିତ ବର୍ଷ ନିର୍ଦ୍ଧାରିତ ପରିମାଣଠାରୁ ୨୦ ପ୍ରତିଶତ କମ୍ ବୋଲି ଜଣାପଡିଛି। ଲକ୍‌ଡାଉନ ଏବଂ ଉନ୍ନତମାନର କେନ୍ଦୁପତ୍ର ହୋଇ ନ ଥିବା ଯୋଗୁ ଏପରି କମ୍ କିଣାଯାଇଛି। କୋରାପୁଟ ଜିଲାରେ ଚଳିତବର୍ଷ ୧କୋଟି ୫୧ ଲକ୍ଷ ୩୩ ହଜାର ୫ଶହ ଟଙ୍କାର ୭୫ ଲକ୍ଷ ୬୬ ହଜାର ୭୫୦ କେରି କ୍ରୟ ହୋଇଛି । ଗତବର୍ଷ ୧କୋଟି ୮୨ଲକ୍ଷ ଟଙ୍କାର ୯୧ଲକ୍ଷ ୩୬ହଜାର କେରି କ୍ରୟ ହୋଇଥିଲା । ମାଲକାନିଗିରି ଜିଲାରେ ଚଳିତବର୍ଷ ୧୧କୋଟି ୮୯ ଲକ୍ଷ ୫୬ ହଜାର ୮୭୪ ଟଙ୍କାର ୫ କୋଟି ୯୪ ଲକ୍ଷ ୭୮ ହଜାର ୪୩୭ କେରି କ୍ରୟ ହୋଇଛି । ଗତବର୍ଷ ଏହି ଜିଲାରେ ୧୫ କୋଟି ୯୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ୭କୋଟି ୯୬ ଲକ୍ଷ କେରି କ୍ରୟ କରାଯାଇଥିଲା। ସେହିପରି ରାୟଗଡା ଜିଲାରେ ୧କୋଟି ୨୬ ଲକ୍ଷ ୪୫ ହଜାର ୯୩୦ ଟଙ୍କାର ୬୩ ଲକ୍ଷ ୨୨ ହଜାର ୯୬୫ କେରି କ୍ରୟ ହୋଇଛି। ମାତ୍ର ଗତବର୍ଷ ଏହି ଜିଲାରେ ୧କୋଟି ୨୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ୬୩ ଲକ୍ଷ ୮୪ ହଜାର କେନ୍ଦୁପତ୍ର କେରି କ୍ରୟ ହୋଇଥିଲା।

# ବିଧବାଙ୍କୁ ମିଳିଲା ଭତ୍ତା

ବୈପାରିଗୁଡ଼ା,୨୭।୫(ଡି.ଏନ୍.ଏ.)

**ଧରିତ୍ରୀ ପ୍ରଭାବ**

ସ୍ୱାମୀଙ୍କ ମୃତ୍ୟୁର ୨ ବର୍ଷ ପରେ ବି ଜଣେ ବିଧବା ମହିଳାଙ୍କୁ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ନ ମିଳିବା କାରଣରୁ ସେ ବିଧବା ଭତ୍ତା ଓ ପରିବାର ମଙ୍ଗଳ ଯୋଜନାରୁ ବଞ୍ଚିତ ହୋଇଥିଲେ। ସମ୍ପୃକ୍ତ ମହିଳାଙ୍କୁ ବିଧବା ଭତ୍ତା ପ୍ରଦାନ କରାଯାଇଛି। ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ପଞ୍ଚାୟତର ଚେରକିଆଗୁଡା ଗ୍ରାମର ବୁଦ୍ରି ଗୁଣ୍ଟାଙ୍କ ସ୍ୱାମୀ ଗୁରୁ ଗୁଣ୍ଟାଙ୍କ ୨୦୧୮ ମାର୍ଚ୍ଚ ୧୩ ରେ ମୃତ୍ୟୁ ହୋଇଥିଲା । ତେବେ ମେଡିକାଲରୁ ମୃତ୍ୟୁ ପ୍ରମାଣପତ୍ର ମିଳିବାରେ ବିଳମ୍ବ ହେବାରୁ ବୁଦ୍ରିଙ୍କୁ ବିଧବା ଭତ୍ତା କିମ୍ବା ପରିବାର ମଙ୍ଗଳ ଯୋଜନାରେ ସାମିଲ କରାଯାଇ ନ ଥିଲା । ତେବେ ଏ ସମ୍ପର୍କରେ ଗତ ୨୫ ତାରଖ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଟୁଇଟ୍ ଆସିଥିଲା। ଜୟପୁର ଉପଜିଲାପାଳଙ୍କ ଅନୁମୋଦନକ୍ରମେ ବୁଧବାର ସ୍ଥାନୀୟ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବୁଦ୍ରିଙ୍କୁ ୩ ମାସର ୧ ହଜାର ୫ ଶହ ଟଙ୍କା ଭତ୍ତା ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ର ପ୍ରଦାନ କରିଛନ୍ତି । ୧୫ଦିନ ମଧ୍ୟରେ ତାଙ୍କୁ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କା ମିଳିବ ବୋଲି ସାମାଜିକ ଅଧିକାରୀ ଜଗନ୍ନାଥ ମହାପାତ୍ର ପ୍ରକାଶ କରିଛନ୍ତି।

# ସାର ଗୋଦାମରେ ରହିଛି ଚୋରା କେନ୍ଦୁପତ୍ର

ମାଲକାନଗିରି,୨୭।୫(ଡି.ଏନ୍.ଏ.)

**କାର୍ଯ୍ୟାନୁଷ୍ଠାନ ନିଆଯିବ: ଲ୍ୟାମ୍ପ ପରିଚାଳକ**

ମହାମାରି କରୋନା ରୋଗରେ ଗତ ତିନିମାସ ଧରି ସମସ୍ତ କା ର୍ଯ୍ୟକ୍ରମ ଏବଂ କଳକାରଖାନା ବନ୍ଦ ହୋଇଯିବାରୁ ଶ୍ରମିକଙ୍କ ଜୀବନ ଜୀବିକା ଏକପ୍ରକାର ଠପ୍ ହୋଇ ଯାଇଛି। ପ୍ରବାସୀ ଶ୍ରମିକମାନେ ନିଜ ନିଜ ରାଜ୍ୟକୁ ଫେରୁଛନ୍ତି। ରାଜ୍ୟ ସରକାର କୃଷି ଏବଂ କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୃଷି କାର୍ଯ୍ୟ ପାଇଁ କଟକଣାକୁ କୋହଳ କରିଛନ୍ତି। କୃଷକମାନେ ଯେପରି ସାର ବିହନ ପାଇବାରେ ସମସ୍ୟାରେ ନ ପଡନ୍ତି ସେଥିପ୍ରତି ଗୁରୁତ୍ୱ ଦେଇ ବ୍ୟବସ୍ଥା କରିଛନ୍ତି। ସାର ଗଚ୍ଛିତ ରଖିବା ଲାଗି ମାଲକାନଗିରି ଜିଲାରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗୋଦାମ ରହିଛି। ଏହି ଗୋଦାମଗୁଡିକ ଲ୍ୟାମ୍ପ ଅଧୀନରେ ରହୁଛି। ବର୍ତ୍ତମାନ


କେନ୍ଦୁପତ୍ର ରଖାଯାଇଥିବା ଗୋଦାମ ।

ସାର କମ୍ପାନୀମାନେ ବିଭିନ୍ନ ଜିଲାକୁ ସାର ଯୋଗାଇବା ପ୍ରକ୍ରିୟା ଆରମ୍ଭ କରଛନ୍ତି। ମାତ୍ର ମାଲକାନଗିରି ସଦର ବ୍ଲକ ଚଲାଣଗୁଡା ପଞ୍ଚାୟତ ନୂଆଗୁଡାଠାରେ ଥିବା ସାର ଗୋଦାମରେ ସାର ରଖିବାକୁ ଜାଗା ନାହିଁ। ଏଠାରେ ଚୋରା କେନ୍ଦୁପତ୍ର ଗଚ୍ଛିତ ଥିବା ଅଭିଯୋଗ ହୋଇଛି। ପ୍ରାୟ କୋଟିଏରୁ ଉର୍ଦ୍ଧ୍ୱ ମୂଲ୍ୟର କେନ୍ଦୁପତ୍ର ବିନା ସରକାରୀ ନଥିପତ୍ରରେ ରଖାଯାଇଛି। ଏ ସମ୍ପର୍କରେ ଜିଲା ସମବାୟ ବିଭାଗ ନିବନ୍ଧକ ଶ୍ୟାମଲ ମାରାଣ୍ଡିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହି ଘଟଣା ତାଙ୍କ ନଜରକୁ ଆସିଛି। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି । ଅନ୍ୟପକ୍ଷରେ ଶିଖପାଲି ଲ୍ୟାମ୍ପ ପରିଚାଳକ ଧନେଶ୍ୱର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଚାଷୀଙ୍କ ସାର ଗୋଦାମରେ କେନ୍ଦୁପତ୍ର ରଖିବା ନିୟମ ନାହିଁ। ସେହି ଗୋଦାମକୁ ଭଡାରେ ନେବା ପାଇଁ ଆମକୁ କେହି ଜଣାଇନାହିଁ। ଏନେଇ ମଧ କୌଣସି ଚୁକ୍ତିପତ୍ର କାହାସହ ହୋଇନାହିଁ। ଏହାର ତଦନ୍ତ କରାଯାଇ ଉକ୍ତ କେନ୍ଦୁପତ୍ର ଜବତ କରାଯାଇ ଗଚ୍ଛିତ ରଖିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲା ପ୍ରଶାସନ ଏବଂ ବନ ବିଭାଗ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ମେ ୨୮/୨୦୨୦ Thursday, May 28/2020

# ଡିସେମ୍ବର ୩ରୁ ଭାରତ-ଅଷ୍ଟ୍ରେଲିଆ ସିରିଜ




- ବ୍ରିସବେନ୍‌ରେ ପ୍ରଥମ ଟେଷ୍ଟ
- ଆଡିଲେଡ, ମେଲବୋର୍ନ ଓ ସିଡ୍‌ନୀରେ ପରବର୍ତ୍ତୀ ୩ ଟେଷ୍ଟ
- ଖେଳାଳି କ୍ୱାରାଣ୍ଟାଇନରେ ରହିବେ ନାହିଁ

ମେଲବୋର୍ନ, ୨୭।୫(ପି.ଟି.)

ଭାରତ ବିପକ୍ଷ ଟେଷ୍ଟ ସିରିଜ ପାଇଁ କ୍ରିକେଟ ଅଷ୍ଟ୍ରେଲିଆ ୪ଟି ଭେନ୍ୟୁ ଚୂଡ଼ାନ୍ତ କରିଛି। ପ୍ରଥମ ଟେଷ୍ଟ ଡିସେମ୍ବର ୩ରେ ବ୍ରିସବେନଠାରେ ହେବା ଏକପ୍ରକାର ନିଶ୍ଚିତ ହୋଇଛି ବୋଲି ସ୍ଥାନୀୟ ମିଡିଆ ରିପୋର୍ଟରୁ ପ୍ରକାଶ। ଅଷ୍ଟ୍ରେଲିଆର ୨ଟି ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁସାରେ କ୍ରିକେଟ ଅଷ୍ଟ୍ରେଲିଆ ମୁଖ୍ୟ କାର୍ଯ୍ୟନିର୍ବାହୀ କେଭିନ ରବର୍ଟ୍ସ ଅନୁଷ୍ଠାନିକଭାବେ ଶୁକ୍ରବାର ଏ ସମ୍ପର୍କରେ ଘୋଷଣା କରିବେ। ଭ୍ରମଣକାରୀ ଦଳର ଖେଳାଳିଙ୍କ ପାଇଁ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା ରହିବନାହିଁ। ଏହି ରିପୋର୍ଟ ପରେ କୋଭିଡ-୧୯ ଯୋଗୁ ଭାରତୀୟ ଦଳର ଅଷ୍ଟ୍ରେଲିଆ ଗସ୍ତକୁ ନେଇ ଯେଉଁ ଆଶଙ୍କା ଥିଲା ତାହା ଆପାତତଃ ଦୂର ହୋଇଛି। ପରବର୍ତ୍ତୀ ୩ଟି ଟେଷ୍ଟ ଡିସେମ୍ବର ୧୧, ୨୬ (ବକ୍ସିଂ ଡେ’) ଏବଂ ଜାନୁୟାରୀ ୩ରେ ଯଥାକ୍ରମେ ଆଡିଲେଡ, ମେଲବୋର୍ନ ଓ ସିଡ୍‌ନୀରେ ଆରମ୍ଭ ହେବ। ଦ୍ୱିତୀୟ ଟେଷ୍ଟ ଦିବା/ରାତ୍ର ବିଶିଷ୍ଟ ହେବା ସମ୍ଭାବନା ରହିଛି। ଅଷ୍ଟ୍ରେଲିଆରେ କରୋନା ସ୍ଥିତି ନିୟନ୍ତ୍ରଣାଧୀନ ଥିବାରୁ ଏହି ସିରିଜ ପ୍ରତି ବିପଦ ନାହିଁ। ତେବେ ଦର୍ଶକଙ୍କୁ ମ୍ୟାଚ ଦେଖିବା ସୁଯୋଗ ମିଳିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଅଷ୍ଟ୍ରେଲିଆରେ ୭୦୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଥିବାବେଳେ ୬୫୦୦ ସୁସ୍ଥ ହୋଇଛନ୍ତି। ଏଥିରେ ୧୦୨ ଜଣଙ୍କର ପ୍ରାଣହାନି ଘଟିଛି।

## ବାତ୍ରା ଅଲିମ୍ପିକ୍ ଚାନେଲ କମିଶନ ସଦସ୍ୟ

ନୂଆଦିଲ୍ଲୀ, ୨୭।୫(ପି.ଟି.)

ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରା ଅଲିମ୍ପିକ୍ ଚାନେଲ କମିଶନ ସଦସ୍ୟଭାବେ ନିଯୁକ୍ତ ହୋଇଛନ୍ତି। ଗତବର୍ଷ ଜୁନ୍ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ସଦସ୍ୟ ଥିବା ବାତ୍ରା ନୂଆ ନିଯୁକ୍ତି ପାଇଁ ଏହାର ସଭାପତି ଥୋମାସ ବ୍ୟାକ୍‌ଙ୍କୁ ପତ୍ର ଲେଖି କୃତଜ୍ଞତା ଜଣାଇଛନ୍ତି। ‘‘ଅଲିମ୍ପିକ୍ ଚାନେଲ କମିଶନ ସଦସ୍ୟଭାବେ ନିଯୁକ୍ତ ହୋଇଥିବାରୁ ମୁଁ ବହୁତ ଖୁସି। ଆଇଓସିରେ ନୂଆ ଦାୟିତ୍ୱ ପାଇବା ମୋ ପାଇଁ ଗର୍ବର କଥା। ଏଥିପାଇଁ ମୁଁ ଆଇଓସି ସଭାପତିଙ୍କୁ ଧନ୍ୟବାଦ ଜଣାଉଛି’’ ବୋଲି ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ଥିବା ବାତ୍ରା ପ୍ରକାଶ କରିଛନ୍ତି। ଅଲିମ୍ପିକ୍ ଚାନେଲ କମିଶନ ସଦସ୍ୟ ଆଇଓସି ସିଜନ, ଆଇଓସି କାର୍ଯ୍ୟନିର୍ବାହୀ ବୋର୍ଡ ଏବଂ ଆଇଓସି ସଭାପତିଙ୍କୁ ବିଭିନ୍ନ ପ୍ରସଙ୍ଗରେ ପରାମର୍ଶ ଦେଇପାରିବେ। ଏହା ବ୍ୟତୀତ ଅଲିମ୍ପିକ୍ ଚାନେଲ ଆରମ୍ଭ ହେବା ଏବଂ କାର୍ଯ୍ୟ କରିବାରେ ଗାଇଡ କରିବେ।


## ମନେ ପଡ଼ନ୍ତି

### ଏକାଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଫୁଲ ଦେଇ
ସ୍ୱା.: ବୁଦ୍ଧି ବେହେରା।
ବିଶ୍ୱନାଥପୁର, ନୂଆସାହି, ସାକ୍ଷୀଗୋପାଳ

ଅମରାତ୍ମାର ଚିରଶାନ୍ତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ପୁତ୍ର: ଜଗନ୍ନାଥ ବେହେରା, ପୁତ୍ରବଧୂ: ରଜନୀ ଦେଇ, ନାତି: ସନ୍ତୋଷ, ଜିତେଶ, ବନ୍ଧୁ ଓ ପରିବାରବର୍ଗ

ଧ-୬୭୬୧୮

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୋପବନ୍ଧୁ ପ୍ରଧାନ
ଆବିର୍ଭାବ- ୦୩।୧୧।୧୯୫୦
ତିରୋଧାନ- ୦୭।୦୬।୨୦୧୯

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।

ତୁମର ନୀତି, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାର ଓ ଅତୁଟ ସ୍ନେହ, ଶ୍ରଦ୍ଧା, ଦିଗ୍‌ଦର୍ଶନ ସର୍ବଦା ଆମ ପରିବାର ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ । ତୁମେ ସ୍ଥୂଳ ଶରୀରରେ ଆମ ଗହଣରେ ନ ଥିଲେ ମଧ୍ୟ ତୁମ ସ୍ମୃତି ଆମ ପାଇଁ ସଦା ଜୀବନ୍ତ। ଆଜିର ପୁଣ୍ୟ ତିଥିରେ ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ- ପତ୍ନୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ

ଧ-୧୭୩୫୯


## ଆଇସିସି ବୋର୍ଡ ବୈଠକ ଆଜି

**ନୂଆଦିଲ୍ଲୀ,୨୭।୫(ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ର ଗୁରୁତ୍ୱପୂର୍ଣ୍ଣ ବୋର୍ଡ ବୈଠକ ଗୁରୁବାର ବସିବ। ଟେଲି କନଫରେନ୍ସ ମାଧ୍ୟମରେ ବସିବାକୁ ଥିବା ଏହି ବୈଠକ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି। ଚଳିତ ବର୍ଷ ଅକ୍ଟୋବର- ନଭେମ୍ବରରେ ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍‌କୁ ୨୦୨୨କୁ ଘୁଞ୍ଚାଇବା ନେଇ ଏହି ବୈଠକରେ ନିଷ୍ପତ୍ତି ନିଆଯାଇପାରେ। ଯଦି ଏହାହୁଏ ତାହାଲେ ଅକ୍ଟୋବରରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଇଁ ବାଟ ଖୋଲିବ। ଏ ସଂକ୍ରାନ୍ତରେ ବୈଠକରେ ଔପଚାରିକ ଘୋଷଣା କରାଯିବ ଆଶା ବୋଲି କରାଯାଉଛି। ଏହି ବୈଠକରେ ଟି୨୦ ବିଶ୍ୱକପ୍‌କୁ ଘୁଞ୍ଚାଇବା ନେଇ ନିଷ୍ପତ୍ତି ନେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଏ ନେଇ ଔପଚାରିକ ଘୋଷଣା ହେବ କି ନା ସେ ନେଇ ଦ୍ୱନ୍ଦ୍ୱ ରହିଛି ବୋଲି ଆଇସିସିର ଜଣେ ବୋର୍ଡ ସଦସ୍ୟ କହିଛନ୍ତି। ୨୦୨୧ରେ ଟି୨୦ ବିଶ୍ୱକପ୍, ଏହାପୂର୍ବରୁ ଅକ୍ଟୋବର- ନଭେମ୍ବରରେ ଆଇପିଏଲ ୱିଣ୍ଡୋ, ପୁଣି ମାର୍ଚ୍ଚ-ଏପ୍ରିଲରେ ଆଉଏକ ଆଇପିଏଲ ଆୟୋଜନର ବାସ୍ତବିକତା ଓ ବ୍ୟବସାୟିକ ବ୍ୟବହାରକାରିତା ନେଇ ପ୍ରଶ୍ନ ମଧ୍ୟ ଉଠିଛି। ଭାରତରେ କରୋନା ମହାମାରୀର ସ୍ଥିତି ନେଇ ସବୁକିଛି ନିର୍ଭର କରୁଛି। ଏଭଳି ସ୍ଥିତିରେ ଭାରତୀୟ କ୍ରିକେଟ ବୋର୍ଡ (ବିସିସିଆଇ) ସମ୍ମୁଖରେ ଏକାଧିକ ଚ୍ୟାଲେଞ୍ଜ ରହିଛି। ଆଇପିଏଲର ବିଦେଶୀ ଖେଳାଳିଙ୍କୁ ୧୪ ଦିନର କ୍ୱାରାଣ୍ଟାଇନ୍‌ରେ ରଖାଯିବ। ଭାରତରେ ଆୟୋଜନ ହେବାକୁ ଥିବା ୨୦୨୧ ଟି୨୦ ବିଶ୍ୱକପ୍‌ର ଟ୍ୟାକ୍ସ ଛାଡ ନେଇ ମଧ୍ୟ ଆଲୋଚନା ହେବ। ଆଇସିସିର ନୂଆ ଅଧ୍ୟକ୍ଷ ଚୟନ ନେଇ ମଧ୍ୟ ପ୍ରକ୍ରିୟା ଆରମ୍ଭ ହେବ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଅଧ୍ୟକ୍ଷ କଲିନ ଗ୍ରେଭ୍ସ ଏହି ପଦ ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି। ସେହିପରି ବିସିସିଆଇ ଅଧ୍ୟକ୍ଷ ସୌରଭ ଗାଙ୍ଗୁଲି ମଧ୍ୟ ଏହି ପଦ ଦୌଡ଼ରେ ସାମିଲ ହେବା ସମ୍ଭାବନା ରହିଛି।



## ଖେଲରନ୍ ଚାନୁଙ୍କ ନାମ ଅର୍ଜୁନ ପାଇଁ ସୁପାରିସ

**ନୂଆଦିଲ୍ଲୀ, ୨୭।୫ (ପି.ଟି.):** ଦେଶର ସର୍ବୋଚ୍ଚ ଖେଲରନ୍ କ୍ରୀଡ଼ା ପୁରସ୍କାର ପାଇ ସାରିଥିଲେ ହେଁ ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ ଭାରତୀୟ ଭାରୋତ୍ତୋଳନ ସଂଘ (ଆଇଡବ୍ଲ୍ୟୁଏଲଏଫ) ପକ୍ଷରୁ ତାରକା ଭାରୋତ୍ତୋଳିକା ମିରାବାଇ ଚାନୁଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରାଯାଇଛି। ଚାନୁ ୨୦୧୮ରେ ଭାରତୀୟ କ୍ରିକେଟ ଦଳ ଅଧିନାୟକ ବିରାଟ କୋହଲିଙ୍କ ସହ ଖେଲରନ୍ ପୁରସ୍କାର ପାଇଥିଲେ। ସେହିବର୍ଷ ସେ ପଦ୍ମଶ୍ରୀ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଥିଲେ। ୨୦୧୭ରେ ଆମେରିକାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ସଫଳତା ଯୋଗୁ ୨୦୧୮ରେ ତାଙ୍କୁ ଡବଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ‘‘ଖେଲରନ୍ ସର୍ବୋଚ୍ଚ ପୁରସ୍କାର ହୋଇଥିଲେ ହେଁ ମୁଁ ଅର୍ଜୁନ ପୁରସ୍କାର ମିସ୍ କରିଛି। ମୁଁ ଏହି ପୁରସ୍କାର ମଧ୍ୟ ହାସଲ କରିବାକୁ ଚାହେଁ’’ ବୋଲି ଚାନୁ ପ୍ରକାଶ କରିଛନ୍ତି।

## ଉତ୍କଳ କରାଟେ ସ୍କୁଲରେ ଅତ୍ୟାଧୁନିକ ସାନିଟାଇଜିଂ ଟନେଲ




ଉଦ୍‌ଘାଟନ ଅବସରରେ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଆକାଶ ଦାଶ ନାୟକ।

ଭୁବନେଶ୍ୱର, ୨୭।୫(କ୍ରୀଡ଼ା ପ୍ରତିନିଧି)

ଖେଳାଳି ତିଆରି କାରଖାନା ଭାବେ ପରିଚିତ ଉତ୍କଳ କରାଟେ ସ୍କୁଲରେ ଏବେ ସମସ୍ତ ଖେଳ କସରତ ବନ୍ଦ। କୋଭିଡ-୧୯ ପ୍ରଭାବ ଜନିତ ଲକ୍‌ଡାଉନ୍ କଟକଣା କିଛି ପରିମାଣରେ କୋହଳ ହୋଇଥିବାରୁ ଆଗାମୀ ଦିନରେ ଫିଟ୍‌ନେସ ଗୁରୁ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ସ୍କୁଲ ପୁଣି ସକ୍ରିୟ ହେବା ସ୍ଥିତିରେ ପହଞ୍ଚିଛି। ଏହାକୁ ଆଖିଆଗରେ ରଖି ବୁଧବାର ସ୍କୁଲ ପ୍ରାଙ୍ଗଣରେ ଅତ୍ୟାଧୁନିକ କରୋନା ରୋଗ ପ୍ରତିଷେଧକ (ଫୁଲ୍ ବଡି ସାନିଟାଇଜିଂ) ଟନେଲ ସ୍ଥାପନ କରାଯାଇଛି। ବିଧାୟକ ଅନନ୍ତ ନାରାୟଣ ଜେନା ଓ ସିନେ ତାରକା ଆକାଶ ଦାସ ନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ‘‘ସ୍ୱାସ୍ଥ୍ୟ ହିଁ ସମ୍ପଦ। ତେଣୁ ଅନୁଷ୍ଠାନ ପକ୍ଷରୁ ପ୍ରଥମ କରି ଏଟିଏସ ଇଏଲଜିଆଇ ନିର୍ମିତ ୧୨ ନୋଜଲ ବିଶିଷ୍ଟ ଟନେଲ (ବିଶେଷ କୁହୁଡ଼ି/ଛିଟିକା ସ୍ୱୟଂ ଚାଳିତ ହାଇପ୍ରେସର) ସ୍ଥାପନ କରାଯାଇଛି। ଏହାଦ୍ୱାରା ପ୍ରତ୍ୟେକ କ୍ରୀଡ଼ାବିତ୍, ଅଭିଭାବକ, ପରିଚାଳନା କର୍ମଚାରୀ, ସେବାକାରୀ ଏବଂ ପରିଦର୍ଶକମାନେ ସମ୍ପୂର୍ଣ୍ଣ ପୋଷାକପତ୍ର ସହିତ ପୁରା ଶରୀରକୁ ବିଶୋଧନ କରିପାରିବେ’’ ବୋଲି ହରିପ୍ରସାଦ ପ୍ରକାଶ କରିଛନ୍ତି।


MARUTI SUZUKI ARENA

YOUR SAFETY OUR PRIORITY

ଆମର ସେବା ଉପଲବ୍ଧ ଅଛି ଏବଂ ଆମେ ଆପଣଙ୍କୁ ସୁରକ୍ଷିତ* ରଖିବା ପାଇଁ ପ୍ରସ୍ତୁତ ଅଛୁ।

ଷ୍ଟେପ୍ ଅପ ସ୍କିମ୍, ବେଲୁନ ସ୍କିମ୍, ଏବଂ ଫ୍ଲେକ୍ସୀ ସ୍କିମ୍‌ର ଆକର୍ଷଣୀୟ ଫାଇନାନ୍‌ସ ଅଫର୍ସ। ଇଏମ୍‌ଆଇର ଆରମ୍ଭ ₹899/-^ ରୁ।




ସୋରୁମ୍ ଏବଂ ୱାର୍କସୋପ୍‌ର ନିୟମିତ ସେନିଟାଇଜେସନ୍

ଗାଡ଼ି ଗୁଡ଼ିକର ଡେଲିଭରୀ ପୂର୍ବରୁ ଡିସ୍‌ଇଂଫେକ୍ସନ

ନିୟମିତ ସମୟରେ ଟେଷ୍ଟ ଡ୍ରାଇଭ୍ ଗାଡ଼ି ଗୁଡ଼ିକର ସଫାସଫି

କଣ୍ଟାକ୍ଟଲେସ ଇନ୍‌ଫର୍ମେସନ୍ ୱାବ୍‌ସାଇଟ ଦ୍ୱାରା

ଫେସ ମାସ୍କ ପିନ୍ଧିବା ବାଧ୍ୟତା ମୂଳକ

SAVE UP TO
CELERIO ₹53 000#
ALTO ₹43 000#
WAGONR ₹38 000#

CELERIO ALTO WAGONR

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in

**NARAYANI MOTORS**
BHUBANESHWAR: 7381094890/ 0674-2588474 0674-2588475, 0674-2588473.
PURI: 9583022035.
PARADEEP: 9583022034/ 06722-228044.

**TUSHI MOTORS**
CUTTACK: 9078076450.

**ODYSSEY MOTORS**
ANGUL: 7752076136, 9776901481.
PALLAHARA: 7873565435, 9437831123.

**SKY AUTOMOBILES**
BHUBANESWAR: 9776645711.
CUTTACK: 9776677771, 7381873818.
DHENKANAL: 9776900005.
JAJPUR: 9776900777.

**JYOTE MOTORS**
BHUBANESWAR: LEWIS ROAD: 9776615020, 8338033883, 9776615032.
NAYAPALLI: 7381355999, 7381366999. KEONJHAR: 8599019854, 7064493469. BARIPADA: 9437102597. BHADRAK: 7381064240.
NAYAGARH: 7381028515. BALASORE: 7064499108.

#Offer includes consumer offer, exchange bonus and corporate offer (wherever applicable). T&C apply. *Safety Protocols and SOP's as prescribed by the Government from time to time. ^Credit at sole discretion of the Bank. The terms and conditions are subject to change without any prior notice. All offers are brought to you by Maruti Suzuki dealers only. Offers may vary from variant to variant. All offers shown are valid for limited period & for limited stock only. Accessories and features shown in the pictures may not be a part of the standard equipment and may vary according to the variant. Colors shown may vary from actual body colors due to printing on paper. Images used are for illustration purposes only. Offers valid till 31st May 2020.




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ